Split by PDF Splitter

GISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୧ ଶ
ସ ୨୪ ସ୍ଯା

ତା ୧୨ ଢଙ୍ଗ ମାହେ ଜୁନ ସନ ୧୮୮୭ ମସିହା । ମୁ । ଜ୍ୟେଷ୍ଠ ତା ୩୧ ଖ ସନ ୧୨୯୩ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୩ ୮ | ଟ ୩୮ |
| ଡାକମାସୁଲ | ଟ ୦ ୩ | ଟ ୧ |

ଗତ ରଣପୁରର କେତେକ ଜଣ ଭଦ୍ରଲୋକଙ୍କ ସ୍ୱାକ୍ଷରିତ ଖଣ୍ଡିଏ ପ୍ରେରିତପତ୍ରରେ ସେଠା ସ୍କୁଲସର ପ୍ରଧାନ କର୍ମଚାରୀଙ୍କର ଗୋଟିଏ ଅତ୍ୟାଚାର ବା ଅବହେଳାର କଥା ଲେଖା ଅଛି ଏବଂ ତହିଁରୁ ଜଣାଯାଉଅଛି ଯେ ଉକ୍ତ ସ୍କୁଲର ଦେଓ୍ୱାନ ବାବୁ ଅବସର ନେଇ ଗ୍ରାମକୁ ଯାଇଥିବା ସମୟରେ ଏ ଘଟଣା ଘଟିଥିଲା । ସ୍କୁଲସର ଅତ୍ୟାଚାର କୌଣସିଠାରେ ଶୁଣା ନାହିଁ ସେ କଥା ସର୍ବସାଧାରଣଙ୍କୁ ଜଣାଇବା ଅଧିକ । ଦେଓ୍ୱାନ ବାବୁ ବର୍ତ୍ତମାନ ଅପଣା କର୍ମରେ ଉପସ୍ଥିତ ହୋଇଅଛନ୍ତି । ପତ୍ରପ୍ରେରକମାନେ ତାହାଙ୍କୁ ଜଣାଇଲେ ପ୍ରତିକାର ହେବ ସନ୍ଦେହ ନାହିଁ ।

---

ସମ୍ବାଦଦାତା ଲେଖିଅଛନ୍ତି କି ଚାନ୍ଦବାଲିରେ ମାଛ ମାରି ଜୀବିକା ନିର୍ବାହ କରୁଥିବା କେଉଟମାନଙ୍କ ଉପରେ ପୋଲିସର ଅତ୍ୟାଚାର ହେବା ବିଷୟରେ ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ହୋଇଅଛି । ଚାନ୍ଦବାଲି ମହକୁମା ଅବଧି ବନ୍ଦୋବସ୍ତ ହୋଇ ନାହିଁ ବୋଲି ଆମ୍ଭମାନଙ୍କୁ ଜଣା ନାହିଁ । ହୋଇଥିଲେ ଇଜାରାଦାରମାନଙ୍କ ପକ୍ଷରୁ ଅବଶ୍ୟ ଉଚିତ ପ୍ରତିବାଦ ହେବ । ବନ୍ଦୋ... ହୋଇ ନ ଥିଲେ ୧ରିବ ... ଭଣ୍ଡରେ ପଡ଼ିବେ । ସ... କରେ କର ଅଦାୟ କ... ବିଶେଷ କଷ୍ଟ ହେବାର ଅନୁ... ଆମ୍ଭମାନଙ୍କ ବିବେଚନାରେ କେଉଟଙ୍କ ଉପରେ କର ଧାର୍ଯ୍ୟ ନ କରି ଚାନ୍ଦବାଲି ମହକୁମା ଇଜାରା ଦେଲେ ଭଲ ହେବ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଏ ନଗର ଲୁଙ୍ଗିପୁରମଠର ମହନ୍ତ ପାଗଳ ଏବଂ ତାହାଙ୍କ ବଡ଼ ଚେଲା ପଦ୍ମନାଭ ଦାସ ତୀର୍ଥାଟନ ଓ ବିଦ୍ୟାଲାଭ ଉଦ୍ଦେଶରେ ବିଦେଶଗାମୀ ହେବାରୁ କେତେକାଳ କେଲ ଜଣ ମଠର କାର୍ଯ୍ୟ ବିଶୃଙ୍ଖଳଭାବରେ ଚାଲୁଥିଲା । ସମ୍ପ୍ରତି ପଦ୍ମନାଭ ଦାସ ମହାଶୟ ଉତ୍ତମ ପଢାଶୁଣା କରି ମଠକୁ ଫେରି ଆସି ଶାସ୍ତ୍ର ଚର୍ଚ୍ଚା ଏବଂ ସଦ୍ବ୍ୟବହାର ଦ୍ୱାରା ଆପଣା ଗୁରୁଙ୍କ ପାଗଳପଣିଆ ଅନେକ ପରିମାଣରେ ଛଡ଼ାଇ ଦେଇଅଛନ୍ତି ଏବଂ ଭରସା ହୁଏଇ ମହନ୍ତ ମହାଶୟ ଅଳ୍ପକାଳରେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରି ଗୁରୁ ଚେଲା ମିଶି ଏହି ମଠର ଚିରନ୍ତନ ଟେକ ରକ୍ଷା କରିବେ । ଚେଲା ପଦ୍ମନାଭ ଦାସଙ୍କର ଦେଶଭ୍ରମଣ ଏବଂ ଶିକ୍ଷାଲାଭର ପ୍ରକୃତ ଫଳ ଦେଖି ଆମ୍ଭେମାନେ ପତ୍ରପ୍ରେରକଙ୍କ ସହିତ ଆନନ୍ଦିତ ହେଉଅଛୁଁ ।

---

ଗତ ବୁଧବାର ଦିବସ ବେଳ ପ୍ରାୟ ୭ ଘଡ଼ି ସମୟରେ ଗୋଟିଏ ଶ୍ୱେତାଙ୍ଗ, ...ପ ଅର୍ଦ୍ଧାଙ୍ଗିନୀ ସହିତ ଗାଡ଼ି ହକାଇ ଯାଉ... ଲି, ଏମନ୍ତ ସମୟରେ ବାଟରେ ଗୋଟିଏ ମେଷପାଳକ ତାହାର ମେଣ୍ଢାମାନଙ୍କୁ ଅଡ଼ାଇ ଆଣୁଥିଲା ସାହେବଙ୍କୁ ଦେଖି ସେ ଭୟରେ ହା ୫୦ ହାତ ଦୂରରୁ ତାହାର ପଲକୁ ଏକପାର୍ଶ୍ୱ କରି ଆଣୁଥିଲା ତଥାପି ସାହେବ ମହୋଦୟ ସେ ନିର୍ଦ୍ଦୋଷି ମେଷପାଳକକୁ ଗୁରୁତର ଏକ ପ୍ରହାର ନ ଦେଇ ଶାନ୍ତ ହୋଇ ପାରିଲେ ନାହିଁ । ବୋଧ ହୁଏ ସ୍ତ୍ରୀ ମନୋରଥ ରକ୍ଷା କରିବା ପାଇଁ ଏପରି କଲେ । କିନ୍ତୁ ଗୋରା ଚମଡ଼ା ଅଛି ବୋଲି ଯେ ସେ ମାଜିଷ୍ଟ୍ରେଟଙ୍କ କ୍ଷମତା ଯେଉଁଠାରେ ଇଚ୍ଛା ସେଠାରେ ଚଳାଇବେ ଏହା କି ଇଂରାଜଙ୍କ ଭୟାନକ ଅତ୍ୟାଚାର ଓ ଅନ୍ୟାୟର ପ୍ରମାଣ ନୁହେଁ ?—

---

ଗୃହସ୍ଥ ସମସ୍ତଙ୍କ ପେଷା ହେବାର ଲକ୍ଷିତ ହୁଏ ସୁତରାଂ ଯେ କୌଣସି ପ୍ରକାରରେ ମୁନିବକୁ ସନ୍ତୋଷ କରି ପାରିଲେ ଗୃହସ୍ଥ ବିଯାଏ ରହିଲା ନଚେତ ବଡ଼ ଦୁରବସ୍ଥା । ଆଜି କାଲି ବିଦ୍ୟାର ଗାରିମା ନାହିଁ କି ଜାତିର ଅବା କୁଳର ଗୌରବ ନାହିଁ ଯେ କୌଣସି କୁଳରେ ଜନ୍ମ ହୁଅ ଯାହା କିଛି ବିଦ୍ୟୋପାର୍ଜ୍ଜନ କରିଥାଅ ମୁନିବ ଯାହା କହିବେ ତାହା କଲେ ମୁନିବ ସନ୍ତୋଷ ହେବେ । କିନ୍ତୁ ଉନ୍ନତି ଲାଭ କରିବା ପାଇଁ ଅନ୍ଧଭକ୍ତି ଗୁଣ ଅଛି ତାହା ଏହି, ଡାକିଲେ ଦେବା ଅବଧିର ସଲାମ କରିବା ପାଣି ବର୍ଷା ସମୟରେ ଛତା ଧରିବା

Digitized by srujanika@gmail.com

ଖାଲ ଛୋଟକରି ସେମ ଗାଡ଼ ପଡୁଅଛି ବଢ଼ଉଥିବା, ଚୋପି ଖଡ଼ ଯାଉଥିଲେ, ଉପସ୍ଥିତ ମାନଙ୍କ ସ୍ତ୍ରୀରେ ନ ଦେଇ କାଙ୍କ ଯେନ ମିତା ଇତ୍ୟାଦି ଏହି ସବୁ ଖଣ୍ଡ ଯଦି ଅଦ୍ଧିକ ଉଠାଯାଇ କେ ଉପାଧ୍ୟାୟ ନବଯୁବକ । ତେବେ ଭୂମ୍ୟ ଗୃହସ୍ଥ ପ୍ରାର୍ଥୀ ହୁଅ ନଚେତ୍ ଯଦି କାଉମାନଙ୍କ ସ୍ୱଚ୍ଛ ଦୃଷ୍ଟି ଥାଏ ତେବେ ସ୍ଥାନ ବ୍ୟବସ୍ଥା କର ।

---

ମହାରାଜା ଦକ୍ଷୀଣେଶ୍ୱରଙ୍କର ଗ୍ୱାଲିୟରରୁ ଫେର ଅସବା ଘଟିନ ନାହିଁ ଏତଲ ନଗରରେ ସରକାର ତାହାଙ୍କୁ ଅଟକ କରିବାରୁ ତସ କେ ତେବେ ବଡ଼ ସହରରୁ ଭାରତର ଦେଶି ଅପସାରିର୍ଯ୍ୟା ଓ ସିନ୍ଧିମାନଙ୍କୁ ଲଉଗ୍ରେଟର ତେଲଗୁଡ଼ା ନ ଦେଇ ଏବଂ ସେଠାରେ ଅବସ୍ଥିତ କରଣ୍ଣି ଲେ ସମ୍ପ୍ରତି ଭାରତୀୟ ଯୋଗ୍ୟ ସମ୍ବାଦ ଆସିଅଛି ଚଳିତ ମାସ ତା ୩ ଦିନରେ ସେ ନଥି ଏଡ଼ନ ଠାରୁ ଲଣ୍ଡନ୍ୱେଷଣ ଯାତ୍ରା କଲେ । ତଥାଚ ସବୁ କର୍ତ୍ତବ୍ୟ ଗ୍ରହଣରେ ଜନ୍ମ ହୋଇଥିଲେ ବ ଦେଶ ଯେବେ ତଥାପି ମୁଖ ଚାହିଁ ତେବେ ତାଙ୍କୁ ଘଟଣା ହେବ । ସବୁ ଶଳ ହିସ୍ୱରୁ ହେଲା ସାମାନ୍ୟ ଲୋକ ପ୍ରାୟ ସ୍ୱଦେଶରେ ପଡ଼ିରହିବାକୁ ଇଚ୍ଛା କଲେ ତାହା ସ୍ୱଭାବ ପୂର୍ଣ୍ଣ ହେଲ ନାହିଁ । ଦୟାବାନ୍ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କ ପ୍ରତି ଯାହା ସ୍ୱୀକାର ନ କଲେ ବଡ଼ ଦୁଃଖର ବିଷୟ ଅଟଇ କାରଣ ଆମ୍ଭମାନଙ୍କ ବିବେଚନାରେ ସେ ସମ୍ପୂର୍ଣ୍ଣରୂପେ ସରକାରଙ୍କର ଅନୁଗ୍ରହର ପାତ୍ର ଥିଲେ ତାହାଙ୍କି ମନସ୍ତାପ ଦେଇ ସରକାରଙ୍କୁ ସନ୍ତାପିତ କରିବା ଭଲ ହୋଇ ନାହିଁ ।

---

କଲିକତା ହାଇକୋର୍ଟର ନୂତନ ପ୍ରଧାନ ବିଚାରପତି ମାନ୍ୟବର କୋମର ପେଥ୍ରମ ସାହେବ ଅତ୍ୟନ୍ତ ନିରପେକ୍ଷତାସହିତ କାର୍ଯ୍ୟ କରିବାର ଦେଖି ଭାରତବାସିମାନେ ବଡ଼ ଆନନ୍ଦିତ ହୋଇଅଛନ୍ତି । ଏତେକାଳ କୌଣସି ଦେଶୀୟ ଜଜ ଛୁଟି ଅଦାଲତର ହୋମ୍ବ ମିସନ କରୁ ନ ଥିଲେ । ଅଗାମି ଦୌରାରେ ମାନ୍ୟବର ବମ୍ବୁରାଘବ ରମେଶଚନ୍ଦ୍ର ମିତ୍ର ବ ମିଷ୍ଟର ମନୋହର ବେଲି ସାହେବ ପ୍ରଶଂସିତ ଆଦେଶ ଦେଇଅଛନ୍ତି ଇଂରାଜମାନେ ଏଥିରେ ବିରକ୍ତ ହୋଇପାରନ୍ତି ମାତ୍ର ଯେଉଁଠାରେ ଦେଶୀୟ ଜଜଙ୍କ ବରୁଦ୍ଧରେ କିଛି କହିବା ନାହିଁ

ସେଉଁଠାରେ ସେମାନଙ୍କୁ କଷ୍ଟ ଉଠାଇବାର କୌଣସି କାରଣ ନ ଦେଖି ପ୍ରଧାନବିଚାରପତି ଉତ୍ତମ କରିଅଛନ୍ତି । ପ୍ରଧାନବିଚାରପତି ଅନୁଭବ କଲେ । କହିଅଛନ୍ତି ବ ପ୍ରଥ ସମ୍ପାଦକ ବି.ଏ. ହୋଇବା ବିଚାରକାର୍ଯ୍ୟ ଯାହା କେବେ ବି ଆଗ ଏଣିକି ତାହା ହେବ ନାହିଁ ଏବଂ ଦ୍ୱିତୀୟ ପକ୍ଷ ସମୟରେ ଦୁଇମାସରେ ଉଠମାସ କଲିକୋର୍ଟ ବନ୍ଦ ହେବ । ବିଚାରକାର୍ଯ୍ୟ ବନ୍ଦ କରିବା ଉତ୍ତମ ଅଟେ ମାତ୍ର ଦଣ୍ଡବିଧାନ ଅଳ୍ପ ଦିନ ବିଳମ୍ବିତ ଭଲ ଲାଗେ ନାହିଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପ୍ରଥମ ମାଜିଷ୍ଟ୍ରେଟ କଲେକ୍ଟର ପୋର୍ଟ ସାହେବ ପଦତ୍ୟାଗରୁ ବଦଳି ଗ୍ରହଣ କରିଅଛନ୍ତି । ଏହି ଘଟଣାର ପର ଗତ ହେମବାର ସନ୍ଧ୍ୟା ସମୟରେ ଏକ ସଭା ହୋଇ ଘଟିଲା । ପୂର୍ବରୁ କୌଣସି ଗୁରୁତର ରୋଗ ପ୍ରକାଶ ପାଇ ନ ଥିବାରୁ ହଠାତ୍ ମୃତ୍ୟୁ ଘଟ ଉଠାଗଲା ଏବଂ ଡାକ୍ତରଙ୍କ ପରୀକ୍ଷାରେ ପ୍ରକାଶ ପାଇଲା ଯେ ପେଟ ବା ଅନ୍ତ୍ରବୃଦ୍ଧିର ଦ୍ୱାରା ମୃତ୍ୟୁର ପାଥରୁ କାରଣ ହୋଇଥିଲା । ପୋର୍ଟ ସାହେବଙ୍କ ପୂର୍ବେ ଯୋନ୍‌ସ ସାହେବ ପୁରୀରେ ଅଳ୍ପକାଳ କଲେକ୍ଟରୀ କରି ମରିଥିଲେ ତନ୍ତ୍ରୀୟ ପୋର୍ଟ ସାହେବଙ୍କ ଭାଗ୍ୟରେ ତାହାର ଘଟିଲା ଅଧିକ ଦୁଃଖର କଥା ଅଟଇ । ଏ ସାହେବ ଦେଶବାସୀରୁ ଅଧିକ କାଳ ପୁରୀରେ କଲେକ୍ଟର ଥିଲେ ଏବଂ ଏଥିମଧ୍ୟରେ ଯଦ୍ୟପି ବ ସେ କୌଣସି ବିଶେଷ ଯୋଗ୍ୟତା ଦେଖାଇ ଖ୍ୟାତି ଲଭ କରି ନାହାନ୍ତି ମାତ୍ର ତେବେ ତାହାର ଅନିଷ୍ଟ କରିବାର ଶୁଣା ଯାଇ ନାହିଁ । ସେ ଅପଣା କାର୍ଯ୍ୟ ସିଦ୍ଧାନ୍ତରେ କରୁଥିବେ ବିରୁଦ୍ଧରେ କହାଇ ଯାଉଅଛନ୍ତି । ପରମେଶ୍ୱର ତାହାଙ୍କ ଆତ୍ମାର ମଙ୍ଗଳ ବିଧାନ କରନ୍ତୁ । ଗବର୍ଣ୍ଣମେଣ୍ଟ ଏହାଙ୍କ ମୃତ୍ୟୁ ସମ୍ବାଦପାଇଁ ମାଲମହଲ ବିଭାଗର ଜଏଣ୍ଟ ମାଜିଷ୍ଟ୍ରେଟ ଏଡ଼ ସରେନ ସାହେବଙ୍କୁ ପୁରୀ କଲେକ୍ଟରୀ ପଦରେ ଏକ୍‌ଟିଂ ନିଯୁକ୍ତ କରିଅଛନ୍ତି ।

---

କଲେକ୍ଟରୀ ଓ ଫଉଜଦାରୀ ଅମଲାମାନଙ୍କ ବେତନ ସ୍ଥିର କରିବା କାରଣ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଯେଉଁ କମିସନ ବସାଇ ଅଛନ୍ତି ସେମାନଙ୍କ ରିପୋର୍ଟ ଅବଧି ବାହାର ନାହିଁ ମାତ୍ର ଜଣାଯାଉଅଛି ଯେ କମିସନମାନେ ଅପଣା

କାର୍ଯ୍ୟ ଶେଷ କରି ଯେଉଁ ମନ୍ତବ୍ୟ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଅଛନ୍ତି ତାହା ଦ୍ୱାରା ଦୂରଦେଶ କଟା ପ୍ରତ୍ୟେକ ଅଦାଲତର ନିର୍ଦ୍ଦିଷ୍ଟ କୋଳ ଅଛି ଏବଂ ଅନ୍ୟାନ୍ୟ କଥା ମଧ୍ୟରେ ସେମାନେ କଲେକ୍ଟରୀ ଓ ଫଉଜଦାରୀ ଉଭୟ ଯୋଗାଏ ସ୍ୱତନ୍ତ୍ର ସିରସ୍ତା ନ ରଖି ଗୋଟିଏ ସିରସ୍ତା ଅର୍ଥାତ୍ ଏକତ୍ର ଅମଲା ରଖିବା ସେଥିପାଇଁ ସମ୍ପତ୍ତି ସିରସ୍ତାକୁ ଦେଶୀୟ ଭାଷା ଉଠାଇ ଦେଇ ତହିଁ ବଦଳରେ ଇଂରାଜୀ ଭାଷା ପ୍ରଚଳିତ କରାଇବା ପ୍ରଭୃତିକି ଯେ ସବୁ କାର୍ଯ୍ୟର ତାଲିକା ଅର୍ଥାତ୍ ସାଲତମାମୀ ନକସା ପ୍ରଭୃତି ପ୍ରସ୍ତୁତ କରିବାର ସୁଅଧ ତାହାକୁ ଉଠାଇ ଦେଇ ପ୍ରତିବର୍ଷରେ ଥରେ ବାର୍ଷିକ ରିପୋର୍ଟ ପଠାଇବା ଇତ୍ୟାଦି ପ୍ରସ୍ତାବମାନ କରିଅଛନ୍ତି । ଏ ପ୍ରସ୍ତାବମାନ ସିଦ୍ଧ ହେବା ଆମ୍ଭମାନଙ୍କ ବିବେଚନାରେ ଅର୍ଥବ୍ୟୟର ଲାଘବ ନୁହଇ । ବାସ୍ତବରେ ଏକ ଭାଗ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟକଳାପରେ ଯେପ୍ରକାର ସ୍ୱେଚ୍ଛାଚାରିତା ବଢ଼ୁଅଛି ଏବଂ ଏହି କମିସନରଙ୍କ ସ୍ୱାଧୀନ ଶ୍ରୀଯୁକ୍ତ ବିମସ୍ ସାହେବଙ୍କର ଯେମନ୍ତ ପ୍ରବଳ ପ୍ରତାପ ତାହା ବିଚାର କଲେ ଯହିଁ କି ସିରସ୍ତାରେ ଅଳ୍ପ ଲୋକ ରହିବ ଏବଂ ଆକ୍ରମଣ ନଙ୍କ ପକ୍ଷମ ଭଣ୍ଡା ହେବ ସେହି କଳ୍ପନା ଅଚିରେ ମନରେ ଉଦୟ ହେବ । ଅନେକ ଭଣ୍ଡା ହେଲେ ଅଳ୍ପ ଲୋକ ସିରସ୍ତାରେ ରହିବ ସୁତରାଂ ସବୁ କାର୍ଯ୍ୟର ନିଦର୍ଶନ ପାଇବା ଅଥବା ଦୋଷ ଗୁଣ ବୁଝିବାର ଉପାୟ ହେବ ନାହିଁ ଏବଂ ସାଲତମାମୀ ଯେନ ପ୍ରତିବର୍ଷ ହାକିମଙ୍କର ଯେତେ କଷ୍ଟ ହେଉଥିଲା ତାହା ଛୁଟିଯିବ ଓ ଛନ ପ୍ରତିବର୍ଷ ହେଉ ରିପୋର୍ଟ ଦେବା ସମୟକୁ ହାକିମ ବଦଳି ବା ଅନୁପସ୍ଥିତରୁ ବାହାର ଯାଉଥିବେ ।

---

ଅବକାଶ ନହବାମାନେ ହେଡଗୁରୁ ଏ ବର୍ଷ ଖାଲି ଥିବାରୁ ତହିଁର ବନ୍ଦୋବସ୍ତ ସମ୍ପର୍କରେ ଆମ୍ଭେମାନେ ଶୁଣିଅଛୁଁ ଯେ ଶ୍ରୀଯୁକ୍ତ ଇଂଲିଷ ସାହେବ କଲିକତାଗେଜେଟରେ ବିଜ୍ଞାପନ ଦେଇ କର୍ମପ୍ରାର୍ଥୀମାନଙ୍କ ଆହ୍ୱାନ କରିଅଛନ୍ତି । ଏଥିର ଦେଖାଯାଏ ଯେ ନୂତନ ବନ୍ଦୋବସ୍ତ [illegible] ନଇଜଏ ଅଥବା କର୍ମନ୍ୟସ୍ତ [illegible] ସକାଶେ ଜଣେ [illegible] ୧୦୯ ଙ୍କା ଏବଂ କାର୍ଯ୍ୟ ସକାଶେ ଜଣେ

Split by PDF Splitter

Digitized by srujanika@gmail.com

ଇନସପେକ୍ଟରଙ୍କର ବେତନ ୫୨୮୯ ଟଙ୍କା ଠାରୁ ବାର୍ଷିକ ବୃଦ୍ଧି ହୋଇ ଟ ୧୦୦୯ ଟଙ୍କା ପର୍ଯ୍ୟନ୍ତ ଏପରି ଡେପୁଟିଇନସପେକ୍ଟର ପ୍ରଭୃତି କେତେକଜଣ କର୍ମଚାରୀଙ୍କର ବେତନ କ୍ରମ ବୃଦ୍ଧି ହେବ ତହିଁର ସର୍ବୋଚ୍ଚ ସଂଖ୍ୟା ଟ ୭୦୯ ଟଙ୍କା ଏହି ସାମାନ୍ୟ ଚାକିରି ସକାଶେ ସମସ୍ତ ବଙ୍ଗଦେଶରେ ଉମେଦବାର ଖୋଜିବାର ତାତ୍ପର୍ଯ୍ୟ ଅମ୍ଭେମାନେ କିଛି ବୁଝି ପାରୁ ନାହୁଁ ଓଡ଼ିଶାରେ କି ଏବେ ଏହିସବୁ କର୍ମ ସକାଶେ ଯୋଗ୍ୟଲୋକର ଅଭାବ ହେଲା ତେବେ ଉଚ୍ଚଶିକ୍ଷାର ଫଳ କି ହେଲା? ଅମ୍ଭେମାନେ ସ୍ୱୀକାର କରୁଁ ଯେ ଓଡ଼ିଶା ଅପେକ୍ଷା ବଙ୍ଗଳାରେ ଶିକ୍ଷା ଉନ୍ନତି ଅଧିକ ହୋଇଅଛି କିନ୍ତୁ ସେହିପରି ବଙ୍ଗବାସିଙ୍କନିମିତ୍ତ କେତେ ଚାକିରିର ଦ୍ୱାର ମୁକ୍ତ ରହିଅଛି । ଉପସ୍ଥିତ ସାମାନ୍ୟ ଚାକିରି ସକାଶେ ଯୋଗ୍ୟ ଲୋକର ଅଭାବ ଏଠାରେ ନାହିଁ ବରଂ ଅନାୟାସରେ କୁହାଯାଇ ପାରେ ଯେ ଓଡ଼ିଆଭାଷା ଓ ଏତଦ୍ଦେଶ ବାସିଙ୍କ ରୀତି ନୀତି ବଙ୍ଗବାସିଙ୍କୁ ଜଣା ନ ଥିବାରୁ ସେମାନେ ଅଧିକ ଯୋଗ୍ୟତାସହିତ ଏହି କାର୍ଯ୍ୟସବୁ ନିର୍ବାହ କରିବା ସମ୍ଭବ ନୁହଇ । ବିଜ୍ଞାପନର ଭାଷା ଦେଖି ଅମ୍ଭମାନଙ୍କ ମନରେ ସନ୍ଦେହ ହେଉଅଛି ଯେ ବଙ୍ଗଳାର କୌଣସି ଲୋକକୁ ପ୍ରତିପାଳନ କରିବାର ସୂତ୍ର ହୋଇଅଛି ଏବଂ ଇଂଲିସ ସାହେବ ଏ କଥାକୁ ନୂତନ ଆସିଥିବାରୁ ଭ୍ରମରେ ପଡ଼ିଅଛନ୍ତି ଅମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଏକଟିଙ୍ଗ କଲେକ୍ଟର ଆପଣା କଥା ଲୋକଙ୍କ ପ୍ରତି ନିର୍ଦ୍ଦୟ ପ୍ରକାଶ ପୂର୍ବକ ସର୍ବସାଧାରଣଙ୍କ ଠାରେ ଅପ୍ରିୟ ହେବେ ନାହିଁ । ସରକାରଙ୍କ କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହେବାପ୍ରତି କଲେକ୍ଟର ସାହେବଙ୍କର ଦୃଷ୍ଟି ରଖିବା ଯେମନ୍ତ କର୍ତ୍ତବ୍ୟ ଆପଣା ଅଧୀନସ୍ଥ ଲୋକମାନେ ମୂଠାଏ ଦାନା ପାଇବା ପ୍ରତି ଦୃଷ୍ଟି ରଖିବା ତେମନ୍ତ କର୍ତ୍ତବ୍ୟ ଅଟଇ ।

---

ଅମ୍ଭେମାନେ ଶୁଣିଲୁଁ ଯେ ଶ୍ରୀଯୁତ କମିଶନର ସାହେବ ଓଡ଼ିଆଗେଜେଟ ଉଠାଇ ଦେବାର ପ୍ରସ୍ତାବ କରିଅଛନ୍ତି । ସେଥିରେ ଯେ ସରକାରୀ ସମ୍ବାଦମାନ ଓ ଆଇନମାନ ପ୍ରକାଶ ହୁଅଇ ସେସବୁ କୌଣସି ସ୍ଥାନୀୟ ସମ୍ବାଦପତ୍ରରେ ପ୍ରକାଶ ହେବ । ଓଡ଼ିଆ ଗେଜେଟ ପାଇଁ ଯେମନ୍ତଭୂମା ଅଛି ତାହା କଟି ଯିବ କେବଳ ଉକ୍ତ ଅନୁବାଦକ ରହିବେ ସେ ସରକାରୀ ସମ୍ବାଦ ଇତ୍ୟାଦି ସବୁ ଓଡ଼ିଆରେ ଅନୁବାଦ କରି ସମ୍ବାଦପତ୍ରଠାରୁ ପଠାଇଦେବେ । ତାହା ପ୍ରକାଶ କରିବା ଖର୍ଚ୍ଚାର ବନ୍ଦୋବସ୍ତ ସମ୍ବାଦପତ୍ରଅଧିକାରୀଙ୍କ ସଙ୍ଗେ ହେବ ।

ଅମ୍ଭମାନଙ୍କ ବିବେଚନାରେ ଏ ପ୍ରସ୍ତାବ ଅତି ଉତ୍ତମ ଅଟଇ । ଓଡ଼ିଆଗେଜେଟର ଦୁରବସ୍ଥା କାହାରିକୁ ଅବିଦିତ ନାହିଁ ତହିଁର ଉନ୍ନତିର ଚେଷ୍ଟା ଥରକୁଥର ହେଉଥିଲେହେଁ ସଫଳ ହୋଇ ନାହିଁ ଅବା ଯଥାର୍ଥମତେ ଚେଷ୍ଟା ଓ ଯତ୍ନ ହୋଇ ନାହିଁ । ଯାହା ହେଉ ଯଦି ତହିଁଯୋଗେ ଅଧିକ ଅବା ବ୍ୟୟ ତୁଲ୍ୟ ଉପକାର ନାହିଁ ସେପରି ଗେଜେଟ ରଖିବାର କି ପ୍ରୟୋଜନ । ଅତିଅଳ୍ପ ବାହାରଲୋକ ସେ ଗେଜେଟ କିଣନ୍ତି ଓ ଯେଉଁମାନେ କିଣନ୍ତି ସେମାନଙ୍କଠାରୁ ତହିଁର ମୂଲ୍ୟ ସହିତେ ପ୍ରାପ୍ତି ହୁଅଇ ନାହିଁ । କଚେରୀରେ ତହିଁର ଆଦର ଅଛେଁ ନାହିଁ ଓ ପ୍ରାୟ କେହି ତାହା ଫିଟାଇ ଦେଖନ୍ତି ନାହିଁ କାରଣ ତହିଁଲିଖିତ ପ୍ରସ୍ତାବମାନ ପୂର୍ବରୁ ବଙ୍ଗଳା ଗେଜେଟରେ ପ୍ରକାଶ ହୋଇ ଥାଏ ଓ ପ୍ରତିକଚେରୀକୁ ବଙ୍ଗଳାଗେଜେଟ ଆସୁଥିବାରୁ ପ୍ରାୟ ସମସ୍ତେ ତହିଁରୁ ଅବଗତ ଥାନ୍ତି ଓଡ଼ିଆଗେଜେଟରେ ତାହା ପ୍ରକାଶ ହେଲା ବେଳକୁ "ପଚାଖବର" ତୁଲ୍ୟ ହୋଇଥାଏ । ଏପରି ଅବସ୍ଥାରେ ତହିଁର ଆଦର କାହିଁକି ହେବ । ସୁତରାଂ ତହିଁର ବ୍ୟୟ ଅନୁସାରେ ଫଳ ନାହିଁ । କେହି ଅବା କହି ପାରନ୍ତି କାନୁନଗୋମାନେ ବଙ୍ଗଳାଗେଜେଟ ପାନ୍ତି ନାହିଁ ଓଡ଼ିଆଗେଜେଟ ଉଠିଗଲେ ସେମାନଙ୍କର ଅସୁବିଧା ହେବ । କିନ୍ତୁ ଅମ୍ଭେମାନେ କହୁ ଯେଉଁ ସମ୍ବାଦପତ୍ରରେ ସରକାରୀସମ୍ବାଦ ଇତ୍ୟାଦି ସବୁ ପ୍ରକାଶ ହେବ ସେ ସମ୍ବାଦପତ୍ରମାନ କାନୁନଗୋମାନଙ୍କୁ ଯୋଗାଇଲେ ହେଲା ଏଥିରେ ବ୍ୟୟ ମଧ୍ୟ ଅଧିକ ନ ପଡ଼ିବ । ଗେଜେଟ ଛପା ଓ ମହକୁମାରେ ଯେତେ ଖର୍ଚ୍ଚ ହେଉଅଛି ସମ୍ବାଦପତ୍ରରେ ସରକାରୀସମ୍ବାଦ ଛପାଇବା ଓ ସବୁ ଖାସ କଚେରୀ ଓ କାନୁନଗୋମାନଙ୍କ ପାଇଁ କେତେକ ଖଣ୍ଡ ପତ୍ରିକା ନେବାର ଖର୍ଚ୍ଚ ଅବଶ୍ୟ ଅନେକ ଊଣା ପଡ଼ିବ । ଗେଜେଟର ପାଠକ ଅପେକ୍ଷା କୌଣସି ସମ୍ବାଦପତ୍ରର ପାଠକଙ୍କ ସଂଖ୍ୟା ଅନେକ ଅଧିକ ଅଟେ । ତହିଁରେ ପ୍ରକାଶିତ ସରକାରୀ ସମ୍ବାଦମାନ ଅନେକ ଲୋକ ଜାଣି ପାରିବେ ଓ ସର୍ବସାଧାରଣରେ ଉତ୍ତମରୂପେ ପ୍ରଚାର ହେବ ଅଥଚ ଖର୍ଚ୍ଚ ଊଣା ପଡ଼ିବ । ଏପରି ଉପାୟ ଅବଶ୍ୟ କର୍ତ୍ତବ୍ୟ ।

---

## ପୁଲିସର କର୍ତ୍ତବ୍ୟ ।

ସ୍ଥାନାନ୍ତରେ ପ୍ରକାଶିତ ଖଣ୍ଡିଏ ଇଂସ୍ତିପତ୍ରରେ ଏ ନଗରର ପୁଲିସ ବିରୁଦ୍ଧରେ କେତେଗୁଡ଼ିଏ ଗୁହାରି ହୋଇଅଛି । ଅମ୍ଭେମାନେ ଆଶା କରୁଁ କର୍ତ୍ତୃପକ୍ଷମାନେ ଏ ବିଷୟରେ କିଛି ଆଦେଶ ପ୍ରଚାର କରିବେ । କେଉଁ ହେଡ଼କନେଷ୍ଟବଲ କେଉଁସ୍ଥାନରେ ବିନା ଦରେସରେ ଥାନାତଲାସି କରୁଥିଲା ପତ୍ରପ୍ରେରକ ସ୍ପଷ୍ଟକରି ଲେଖି ଦେଇଥିଲେ ଉପରସ୍ଥ କର୍ମଚାରୀମାନଙ୍କର ଅନୁସନ୍ଧାନ ବିଷୟରେ ସୁବିଧା ହୋଇଥାନ୍ତା ଓ ଯେଉଁ ବ୍ୟକ୍ତି ଉକ୍ତପ୍ରକାର ଅନ୍ୟାୟକାର୍ଯ୍ୟ କରୁଥିଲା ତାହାକୁ ଦଣ୍ଡ ଦେଇ ଅନ୍ୟ କର୍ମଚାରୀଙ୍କ ଚେତା କରାଇ ପାରନ୍ତେ ତାହା ହୋଇ ନ ଥିବାରୁ କର୍ତ୍ତୃପକ୍ଷଙ୍କର ଏହି ଅନ୍ୟାୟକାର୍ଯ୍ୟ ଦମନକରିବା ଉପାୟ ନାହିଁ । କେବଳ ସାଧାରଣ ଭାବରେ ଭବିଷ୍ୟତ ନିମିତ୍ତ ସତର୍କ କରିବା ବିନା ଆଉ କିଛି ଆଦେଶ ଦେଇ ନ ପାରନ୍ତି ସତ୍ୟ ମାତ୍ର ଅମ୍ଭମାନଙ୍କ ବିବେଚନାରେ ଭବିଷ୍ୟତନିମିତ୍ତ ସତର୍କ କରିଦେବା ମଧ୍ୟ ବଡ଼ ଆବଶ୍ୟକ ହୋଇଅଛି କାରଣ ବିନା ଦରେସରେ ପୁଲିସକନେଷ୍ଟବଲ ପ୍ରଭୃତିଙ୍କର କାର୍ଯ୍ୟ କରିବାର ଅନେକ ସ୍ଥଳରେ ଦେଖାଯାଇ ଅଛି । ଅଳ୍ପଦିନ ହେଲେ ଅମ୍ଭେମାନେ ଚୁଡ଼ଙ୍ଗାଳ ହାଟ ଦେଖିବାକୁ ଯାଇଥିଲୁଁ । ସେଠାରେ ଜଣେ ମୁସଲମାନ ବଙ୍ଗାଳ ବାବୁପରି ବାସି ଧୋତି ଚାଦର ଓ କୁରୁତା ପିନ୍ଧି ହାଟରେ ବୁଲୁ ଜଣେ ଲୁଗାବେପାରୀ ଛୋଟମାପର ଗଜ ବ୍ୟବହାର କରୁଥିବାରୁ କହି ଖଣ୍ଡେ ବେଇ ଗିରପ୍ତାର କଲା । ସେ ବ୍ୟକ୍ତି ଯେ କନଷ୍ଟବଲ ତାହା ଅମ୍ଭେମାନେ କୌଣସିରୂପେ ସ୍ଥିର କରି ପାରିଲୁଁ ନାହିଁ । ହାଟର ଲୋକଙ୍କୁ ପଚାରିବାରେ କେହି କହିଲା ସେ କନଷ୍ଟବଲ ଓ କେହି କହିଲେ ତାହାର ଚାକିରି ନାହିଁ ଜଣେ ସବ ଇନସପେକ୍ଟର ବା ଇନସପେକ୍ଟରର ସମ୍ପର୍କୀୟ ବ୍ୟକ୍ତି । ଅନେକ ଲୋକଙ୍କଠାରୁ ବୁଝିବାଉତ୍ତାରୁ ପଶ୍ଚାତ ଜଣାଗଲା ଯେ ସେ ଜଣେ କନଷ୍ଟବଲ ଓ କେତେକ ହାଟପାଳଦିନ ଏହି ବେଶରେ ଆସି ଓଜନକମି ମାପକମି ଇତ୍ୟାଦି ଅପରାଧ

Split by PDF Splitter
Digitized by srujanika@gmail.com

Split by PDF Splitter
202



ତାହାର ମୁଣ୍ଡରେ ଲଗାଇଦେଇ ଗୋଟାଏ କାଣ୍ଡ କରଯାଏ । ତାହାର ଗୁଳନ ଦେଇଅଛି କି ନା ଆମ୍ଭେମାନେ କହି ନ ପାରୁଁ । ଲୋକଙ୍କଠାରୁ ଯେପରି ଶୁଣାଗଲା ଏହିବାଟେ ଚଉରି ବାଟଖର୍ଚ୍ଚ ଦାଭ କରୁଥିଲେ ବଚନ ଜଣାଯିବ ନାହିଁ । ମୋଫସଲ ହାଟୁଆମାନେ ଅଳ୍ପକଥାକୁ ଡରନ୍ତି । କେହି ମିଛରେ ତାହାଙ୍କୁ ଧମକାଇଦେଲେ ଅନାୟାସରେ ଦୁଇପଇସା ନଗଦ ଦେଇ ମୁକ୍ତିଲାଭକୁ ଶ୍ରେୟସ୍କର ମଣିବେ । ଏପରି ଅବସ୍ଥାରେ କନ ଦରେଇସରେ କେହି ସ୍ୱଇସଂକର୍ମଷ୍ଟୁଷ୍ଟ ସେମାନଙ୍କ ମଧ୍ୟରେ ବିଚରଣ କରିବା କେବଳ ଭୟଙ୍କର ଓ ସାଧାରଣକ୍ଳେଶଜନକ ବିଶେଷକର ବୁଝାଇଦେବାର ଆବଶ୍ୟକ ନାହିଁ । ପୁଲିସର ଉଚ୍ଚ କର୍ମଚାରୀମାନଙ୍କର ଏ ବିଷୟ ଦୃଷ୍ଟିରଖିବା ନିତାନ୍ତ କର୍ତ୍ତବ୍ୟ ଏବଂ ଏଥିପାଇଁ ଆମ୍ଭେମାନେ ସେମାନଙ୍କୁ ଦୃଢ଼ରୂପେ ଅନୁରୋଧ କରୁଅଛୁଁ ।

---

ନଦୀପାରର ବନ୍ଦୋବସ୍ତ ।

ସରକାରୀ ମାସୁଲ ଲିଖିଥିବା ଘାଟମାନଙ୍କରେ ନଦୀ ପାର ହେବାର ଅସୁବିଧା ଅତ୍ୟାଗୁରର ଗୁହାର ପ୍ରତିବର୍ଷ ବର୍ଷାକାଳରେ ଗାୟନ କରିବା ଆମ୍ଭମାନଙ୍କର ଗୋଟିଏ ନିୟମିତ କାର୍ଯ୍ୟ ହୋଇଅଛି । ମାତ୍ର ଯେତେ ଗୁହାରି କଲେ ହେଁ ଅସୁବିଧା ଓ ଅମୂଳ ବିରାମ ନାହିଁ । ଏଠାରେ ମହାନଦୀ ଗୋଟିଏ ବୃହତ ନଦୀ ସକଳ ସମୟରେ ଏହାକୁ ପାର ହେବାରେ ଅନେକ ବିଳମ୍ବ ହୁଅଇ ବର୍ଷା ଆରମ୍ଭରେ ରଥଯାତ୍ରିମାନଙ୍କ ସମାଗମ ଯେଉଁ ବର୍ଷ ଅଧିକ ହୁଅଇ ସେ ବର୍ଷର କଥା ଅତିଶୟ । ସ୍ଥାନୀୟ କର୍ତ୍ତୃପକ୍ଷମାନେ ଏକ ବର୍ଷ ହେଉ ବେଭକଲେ ଇନସ୍ପେକ୍ଟର ତ୍ରୁଭଭ ନିୟୋଗ କରିବାଦ୍ୱାରା କେତେ ପରିମାଣରେ ନଦୀ ପାରର ସୁବିଧା କରି ଦଅନ୍ତି ମାତ୍ର ବଡ ବଢି ସମୟରେ ଦେଶୀୟ ନୌକାଦ୍ୱାରା ଆଶାନୁରୂପ ସୁବିଧା ହୋଇ ପାରେ ନାହିଁ । ଏବର୍ଷ ରଥଯାତ୍ରାକୁ ଅନେକ ଯାତ୍ରି ଆସିବାର ଲକ୍ଷଣ ଆଜିଠାରୁ ଜଣାଗଲାଣି କାରଣ ସ୍ଥଳ ଓ ଜଳପଥେ ବସ୍ତ୍ରର ଯାତ୍ରି ବର୍ତ୍ତମାନ ଆସୁଅଛନ୍ତି ରଥଯାତ୍ରା ନିକଟରୁ ଏମାନଙ୍କ ସଂଖ୍ୟା ଅଧିକ ବୃଦ୍ଧି ହେବ । ଏ ଅବସ୍ଥାରେ ବଡ ଆନନ୍ଦର ବିଷୟ ଯେ ଓଡ଼ିଶା ଡିଭିଜନର ସୁପ୍ରିଣ୍ଟେଣ୍ଡିଂ ଇଞ୍ଜିନିୟର ମହାନଦୀ ଘଡ଼ପାଟରେ ଧୂଆଁକଳ ଜାହାଜ ଯୋଗେ ଯାତ୍ରି ପାର କରିବାର ପ୍ରସ୍ତାବ କରି ଯେଉଁମାନେ ଏଥିର ଇଜାରା ନେବାକୁ ଇଚ୍ଛା କରିବେ ସେମାନଙ୍କ ଠାରୁ ଆବେଦନ ପତ୍ର ପାଇବା ଉଦ୍ଦେଶରେ ବିଜ୍ଞାପନ ପ୍ରକାଶ କରିଅଛନ୍ତି । ବିଜ୍ଞାପନଟି ଇଂରାଜୀଭାଷାରେ ସ୍ଥାନାନ୍ତରେ ମୁଦ୍ରିତ ହେଲା । ତହିଁରେ ଲେଖାଅଛି ଯେ ଏ ଘାଟର ବାର୍ଷିକ ହାରାହାରି ଆଦାୟ ଟ ୫୨୭୫ଙ୍କା ଏବଂ ଏଥି ସଙ୍ଗେ କାର୍ଯ୍ୟନିର୍ବାହର ବ୍ୟୟ ଯୋଗ ହେଲେ ବାର୍ଷିକ ଅନ୍ୟୁ ଟ୮୨୭୫ ଙ୍କା ଅନୁମିତ ହୋଇ ପାରେ । ଇଜାରାପ୍ରାର୍ଥିମାନେ ଅବଶ୍ୟ ଅନୁସନ୍ଧାନଦ୍ୱାରା ଏହି ଅନୁମାନ ଠିକ ଅଛି କି ନାହିଁ ବୁଝି ନେବେ । ଯାହାଙ୍କ ଇଜାରାପ୍ରାର୍ଥନା ଗ୍ରାହ୍ୟ ହେବ ତାହାଙ୍କୁ ନିମ୍ନଲିଖିତ ନିୟମମାନ ପାଳିବାକୁ ହେବ, ଯଥା ।

୧ । ପ୍ରତିଦିନ ନିରୂପିତ ସଂଖ୍ୟାରେ ଖେପ ବହିବାକୁ ହେବ ।

୨ । ନିର୍ଦ୍ଦିଷ୍ଟ ନିରଖ ଫର୍ଦ୍ଦ ଅନୁସାରେ ମାସୁଲ ଆଦାୟ କରିବ ।

୩ । ନିରୂପିତ ସଂଖ୍ୟାରେ ଧୂଆଁକଳ ବୋଟ ଏବଂ ନୌକା ପ୍ରସ୍ତୁତ ରଖିବ ।

ଉପରଲିଖିତ ନିୟମାନୁସାରେ କାର୍ଯ୍ୟ କରିବାକୁ ଯେଉଁମାନେ ସ୍ୱୀକୃତ ହେବେ ସେମାନଙ୍କ ସଙ୍ଗେ ଯେତେବର୍ଷ ନିମିତ୍ତ ଚୁକ୍ତି ହେବ ସେତେ ବର୍ଷ ଉକ୍ତ ଘାଟରେ ଏକାକୀ ମାସୁଲ ଆଦାୟ କରିବାର ଅଧିକାର ଦିଆଯିବ ।

ଗ୍ରହବାଲୀ କାରବାର ଯୋଗେ ଏକଣରେ ବର୍ତ୍ତମାନ ଅନେକ ଗୁଡିଏ ଷ୍ଟିମ୍ ଧୂଆଁକଳ ଜାହାଜ ରହିଅଛି । ଯେଉଁ କମ୍ପାନିମାନେ ଉକ୍ତ କାରବାର କରୁଅଛନ୍ତି ସେମାନଙ୍କ ମଧ୍ୟରୁ କେହି ଏହି ଘାଟ ବ୍ୟବସାୟକୁ ହସ୍ତଗତ କଲେ ଅଲାଭ ହେବ ନାହିଁ । ଅନେକ ଦେଖୁ ସ୍ୱଚ୍ଛ-ଘାଟରେ ସକଳ ସମୟରେ ଜଳ ଭରତି ହୋଇଥିବାରୁ ଧୂଆଁକଳ ଯିବା ଆସିବାର ସମ୍ପୂର୍ଣ୍ଣ ସୁଯୋଗ ରହିଅଛି । ଏବଂ ନଦୀ ଖଣ୍ଡ ବୃତ ଏ କାରବାରର ବ୍ୟାଘାତ କରି ପାରିବ ନାହିଁ ଏବଂ ପାର ହେବାର ସୁବିଧା ହେଲେ ଅଧିକ ପରିମାଣରେ କାରବାର ହେବ । ଅତ-ଏବ ବ୍ୟବସାୟଟି ଲାଭକର ହେବାର ଅନେକ ଆଶା ଅଛି ଏବଂ ପ୍ରଦେଶୀୟ କେହି ଲୋକ ନଜ ବଳାଇଲେ ଆହୁର ସୁଖର ବିଷୟ ହେବ ।

---

# ସାପ୍ତାହିକ ସଂବାଦ ।

ଗତ ଓଡ଼ିଶା ଗଜେଟରେ ମାଇନର ସ୍କଲାରସିପର ଓ ଅପର ପ୍ରାଇମେରୀ ବୃତ୍ତି ପାଇଥିବା ଛାତ୍ରଙ୍କ ତାଲିକା ପ୍ରକାଶ ହୋଇଅଛି । ସ୍ଥାନାଭାବରୁ ଆମ୍ଭେମାନେ ଏଥର ପ୍ରକାଶ କରି ପାରିଲୁଁ ନାହିଁ ।

ରାଧାମାଧବ ସାନ୍ତରଙ୍କ ଉପସ୍ଥିତ ଡକାଇତି ମୋକଦମାରେ ଜଗାସିଂହ ପ୍ରଭୃତି ଆସାମିମାନେ ଶୌଭଦଗ୍ରଲରେ ଗତ ଗୁରୁବାର ଖଲାସ ପାଇଲେ ।

ଏଲେକ୍ସ ସାଲେପୁର ଥାନା ଇଲାକା କୁସୁପୁର ମୌଜାରେ ଗତ ମେ ମାସ ତା ୩୦ ରିଖ ସନ୍ଧ୍ୟାରେ ଗୋଟିଏ ଚୋରି ମୋକଦମା ହୋଇଅଛି । ସେ ଗ୍ରାମର ଜଣେ ପଠାଣ ଘରେ ଅନେକ ନଗଦ ଟଙ୍କା ପୋତା ଥିବାର ସେ ଅଞ୍ଚଳରେ ପ୍ରକାଶ ଅଛି । ପଠାଣ ପ୍ରବାସରେ ଥିଲା । ଓ ତାହାର ସ୍ତ୍ରୀ ବିବାହ ଉପଲକ୍ଷେ ଅନ୍ୟ ଗ୍ରାମକୁ ଯାଇଥିଲା ସେ ଘର କେବଳ ତାହାର ବୃଦ୍ଧା ମାତା ଏକାକୀ ଘରେ ଥିଲା । ସନ୍ଧ୍ୟାରେ କେହି ଚୋରା ଘରେ ପ୍ରବେଶପୂର୍ବକ ବୁଢ଼ୀକୁ ବାନ୍ଧି କରି ଘରଯାକ ଅନେକ ଖୋଳିଲା ମାତ୍ର ବୋଧହୁଏ ମାଲ ପୋତା ଥିବା ସ୍ଥାନ ବୁଝିଗଲା ଓ ସେ ଧନ ନେଇ ପଳାଇ ଗଲା । ତହିଁ ଅରବନ ପ୍ରଭାତରେ ଏକାଣ୍ଡ ଦେଖାଯିବାରୁ ପୁଲିସରେ ଏ ସମ୍ବାଦ ଦିଆଗଲା ଓ ଏଥିର ତଦନ୍ତ ଚାଲିଅଛି । କେହି ଧରାପଡ଼ି ନାହିଁ, ଧରା ପଡ଼ିବା ପରେ ସେ ସବୁ ପ୍ରକାଶିତ ହେଉଥିବ ସନ୍ଦେହ ନାହିଁ ।

ବାଇଦା ନିକଟ ମହାନଦୀରେ ଦୁଇଜଣ ଲୋକ ନଦୀ ପାଣିରେ ବସି ଦାନ୍ତଘଷୁଥିଲେ । ସେ ସମୟରେ କେତେକ କୁମ୍ଭୀର ଛୁଆ ସେଠାରେ ଖେଳୁଥିବାର ଦେଖି ସେମାନଙ୍କ ମଧ୍ୟରୁ ଜଣେ ଖଣ୍ଡ ବାଡ଼ି ଛୁଆଙ୍କ ଉପରକୁ ଫୋପାଡ଼ିଲା । ତହୁଁ ସେମାନଙ୍କ ମାତା କୁମ୍ଭୀର କୁପିତହୋଇ ଜଣକୁ ଆପଣା ଲାଙ୍ଗୁଳଦ୍ୱାରା ବିଶେଷ ଆଘାତ କଲା ଓ ଅନ୍ୟ ଜଣକୁ ପାଣି ଭିତରକୁ ଟାଣି ନେଇ ମାରିପକାଇଲା । ପାଣି ଅଳ୍ପଥିଲା ଓ ଅନେକ ଲୋକ ଦଉଡ଼ି ଆସିଥିଲେ ମାତ୍ର କେହି ସେ ହତଭାଗ୍ୟକୁ ରକ୍ଷାକରିପାରିଲେ ନାହିଁ ।

ଓଡ଼ିଶା ଡିଭିଜନରେ ଅବକାରୀ ଉଠିବାର ନୂତନ ବନ୍ଦୋବସ୍ତ ହେବାର ଧୂମ ପଡ଼ି ଯାଇଅଛି ଏ ବନ୍ଦୋବସ୍ତ ଅବକାରୀ-କମିଶନରମାନଙ୍କ ପ୍ରସ୍ତାବ ଅନୁସାରେ ହେବ । ଏକ୍ସାଇଜ କଲେକ୍ଟର ଇଂଲିସ ସାହେବ କପର ନଗର କରିବେ ଦେଖିବାରେ ଆସିବ ।

କଟକ ସର୍ଭେ ସ୍କୁଲର ୨ୟ ଶିକ୍ଷକ ବାବୁ ଦଶରଥ ବାନର୍ଜୀ ସନ ୧୮୮୫ମସିହା ଜୁଲାଇ ମାସ ତା ୧୨ ରିଖଠାରୁ ଅଗଷ୍ଟ ମାସ ତା ୨୮ ରିଖ ପର୍ଯ୍ୟନ୍ତ ସେହି ସ୍କୁଲର ପ୍ରଥମ ଶିକ୍ଷକ କାର୍ଯ୍ୟ କରିଥିଲେ ।

ସୁଗା ମିଉନିସିପଲ କମିଶନର ବାବୁ ଜଦୁ ମହାସ ଦାସଙ୍କର ମୃତ୍ୟୁ ହେବାରୁ ତାଙ୍କ ପଦ ମହାଶେ ଉକ୍ତ ନଗରର ନମ୍ବର ଓଆର୍ଡ଼ର କରଦାତାଙ୍କଦ୍ୱାରା ଜଣେ ଲୋକ ନିର୍ବାଚିତ ହେବା ଆବଶ୍ୟକ । ଏଥିପାଇଁ ଗବର୍ଣ୍ଣମେଣ୍ଟ ଆସନ୍ତା ଅକ୍ଟୋ ମାସ ତା ୩୦ ରିଖ ଉକ୍ତ ନିର୍ବାଚନର ଦିନ ସ୍ଥିର କରିଅଛନ୍ତି ।

ବାଲେଶ୍ୱରରେ ରେଭରେଣ୍ଡ ଓଗିଲବି ଏଣ୍ଡରସନ୍ ହେବଲକ୍ ସାହେବ ସୁଗା ଜଲ୍ଲାର ଦେଶୀୟ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ବିବାହ ସାର୍ଟିଫିକେଟ ପ୍ରଦାନ ଓ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ନିଯୁକ୍ତ ହେଲେ ।

Digitized by srujanika@gmail.com

Split by PDF Splitter



ଗତ ସୋମବାର ଦିନ ମାଙ୍ଗେଲେଠାରେ ମନସୁନ ଅର୍ଥାତ୍ ବର୍ଷା ଋତୁ ଆରମ୍ଭ ହେବାର ତାର ସମ୍ବାଦ ଆସି ଅଛି ।

ଅତିଶୟ ଦୁଃଖର ସହିତ କାହୁଁକାରୁ ଅବଗତ ହେଲୁଁ ଯେ କାଲେକ୍ଟର କଲେକ୍ଟର ଗ୍ରାଣ୍ଟ ସାହେବଙ୍କ ଜ୍ୟେଷ୍ଠପୁତ୍ର ଅକାଳମୃତ୍ୟୁରେ ପତିତ ହୋଇଅଛନ୍ତି । ଏହାଙ୍କ ବୟସ ୨୪ ବର୍ଷ ହୋଇଥିଲା ଏବଂ ପଞ୍ଜାବ ପ୍ରଦେଶରେ ସୈନିକ-ବିଭାଗରେ କାର୍ଯ୍ୟ କରୁଥିଲେ ।

ପଞ୍ଜାବର ଦଲୀପସିଂହ ବିଲାତରୁ ଭାରତବର୍ଷକୁ ଆସୁ ଏଡ଼େନଠାରେ ଅଟକ ଯାଇଥିବାର ସମ୍ବାଦ ମିଳଇ । କଥିତ ଅଛି ଦଲୀପସିଂହ ଆପଣାର ରାଜ୍ୟ ଫେରି ପାଇବା ଓ ପଞ୍ଜାବୀମାନଙ୍କର ଗୁରୁ ହେବା ଇତ୍ୟାଦି ବିଷୟ ସ୍ଥିର କରିବାରୁ ଉପସ୍ଥିତେ ଭାରତଗଭର୍ଣ୍ଣମେଣ୍ଟରେ ଆବେଦନ କରି-ଅଛନ୍ତି ପୁଣି ଏମନ୍ତ ମଧ୍ୟ କଥିତ ଅଛି ଯେ ଉପରୋକ୍ତ ବିଷୟମାନ ପ୍ରକାଶ ହୋଇ ପଡ଼ିବାରୁ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କର ରିପୋର୍ଟ ଅନୁସାରେ ଏଡ଼େନଠାରେ ବମ୍ବେଗଭର୍ଣ୍ଣମେଣ୍ଟ ତାହାଙ୍କୁ ଅଟକାଇ ଅଛନ୍ତି ଯେ ଏପରି ଅବସ୍ଥାରେ ଆଉ ତାଙ୍କ ଏଣିକି ଛାଡ଼ିବେ ନାହିଁ ।

## ଜଗତ୍ ସିଂହପୁର ସମ୍ବାଦ ।

ଗତ ବୁଧବାର ରାତ୍ରରେ ଜଣେଲୋକ, ତରତଙ୍ଗ ମୌଜା-ନିକଟବର୍ତ୍ତୀ ଜଙ୍ଗଲରେ ଏକଘର ଅଗ୍ନି ଦେଇ ଯାଉଥିଲା । ରାତ୍ର ଅନ୍ଧକାରମୟ ଏବଂ ମେଘ ମଧ୍ୟ ଏକା ; ଏପରି ସମୟରେ ଗୋଟାଏ ବ୍ୟାଘ୍ର ଆସି ତାହାକୁ ମାରି ପକାଇଲା । ପର ଦିବସ ପ୍ରାତଃକାଳରେ ଦେଖାଗଲା ଯେ ସେଠାରେ କେବଳ ଅସ୍ଥିପଞ୍ଜର-ଟି ରହିଅଛି, ଏବଂ କିଛି ଦୂରରେ ତାହାର ମସ୍ତକ ଏବଂ ଉକ୍ତାନ୍ତ ଅସ୍ଥି ପ୍ରଭୃତି ପଡ଼ିଅଛି ।—ଅଦ୍ୟାବଧି ମୃତବ୍ୟକ୍ତିର ପରିଚୟ ମିଳି ନାହିଁ ।

ଗତ ଶୁକ୍ରବାର ରଥଯାତ୍ରା ଶେଷ ହେଲା । ସୁଧାମାଧବ-ଙ୍କ ନିକଟରେ ଦିନେ ୨ ସନ୍ଧ୍ୟାବେଳ ପର୍ଯ୍ୟନ୍ତ ଲୋକର ଯାତ୍ରା ଲାଗି ରହୁଥାଏ । ଏଥିରେ ପୁଣି ଏପରି ଅଶ୍ଳୀଳ ଗୀତ ( ଭଣ୍ଡ ଦାଇକା ) ବୋଲା ଯାଉଥାଏ ଯେ, ଭଦ୍ରଲୋକ ମାନେ ତାହା ଚର୍ମ କର୍ଣ୍ଣରେ ଶୁଣି ପାରିବେ ନାହିଁ ।-ଏରୂପ କଲେ ଆପଣାର ସଭ୍ୟତା ପ୍ରକାଶିତ ହୁଏ ?

ଉପରୋକ୍ତ ଯାତ୍ରା ସ୍ଥଳରେ ଅସଂଖ୍ୟ ଦର୍ଶକ ଉପସ୍ଥିତ ହୋଇଥାଆନ୍ତି ଏବଂ ଭଣ୍ଡ ଦାଇକା ଶୁଣି ଅସଭ୍ୟ ଭାବରେ ଏପରି ଗୋଳମାଳ କରୁଥାନ୍ତି ଯେ ଶାନ୍ତିରକ୍ଷାର କଷ୍ଟ ହୋଇଥିଲା । ଅସ୍ମମାନଙ୍କ ପୋଲିସମାନ ସେଠାରେ ଦେଖା ଯାଇ ନ ଥିଲେ ।—ବୋଧହୁଏ କ୍ଳାନ୍ତ ହୋଇ; ଶୋଇପାରି ନ ଥିଲେ ପରା ?

ଅତ୍ରସ୍ଥ ଡାକ୍ତର ବାବୁ ଜ,ଅଦନାଚରଣଙ୍କର ଚିକିତ୍ସାମାନଙ୍କ ପ୍ରତି ସଦୟ ହୃଦୟ ଅତ୍ୟନ୍ତ ପ୍ରଶଂସନୀୟ । ଗୋଟିଏ ଚତୁର୍ଦ୍ଦଶ-ବର୍ଷ ବୟସ୍କ ବାଳକର କଟିଦେଶରେ ଏକ ଅବୁ ଉଠିଲା; ସେ ନାନାପ୍ରକାର ଚେଷ୍ଟା କରି ସୁଦ୍ଧା ତାହା ଆରୋଗ୍ୟ କରି ପାରି ନ ଥିଲା । କ୍ରମଶଃ ତାହା ବର୍ଦ୍ଧିତ ହୋଇ ପ୍ରାୟ ସେ ୨୦ ର ପରିବର୍ତ୍ତିତ ହୋଇଗଲା । ବାଳକଟି ଅକର୍ମଣ୍ୟ ହୋଇ ଯାଉ-ଥିବାର ଦେଖି ପୂର୍ବୋକ୍ତ ବାବୁ ତାହା କର୍ତ୍ତନ କରି ଆରୋଗ୍ୟ କରିଅଛନ୍ତି ।

ଜଗତସିଂହପୁର ନିକଟବର୍ତ୍ତୀ କେତେକ ସ୍ଥାନରେ ମାଛଗାଁ-ରାସ୍ତା ଏପରି ଖାଲ ହୋଇ ଯାଇ ଅଛିଯେ ବର୍ଷା ହେଲେ ଲୋକମାନଙ୍କର ଗମନାଗମନ ପକ୍ଷରେ କଷ୍ଟକର ଏବଂ କେତେସ୍ଥାନରେ ପୋଲ ଫୁଟିଯିବାର ଆଶଙ୍କା ହୋଇ ଅଛି ।- ଭରସା କରୁଁ କର୍ତ୍ତୃପକ୍ଷମାନଙ୍କ ମନ ଶୀଘ୍ର ଆକର୍ଷିତ ହେବ ।

ଅତ୍ରସ୍ଥ ଅସିଷ୍ଟାଣ୍ଟ ଇନ୍ସପେକ୍ଟରଙ୍କ ଅଫିସ କାଇଅକୁ ଉଠିଯିବାର ପ୍ରସ୍ତାବ ହେଉଅଛି ।—ମାଷ୍ଟରଗୋଲା କର୍ମର ଧୂମଧାମ ଅଳ୍ପଦିନ ମାତ୍ର ।

ଗୃହବଳହେଲ ପ୍ରତ୍ୟହ ସାମାନ୍ୟ ପରିମାଣରେ ବୃଷ୍ଟି ହେଉଅଛି ।

ଗତସଂଖ୍ୟକ "ଦୀପିକା"ର "ଜଗତ ସିଂହପୁର ସମ୍ବାଦ" ମଧ୍ୟରେ "A sewing class is much required" ସ୍ଥଳେ "A serving class is much required" ବୋଲି ମୁଦ୍ରିତହୋଇ ଅଛି ।—କମ୍ପୋଜିଟରଙ୍କ ଭ୍ରମ ଏଥିର ପ୍ରଧାନ କାରଣ ହୋଇପାରେ

## ଜାଜପୁର ସଂବାଦ

ଚଳିତମାସ ତା ୬ ରିଖରେ ଏଅଞ୍ଚଳରେ ବିଶେଷ ତୋଫାନ ଓ ବୃଷ୍ଟି ହୋଇଥିଲା ଅନେକ ଲୋକଙ୍କର ବାସଗୃହ ଉଡ଼ି ଯାଇଅଛି -କୃଷିକାରମାନେ ଚାଷକରିବାରେ ନିମଗ୍ନ ଅଛନ୍ତି ଏବର୍ଷ ଆମ୍ବଫସଲ ଆପେ ହୋଇ ନ ଥିଲେହେଁ କଟକ ଓ ଭଦ୍ରକ ପ୍ରଭୃତି ନାନା ସ୍ଥାନରୁ ପ୍ରଚୁର ଅପର୍ଯ୍ୟାପ୍ତ ଆମଦାନି ହେଉଅଛି କିନ୍ତୁ ବିଶେଷ ଦୁର୍ମୂଲ୍ୟ ହୋଇଅଛି ଯାହା ହେଉ ଲଘମତେ ପ୍ରାପ୍ତ ହେଉଥିବାରୁ ଲୋକମାନେ ସନ୍ତୋଷ ଅଛନ୍ତି —

ଆଜିକାଲି ପ୍ରତିଦିନ ଅନୁସଂଖ୍ୟକ ବଙ୍ଗଦେଶୀୟ ଯାତ୍ରି-ବୈତରଣୀ ତୀର୍ଥବାଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଯାଉଅଛନ୍ତି ଏଙ୍ଗ ତତ୍ତ୍ୱାବ ପାଣ୍ଡିଆ ବ୍ରାହ୍ମଣ ମାନଙ୍କର ଏକପ୍ରକାର ଉତ୍ତମ ଲାଭ ହେଉଅଛି ଓ ମୋଦି ଓଗେର ଦୋକାନୀମାନେ ମଧ୍ୟ ଲାଭ କରିବାରେ ତ୍ରୁଟି କରି ନାହାନ୍ତି ସେମାନେ ସମସ୍ତପ୍ରକାର ଖାଦ୍ୟଦ୍ରବ୍ୟ ଉଚ୍ଚ ଦରରେ ମୂଲ୍ୟରେ ବିକ୍ରୟ କରୁଅଛନ୍ତି କେବଳ ଦରିଦ୍ରଙ୍କର ବିଶେଷ କଷ୍ଟ ହେଉଅଛି—

ଏ ଅଞ୍ଚଳରେ ଦୁଇଏକ ଅସ୍ରା ଭଲ ବୃଷ୍ଟି ହେବାରୁ ଓ ମେଘାଚ୍ଛନ୍ନ ଅବଧି ଛାଡ଼ି ନ ଥିବାରୁ ବର୍ତ୍ତମାନ ଋତୁ ଶୀତଳ ହୋଇଥିବା ସ୍ଥଳରେ ଗତତ ମାସ ପ୍ରଥମ ଦିବସରୁ ହିଟଟାଜିନ କଦେଶ ୨ ୧୧ ଟା ଠାରୁ ହେଉଅଛି । ଗତତ ମାସ ତା ୧୦ ରିଖରେ ଏ ସ୍ଥାନରେ ଲୋକ ସବ୍‌ରେଜେଷ୍ଟ୍ରି ମହକୁମା ଜାରି ହେବାର କଲିକତାଗେଜେଟରେ ଗଭର୍ଣ୍ଣମେଣ୍ଟଙ୍କ ବିଜ୍ଞାପନ ପ୍ରକାଶ ହୋଇଅଛି ।

## ପୁରୀସମ୍ବାଦ ।

ଏବର୍ଷ ଗୁଣ୍ଡିଚାଯାତ୍ରାରେ ଯାତ୍ରିମାନଙ୍କର ବଡ଼ ଉପଦ୍ରବ ହେବ ବୋଲି ଜଣାଯାଉଅଛି । ବର୍ତ୍ତମାନ ଟ ୭୦୦୦୯ ଲାଇସେନ୍ସ ହାଉସ ପାସରୁ ଓସୁଲ ହେଲାଣି ଆଉ ଯେପରିମାଣେ ବାସି-ନ୍ଦାମାନେ ଘର ପାସକରିବାଲାଗି ବ୍ୟସ୍ତ ହେଉଅଛନ୍ତି ଯଦି ଲାଇସେନ୍ସ ହାଉସର ତତ୍ତ୍ୱାବଧାରକ ଶ୍ରୀଯୁତ ବ୍ରଜଗୋପାଳ ବାବୁ ଡିପୋଟି ମହାଶୟ ସାର୍ବଭୂତ୍ରିହାଟ୍ ପରିଚୟ ଦେଇ ନ ଥାନ୍ତେ ତେବେ ଅଧିକ ଟଙ୍କା ଅସୁଲ ହୋଇଥାନ୍ତା । ପାସକରିବାଲାଗି ଲୋକେ ଦରଖାସ୍ତ ଦେଇ ଦିନ୨ ମଫ୍ଫ-ଅଛନ୍ତି ସମୟ ପାସ ନ ପାଇ ବଡ଼ ହଇରାଣ ହେଉ-ଅଛନ୍ତି । ଯଦି ଡିପୋଟି ବାବୁ ଏପରି କାର୍ଯ୍ୟକରିବେ ତେବେ ଏକପକ୍ଷରେ ଓ ସରକାର ଯାତ୍ରିମାନଙ୍କର କଷ୍ଟ ଦୂର ହେବ ମଧ୍ୟ ଏ ଉପକାର ଅମଲ ଓ ତପସିଲମାନଙ୍କର ଏହି କାର୍ଯ୍ୟପ୍ରୀତି ଦେଖି ଲୋକେ ଅବାକ୍ ହେଉଛନ୍ତି । ( ଯଥା ରାଜା ତଥାପ୍ରଜା ) ଡିପୋଟି ବାବୁ ସ୍ୱୟଂ ଉପର ଓ ସେମା-ନଙ୍କପ୍ରତି ଟିକିଏ ଦୃଷ୍ଟି ରଖିଲେ ବଡ଼ ଭଲ ହେବ ।

ରଥଯାତ୍ରାରେ ଯେପରି ଦରେ ଅନ୍ନ କ୍ରୟକରିବାକୁ ମିଳୁଥିଲା ଆଜିକାଲି ୫।୬ ଗୁଣ ଦର ବଢ଼ିଲାଣି । କାରଣ ଯାତ୍ରିମାନେ ଅସିବାରୁ ଅନ୍ନ ଖାଇବାରେ ବାସିନ୍ଦାମାନେ ନନାହୁଲି ହେଲେଣି ।

ଗତବର୍ଷଅପେକ୍ଷା ଏଥର ରଥଯାତ୍ରାରୁ ଯାତ୍ରିମାନଙ୍କ ସମାଗମ ଓ ଅନ୍ନ ଅଧିକପରିମାଣେ ଜମା ଓ ଖରଚ ତେଳ ବୃଦ୍ଧି ହେବାରୁ ଓଗରଠା ଅଧିକ ମାଡ଼କବୋଲି ଜଣା ହେଉଅଛି ।

## ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀ ଲକ୍ଷ୍ମୀନାରାୟଣ ଦାସ ଗୁପ୍ତ—ଦ୍ରୂଗାସ୍ତୁ-ପାଠର ପ୍ରତିବାଦ ବିଷୟରେ ଲେଖିଅଛନ୍ତିକ ଟେକ୍ସଟବୁକକମିଟି ଏହାକୁ ଭଲ ବୋଲି ପାଠ୍ୟପୁସ୍ତକ ଧାର୍ଯ୍ୟ କରିଅଛନ୍ତି ଅନ୍ୟକାହାର ଆପତ୍ତି କରିବାର ଆବଶ୍ୟକ ନାହିଁ ମାତ୍ର ଅମ୍ଭମାନଙ୍କ ବିବେଚନାରେ ଉକ୍ତ କମିଟିଙ୍କ ବିଚାର ଠିକ ହୋଇ ଅଛି କି ନା ସମସ୍ତଙ୍କର ବିଚାର କରିବାର ଅଧିକାର ଅଛି ।

ସମ୍ପାଦକ

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ବାବୁ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଏଅଞ୍ଚଳରେ ଲୋକମାନେ ଜ୍ୱରରୋଗରେ ଅତିଶୟ ପ୍ରପୀଡ଼ିତ ହୋଇ ଅକାଳରେ କାଳ-ଗ୍ରାସରେ ପତିତ ହେଉଅଛନ୍ତି । ସବଡ଼ିଭିଜନର ମାନନୀୟ ଅଷ୍ଟ୍ରମନ୍ତି ଡାକ୍ତର ସାଧାରଣଲୋକଙ୍କ ଉପକାରାର୍ଥେ ନ ଏ ଏ ଦେଶୀୟ ଚିକିତ୍ସକ ରଖି ( ତାଙ୍କର ଡାକ୍ତର ଛୁଟି ନେଇ ଗୃହକୁ ଯାଇଥିବାରୁ )ନାନାପ୍ରକାର ଔଷଧ ପ୍ରସ୍ତୁତ କରାଇ ରୋଗିବ୍ୟକ୍ତିମାନଙ୍କୁ ରୋଗାନୁସାରେ ପ୍ରଦାନ କରୁଅଛନ୍ତି, ସେଥିରେ ଅନେକ ଲୋକଙ୍କର ଉପକାର ହେଉଅଛି ଏବଂ ମହାଶ-ୟଙ୍କର ସାନୁଜ ମାନନୀୟ ବାବୁ ଯଦୁକେଶରୀ-ଦେଓ ନିଜ ଗୁଣ ଦୟାରେ କେତେକଲୋକଙ୍କ ଆରୋଗ୍ୟ କରୁଅଛନ୍ତି ବାବୁ ମହାଶୟ ଦେଶୀୟ ବୈଦ୍ୟକ ଚିକିତ୍ସା ଜାଣନ୍ତି ମଧ୍ୟ ଅଳ୍ପ କାଳ ଏଅଞ୍ଚଳରେ ଅତିଶୟ ବୃଷ୍ଟି ହେଉଥିବାରୁ ଅଧ୍ୟାଗୃହ ଜ୍ୱର ଅତିଶୟ ବୃଦ୍ଧି ହୋଇଅଛି ଇତି ।

୧।୭।୮୬
ଦ୍ୱା ଅଠମଲ୍ଲିକ
ନିଜ ଗଡ଼ସ୍ଥଳ

ଆପଣଙ୍କର ଏକାନ୍ତ ବଶମ୍ବଦ
ଲକ୍ଷ୍ମୀଧରମହାନ୍ତି
ହେଡ଼ପଣ୍ଡିତ

Digitized by srujanika@gmail.com

Split by PDF Splitter

204



Sir,

In reference to the Paragraph in the *Dipika* of 29th ultimo, enquiring whether students of the 1st class Ravenshaw Collegiate school are eligible to compete for what I shall call GLADSTONE Prize," I beg to inform you that they will not be excluded, although *technically* speaking, the Collegiate school is not an Entrance school.

Bamanghatee
5—6—86.

Yours faithfuly,
S. Datta.*

---

POLICE.

To
The Editor, Utkal Dipica.

Sir,

Is a police officer authorised to enter a hour and execute a search warrant or institute a search on his own responsibility *without his uniform on*? I think not. The law requires police officers to be *in uniform* when on duty. Yet, this was exactly what came under my observation this morning. A head-constable in plain clothes smoking a cheroot away and entering house after house for the purposes of a search, in broad daylight and in a city like this seemed to think he was in the very midst of a mofussil village! Last evening I noticed a drunken brawl on the streets which no doubt lasted over an hour. Men women and children of the *Dher* caste in one promiscuous tumult literally blocked that part of the road, and passengers had to elobw out of it as best they could. In vain I looked around, the *lall pugreeballa* was as usual conspicuous by his absence. Are not stray cattle an every day nuisance in the streets? I hope sir you will expose the conduct of such a police and do an immense service to the public. I shall revert to this subject again.

Cuttack
27—5—86

*Sigma*

---

TO THE EDITOR OF U[illegible]AL DIPIKA

DEAR SIR,

I request you will be good enough to publish the following in continuation of the letter published in your last.

"In the supremacy of self control" says Herbert Spencer "consists one of the perfections of ideal man". It is very difficult to distinguish an *ideal man* out of the numbers that frequented, and frequent in this world, a man who deserves the appelation and who is true to every reponds for which he has been destined. But before we proceed to hanker after illustrations, in England, or in a foreign land, we shall not forget our ancient Rishis. These venerable devotees of ancient India, who inculcated in *us* meditation, ascetism and spirituality; and who taught us faith and loving communion, who as Kesab Babu says "baptized us with the spirit of heavenly madness". It has been once remarked by Kesab Babu that the contemplative devotees of ancient India "positively affirmed that they saw *Him* face to face as a brilliant Spirit." "This is doubtless the result of that mental process called attention and psychology cannot carp at it." Hence it is fully inteligible that those Rishis were in other words "ସ୍ଥିର ପ୍ରଜ୍ଞ". I should therefore recognise those sages to be ideals. Is it desirable or possible that we should hanker after such men of consummate genius in England or in a foreign land when we boast of India as the birth places of Sankaracharya, Bhasker, Budha, Chaitanya, Nanak, Gautama, Parasar, Hari Das &c &c.; and I have no hesitation in inviting the attention of my friends & brethern to grant thee as models. Veneration makes in the mind just as we come in contact with them through the medium of Books. Says wordswotrh

"books we know
are a substantial world, both pure and good
Round which, with tenders strong as flesh and blood
our pastime and our happiness grow"

in order to satiate the thirst of readers I shall quote a stanza from *Bhagabat gita* showing the indications and distinguished traits of "ସ୍ଥିର ପ୍ରଜ୍ଞ" men as have been cited in the said book.

"ପ୍ରଜହାତି ଯଦା କାମାନ୍, ସର୍ବାନ୍ ପାର୍ଥ ମନୋଗତାନ୍
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥
ଦୁଃଖେଷ୍ୱନୁଦ୍ୱିଗ୍ନମନାଃ, ସୁଖେଷୁ ବିଗତସ୍ପୃହଃ
ବୀତରାଗଭୟକ୍ରୋଧଃ, ସ୍ଥିତଧୀର୍ମୁନିରୁଚ୍ୟତେ ॥
ଯଃ ସର୍ବତ୍ରାନଭିସ୍ନେହ ସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭଂ
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥

ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହୁଅଛନ୍ତି ହେ ପାର୍ଥ ! ଯେତେବେଳେ ସେମାନେ ମନୋଗତ କାମନାସବୁ ପରିତ୍ୟାଗ କରନ୍ତି ଏବଂ ସ୍ୱତଃ ଆତ୍ମା ମାତ୍ରେ ସନ୍ତୁଷ୍ଟ ରହନ୍ତି ସେତେବେଳେ ସେମାନଙ୍କୁ ସ୍ଥିର-ପ୍ରଜ୍ଞ କୁହାଯିବ । ଦୁଃଖରେ ଅନୁଦ୍ୱିଗ୍ନଚିତ୍ତ ସୁଖରେ ନିଃସ୍ପୃହ ବୀତରାଗ ଭୟ ଏବଂ ଅକ୍ରୋଧ ସ୍ଥିରପ୍ରଜ୍ଞ କୁହାଯାଏ । ଯେଉଁ ଲୋକ ସର୍ବତ୍ରରେ ସ୍ନେହ ଶୂନ୍ୟ, ଶୁଭ ବା ଅଶୁଭ ବସ୍ତୁ ପ୍ରାପ୍ତରେ ଆନନ୍ଦ ବା ଦ୍ୱେଷ କରନ୍ତି ସେହି ଲୋକର ପ୍ରଜ୍ଞା ପ୍ରତିଷ୍ଠା ହୋଇଅଛି ।

Here the readers will find an assimilation of "*Self control*" as mentioned in Spencer's work with that of "ସ୍ଥିର ପ୍ରଜ୍ଞ" in Bhagabatgita. It is clear the more that a *man* with the above designation can neither perceive happiness nor even tribulation. They remain afar from sensations, aspirations and vanitie-squalities which turn to be friends with mankind. I don't recommend my friends to hear those who enter the world associated with vain ideas and like tantalising clouds unable to brave the *trials* have been hurled headlong into a bottomless perdition and have disappeared for ever. The lecturers on religious discourses come and instruct the audiences with this or that but hardly carry out their schemes to the last. Friends! do not captivate yourself in their whimsical projects.

"Chaitanya, Sakhyamuni, and Nanak will be trusted leaders in the long run. Let us sit at their feet, let us hold communion with their spirits. Let us learn from them of their meekness, self sacrifice, and their unbounded love for humanity." Don't let off your sacred threads.

"Pitch thy behaviour low, thy projects high so shall these humble and magnanimous be Sink not in Spirit, who aimeth at the sky shoots higher than he, that means a tree"

R. B. K.

Digitized by srujanika@gmail.com

ENGLISH TEXT-BOOKS FOR IDDLE ENGLISH SCHOOLS.
1886-87.

ENGLISH LANGUAGE.

t Class ... Royal Reader No. IV.
d. " ... Do. No. III.
d. " ... Do. No. II.
h. " ... Sarkar's Second Book Reading.
h. " ... Do First Book of Reading or Mrs. Griffin's English made easy.

ENGLISH GRAMMAR.

---

t. Class ... Lennie's Grammar.
d. Class ... Do. Do.
d. Class ... Chamber's grammatical Primer or Socieyt's Elements of grammar.

---

ସନ ୧୮୮୬-୮୭ ସାଲର ମଧ୍ୟଶ୍ରେଣୀ-ବିଦ୍ୟାଳୟମାନଙ୍କର ପାଠ୍ୟପୁସ୍ତକର ତାଲିକା।

---

ଉତ୍କଳସାହିତ୍ୟ-ଗଦ୍ୟ।

ଶ୍ରେଣୀ।—ପ୍ରବନ୍ଧମାଳା।
" ଏକାର
" —ଶିଶୁପାଠ ପ୍ରଥମଭାଗ ବା ଶିକ୍ଷାପାଠ ବା ବସ୍ତୁବିଚାର ବା ହିତପାଠ।
ର୍ଥ " —ଜ୍ଞାନୋଦୟ ବା ବୋଧୋଦୟ ବା ହିତବୋଧ ବା ପାଠମାଳା ବା ଅଖ୍ୟାନମଞ୍ଜରୀ।
" —ବର୍ଣ୍ଣବୋଧକ (ସୋସାଇଟି) ବା ବର୍ଣ୍ଣବୋଧକ (ଗୋବିନ୍ଦରଥ) ବା ବର୍ଣ୍ଣବିଜ୍ଞାନ ବା ଶିକ୍ଷାମଞ୍ଜରୀ ପ୍ରଥମଭାଗ ବା ବାଲ୍ୟଶିକ୍ଷା ପ୍ରଥମଭାଗ ବା ପ୍ରଥମପାଠ ବା ବାଳବୋଧିନୀ ବା ପ୍ରଥମଶିକ୍ଷା।

---

ଉତ୍କଳସାହିତ୍ୟ-ପଦ୍ୟ।

ଣୀ।—ଛନ୍ଦାବଳୀ ୨ୟ ଭାଗ।
—ଏକାର ୧ମ ଭାଗ।
—ସରଳକବିତା ବା କବିତାକଳାପ ବା ପଦ୍ୟପାଠ।

୪ର୍ଥ " —ଶବ୍ଦମାଳା ବା ବାଲକବନ୍ଧୁ ବା କୁସୁମକଳିକା।

---

ବ୍ୟାକରଣ।

୧ମ ଶ୍ରେଣୀ।—ସଂସ୍କୃତ ବ୍ୟାକରଣ।
୨ୟ " ଏକାର
୩ୟ " —ଭାଷାବ୍ୟାକରଣ ବା ବାଲବୋଧ ବ୍ୟାକରଣ।
୪ର୍ଥ " —ସରଳ ବ୍ୟାକରଣ।

---

ଭୂଗୋଳ।

୧ମ ଶ୍ରେଣୀ।—ଭୂଗୋଳ ପାଠ ଏବଂ ଦୁର୍ଗାଚରଣଙ୍କ ପ୍ରାକୃତ ଭୂଗୋଳ।
୨ୟ " —ଭୂଗୋଳ ପାଠ ବା ଭୂଗୋଳ ବିବରଣ।
୩ୟ " —ସରଳ ଭୂଗୋଳ ବା ଭୂଗୋଳସାର (ଗୋବିନ୍ଦ ରଥ) ବା ଦେବଙ୍କ ଭୂଗୋଳସାର।
୪ର୍ଥ " —ଦ୍ୱାରିବାବୁଙ୍କ ଓଡ଼ିଶାର ଭୂଗୋଳ ବା ଦେବଙ୍କ ଓଡ଼ିଶାର ଭୂଗୋଳ।

---

କ୍ଷେତ୍ରତତ୍ତ୍ୱ।

୧ମ ଶ୍ରେଣୀ।—ଉମାପ୍ରସାଦଙ୍କ କ୍ଷେତ୍ରତତ୍ତ୍ୱ।
୨ୟ " —ଉମାପ୍ରସାଦଙ୍କ କ୍ଷେତ୍ରତତ୍ତ୍ୱ ବା ଶିବନାରାୟଣଙ୍କ କ୍ଷେତ୍ରତତ୍ତ୍ୱ।
୩ୟ " —ଶିବନାରାୟଣ ବା ଉମାପ୍ରସାଦଙ୍କ କ୍ଷେତ୍ରତତ୍ତ୍ୱ।

---

ପାଟୀଗଣିତ।

୧ମ ଶ୍ରେଣୀ।—ଉମେଶଚନ୍ଦ୍ରଙ୍କ ପାଟୀଗଣିତ ୧ମ ଓ ୨ୟ ଭାଗ।
୨ୟ " — ଏକାର ଏକାର
୩ୟ " — ଏକାର ୧ମ ଭାଗ ବା ଅଙ୍କଶିକ୍ଷାମଞ୍ଜରୀ ବା ପ୍ରଥମାଙ୍କ ବା ଅଙ୍କପ୍ରବନ୍ଧ।
୪ର୍ଥ " —ଅଙ୍କ ବାଲ୍ୟଶିକ୍ଷା ବା ଗୋବିନ୍ଦରଥଙ୍କ ପାଟୀଗଣିତ ବା ସଦାଶିବଙ୍କ ପ୍ରଥମଭାଗ ପାଟୀଗଣିତ

---

ଇତିହାସ।

୧ମ ଶ୍ରେଣୀ।—ଭାରତ ଇତିବୃତ୍ତ।
୨ୟ " — ଏକାର

୩ୟ " —ଓଡ଼ିଶାର ସଂକ୍ଷିପ୍ତ ଇତିହାସ (ଦେବଙ୍କ ପ୍ରେସ) ବା ଜଗନ୍ମୋହନ ଲାଲଙ୍କ ଓଡ଼ିଶାଇତିହାସ।

---

କ୍ଷେତ୍ରପରିମାଣ।

୧ମ ଶ୍ରେଣୀ।—ଦ୍ୱାରିକବାବୁଙ୍କ କ୍ଷେତ୍ରପରିମାଣ।

---

ସ୍ୱାସ୍ଥ୍ୟରକ୍ଷା।

୧ମ ଶ୍ରେଣୀ।—ରାମକୃଷ୍ଣ ସାହୁଙ୍କ ଶରୀର ରକ୍ଷା

---

ବିଜ୍ଞାନ।

୧ମ ଶ୍ରେଣୀ।—ଦ୍ୱାରି ବାବୁଙ୍କ ଜଡ଼ବିଜ୍ଞାନ।
୨ୟ " —ଷ୍ଟୁଅର୍ଟ ସାହେବଙ୍କ ପଦାର୍ଥବିଜ୍ଞାନ।

---

୧୮୮୬-୮୭ ସାଲର ଉଚ୍ଚ ପ୍ରାଇମେରୀ ବିଦ୍ୟାଳୟମାନଙ୍କର ପାଠ୍ୟପୁସ୍ତକର ତାଲିକା।

---

ସାହିତ୍ୟ ଗଦ୍ୟ।

୧ମ ଶ୍ରେଣୀ।—ଉଦ୍ଭିଦ୍ ପାଠ।
୨ୟ " —ଜ୍ଞାନୋଦୟ ବା ବୋଧୋଦୟ ବା ହିତବୋଧ ବା ପାଠମାଳା ବା ଚାରୁପାଠ।
୩ୟ " —ବର୍ଣ୍ଣବୋଧକ (ସୋସାଇଟିର) ବା ବର୍ଣ୍ଣବୋଧକ (ଗୋବିନ୍ଦରଥ) ବା ବର୍ଣ୍ଣବୋଧକ (ଗୋବିନ୍ଦ ପଟ୍ଟନାୟକ) ବା ଶିକ୍ଷାମଞ୍ଜରୀ ବା ବାଲ୍ୟଶିକ୍ଷା ବା ପ୍ରଥମପାଠ ବା ପ୍ରଥମଶିକ୍ଷା ବା ବାଳବୋଧିନୀ।

---

ସାହିତ୍ୟ-ପଦ୍ୟ।

୧ମ ଶ୍ରେଣୀ।—କବିତାକଳାପ।
୨ୟ " —ଶବ୍ଦମାଳା।

---

ବ୍ୟାକରଣ।

୧ମ ଶ୍ରେଣୀ।—ବାଲବୋଧ ବ୍ୟାକରଣ ବା ଭାଷାବ୍ୟାକରଣ।
୨ୟ " —ସରଳ ବ୍ୟାକରଣ।

---

ଇତିହାସ।

୧ମ ଶ୍ରେଣୀ।—ଓଡ଼ିଶାର ସଂକ୍ଷିପ୍ତ ଇତିହାସ (ଦେବଙ୍କ ପ୍ରେସ)

---

Split by PDF Splitter

Digitized by srujanika@gmail.com

ଭୂଗୋଳ ।

୧ମ ଶ୍ରେଣୀ ।—ସରଳ ଭୂଗୋଳ ଓ ଦେବଙ୍କ ଓଡ଼ିଶାର ଭୂଗୋଳ ।

୨ୟ „ —ସରଳ ଭୂଗୋଳ ବା ଗୋବିନ୍ଦରଥ ବା ଦେବଙ୍କ ଭୂଗୋଳସାର ।

ପାଟୀଗଣିତ ।

୧ମ ଶ୍ରେଣୀ ।—ଅଙ୍କ ଶିକ୍ଷାମଞ୍ଜରୀ ବା ଅଙ୍କପ୍ରବନ୍ଧ ବା ପ୍ରଥମାଙ୍କ ବା ହେମଚନ୍ଦ୍ର କୃତ ପାଟୀଗଣିତ ।

୨ୟ „ —ଅଙ୍କ ବାଲ୍ୟଶିକ୍ଷା ବା ଗୋବିନ୍ଦରଥ ବା ସତ୍ୟଭଞ୍ଜଙ୍କ ପାଟୀଗଣିତ ।

କ୍ଷେତ୍ରତତ୍ତ୍ୱ ।

୧ମ ଶ୍ରେଣୀ ।—ଉମାପ୍ରସାଦ ବା ଶିବନାରାୟଣ କୃତ କ୍ଷେତ୍ରତତ୍ତ୍ୱ ।

କ୍ଷେତ୍ରପରିମାଣ ।

୧ମ ଶ୍ରେଣୀ ।—ସରଳପଦ୍ଧତି ବା ସରଳ କ୍ଷେତ୍ରପରିମାଣ ।

ନକ୍ସା ।

୧ମ ଶ୍ରେଣୀ ।—ଭୁବନେଶ୍ୱର ଦତ୍ତଙ୍କ ନକ୍ସାସୂତ୍ର ।

ସ୍ୱାସ୍ଥ୍ୟରକ୍ଷା ।

୧ମ ଶ୍ରେଣୀ ।—କନିଂହାମ ସାହେବଙ୍କ ସ୍ୱାସ୍ଥ୍ୟରକ୍ଷା ।

# ବିଜ୍ଞାପନ ।

। ୨ । କଟକ ମ୍ୟୁନିସିପାଲିଟୀ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ କଟକ ମ୍ୟୁନିସିପାଲିଟୀ-[illegible] ଅର୍ଥାତ୍ ତୋଳମଣ୍ଡାଇ ନିକଟରେ ଏକଗୋଟା ନୂତନ କାଞ୍ଜିହାଉସ ଚଳନ୍ତ ଜୁନମାସ ୧୫ ତାରିଖ ସୋମ ମଙ୍ଗଳବାର ଭୋର ଘଣ୍ଟାଠାରୁ ଖୋଲାଯିବ ଯେ କେହି ପଶୁ କାଞ୍ଜିହାଉସରେ ଦବାକୁ ଇଚ୍ଛା କରିବେ ସେମାନେ ଦସ୍ତୁର ମାଫିକେ ସେହିଠାରେ ଦେଇ ପାରିବେ ଓ ନିକଟବର୍ତ୍ତୀ ପଶୁସ୍ୱାମୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ ସେମାନେ ଅପଣା ୨ ପଶୁମାନଙ୍କର ଏପରି ବନ୍ଦୋବସ୍ତ କରିବେ ଯେ ଛାଡ଼ାଛଡ଼ା ନ ହୁଏ ।

ତା ୫ ରିଖ ମାହେ ଜୁନ ସନ ୧୮୮୬ ମସିହା ।

N. K. Das
Chairman

## NOTICE.

Wanted wholesale contractors for Earthwork of the Taldundah Canal, none need apply who cannot undertake to execute work of one mile about 62 lacks c. ft. or more, for particulars apply to

Gobin Chandra Das,
Sub-Engineer
Tirtole P. O.

## NOTICE.

Wanted an Inspector and a Head clerk & Sheristadar for the Excise Department of the Cuttack District salary Rs. 75 and Rs. 50 per mensem rising to Rs. 100 and Rs. 70 respectively. None need apply who has not a fair knowledge of English. Candidates for Inspectorship must be able to ride also.

Applications with testimonials will be received upto 28th Instant.

Cuttack collectorate }
The 8th June 1886. }
T. Inglis
*Offg. Collector.*

## NOTICE.

Wanted a Qanungo for the Excise Department of this District. Salary Rs. 50 per mensem, security Rs. 500. None need apply who has not a fair knowledge of English.

Applications with testimonials will be received upto 28th instant.

Katak Collte. }
The 8th June }
1886. }
T. Inglis
*Offg. Collector.*

## NOTICE.

Wanted an Assistant Master for the Cuttack Mission English High School. Salary 20 (twenty) rupees a month. One who has passed the Entrance Examination and has had some experience in teaching will be preferred.

The school will be opened next Monday morning 14th June at half past six.

A. H. Young.
*Secretary.*

## NOTICE.

The Superintending Engineer Orissa Circle is prepared to receive tenders for establishing a steam Ferry on the Grand Trunk Road ghat, on the Mahanuddy at Cuttack to be submitted not later than the 1st. July next.

The tolls on this ghat are now sold at an average of Rs. 5775 per annum, and if working expenses are added the probable receipts are approximately estimated at Rs. 8775. The persons tendering must however satisfy themselves as to the correctness of this estimate. The persons whose tenders will be recommended for acceptance will be required to enter into an agreement.

1st. to run a specified number of trips a day.

2nd. to charge tolls on a fixed schedule of rates.

3rd. to maintain a fixed establishment of boats and steamers.

In return, the lease of the Ferry and the sole right of levying tolls for a fixed term of years, to be agreed upon, will be made over to them.

Plans of the Ferry and further information may be obtained on application to the

Superintending Engineer
9—6—86
Orissa Circle
Cuttack.

## NOTICE.

Suringhy's Geograpy of Orissa (Engligh) Price 3½ annas. Highly recommended by the Joint Inspector of Schools, Orissa.

Oriya Key to Royal Reader No. III Part I. Price 5 Annas, Post free. (Shortly.)

Class-Notes from Geography, intended as a help to students preparnig for the Entrance. (Invaluable to students). Price 3 As. only or in rose-coloured paper 4 As. Post free. (Shortly.)

Apply to D. A. Suringhy Teacher, M. H. E. School, Cutt or Cuttack Printing Company.

[illegible]

GISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


ଭାଗ ୨୨ ଶ
ସଂ ୨୩ ସଂଖ୍ୟା

ତା ୧୧ ଇଙ୍ଗ ମାହେ ଜୁନ ସନ ୧୮୮୭ ମସିହା । ମୁ । ଆଷାଢ଼ ବ ୭ ଜ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୨ ୯ | ଟ ୨୯ |
| ଡାକମାସୁଲ | ଟ ୦ ୬ | ଟ ୧୯ |


ଷ୍ଟେଟସମାନ ସମ୍ବାଦପତ୍ର ନାମରେ ଅପବାଦ-ମୋକଦ୍ଦମା ଫୌଜଦାରୀ ଅଦାଲତରେ ଚଳୁଥିବାରୁ ତହିଁରେ ଜେରା ପ୍ରଶ୍ନ ନିମନ୍ତେ ପ୍ରସ୍ତୁତ ହେବା କାରଣ ଆସାମୀମାନେ ଅଦାଲତରୁ ଏକମାସର ମହଲତ ନେଇଥିଲେ । ତଦନୁଯାୟୀ ଚଳିତମାସ ତା ୮ ରିଖରେ ଉକ୍ତ ମୋକଦ୍ଦମା ପଡ଼ିବାରୁ ଆସାମୀମାନେ କହିଲେ ଯେ ମେଜେଷ୍ଟର ସାହେବ ସେମାନଙ୍କୁ ଦୌରାସୁପର୍ଦ୍ଦ କରିବାର ସ୍ଥିର କରିଥିବାରୁ ସେମାନେ ଏଠାରେ କୌଣସି ଜେରା ନ କରି ଦୌରା-ଅଦାଲତରେ ଜେରା କରିବା କାରଣ ଉପଦିଷ୍ଟ ହୋଇଅଛନ୍ତି ସୁତରାଂ ମେଜେଷ୍ଟର ସାହେବ ଆସାମୀମାନଙ୍କଠାରୁ ଜାମିନ ନେଇ ସେମାନଙ୍କୁ ଦୌରାସୁପର୍ଦ୍ଦ କରିଅଛନ୍ତି । ଆସାମୀମାନେ ମଧ୍ୟ କଲଟର କକ୍ସ ହେଡ଼ ସାହେବଙ୍କୁ ସାକ୍ଷୀ ମାନିଅଛନ୍ତି । ଦୌରା ବିଚାର ବଡ ଧୁମଧାମରେ ହେବ । ଆସାମୀମାନେ ନିମ୍ନଅଦାଲତରେ ଜେରା ନ କରି ଯାହା ଦୌରାମିସଲ ନିମନ୍ତେ ରଖି ଦେଲେ ତାହା ଉତ୍ତମ ହୋଇଅଛି । ଦେଖାଯିବ ।

---

କଲିକତାରୁ ଆସିଥିବା ସମ୍ବାଦମାନଙ୍କରୁ ପ୍ରକାଶ ଯେ ଆମ୍ଭମାନଙ୍କର ଭଲାଭସ୍ତ୍ର କମ୍ପସେକ୍ରେଟାରୀ ଷ୍ଟେଟମେଣ୍ଟର କମନ୍ସ ଗୃହରେ ବ୍ୟକ୍ତ କରିଅଛନ୍ତି ଯେ ଭାରତର ଅର୍ଥ କଷ୍ଟ ପଡ଼ିବା ଏବଂ ମାତ୍ର ପ୍ରଦେଶ ଓ ଅନ୍ୟାନ୍ୟ ରେଲବାଟ ନିର୍ମାଣ କାର୍ଯ୍ୟରେ ବର୍ତ୍ତମାନ ଅନେକ ଟଙ୍କା ଖର୍ଚ୍ଚ ହେଉଥିବାରୁ ନାଗପୁର ଓ ବଙ୍ଗ ରେଲ-ବାଟ ନିର୍ମାଣକାର୍ଯ୍ୟରେ ବିଲମ୍ବ ଘଟିଅଛି । ଏ ରେଲବାଟସ୍ଥ କମ୍ପାନୀ ପ୍ରୟୋଜନୀୟ ଓ ଖର୍ଚ୍ଚ ଟଙ୍କା ଯୋଗାଇ ପଡ଼ିଗଲେ କାର୍ଯ୍ୟ ଲାଗିବାରେ ବିଲମ୍ବ ହେବ ନାହିଁ ।— ଆମ୍ଭେମାନେ ଆଉ ଅଧିକ କ ବୋଲିବା ଶାସନକର୍ତ୍ତାମାନେ ଯେଉଁ ସ୍ୱଜନୀତି ଅବଲମ୍ବନ କରି କାର୍ଯ୍ୟ କରୁଅଛନ୍ତି ତହିଁରେ ଭାରତବାସିଙ୍କ ମଙ୍ଗଳସାଧନ ହେବା ଦୁରୂହ ହୋଇ ପଡ଼ିବ ଏବଂ ଭାରତଶାସନର ମୂଳମନ୍ତ୍ର ଭାରତବାସିଙ୍କ ମଙ୍ଗଳସାଧନ ବୋଲି ଯାହା ଶାମଣୀ ଭାଇସେରୟ ଆପଣା ବକ୍ତୃତାଦ୍ୱାରା ବହୁକାଳ-ପୂର୍ବରୁ ପ୍ରକାଶ କରିଅଛନ୍ତି ତହିଁରେ ଅସାରତା ପ୍ରତ୍ୟକ୍ଷ ହେବାରେ ବାଧା କ ଅଛି ? ବ୍ରହ୍ମଦେଶର ରେଲବାଟ ନିର୍ମାଣର କାର୍ଯ୍ୟକୁ ବିଳମ୍ବର କାରଣ ବୋଲି ନିମ୍ନ ସେକ୍ରେଟେରୀ ଯେ ବିଶେଷ କରି କହି ନ ଦେଲେ ଏହା ଅମ୍ଭମାନଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଅଛି ।

---

ଶୁଣା ଯାଏ ଯେ ଏଠା କଲେକ୍ଟୋରୀର ଏକାଉଣ୍ଟେଣ୍ଟ ବାବୁ ନବୀନଚନ୍ଦ୍ର ଚୌଧୁରୀ ଏହି ମାସ ମଧ୍ୟରେ ଛମାସର ଛୁଟି ନେବେ ଓ ତଦନ୍ତେ ଆଉ କାର୍ଯ୍ୟ ନ କରି ପେନସନ୍ ଗ୍ରହଣ କରିବେ । ଏହାଙ୍କର ବୟସ ଅଧିକ ହୋଇଅଛି । ଜଣେ ପରିଶ୍ରମୀ ଓ ବୃଦ୍ଧିଜ ଲୋକର ପ୍ରୟୋଜନ ହେବାରୁ ଏହାଙ୍କୁ ଶୀଘ୍ର ଅବସର ଗ୍ରହଣ କରିବାକୁ ହେଲା । ଏହି କର୍ମସମ୍ବନ୍ଧରେ ଜଣାଯାଏ ଯେ ଆମ୍ଭମାନଙ୍କର ନୂତନ କଲେକ୍ଟର ଇଂଲିସ ସାହେବ ଏଠା ଓଡ଼ିଆ-ମାନେ ହିସାବପତ୍ର କାର୍ଯ୍ୟରେ ସୁଦକ୍ଷ ନୁହନ୍ତି ସ୍ଥିର କରି ବଙ୍ଗଦେଶରୁ ଉପଯୁକ୍ତ ଲୋକ ଆଣି-ଇବେ । ଏକଥା ଯେବେ ସତ୍ୟ ହୁଏ ତେବେ ଆମ୍ଭମାନଙ୍କର ନୂତନ କଲେକ୍ଟର ଅତି ଅଳ୍ପ-ଦିବସ ମଧ୍ୟରେ ଓଡ଼ିଆମାନଙ୍କ ବୁଦ୍ଧି ଏପରି କଳ ନେବାରୁ ବୋଲିବାକୁ ହେଲା ଯେ ତାହାଙ୍କ ବୁଦ୍ଧି ଅତିତୀକ୍ଷ୍ଣ ଅବା ବିଭ୍ରମ । ଆମ୍ଭମାନଙ୍କ ମାନନୀୟ କମିଶ୍ନର ସାହେବ ଏଠାରେ ତାଙ୍କ ଅପେକ୍ଷା ବେଶିଦିନ ଅଛନ୍ତି କିନ୍ତୁ ତାଙ୍କ କାର୍ଯ୍ୟଗତିରୁ ଜଣା ହୁଏ ଯେ ସେ ଏଠା-ଲୋକଙ୍କର ବିଶେଷ ଉନ୍ନତି କାମନା କରନ୍ତି ଓ ମଧ୍ୟ ଚେଷ୍ଟା ପାଉଅଛନ୍ତି । ବାବୁ ଗୌରହରି ନାୟକ ଓ ବାବୁ ସଦାନନ୍ଦ ନାୟକ ଏହିବିଷୟର ଜ୍ୱଳନ୍ତ ଦୃଷ୍ଟାନ୍ତ । ଅମ୍ଭେମାନେ ଏକାନ୍ତ ଆଶା-କରୁଁ କି ଇଂଲିସ ସାହେବ ଆପଣାର ଭ୍ରମ ଛାଡ଼ି କମିଶ୍ନରସାହେବଙ୍କଠାରୁ ଉପଯୁକ୍ତ ଶିକ୍ଷା ଗ୍ରହଣ କରିବେ ।

---

କାଶ୍ମୀରର ନୂତନ ମହାରାଜା ପ୍ରତାପସିଂହ ସିଂହାସନରେ ବସିବାବେଳେ ବ୍ରିଟିସ ଗଭର୍ଣ୍ଣ-ମେଣ୍ଟ ସୁଯୋଗ ଦେଖି ସେଠାରେ ଜଣେ ରେସିଡେଣ୍ଟ ରଖାଇ ଦେଲେ । ଏଥିମଧ୍ୟରେ

Split by PDF Splitter

Digitized by srujanika@gmail.com

Split by PDF Splitter



ପାଇଓନିୟର ପ୍ରକାଶ କରଅଛନ୍ତି ଯେ କାଶ୍ମୀର ରାଜା ମୃତ୍ୟୁ ହେଲାରେ ଯେଉଁ ଗୋଳଯୋଗ ଉପସ୍ଥିତ ହୋଇଥିଲା ବର୍ତ୍ତମାନ ତାହାର ଚରମଦଶା ଉପସ୍ଥିତ ଅତଏବ ଆଶା ହୁଏ ଭାରତଗବର୍ଣ୍ଣମେଣ୍ଟ ସ୍ୱହସ୍ତରେ ରାଜ୍ୟଭାର ଗ୍ରହଣ କରବେ । ଏ ସମ୍ବାଦପତ୍ର ଇଂରାଜଗବର୍ଣ୍ଣମେଣ୍ଟଙ୍କ ମୁଖପାତ୍ର । ଏହାଙ୍କ ମୁଖରୁ ଏପରି ବାକ୍ୟ ଶୁଣି ସମସ୍ତେ ଅବାକ୍ ହୋଇଅଛନ୍ତି ଗୋଳମାଳର କାରଣ ପାଓନିଅର ଏହିପରି ଲେଖିଅଛନ୍ତି ବର୍ତ୍ତମାନ ରାଜାଙ୍କର ଅନ୍ୟ ଦୁଇଭାଇ ଅଛନ୍ତି । ସେମାନେ ରାଜକାର୍ଯ୍ୟର କେତେକ ଅଂଶ ଲୁଣ୍ଠାଲୁଣ୍ଠି କରୁଥିଲେ । ସେଠାର ରାଜମନ୍ତ୍ରୀ ବାବୁ ନୀଳାମ୍ବର ମୁଖର୍ଯ୍ୟାଙ୍କ ସହିତ ଦୁଇଭାଇଙ୍କର ମନ ଅମେଳ ହେବାରୁ ସେମାନେ ସ୍ୱରାଜକାର୍ଯ୍ୟ ସହିତ ସ୍ୱତ୍ୱ ତ୍ୟାଗପୂର୍ବକ ରାଜ୍ୟ ଛାଡ଼ି ଯିବାକୁ ମନସ୍ଥ କରିଅଛନ୍ତି । ମାତ୍ର ଏ କାରଣଟି ଆମ୍ଭମାନଙ୍କ ମନକୁ ଘେନୁ ନାହିଁ । ନୀଳାମ୍ବରବାବୁ ଦୀର୍ଘକାଳରୁ କାଶ୍ମୀରରେ ରହି ସେଠାର ଅନେକ ଉନ୍ନତି କରିଅଛନ୍ତି ବୋଲି ସମସ୍ତେ ସ୍ୱୀକାର କରୁଅଛନ୍ତି ଏବଂ ଏହି ଭାଇମାନେ ମଧ୍ୟ ଅନେକକାଳ ତାହାଙ୍କ ସହିତ କାର୍ଯ୍ୟ କରି ଆସୁଥିଲେ । ଏସ୍ଥଳେ ଆଜି ଏପରି ବିବାଦ କାହିଁକି ଉପସ୍ଥିତ ହେଲା ? ସେଠାରେ କୌଣସି ଗଣ୍ଡଗୋଳ ଉପସ୍ଥିତ ହୋଇଥିଲେ ରେସିଡେଣ୍ଟଙ୍କ ଅବସ୍ଥାନ ସମୟରୁ ତାହା ହୋଇଥିବାର ଅନୁମାନ ହେଉଅଛି ଏବଂ ଇଂରାଜଗବର୍ଣ୍ଣମେଣ୍ଟ ସେଠାରେ ଅକାରଣ ଜଣେ ରେସିଡେଣ୍ଟ ରଖାଇ ଶେଷରେ ରାଜ୍ୟଟି ନଷ୍ଟ ହେବାର ବାଟ କରି ଦେଇଅଛନ୍ତି ।

———

ଆମ୍ଭମାନଙ୍କର ଶାସନକର୍ତ୍ତାମାନେ ଏଣିକି ସ୍ୱଚ୍ଛନ୍ଦରେ ଭାରତ ଶାସନ କାର୍ଯ୍ୟକୁ ଖେଳ କରି ପାଇ ଆମୋଦରେ ଖେଳ ଲଗାଇ ଅଛନ୍ତି । ସୁତରାଂ ଲୋକଙ୍କୁ ଆଉ ଭାବିବାକୁ କେବ ନାହିଁ । ଅଳ୍ପଦିନ ତଳେ କଲିକତା ହାଇକୋର୍ଟରେ ଏହିପରି ଏକ ଖେଳର ଚର୍ଚ୍ଚା ହୋଇଥିଲା । ହୁଗ୍ଲିର କଲେକ୍ଟର ସାହେବ ଏକ ବଣ୍ଟୁଆରା ମୋକଦ୍ଦମାରେ ସନ ୧୮୭୬ ମସିହାର ବଙ୍ଗାଳି ଆ ୮ ଇନର ଧା ୩୪ ସ ମତେ ଡେପୁଟୀ କଲେକ୍ଟରଙ୍କ ପ୍ରତି ବଣ୍ଟୁଆରା କାର୍ଯ୍ୟ କରିବା କାରଣ ଆଦେଶ ଦଲେ । ଅପରପକ୍ଷରୁ ଅପୀଲ ହେବାରୁ କମିଶନର ସାହେବ କଚ୍ଛରରେ ଅପୀଲ ଡିସମିସ କଲେ । କମିଶନର ସାହେବଙ୍କ ହୁକୁମ ନାରାଜରେ ବୋର୍ଡରେ ଅପୀଲ ହେବାରୁ ବୋର୍ଡର ମେମ୍ବର ରେଭେନ୍ସଡନ୍ ସାହେବ କଲେକ୍ଟର ସାହେବଙ୍କ ରାୟ ରଦ କଲେ ମାତ୍ର ତହିଁର ବଚ୍ଛଦନ ହେରାରୁ ପୁଣି ସେହି ଅପୀଲବୋର୍ଡର ଅନ୍ୟ ଏକ ମେମ୍ବର କକରେଲ ସାହେବଙ୍କ ହଜୁରରେ ଆଗତ ହେବାରୁ ସେ ମହୋଦୟ କମିଶନର ସାହେବଙ୍କ ରାୟକୁ ବାହାଲ ରଖିଲେ । ପୁଣି ଗତ ମାର୍ଚ୍ଚ ମାସ ତା ୨୪ ରଖରେ ଉକ୍ତ ଉଭୟ ମେମ୍ବରଙ୍କ ସମ୍ମୁଖରେ ପୁନର୍ବିଚାରର ପ୍ରାର୍ଥନା ହେବାରୁ ସେମାନେ କମିଶନର ସାହେବଙ୍କ ରାୟକୁ ରଦ କଲେ । ବର୍ତ୍ତମାନ ହାଇକୋର୍ଟରେ ବୋର୍ଡର ଉକ୍ତ ତା ୨୪ ରଖର ହୁକୁମ ରଦ ହେବା ପ୍ରାର୍ଥନାରେ ଦରଖାସ୍ତ ଆଗତ ହେବାରୁ ଉକ୍ତ ହୁକୁମ କ ସକାଶେ ରଦ ନ ହେବ ତହିଁର କାରଣ ଦର୍ଶାଇବା ନିମିତ୍ତ ବୋର୍ଡପ୍ରତି ହାଇକୋର୍ଟରୁ ରୁଲ ଜାରି ହୋଇ ଅଛି ।—ପାଠକେ ! ହାଇକୋର୍ଟ ନ ଥିଲେ ଆମ୍ଭମାନଙ୍କ ଦଶା କ ହୁଅନ୍ତା ଥରେ ବିଚାର ଦେଖନ୍ତୁ । ଶାସନକର୍ତ୍ତାମାନେ ଯେବେ ଶାସନକାର୍ଯ୍ୟକୁ ଖେଳ କରି ପାଇ ଆମ୍ଭମାନଙ୍କୁ ପଣାକାଠିରେ ଗଡ଼ାଇବେ ତେବେ ଆମ୍ଭେମାନେ କାହାର ହେବୁ । ରାଜପ୍ରତିନିଧି ବଡ଼ଲାଟ ବାହାଦୁର ବଡ଼ ଲୋକ—ସେ ଏ ସବୁ ଖେଳକଥା କାହିଁକି ଦେଖିବାକୁ ଯିବେ ।

———

ଗତ ଅପ୍ରେଲମାସର ସେଣ୍ଟ୍ରେଲ ପ୍ରଭିନ୍ସେସ ନ୍ୟୁରେ ଉଲ୍ଲିଖିତ ହ୍ୟୁମଙ୍କର ସମାସ୍ତର ପାଠକରୁ ଆମ୍ଭମାନଙ୍କର ଏହି ଭାବନା ଉପସ୍ଥିତ ହୋଇଅଛି ଯେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଶାସନପ୍ରଣାଳୀ ଦନ୍ଦ ଯେତେ ଦୃଢ଼ତର ହେଉ ପଛକେ ସ୍ୱଜାତୀୟଙ୍କ ଦମନ ପକ୍ଷରେ ସମ୍ପୂର୍ଣ୍ଣରୂପେ ବିଫଳ ହେଉଅଛି । ସେମାନେ ଅଧୃତ ହେବାର କୌଣସି ଭରସା ଦିଶୁନାହିଁ । କ୍ରମଶଃ ଇଂରାଜମାନଙ୍କର ଅତ୍ୟାଚାର ବୃଦ୍ଧି ହେଉଅଛି ଓ ଗବର୍ଣ୍ଣମେଣ୍ଟ ଶୀଘ୍ର ଏଥିର ପ୍ରତିବିଧାନ ନ କଲେ ଅସନ୍ତୋଷତା ବୃଦ୍ଧି ହେବ ସନ୍ଦେହ ନାହିଁ । ସମାଚାରଟି ଏହି ।

ବସ୍ତୀରୁ ୮ କୋଶ ଦୂରବର୍ତ୍ତୀ ପାଲମକୋଟ ନାମକ ଏକ ଗ୍ରାମ ଅଛି ସେଠାରେ ମହାଦେବଙ୍କର ଗୋଟିଏ ମନ୍ଦିର ଅଛି ଏ ସ୍ଥାନକୁ ଶିକାର ଅନ୍ୱେଷଣ କରିବାପାଇଁ ଯାଇଥିବା ୨ ଜଣ ଗୋରା ଆସିଲେ ଆଉ ମନ୍ଦିରରେ ବସିଥିବା ମୟୂରକୁ ଗୁଳି ମାରିଲେ-ସେ ମୟୂର ଆଘାତ ହୋଇ ଶିବଙ୍କ ଆଳୟରେ ପତିତହେଲା-ତାକୁ ଧରିବାନିମନ୍ତେ ସେମାନେ ଶୀଘ୍ର ଶିବାଳୟରେ ପଶିଗଲେ-ସେ ସ୍ଥାନର ପୂଜାରି ସେମାନଙ୍କୁ ଯିବା ପାଇଁ ମନା କଲା ମାତ୍ର କିଏ ମାନୁଛି ? ଏମନ୍ତ କହୁବା କାଳେ ସେମାନେ ତାହାର ପେଟରେ ବନ୍ଧୁକର ନଳୀ ଲଗାଇଦେଲେ ଯଦ୍ଦ୍ୱାରା ସେ ନିର୍ଦ୍ଦୋଷୀ ବ୍ରାହ୍ମଣ ତତ୍କ୍ଷଣାତ ଭୂମିସାତ ହୋଇ ପଞ୍ଚତ୍ୱ ଲଭିଲା ଏହି ମୃତବ୍ୟକ୍ତିର ନାମ କୃଷ୍ଣଚନ୍ଦ୍ର, ଜାତିରେ ବ୍ରାହ୍ମଣ, ବୟସ ୧୮ ବା ୧୯ ବର୍ଷ ହେବ ଉକ୍ତ ମୟୂରକୁ ସେ ପୋଷିଥିଲା -ସେମାନେ ମହାଦେବଙ୍କର ଲିଙ୍ଗପ୍ରତି ନିତାନ୍ତ ଅପ୍ରତିଷ୍ଠା କଲେ । ଗ୍ରାମବାସିମାନେ ସେମାନଙ୍କୁ ଧରିବାକୁ ଚେଷ୍ଟା କଲେ ମାତ୍ର ଧରିପାରିଲେ ନାହିଁ ସେମାନେ ପଳାଇଗଲେ-କେବଳ ଦୁଇଜଣ ଗୋରା ଧରାପଡ଼ିଲେ-ଏମାନେ ଅସାର ପାଇଅଛନ୍ତି ମାତ୍ର ବନ୍ଧୁକ ଅଛି । ଏହି ଘୋର ଅପରାଧନିମନ୍ତେ ସମସ୍ତ ଗ୍ରାମବାସି ଓ ପୋଲିସ ଅମଲାମାନେ ସାକ୍ଷ୍ୟ ହୋଇଅଛନ୍ତି ଉକ୍ତ ବ୍ରାହ୍ମଣର ମୃତଦେହ ଡାକ୍ତରଖାନାରେ ପଡ଼ିଅଛି ଆଉ ଉକ୍ତ ସାହେବ ଏହାକୁ ଚିରାଫାଡ଼ି ପରୀକ୍ଷା କରିଅଛନ୍ତି-ଧର୍ମବିଷୟର ନାରଖାର ଦେଖି ସ୍ଥାନୀୟଗଣସ୍ତ ହିନ୍ଦୁ ମୁସଲମାନ ଉଭୟ ଜାତି ଅତ୍ୟନ୍ତ ଦୁଃଖିତ ଅଛନ୍ତି ଗ୍ରାମବାସିମାନେ ନିତାନ୍ତ ନିର୍ଭଙ୍ଗ ଅଛନ୍ତି ଏ ନିମନ୍ତେ ମକଦ୍ଦମା କରିପାରୁ ନାହାନ୍ତି ·ଆଶା କରୁ ଯେ ଅପରାଧିଙ୍କି ଦଣ୍ଡ ମିଳିବ ।

———

ଅମ୍ବୁଚେଶ୍ୱରପରଗଣାରେ ପଦ୍ମପଡ଼ାଗୋଟିଏ ପ୍ରଧାନ ଗ୍ରାମ । ଏଠାରେ ଅନେକ କରଣ ଏବଂ ଅନ୍ୟାନ୍ୟ ଭଦ୍ରଲୋକ ବାସ କରନ୍ତି । ଏହି ଗ୍ରାମରୁ ଦକ୍ଷିଣପଡ଼ା ଗ୍ରାମକୁ ଯିବାଆସିବାର ଗୋଟିଏ ପ୍ରଶସ୍ତବାଟ ଏକ ପୁରାତନ ସରକାରୀବନ୍ଧଉପରେ ପଡ଼ିଅଛି । ବର୍ତ୍ତମାନକୁ ବନ୍ଧର ପ୍ରୟୋଜନତା ଅଦୃଶ୍ୟ ହୋଇଥିଲେ ହେଁ ତାହା ସଡ଼କସ୍ୱରୂପ ବ୍ୟବହାର ହେଉଥିବାରୁ ଉଭୟ ଗ୍ରାମବାଟେ ଯିବା ଆସିବା କରିବା ଲୋକଙ୍କର ବଡ଼ ସୁବିଧା ହେ... ଇଅଛି । ପ୍ରାୟ ଛଅବର୍ଷ ହେଲା ଏହି ଦୁଇ... ମଧ୍ୟରେ ଥିବା ବନ୍ଧ ବା ସଡ଼କବାଟକୁ... ବାଦକମାସ୍ତର କର୍ମଚାରୀମାନେ ଗୋଟିଏ... ଜାଲ ପ୍ରସ୍ତୁତ କରିଅଛନ୍ତି । ବଜେ... ସମ୍ପାଦକଙ୍କର ଗତବର୍ଷ ୭୮ ପୃଷ୍ଠେ

Digitized by srujanika@gmail.com

Split by PDF Splitter



ଉଚ୍ଚତାର ପ୍ରାୟ ୧୦ ଫୁଟ ହେବ । ନାଳର ଦୁଇ-ପାଶ କାନ୍ଥ ପ୍ରାୟ ଛଡାହୋଇ ଅଛି । ଏପରି ଅବସ୍ଥାରେ ନାଳ ପାରହେବା କେମନ୍ତ କଷ୍ଟକର ପାଠକମାନେ ଅନୁଭବ କରିପାରିବେ । ବର୍ଷାବେଳେ ଏ ବାଟରେ ଯିବାଆସିବା କଠିନ ଏବଂ ଅନ୍ଧାରରାତ୍ରିରେ ଏକପ୍ରକାର ଦୁଃସାଧ୍ୟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ବାସ୍ତବରେ ଆମ୍ଭେମାନେ ବିଶ୍ୱସ୍ତସୂତ୍ରରେ ଅବଗତ ହେଲୁଁ ଯେ କେତେଥର ମନୁଷ୍ୟ ଓ ପଶୁ ଏଠାରେ ଛଟଡାଖାଇ ବ୍ୟଥା ପାଇଅଛନ୍ତି । ନାଳ ଏକଦାର କର୍ମଗ୍ରହମାନେ ନାଳ ବାନ୍ଧ ବାନ୍ଧିବ ଏପ୍ରକାର ବିପଦଜନକ ଅବସ୍ଥାରେ କ ରଖିଅଛନ୍ତି ଛଡ଼ ଦେଇଅଛନ୍ତି ବୁଝିବାର କଠିନ । ସଫାଇକାଳ ଖୋଲିବା ସଙ୍ଗେ ଏଠାରେ ଗୋଟିଏ ଘଟ ଜମିଣ କରିବା ଉଚିତ ଥିଲା । ଅନ୍ତତଃ ନାଳର ଦୁଇପାଖ ଢାଲୁକରି ଖୋସଡା ବାଟଟିଏ କରିଦେଇଥାନ୍ତେ । ନାଳକର୍ମଗ୍ରହମାନେ ସଫାଇକାଳ ଜମିଣସମୟରେ ଲୋକଙ୍କ ସୁବିଧାପ୍ରତି ଆଦୌ ଦୃଷ୍ଟି ନ ରଖିବାର ଗୋଟିଏ ପ୍ରଧାନ ଉଦାହରଣ ଏହାକୁ ବୋଲିଯିବ । ସେମାନେ ନ ଜାଣି ନ ଶୁଣି ଗୋଟିଏ ପ୍ରଧାନ ବାଟର ଏମନ୍ତ ଅନିଷ୍ଟ କରିଅଛନ୍ତି ଏପରି ବୋଲିଯାଇ ନ ପାରେ କାରଣ ଗ୍ରାମବାସିମାନେ ପୁନଃ ପୁନଃ ତାହାଙ୍କର ମନୋଯୋଗ ଆକର୍ଷଣ କରିଅଛନ୍ତି ଏବଂ ତହିଁରେ ମଧ୍ୟ ସେମାନେ ସ୍ୱୟଂ କିଛି ନ କରି କେବଳ ରୋଡସେସ ମହକୁମାରେ ଆବେଦନ କରିବାଲାଗି ଲୋକଙ୍କୁ ପରାମର୍ଶ ଦେଇଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଏପରି ପରାମର୍ଶ ଅନ୍ୟାୟ ଅଟଇ । ନାଳକର୍ମଗ୍ରହମାନେ ଗୋଟିଏ ସାଧାରଣ ବାଟରେ ଅନିଷ୍ଟ ଉତ୍ପାଦନ କଲେ ଆଉ ରୋଡସେସ ମହକୁମା କିସକାରଣେ ତହିଁର ପ୍ରତିକାର ନିମିତ୍ତ ଟଙ୍କା ବ୍ୟୟ କରିବେ ଓ କେଉଁ ନ୍ୟାୟରେ ଅବା ରୋଡସେସକମିଟୀରେ ଏ ବିଷୟରେ ଆବେଦନ କରିବାକୁ ହେବ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ନାଳଏକାର କର୍ତ୍ତୃପକ୍ଷମାନେ ସୁବିଚାର କରିବାକୁ ପ୍ରବୃତ୍ତ ହୋଇ ଲୋକଙ୍କର କଷ୍ଟ ଦୂର କରିବାକୁ ଶୀଘ୍ର ଯତ୍ନବାନ୍ ହେବେ । ଏଠାରେ ଲେଖିବା ବାହୁଲ୍ୟ ଯେ ଏହି ସଫାଇକାଳ ପ୍ରସ୍ତୁତ କରିବା ଆଦୌ ଆବଶ୍ୟକ ନ ଥିଲା । କେବଳ ନାଳର ରକ୍ଷା ହେବା ଉପାୟରେ ଏହା ହୋଇ ଅଛି ଏବଂ ଅଧିକ ଦଣ୍ଡସ୍ୱରୂପ ଗ୍ରାମବାସିଙ୍କର ଯିବା ଆସିବାର ଅସୁବିଧା ମଧ୍ୟ ସମ୍ପାଦିତ ହୋଇଅଛି । କସ୍ପନର କଥା ।

---

### ବିଲାତର ପାର୍ଲିମେଣ୍ଟ ଭଙ୍ଗ ।

ଆୟର୍ଲଣ୍ଡର ଶାସନସମ୍ବନ୍ଧୀୟ ଗ୍ଲାଡ଼ଷ୍ଟୋନ ସାହେବଙ୍କର ପାଣ୍ଡୁଲିପି ଯେଉଁ ବିଲାତରେ ଘୋର ଆନ୍ଦୋଳନ ଚଳୁଥିଲା । ଉକ୍ତ ପାଣ୍ଡୁଲିପି ଦ୍ୱିତୀୟଥର ପାଠ କରାଯିବ କି ନା ଏ ସମ୍ବନ୍ଧରେ ମତ ବଇନତା ଉପସ୍ଥିତ ହେବାରୁ ସପକ୍ଷ ଓ ବିପକ୍ଷ ବାଦଙ୍କର ସଂଖ୍ୟା ଗତ ମାସ ତା ୮ଉଣରେ ଗୃହୀତ ହୋଇଥିଲା । ତହିଁରେ ମନ୍ତ୍ରିବର୍ଗଙ୍କ ପାଣ୍ଡୁଲିପି ଦ୍ୱିତୀୟଥର ପାଠ ହେବାପକ୍ଷରେ ନ ୩୧୧ ଣ ସଭ୍ୟ ମତ ପ୍ରଦାନ କଲେ ମାତ୍ର ବିପକ୍ଷରେ ନ ୩୪୧ ଣ ମତ ହେବାରୁ ପାଣ୍ଡୁଲିପିଟି ଦ୍ୱିତୀୟଥର ପାଠ ହୋଇପାରିଲା ନାହିଁ । ସୁତରାଂ ଗବର୍ଣ୍ଣମେଣ୍ଟ ହାରିଗଲେ । ତେଣୁ ଏ ପାର୍ଲିୟାମେଣ୍ଟଦ୍ୱାରା କାର୍ଯ୍ୟ ଚଳିବାର ଅସମ୍ଭବ ଓ ନୂତନ ପାର୍ଲିୟାମେଣ୍ଟ ସଂଗଠନ ହେବାର ସମୟ ପଡିଗଲା । ମନ୍ତ୍ରିବର୍ଗଙ୍କ ପରାମର୍ଶ ମତେ ଇଂଲଣ୍ଡେଶ୍ୱରୀ ବର୍ତ୍ତମାନର ପାର୍ଲିୟାମେଣ୍ଟ ଭଙ୍ଗି ଦେବାରୁ ସମ୍ମତ ହୋଇ ତହିଁ ନିମିତ୍ତ ଗତ ମାସ ତା ୨୬ଉଣ ଧାର୍ଯ୍ୟ କରିଅଛନ୍ତି । ସୁତରାଂ ଅତି ଅଳ୍ପଦିନମଧ୍ୟରେ ପୁନର୍ବାର ସଭ୍ୟନିର୍ବାଚନର ଧୂମ ଲାଗିଯିବ ପ୍ରକୃତରେ ଏଥି ମଧ୍ୟରେ ନୂତନ ପାର୍ଲିମେଣ୍ଟର ପଦ୍ମ୍ୟାକାଙ୍କ୍ଷୀମାନେ ସାରଦେଶ ଧରି ରଙ୍ଗଭୂମିରେ ତର୍ଜନ ଗର୍ଜନ ଆରମ୍ଭ କଲେଣି । ବୃଦ୍ଧ ଗ୍ଲାଡ଼ଷ୍ଟୋନ ସାହେବ ସ୍ୱଦେଶର ମତ ଜାଣିବା କାରଣ ଏ ଉଦ୍ୟାଣ ବାହାର କରି ଚତୁରତାର କାର୍ଯ୍ୟ କରିଅଛନ୍ତି ଯେବେ ଧର୍ମ ଓ ନ୍ୟାୟ ଓ ମନୁଷ୍ୟତାର ବଳ କିଛି ରହିଲେ ଅଧିକ ଥିବ ତେବେ ଆଏରଲଣ୍ଡର ସମ୍ପର୍କରେ ତାହାଙ୍କ ପ୍ରସ୍ତାବିତ ବ୍ୟବସ୍ଥା ଅନୁକୂଳ ହେବ, ଅନ୍ୟଥା ସେ ପରାସ୍ତ ହେଲେ ମଧ୍ୟ ଦୁଃଖିତ ହେବେ ନାହିଁ । ସେ ଆପଣା କର୍ତ୍ତବ୍ୟ କରିଅଛନ୍ତି ଫଳ ଘଟାଇ ପାରିବା ସ୍ୱରୂପେ ନେଲେ ସାଧ୍ୟାୟତ୍ତ ନୁହଇ । ଫଳତଃ ଗ୍ଲାଡ଼ୋଷ୍ଟୋନ ସାହେବ ହାରନ୍ତୁ ବା ଜିଣନ୍ତୁ ଆୟର୍ଲଣ୍ଡକୁ ଯେଉଁମାନେ ବଳପୂର୍ବକ ଶାସନ କରିବାକୁ ବସିଅଛନ୍ତି ସେମାନଙ୍କ ମାନସ ପୂର୍ଣ୍ଣ ହେବ ନାହିଁ । ଆୟର୍ଲଣ୍ଡବାସୀମାନେ ଅଚିରେ ଆତ୍ମଶାସନ ଅଧିକାର ଲାଭ କରିବେ ଏବଂ ଇଂରାଜଗବର୍ଣ୍ଣମେଣ୍ଟ ଆପଣା ସ୍ୱଖେ ତାହା ପ୍ରଦାନ ନ କଲେ ବାଧ୍ୟପ୍ରସ୍ତ ହୋଇ ତାହା କରିବେ । ଛମାସ ଅନ୍ତରେ ପାର୍ଲିୟାମେଣ୍ଟସଭା ବଦଳ ହେବା ପ୍ରଥାର ବିଷୟ ନୁହଇ । ଏଥିରୁ ସନ୍ଦେହ ହେଉଅଛି ଯେମନ୍ତ ବିଲାତର ରାଜନୀତି କ୍ଷୀଣ ଉଣା ପଡି ଆସୁଅଛି ନତୁବା ନ୍ୟାୟବିଚାର କରିବାରେ ଏତେ ମତଭେଦର କାରଣ କିସ ?

---

### କଣ୍ଟା ଭୁଜଙ୍ଗ ବନାମ କର ସାହେବ ।

ବର୍ତ୍ତମାନ ରାଜମାତାଙ୍କପକ୍ଷୀୟ ଭୁଜଙ୍ଗ ଓଝାର କେତେକ ଲୋକ ଏଠା କାହାର ମେଜେଷ୍ଟ୍ରର କର ସାହେବଙ୍କର କେତେକ ଅନ୍ୟାୟ ହୁକୁମ ବିରୁଦ୍ଧରେ ହାଇକୋର୍ଟରେ ପୁନର୍ବାର ମୋସନ କରିଥିବାରୁ ତହିଁରେ ଗୋଟିଏ ମୋକଦ୍ଦମାରେ କର ସାହେବଙ୍କ ହୁକୁମ ରଦ ଓ ଅନ୍ୟ ତିନଗୋଟି ମୋକଦ୍ଦମା ପୁଣ ଜଇନ୍ଥା ମେଜେଷ୍ଟ୍ରରଙ୍କୁ ସୁପର୍ଦ୍ଦ ହୋଇଥିବା ବିଷୟ ଯଥା ସମୟରେ ପାଠକମାନଙ୍କୁ ଜଣାଇଥିଲୁଁ ଉକ୍ତ ହାଇକୋର୍ଟଙ୍କ ରାୟ ହୁକୁମସମ୍ବନ୍ଧ ଷ୍ଟେଟ୍ସମ୍ୟାନ ସମ୍ବାଦପତ୍ରରେ ପ୍ରକାଶିତ ହୋଇ ଅଛି । ହାଇକୋର୍ଟଙ୍କ ରାୟ ଯେପରି ଦୀର୍ଘ ସେହିପରି ସାରବାନ୍ ଅଟଇ । ଆମ୍ଭେମାନେ ଉକ୍ତରୂପ ହୁକୁମ ଶୁଣିଲକ୍ଷଣି ଯେରୂପ ଅନୁମାନ କରିଥିଲୁଁ ହାଇକୋର୍ଟର ବିଚାରପତିମାନେ ଟିପ୍ପଣୀରେ ସେହିରୂପ ଲେଖିଥିବାର ଦେଖାଯାଏ । କର ସାହେବ ବର୍ତ୍ତମାନ କୋର୍ଟସ ଅଫ୍ ୱାର୍ଡ୍ସ ପକ୍ଷରୁ ଯେଉଁ ସମସ୍ତ କାର୍ଯ୍ୟ କରି ଗଲେ ତାହା ନଙ୍ଗେ ଜୁଲମବାଜ ଜମିଦାରର ଗୁମାସ୍ତାଦ୍ୱାରା ହେବା ମଧ୍ୟ ସମ୍ଭବ ନୁହଇ ଏବଂ ପ୍ରତିପଦରେ ସ୍ୱେଚ୍ଛାଚାରିତାର ଏକ ଶେଷ ବିଦ୍ୟମାନ ହେଉଅଛି । ଏକଥରରେ ବୋର୍ଡଙ୍କ ଆଦେଶ ଏବଂ ଅନ୍ୟ ଥରରେ ବର୍ତ୍ତମାନର କଲେକ୍ଟର ବକ୍ସ ହେଡ ସାହେବଙ୍କ ଅନୁରୋଧ ପଣ ଏହି ଦୁଇଥରେ କର ସାହେବ ଏକାବେଳକେ ଆପଣା କର୍ତ୍ତବ୍ୟ କର୍ମ ଭୁଲିଯାଇ ଯେତେଦୂର ବେଆଇନ୍ କାର୍ଯ୍ୟ ହୋଇପାରେ ତାହା କରିବାରୁ କ୍ଷାନ୍ତ ହେଲେ ନାହିଁ । ଯେବେ ହାଇକୋର୍ଟ ନ ଥାନ୍ତି ତାହା ହୋଇଥିଲେ ଯେ କର ସାହେବ କେତେ ଦୂର ଯାଇଥାନ୍ତେ ବୋଲିଯାଇ ନ ପାରେ । କଣ୍ଟା ଭୁଜଙ୍ଗ କାହାର ? ମହାରାଣୀ କହିବେ ତାଙ୍କର ଏବଂ କୋର୍ଟ ଅଫ ୱାର୍ଡସ କହିବେ ତାଙ୍କର । ଯେତେବେଳେ କଲେକ୍ଟର ବିବସ୍ତାରେ

Digitized by srujanika@gmail.com

Split by PDF Splitter



ମହାରାଣୀଙ୍କ ନାମ ଦର୍ଜଅଛି ଏବଂ କୋର୍ଟ ଅଫ ୱାର୍ଡ଼ସ୍ ବେନାମୀ ବୋଲି ଏହା ହସ୍ତଗତ କରିବାକୁ ଗୃହଲକ୍ଷ୍ମୀ ମହାରାଣୀ ଆପତ୍ତି କଲେ ଯେତେବେଳେ ବୋର୍ଡ ଅଥବା କଲେକ୍ଟର ସାହେବଙ୍କର ଏ କ୍ଷମତା ଅଛି ଯେ ଆପଣାଙ୍କ ଦେରସ୍ତା ମଧ୍ୟରେ ବସି ବିନା ବିଚାରରେ ସ୍ୱେଚ୍ଛାମତେ ରେଜିଷ୍ଟ୍ରାରୁ ଜଣଙ୍କର ନାମ କାଟି ଦେଇ ଅପର ଜଣଙ୍କର ନାମ ଦର୍ଜ କରିଦେବେ । କଷ୍ଟ ସାହେବ ହାଇକୋର୍ଟ ମୋସନସମୟରେ ଯେଉଁ ଅଫିଡେଭିଟ୍ ଏଠାରୁ ହାଇକୋର୍ଟକୁ ପଠାଇଥିଲେ ତହିଁରେ ସେ ଲେଖିଥିଲେ ଯେ ବର୍ତ୍ତମାନର ରାଜମାତା ଭୁଇଁଙ୍ଗରେ ଦଖଲକାର ନ ଥିବାର ସେ ବିଶ୍ୱାସ କରନ୍ତି । ଏଥିକି ହାଇକୋର୍ଟ ଯଥାର୍ଥ ବୋଲିଅଛନ୍ତି କି ସେପରି ହୋଇଥିବ ମାତ୍ର ଆଇନ ମେଜିଷ୍ଟ୍ରେଟ ସାହେବଙ୍କ ବିଶ୍ୱାସ ବା ମତ ବୁଝେ ନାହିଁ, ଉକ୍ତ ବିଷୟ ବିଚାରକ ହୋଇ ନିଷ୍ପତ୍ତି ହେବା ଉଚିତ ।

ହାଇକୋର୍ଟର ପ୍ରଥମ ମୋସନ ଗତ ଡିସେମ୍ବର ମାସ ତା ୧୪ ରିଖରେ ନିଷ୍ପତ୍ତି ହେଲାରୁ ସେହି ମାସ ତା ୨୧ ରିଖରେ କୋର୍ଟ ଅଫ ୱାର୍ଡ଼ସର ହେଡ ମୋହରର ରାଜମାତାଙ୍କ ପକ୍ଷରୁ ବସ୍ତିରେ ବଳପୂର୍ବକ ଦଖଲବସାଇବାର ଉଦ୍ୟମ ହେଉଥିବା ଇତ୍ୟାଦି ମର୍ମରେ ମେଜିଷ୍ଟ୍ରେଟ ସାହେବଙ୍କ ଛାମୁକୁ ରିପୋର୍ଟ କଲେ ମେଜିଷ୍ଟ୍ରେଟ ସାହେବ ପୁଲିସ ଇନ୍‌ସ୍ପେକ୍ଟର ହିଗିନ୍ସ ସାହେବଙ୍କ ପ୍ରତି ଆଦେଶ କଲେ ଯେ ବସ୍ତି ଇଲାକାର ସମୁଦାୟ କଚେରିରେ କୋର୍ଟ ଅଫ ୱାର୍ଡ଼ସର ମାନେଜରଙ୍କର ଯେପରି ଦଖଲ ରହିବ ତହିଁପ୍ରତି ଦୃଷ୍ଟି ରଖିବେ ଏବଂ ଯେ କେହି ଅସୁଲ କାର୍ଯ୍ୟରେ ବାଧା ଜନ୍ମାଇବ ତାହାକୁ ଚାଲାଣ ଦେବେ । ଅର୍ଥାତ ଯେଉଁ ବିବାଦରେ ଅଦାଲତର ନିଷ୍ପତ୍ତି ଅବଶ୍ୟକ କରେ ତହିଁରେ ମେଜିଷ୍ଟ୍ରେଟ ବେଆଇନ ଆଦେଶ କରି ଏକପକ୍ଷର ଦଖଲ ବଳପୂର୍ବକ କାଏମ କଲେ । ଏହି ସମୟରେ ରାଜମାତାଙ୍କ ପକ୍ଷରୁ କେତେକ ଲୋକ ଖଜଣା ଅସୁଲ କରିବାରେ ନିଯୁକ୍ତ ଥିବାରୁ ସେମାନଙ୍କୁ ଗିରଫ କରିବା କାରଣ ଜ ୧୬ ଣ ପୁଲିସକନେଷ୍ଟବଲ ପଠାଇବା ପ୍ରାର୍ଥନାରେ ଆଉ ଏକଖଣ୍ଡ ଦରଖାସ୍ତ ହୋଇଥିଲା । ଏହି ଦରଖାସ୍ତ ଉପରେ ମେଜିଷ୍ଟ୍ରେଟ ଅଧିକା ଜ ୮ ଣ କନେଷ୍ଟବଲ ପଠାଇବାର ଆଦେଶ କରି ଗୋପୀନାଥ ପାଣିଗ୍ରାହୀ ଇତ୍ୟାଦି କେତେକ ଜଣ ରାଜମାତାଙ୍କ ଦକ୍ଷ କର୍ମଚାରୀଙ୍କି ବିଶେଷ କନେଷ୍ଟବଲସ୍ୱରୂପ ନିଯୁକ୍ତ କରିବାର ଇଚ୍ଛା ପ୍ରକାଶ କଲେ । ମେଜିଷ୍ଟ୍ରେଟଙ୍କର ଇଚ୍ଛା ମୋଫସଲରେ ଅଧୀନସ୍ଥ କର୍ମଚାରୀଙ୍କର ଆଇନସ୍ୱରୂପ । ଇନ୍‌ସପେକ୍ଟର ହିଗିନ୍ସ ସାହେବ ଓ ପ୍ରଗତବାବୁ ଡେପୋଟି ମେଜିଷ୍ଟ୍ରେଟ ଉଭୟେ ମିଳି ବସ୍ତି ଇଲାକାରେ ଶାନ୍ତି ଭଙ୍ଗର ଆଶଙ୍କା ଥିବା ଓ ଶାନ୍ତିରକ୍ଷାର୍ଥି ଯଥେଷ୍ଟ ପୁଲିସବଳ ନ ଥିବାର ରିପୋର୍ଟ କରିବାରୁ କଷ୍ଟ ସାହେବ ଦଶଜଣ ଲୋକଙ୍କୁ ବିଶେଷ କନେଷ୍ଟବଲସ୍ୱରୂପ ନିଯୁକ୍ତ କରିବାକୁ ଆଦେଶ କଲେ । ମେଜିଷ୍ଟ୍ରେଟଙ୍କ ଏକାର୍ଯ୍ୟରୁ କେହିଁ ଲୋକ ବୁଝି ନ ପାରନ୍ତି ସେ ରାଜମାତାଙ୍କ ପକ୍ଷୀୟ ଲୋକଙ୍କୁ ଖଜଣା ଅସୁଲ କରିବାକୁ ନ ଦେବା ମାନସରେ ମେଜିଷ୍ଟ୍ରେଟ ଏରୂପକାର୍ଯ୍ୟ କରିଥିଲେ ? ହାଇକୋର୍ଟରେ ମେଜିଷ୍ଟ୍ରେଟ ଏହି ଅଭିପ୍ରାୟର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିଥିବା ମର୍ମରେ ଦରଖାସ୍ତ ଆଗତ ହୋଇଥିଲା ମାତ୍ର ମେଜିଷ୍ଟ୍ରେଟ ସାହେବ ଆପଣା ଆଫିଡେଭିଟରେ ଏକାନ୍ତରେ ବସ୍ତି ଇଲାକାରେ ଶାନ୍ତି ଭଙ୍ଗର ଆଶଙ୍କା ଥିବା ବିଷୟ ଏଥିର କାରଣ ବୋଲି ଲେଖିଥିଲେହେଁ ତାଙ୍କର ଯେ ଉକ୍ତ ଅଭିପ୍ରାୟ ନ ଥିଲା ଏରୂପ କହିଲେ ନାହିଁ । ଯେଉଁଠାରେ ଶାନ୍ତିରକ୍ଷାର୍ଥ ପୁଲିସଦଳ ଯଥେଷ୍ଟ ନ ଥାଏ ସେଠାରେ ଉପଯୁକ୍ତ ଲୋକଙ୍କୁ ବିଶେଷ କନେଷ୍ଟବଲସ୍ୱରୂପ ନିଯୁକ୍ତପୂର୍ବକ ଦଙ୍ଗା ହଙ୍ଗାମାଦ ନିବାରଣ କରିବା ଆଇନର ମର୍ମ ଅଟଇ ମାତ୍ର ସେ ଆଇନକୁ ଟାଣି ଟୁଣି କରି କର୍ମକ୍ଷମଲୋକଙ୍କୁ କନେଷ୍ଟବଲସ୍ୱରୂପ ନିଯୁକ୍ତ କରି ତାଙ୍କୁ ଅପ୍ରବୃତ୍ତିରେ ରଖିବା ଦ୍ୱାରା ଅପର ପକ୍ଷକୁ ଅନ୍ୟାୟରୂପେ ହଟଷ୍ଟ କରିବା ସ୍ପଷ୍ଟ ଦେଖାଯାଉ ଅଛି । ଏହି ଦଶଜଣଙ୍କ ମଧ୍ୟରୁ ରାମକୃଷ୍ଣବଳବନ୍ତସ୍ଥ ଉପସ୍ଥିତ ନ ହେବାରୁ ତାହାକୁ ପୁଲିସ ଗିରଫ କରି ମେଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥିତ ହେବା କାରଣ ମୁଚଲିକା ନେଇଥିଲେ ଏବଂ ଗୋପୀନାଥ ପାଣିଗ୍ରାହୀଠାରୁ ଇନ୍‌ସପେକ୍ଟରଙ୍କ ସମ୍ମୁଖରେ ଉପସ୍ଥିତ ହେବା କାରଣ ଜାମିନ ନିଆଯାଇ ଥିଲା ଏବଂ ରାମକୃଷ୍ଣ ବଳବନ୍ତସ୍ଥ ହାଜର ହେବାରୁ ତେଣୁ ମେଜିଷ୍ଟ୍ରେଟ ( ବର୍ତ୍ତମାନ ଏକ୍‌ଟିଂ ମେଜିଷ୍ଟ୍ରେଟ ) ଇଙ୍ଗଲିସ ସାହେବ ତାହାଠାରୁ ଗୃହଦଳ ମଧ୍ୟରେ ଇନ୍‌ସପେକ୍ଟରଙ୍କ ସମୀପରେ ଉପସ୍ଥିତ ହେବା କାରଣ ଟ ୧୦୦ କାର ଜାମିନ ଦେବାର ଆଦେଶ କଲେ । ହାଇକୋର୍ଟ ଏ ହୁକୁମସବୁ ସମ୍ପୂର୍ଣ୍ଣ ବେଆଇନୀ ଥିବାର ପ୍ରକାଶ କରି ରାମକୃଷ୍ଣ ବଳବନ୍ତଙ୍କ ନିମିତ୍ତ ଇଙ୍ଗଲିସ ସାହେବଙ୍କୁ ଦାୟୀ କରିଅଛନ୍ତି ।

ଏଥିଉତ୍ତାରୁ ଯେତେବେଳେ ରାମକୃଷ୍ଣବଳବନ୍ତସ୍ଥ ଓ ଅପର ଲୋକମାନେ ଇନ୍‌ସପେକ୍ଟରଙ୍କ ସମୀପରେ ଉପସ୍ଥିତ ହେଲେ ସେତେବେଳେ ଇନ୍‌ସ୍ପେକ୍ଟର ସେମାନଙ୍କୁ ମେଜିଷ୍ଟ୍ରେଟଙ୍କ ହୁକୁମ ଶୁଣାଇ ନକଲ ପରଓ୍ୱାନା, କମରପଟି ଓ ରୁଲ ଇତ୍ୟାଦି ଯାଚିବା ଓ ସେମାନେ ପୁଲିସ କାର୍ଯ୍ୟ କରିବାକୁ ରାଜି ହେଇ ଶୁଲିବାରୁ ଇନ୍‌ସ୍ପେକ୍ଟର ଆପଣାଭାଏରିରେ ତାହା ଲେଖିପଠାଇଲେ ଇଙ୍ଗଲିସ ସାହେବ ତହିଁ ଉପରେ ଉକ୍ତ ଲୋକମାନଙ୍କ ନାମରେ ଦଣ୍ଡବିଧି ଆଇନର ଦ ୧୨୩ ଧାରାବଲ ସମନ ଜାରି କରିବାର ଆଦେଶ କଲେ । ଅନ୍ୟ ଏକ ମୋକଦ୍ଦମା ଦଣ୍ଡବିଧିଆଇନର ଦ ୩୪ ଧା ଓ ଅଉ ଏକଗୋଟି ଦଙ୍ଗା ହଙ୍ଗାମ ସମ୍ପର୍କୀୟ ମୋକଦ୍ଦମା ରାଜମାତାଙ୍କ ପକ୍ଷୀୟ ଲୋକମାନଙ୍କ ନାମରେ ଦାଏର ହେଲା । ଆମ୍ଭେମାନେ ହାଇକୋର୍ଟ ରାୟରୁ ଉପରଲିଖିତରୂପେ ମୋକଦ୍ଦମାର ସୂଚନା ଲେଖିଦେଲୁଁ । ଏହିରୁ କଷ୍ଟ ସାହେବ ଓ ଇଙ୍ଗଲିସ ସାହେବମାନଙ୍କର କାର୍ଯ୍ୟ କେତେଦୂର ବେଆଇନୀ ଓ ପ୍ରଜାପୀଡ଼କ ଅଟଇ ପାଠକମାନେ ବୁଝିପାରିବେ । ହାଇକୋର୍ଟ ନିରପେକ୍ଷଭାବରେ ଏ ମୋକଦ୍ଦମାସଙ୍କ୍ରାନ୍ତ ଦାବଦାୟ ବିଷୟମାନ ଉତ୍ତମ କରି ସମାଲୋଚନା କରଣାନ୍ତର ମେଜିଷ୍ଟ୍ରେଟ ସାହେବଙ୍କର ଯଥେଷ୍ଟ ନିନ୍ଦା କରି ଏଥି ସଙ୍କ୍ରାନ୍ତ କୌଣସି ମୋକଦ୍ଦମା ବିଚାର କରିବାକୁ ସେ ଏକାନ୍ତ ଅଯୋଗ୍ୟ ଥିବାର ସ୍ପଷ୍ଟାକ୍ଷରେ ଲେଖିଅଛନ୍ତି । ହାଇକୋର୍ଟ କହନ୍ତି ଯେ ଆପଣା ଇଲାକାର ସାମାନ୍ୟ ଦୁଇଜଣ ଲୋକର ମୋକଦ୍ଦମା ପ୍ରାପ୍ତ ଏଥି ସଙ୍କ୍ରାନ୍ତ ମୋକଦ୍ଦମାମାନ ନିରପେକ୍ଷଭାବରେ ବିଚାର କରିବା ମେଜିଷ୍ଟ୍ରେଟଙ୍କ କର୍ତ୍ତବ୍ୟ କାର୍ଯ୍ୟ ଏବଂ ଜିଲ୍ଲାର ପ୍ରଧାନ ମେଜିଷ୍ଟ୍ରେଟଙ୍କ ଉପରେ ଗୁରୁତର ଦାୟିତ୍ୱ ଓ ଆଇନର ପ୍ରାଧାନ୍ୟ ଏବଂ ମର୍ଯ୍ୟାଦା ରକ୍ଷାକରିବାର ଭାର ଥିବାରୁ ତାହା ଏରୂପଭାବରେ କାର୍ଯ୍ୟ କରିବା ସ୍ୱ… ଯାହା ନ୍ୟାୟ ଏବଂ ଆଇନର ରୀତିରୁ… ଉଦାହରଣସ୍ୱରୂପ ହେବ । ମେଜିଷ୍ଟ୍ରେ…

Digitized by srujanika@gmail.com

Split by PDF Splitter



ମହାରାଜ ଦଲିପ ସିଂହ ଜୁନମାସ ତା ୩ ରଖରେ ଇଂଲଣ୍ଡ ପ୍ରତ୍ୟାଗମନ କରି ଅଛନ୍ତି । ଏଡେନ୍ ପରିତ୍ୟାଗ ପୂର୍ବରୁ ମହାରାଜା ଶିରଃପୀଡ଼ାରେ ଲକ୍ଷିତ ହୋଇଥିଲେ । ଦୁଃଖର ବିଷୟ ଏହି ଯେ ସେ ଜୀବତ୍କାଳରେ ମୁଖା ଥରେ ମାତୃଭୂମି ଦର୍ଶନ କରି ପାରିବେ ନାହିଁ ।

କଥିତହୁଅଇ ଯେ ଆଗାମୀ ଅଗଷ୍ଟମାସ ଆରମ୍ଭ ହେବ ଉତ୍ତରପଶ୍ଚିମାଞ୍ଚଳ ହାଇକୋର୍ଟର ନୂତନ ପ୍ରଧାନବିଚାରପତି ଇଲାହାବାଦରେ ପହଞ୍ଚିବେ ।

ଗ୍ରୀସ ଓ ତୁରସ୍କ ସୀମାରେ ଅଳ୍ପଦିନତଳେ ଯେଉଁ ଯୁଦ୍ଧରୁ ହୋଇ ଯାଇଥିବା ବିଷୟ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁଁ ତହିଁରେ ତୁରସ୍କ ପକ୍ଷରୁ ଜ ୩୫୦ ଏ ହତ ହୋଇଥିବା ଓ ଗ୍ରୀସ ପକ୍ଷୀୟ ଜ ୧୨୦୦ ଜଣକୁ ତୁରସ୍କପକ୍ଷରୁ ଘୋଡ଼ାଇଅ ଯାଇଥିବାର ପ୍ରକାଶ ପାଉଅଛି । କ୍ରମଶଃ ଯୁଦ୍ଧ ହେଉଁ ୨ ଦେଢ଼ସହସ୍ରରୁ ଅଧିକ ଲୋକ ମରି ପଡ଼ିଲେ ଏହାକୁ ସାମାନ୍ୟ ସଂଗ୍ରାମର ବିଷୟ ? ।

ଆମେରିକା ଇଉନାଇଟେଡ ଷ୍ଟେଟସର କଲେଜମାନଙ୍କରେ ଏକାଦଶସହସ୍ର ବାଳିକା ଅଧ୍ୟୟନ କରୁଥିବାର କଥିତ ହୁଏ । ଏଦେଶର କଲେଜମାନଙ୍କରେ ଏବେ ବାଳକ ମୁଖା [illegible] ହନେ ନାହିଁ । ଏଥିସକାଶେ ଗବର୍ଣ୍ମେଣ୍ଟ କ ଧ[illegible] ପାତ୍ର ନୁହନ୍ତି ?

ଅମ୍ଭେମାନେ ଶୁଣି ସୁଖୀ ହେଲୁଁ ଯେ ପାଇକପଡ଼ାର ରାଜା ପୂର୍ଣ୍ଣଚନ୍ଦ୍ରସିଂହ ସ୍ୱୟଂ କାଳସାଧ୍ୟ ବାଣିଜ୍ୟରେ ମନ ଦେଇଅଛନ୍ତି । ସେ କାଶୀପୁରରେ ଗୋଟିଏ ପାଟର କଳ ତିଆର କରିଅଛନ୍ତି । ଗତ ମଇମାସ ତା ୨୪ ତାଖରେ ପ୍ରିନ୍ସଭିକ୍ଟୋରିଆଙ୍କ ଜନ୍ମଦିନ ଉପଲକ୍ଷରେ କଳଟିର ପ୍ରତିଷ୍ଠା ଓ ନାମକରଣ ହୋଇଯାଇଅଛି । ପ୍ରିନ୍ସଭିକ୍ଟୋରିଆଙ୍କ ନାମକରଣ ଅନୁସାରେ କଳଟିର ନାମ ଭିକ୍ଟୋରିଆ ଜୁଟମିଲ ଅଛଇ ।

## କେନ୍ଦ୍ରାପଡ଼ା ସମ୍ବାଦ ।

କେନ୍ଦ୍ରାପଡ଼ାରେ ଯେ ବେଞ୍ଚ ବସିଅଛି ସେଥିରେ ବାବୁ ଯୋଗେନ୍ଦ୍ରନାଥ ମୁଖୋପାଧ୍ୟାୟ ପ୍ୟାନସ୍ତ୍ରାଲ ତାଲୁକର ନାଏବ, ଜଣେ ମାଜିଷ୍ଟ୍ରେଟ ଅଛନ୍ତି ଏ ମହାଶୟ ସୁଖ୍ୟାତିସହିତ କାର୍ଯ୍ୟ କରୁଅଛନ୍ତି ଓ ଏଠା ଡେପୁଟୀ ମାଜିଷ୍ଟ୍ରେଟ ବାବୁଙ୍କର ସାହାଯ୍ୟ ପାତ୍ର ବୋଲି ପ୍ରକାଶ କରାଉଛନ୍ତି ।

ଜନମାସଠାରୁ ଏପର୍ଯ୍ୟନ୍ତ ଏଠା ଡେପୁଟୀମାଜିଷ୍ଟ୍ରେଟ ମହୋଦୟ କନକାର ବାତ୍ୟାପୀଡ଼ିତ ପ୍ରଜାମାନଙ୍କୁ ଋଣ ଦେବା ବିଷୟରେ ନିଯୁକ୍ତ ହୋଇ ଅଧିକୋସଠାରେ କ୍ୟାମ୍ପ କରିଅଛନ୍ତି ଯେଉଁମାନଙ୍କର ଘରଦ୍ୱାର ଭୂମିସାତ୍ ଅଛି ହଳ ବଳଦ ଲୋକସାନ ହୋଇଅଛି ସେମାନଙ୍କୁ ଟ୧୦ଙ୍କା-ପର୍ଯ୍ୟନ୍ତ ସରକାରୀ ଋଣ ଦିଆ ଯାଉଅଛି । ଏ କାର୍ଯ୍ୟ ପ୍ରଶଂସାର୍ହ କହିବାକୁ ହେବ ।

ଏ ଅଞ୍ଚଳରେ ଏକପ୍ରକାର ଦୁର୍ଭିକ୍ଷ ପଡ଼ସପର ହୋଇଅଛି ଧାନ ଟଙ୍କାରେ ମେ ୩୬ ର ଗୁଡ଼ଲ ସେର ଠାରୁ ସେର ୪ ର-ପର୍ଯ୍ୟନ୍ତ ମିଳୁଅଛି ପଞ୍ଚାମୃତାଇରେ ଜଣେ ବଙ୍ଗାଳି କଲିକତାରୁ ଅସି ଗୁଡ଼ଲ ଧର ପୁଣି ମହଙ୍ଗରୁ ଚାଉଳ ଆଣୁଅଛନ୍ତି ।

ଏଠା ମ୍ୟୁନିସିପାଲିଟି ଉଦ୍ୟୋଗରେ ଏସ୍ଥାନର ହସ୍ପାତାଲ ପକ୍କାକୋଠା ହୋଇଅଛି ମିଉନିସିପାଲିଟିର ଏକୋଟିଏ ପ୍ରଧାନ କାର୍ଯ୍ୟ ବୋଲିବାକୁ ହେବ ଏଠାରେ ଅଠର ବର୍ଷ ହେଲା ମ୍ୟୁନିସିପାଲିଟୀ ସ୍ଥାପିତ ହୋଇଅଛି, ମାତ୍ର ଅଦ୍ୟାବଧି ତହିଁର କାର୍ଯ୍ୟ ବଡ଼ ସୁଚାରୁରୂପେ ସମ୍ପନ୍ନ ହେଉଅଛି । ଗତବର୍ଷ ମଧ୍ୟରେ ଅନେକ ଅରଣ୍ୟ ସ୍ଥାନରେ ଉତ୍ତମ ସଡ଼କ ପ୍ରସ୍ତୁତ ହୋଇ ଲୋକମାନଙ୍କୁ ବ୍ୟାଘ୍ର ଶୃଗାଳ, ସର୍ପ ପ୍ରଭୃତି ଭୟରୁ ନିରାପଦ କରୁଅଛି । ଗତବର୍ଷ-ରେ ଗୋ ୧୯୨ ଟା ସାପ ମରା ହୋଇଅଛି । ଚାଇନକ୍ଲାର୍କ ଯେପରି ପରିଶ୍ରମୀ ଓ ସୁକାର୍ଯ୍ୟକୁଶଳ ସେଥିରେ ଅମ୍ଭେମାନେ ତାଙ୍କଠାରୁ ଅନେକ ଶୁଭଫଳର ଆଶା କରୁଁ ।

ଏଠା ହାଇ ସ୍କୁଲର ୨ ୟ ଶିକ୍ଷକ ବାବୁ ବନବିହାରୀ-ପାଲିତ କମିଶ୍ନରଙ୍କ ମିଉନିସିପଲ କ୍ଲାର୍କ ହୋଇଯିବାରୁ ଏଠାରେ ସ୍କୁଲକାର୍ଯ୍ୟର କ୍ଷତି ହେଉଅଛି, କମେଟୀ ଶୀଘ୍ର ଜଣେ ସୁଯୋଗ୍ୟ ଶିକ୍ଷକ ନିଯୁକ୍ତ କରନ୍ତୁ । ଏ ସ୍କୁଲ ଘଡ଼ିରେ ପ୍ରାୟ ଶିକ୍ଷକ କେହି ଟେକୁ ନାହାନ୍ତି ।

## ପୁରୀ ସମ୍ବାଦ ।

ଗତ ମେମାସ ତା ୨୫ ଯିବ ଶନିବାରଦିନ ସ ୮ ଘଣ୍ଟା ସମୟରେ ଇଂରାଜୀ ସ୍କୁଲରେ ବାଳିକାବିଦ୍ୟାଳୟ ବାଳିକାମାନଙ୍କ ପୁରସ୍କାର ପ୍ରଦାନର ସମାରୋହ ହୋଇଥିଲା ।

ମାନ୍ୟବର ଶ୍ରୀଯୁତ କମିଶ୍ନର ସାହେବ ମହୋଦୟ ସପତ୍ନିକ ହୋଇ ସଭା ମଧ୍ୟରେ ଦୟାଳମାନ ହୋଇଥିଲେ । ଶ୍ରୀଯୁତ ଆର ଷ୍ଟୋର୍ଜ କଲେକ୍ଟର ସାହେବ ଏବଂ ସମ୍ଭ୍ରାନ୍ତ କେତେକ ସାହେବ ମେମ୍ମାନେ ମଧ୍ୟ ଉପସ୍ଥିତ ଥିଲେ । ସ୍ଥାନର ବାସିନ୍ଦା ପଣ୍ଡା ଓ ଯଜ୍ଞମହନ୍ତ ଅନେକ ମହାଶୟମାନଙ୍କ ଉପ ରିପୋର୍ଟ ମୁନସଫ୍ ଓ ଅମଲା ବାବୁ ପଣ୍ଡିତମାନେ ମଧ୍ୟ ଥିଲେ । ଜମିଦାର ସରଦେୱାନ ପ୍ରଭୃତି ସଭ୍ୟମଣ୍ଡଳୀ ପୂର୍ଣ୍ଣ ହୋଇ ସ୍କୁଲଗୃହଟି ପରିପୂର୍ଣ୍ଣ କରିଥିଲେ । ସଭାଗୃହଟି ଯେପରି ସୁସଜ୍ଜିତ ହୋଇଥିଲା ଦର୍ଶକମାନଙ୍କ ମନୋରଞ୍ଜିତ କରୁଥିଲା ।

ବଙ୍ଗୀୟ ଛାତ୍ରୀମାନଙ୍କ ଅପେକ୍ଷା ଓଡ଼ିଆ ଛାତ୍ରୀସଂଖ୍ୟା ଅଧିକ ସମ୍ପ୍ରତି ଗୋ ୨୭ ଟି ଛାତ୍ରୀ ସୁଭେଳାଙ୍କ ଭୂଷ ହୋଇ ବେଞ୍ଚୋପରି ଉପବେଶନ କରିଥିଲେ । ପୁରୀରେ ଏପରି ସଭା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ ।

ପ୍ରଥମତଃ ଜିଲ୍ଲାସ୍କୁଲର ହେଡମାଷ୍ଟର ଯେ କି ବାଳିକାବି-ଦ୍ୟାଳୟର ସମ୍ପାଦକ ଅଟନ୍ତି ଶ୍ରୀଯୁତ ବାବୁ ଶଶଧର ରାୟ ମହାଶୟ ବିଦ୍ୟାଳୟର ବାର୍ଷିକପତ୍ର ପାଠକଲେ ପରେ ଶ୍ରୀଯୁତ କମିଶ୍ନର ସାହେବ ମହୋଦୟଙ୍କ ମେମ୍ ସାହେବ ମହୋଦୟା ସହର୍ଷବଦନରେ ବାଳିକାମାନଙ୍କୁ ପୁସ୍ତକ ଓ ଚାଇନିଜ ଗୁଡ଼-ଲୁଗାଫୁଲ ପ୍ରଭୃତି ବିତରଣ କଲେ । ପରେ ବାଳିକାମାନେ ମୃଦୁ ସ୍ୱରରେ ବହୁ ୨ ଗାନ କଲେ ତାହା ଶୁଣି ଶ୍ରୋତୃବର୍ଗ ଆନନ୍ଦିତ ହୋଇଥିଲେ ।

ନିମ୍ନଲିଖିତ ଉତ୍ସାହୀମାନେ ବିତରିତ କରିଥିବା ପଦାର୍ଥ ।

| | | |
|---|---|---|
| ଶ୍ରୀଯୁତ | ପୁରୀରାଜା ଶ୍ରୀ ମୁକୁନ୍ଦଦେବ ମହାରାଜା | ଟ ୫୯ |
| " | ବଇଙ୍ଗା ଜମିଦାର ବାବୁ ଦ୍ୱାରକାନାଥ ମିତ୍ର ଚାଉଳକିଣ୍ଡି ପୁଲ | ଗୋ ୫ ଟା |
| " | ଅନନ୍ତଚନ୍ଦ୍ର ମୁଖୋପାଧ୍ୟାୟ ସରଦେୱାନ ବାବୁ ... | ଟ ୧୦ |
| " | ଜଗନ୍ନାଥଦାସ (ମିଉନିସିପାଲିଟି ଚେୟାରମେନ ) ... | ଟ ୧୦ |
| " | ଗଜବଣ୍ଡ ଘୋଷ (ଜମିଦାର) | ଟ ୧୦ |
| " | ଲୋକନାଥ ମିଶ୍ର ଇଂରାଜୀ ସ୍କୁଲ ୫ ମ ମାଷ୍ଟର ... ... | ଟ ୧୦ |

ଉପରୋକ୍ତ ପଦାର୍ଥମାନଙ୍କ ମଧ୍ୟରୁ କେତେକ ବିତରିତ ହେଲା । ଅବ କେତେକ ସେକ୍ରେଟେରୀ ବାବୁଙ୍କୁ ବିବେଚନା-ପୂର୍ବକ ପଶ୍ଚାତ ବିତରଣ କରିବାପାଇଁ ତାଙ୍କ ଜମା ରହି-ଗଲା । ବାବୁମହାଶୟ ସେହିପରି କରିଅଛନ୍ତି ।

ଏପରି ସାହେବ ପ୍ରଶଂସିତ କାର୍ଯ୍ୟ କଲେ ଯେ ସ୍ଥାନୀୟ ଚନ୍ଦା ଅତ୍ୟନ୍ତ ନ୍ୟୁନ ହେବାରୁ ତହିଁରେ ଅମ୍ଭେ ଅସନ୍ତୁଷ୍ଟ ଅଛୁଁ । ଅତଏବ ଯେପରି ସ୍ଥାନୀୟ ଚନ୍ଦା ଅଧିକପରିମାଣେ ଓସୁଲ ହୁଏ ସେ ସମ୍ବନ୍ଧେ ଶ୍ରୀଯୁତ କଲେକ୍ଟର ସାହେବଙ୍କୁ ଅନୁରୋଧ କରୁଁ ସେ ଏ ବିଷୟରେ ବିଶେଷ ଦୃଷ୍ଟି ରଖିବେ । ଯାହା ହେଉ ସାହେବ ପ୍ରଶଂସିତଙ୍କ ମନରେ ଏପରି ଭାବ ବାଳିକାବିଦ୍ୟାଳୟ ପ୍ରତି ଉଦୟ ହୋଇଅଛି ବଡ଼ ସୁଖର ବିଷୟ ଗଣ୍ଡଇ ।

ଶ୍ରୀଯୁତ କମିଶ୍ନର ସାହେବ ମହୋଦୟ ଖାସମହାଲ ତଦାରଖ କରି ସେ ଇଲାକାର ଜ ୨ ଏ ଓଡ଼ିଆ ମୋହରରଙ୍କୁ କର୍ମଚ୍ୟୁତ କରି ସେମାନଙ୍କୁ ପେନସେନ ନେବାକୁ ପ୍ରାର୍ଥନା କରିବାକୁ ହୁକୁମ ଦେଇଅଛନ୍ତି । ଅଉ ଜ ୪ ଏ ତପସିଲ ଓ ଜଣେ ସରଦାର ମଧ୍ୟ ବରଖାସ୍ତ କରିଅଛନ୍ତି । ବର୍ତ୍ତମାନକୁ ସ୍ଥଳରେ ଜଣେ ଏକ୍ସଟ୍ରା ମୁହରର ରହି ନୂତନ ପ୍ରଣାଳୀରେ କାର୍ଯ୍ୟ ଚଳିବା ସକାଶେ ଶ୍ରୀଯୁତ କଲେକ୍ଟର ସାହେବଙ୍କ ନିକଟକୁ ହୁକୁମ ଲେଖି ପଠାଇଅଛନ୍ତି । ଯାହା ହେଉ ସାହେବ ପ୍ରଶଂସିତ ଏଥିରେ ବହୁଦର୍ଶିତାର ପରିଚୟ ଦେଇ ଅଛନ୍ତି ।

ପୁରସହର ମଧ୍ୟରେ କଳର ଜଳ ଚଳିବା ସକାଶେ ମିଉନିସିପାଲିଟୀ ଅଧିବେଶନରେ ଶ୍ରୀଯୁତ କମିଶ୍ନର ସାହେବ ମହୋଦୟ ପ୍ରସ୍ତାବ କରିବାରେ ତଦୁପଲକ୍ଷେ କତିପୟଦିବସ-ମଧ୍ୟରେ ଶ୍ରୀଯୁତ ମହାଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ଗୋଟିଏ ସାଧାରଣ ସଭା ହୋଇଥିଲା । ସଭ୍ୟମାନଙ୍କ ମଧ୍ୟରେ ଅନେକ ତର୍କ ବିତର୍କ ହେଲାପରେ ଭଲ କଳ ଜଳ ସହରରେ ଚଳିବା ଆବଶ୍ୟକ ବୋଧକରି ଗବର୍ଣ୍ମେଣ୍ଟକୁ ଆବେଦନପତ୍ର ପଠାଇବାର ସ୍ଥିର ହେଲା । ସାହେବ ପ୍ରଶଂସିତ ଏ ବିଷୟରେ ଯେପରି କୃତସଙ୍କଳ୍ପ ହୋଇଅଛନ୍ତି ଉକ୍ତ ଉଦ୍ଦେଶ୍ୟ ଅଚିରକାଳରେ ସିଦ୍ଧ ହେବାର ସମ୍ଭାବନା ।

## ରହସ୍ୟ ।

ରମା । ସଂସାରରେ ସୁଖୀ କେଉଁ ମାନେ?

ତର୍ଯ୍ୟା । ଯେଉଁମାନେ ଈଶ୍ୱରଙ୍କ ଅଭିପ୍ରେତ-କାର୍ଯ୍ୟ କରିବାକୁ ପ୍ରଯତ୍ନ ଥାଅନ୍ତି ।

ର । ଈଶ୍ୱରଙ୍କ ଅଭିପ୍ରେତକାର୍ଯ୍ୟ କଅଣ? ତାହାର କି କିଛି ସୀମା ଅଛି ?

ତ । ଏହାର ଅର୍ଥ ବୁଝିବା ବଡ଼ କଠିନ ତଥାପି ମହାଜନମାନଙ୍କ ପଥ ଅନୁସରଣ କଲେ କିଛି ଜଣାଯାଇ ପାରେ ।

ର । ମହାଜନମାନେ ଅନେକପ୍ରକାର କାର୍ଯ୍ୟ କରଅଛନ୍ତି । ବାହ୍ୟିକ ଓ ଆଭ୍ୟନ୍ତରିକ କାର୍ଯ୍ୟ ଅନେକ ଅଛି ।

ତ । ଅଚ୍ଛା ବାହ୍ୟିକ ଓ ଆଭ୍ୟନ୍ତରିକ କାର୍ଯ୍ୟ କଅଣ ଦୃଷ୍ଟାନ୍ତଦ୍ୱାରା ବୁଝାଇଲ ଦେଖି ?

ର । ପ୍ରଥମ ବାହ୍ୟିକକାର୍ଯ୍ୟ କଅଣ କହିବ? ବୃନ୍ଦାବନ ଗୋପୀମାନଙ୍କ ସହିତ ସଖ୍ୟଭାବ କଥ ନ ବୁଝି ମହାର୍ଥରେ ସ୍ୱକାଶକର ତଦନୁରୂ କାର୍ଯ୍ୟକରିବାକୁ ପ୍ରଯତ୍ନ ପାଇବାକୁ ଚୈତନ୍ୟ

Digitized by srujanika@gmail.com

Split by PDF Splitter



ମହାପ୍ରଭୁ ବନ୍ଧୁର ପାଦମର୍ଦ୍ଦନ କରୁଥିଲେ । ଅତ ଏବ ଯାହାର ଇଚ୍ଛା ତାହାର ପାଦମର୍ଦ୍ଦନ କରିବା । ଯଥା କୃଷ୍ଣ ଏକ ଅର୍ଥାତ ଈଶ୍ୱର ଈଶ୍ୱରୀ ଏକ ଅତ ଏବ ସ୍ତ୍ରୀ ପୁରୁଷ ଏକ ସ୍ତ୍ରୀ-କର ସ୍ତ୍ରୀ ଯେବେ ମସ୍ତକମୁଣ୍ଡନ କରେ ପୁରୁଷ ମଧ୍ୟ ତାହା କରନ୍ତୁ ସ୍ତ୍ରୀ ଯେବେ ମ୍ଳାନବଦନରେ ବସିରହେ ପୁରୁଷ ମଧ୍ୟ ତଦନୁରୂପ ଇତ୍ୟାଦି ଅନେକଙ୍କୁ ବାହ୍ୟିକକାର୍ଯ୍ୟ ବୁଝାଯାଏ ।

ତ । ବେଶ୍ ! ଆଭ୍ୟନ୍ତରିକକାର୍ଯ୍ୟ କଅଣ ବୁଝି ଛନ୍ତି ?

ର । ଆଭ୍ୟନ୍ତରିକବିଷୟରେ ମୋହର ବଡ଼ ସନ୍ଦେହ ଅଛି ଏହାର ଅର୍ଥ ଆପଣ ବୁଝାଇଲେ ଭଲ ହେବ ।

ତ । ଈଶ୍ୱରଙ୍କପ୍ରେମରେ ମତ୍ତ ହେବା ଈଶ୍ୱରଙ୍କ ଗୁଣସବୁ ଅନୁକରଣ କରିବା, ତାହାଙ୍କ ଜ୍ୱଳନ୍ତ ଜ୍ୟୋତି ହୃଦୟମଧ୍ୟରେ ଅବଲୋକନ କରିବା ଇତ୍ୟାଦିକୁ ଆଭ୍ୟନ୍ତରିକକାର୍ଯ୍ୟ ବୁଝାଯାଏ — ବର୍ତ୍ତମାନ ଅନେକସମୟ ହୋଇଅଛି ଅନ୍ୟସମୟରେ ଏ ବିଷୟ ପୁନଶ୍ଚ ଆଲୋଚନା କରିବା । ନମସ୍କାର !

ର । ଆସ ହେଉ ନମସ୍କାର ।

---

ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନଦାନ ଦେଇ ବାଧିତ କରିବା ହେବେ ।

ଗତ ସଂଖ୍ୟାର ସମ୍ବାଦରେ ଢେଙ୍କାନାଳ କଣ୍ଠା ବାଇସିହା ସବ ଓଭରସିୟର ଅଫିସିଆଲ ମେନେଜର ମୁନସି ମହମ୍ମଦଅଲିଙ୍କ ବିଷୟରେ "ଶ୍ରୀ ଦା—" ଚିହ୍ନିତ ପତ୍ରପ୍ରେରକ ଯାହା ଉଲ୍ଲେଖ କରିଅଛନ୍ତି ତାହା ଆମ୍ଭ ଲେଖାବୋଲି କେହି୨ ଅନୁମାନ କରି ପାରନ୍ତି ମାତ୍ର ସେ ଲେଖା ଆମ୍ଭର ନୁହେ ।

ଶ୍ରୀ ଦାମୋଦର ପଟ୍ଟନାୟକ

---

ମହାଶୟ !

ଓଡ଼ିଶା ଶିକ୍ଷାବିଭାଗୀୟ । ଜା । ଇନ୍‌ସ୍ପେକ୍ଟର ଶ୍ରୀଯୁତ ବାବୁ ରାଧାନାଥ ରାୟଙ୍କ କୃତ କେଦାରଗୌରୀ ନାମରେ ଖଣ୍ଡିଏ କ୍ଷୁଦ୍ରପୁସ୍ତକ ପଦ୍ୟବନ୍ଧରେ ରଚିତ ହୋଇ ଛପାହୋଇ ଅଛି ବୋଧହୁଏ ପ୍ରାୟ ଆପଣ ଦେଖିଥିବେ । ସେହି ପୁସ୍ତକରୁ ଖଣ୍ଡେ ମୋତେ ମିଳିଥିବାରୁ ମୁଁ ତାକୁ ଆଦ୍ୟୋପାନ୍ତ ମନୋଯୋଗପୂର୍ବକ ପାଠକରି ଦେଖିଲି ଯେ ବାବୁ ମହାଶୟ କଥାଗୁଡ଼ିକ ଯେପରି ସଜାଇ ଅଛନ୍ତି ଏଥିପାଇଁ ତାଙ୍କ ରଚନା ଶକ୍ତିକି ଅବଶ୍ୟ ଧନ୍ୟବାଦ ଦେବାକୁ ହେବ ଏଥିରେ ସନ୍ଦେହ ନାହିଁ । ଯେହେତୁ କାଳ୍ପନିକ ଶକ୍ତିଦ୍ୱାରା କଥାଟିଏ ରଚନା କରି ତାହାକୁ ନିର୍ଦ୍ଦୋଷଭାବରେ ସାଙ୍ଗ କରିବା ଏବଂ ତଦ୍ଦ୍ୱାରା ସାଧାରଣ କୃତବିଦ୍ୟମାନଙ୍କର ସନ୍ତୋଷ ଜନ୍ମାଇବା ଏହା ସମସ୍ତଙ୍କ କପାଳରେ ଘଟି ପାରେ ନାହିଁ ।

ତନ୍ନ ଉକ୍ତବିଷୟରେ ମୋହର ପ୍ରଶ୍ନ ଏହି ଯେ ଉକ୍ତ ପୁସ୍ତକରେ ଯେଉଁ ଗପ ବାବୁ ମହାଶୟ ଲେଖିବା ଆରମ୍ଭରେ ଲେଖି ଅଛନ୍ତି ତ ପୌରାଣିକ କଥାରୁ ଏହାକୁ ଲେଖିଅଛନ୍ତି, ଅଥଚ କେଉଁ ପୁରାଣରେ ଉକ୍ତ କଥା ବର୍ଣ୍ଣନ କରାଯାଇ ଅଛି ତାହା ପ୍ରକାଶ କରି ନାହାନ୍ତି । ଭୁବନେଶ୍ୱର କ୍ଷେତ୍ରର ସମସ୍ତ ବିଷୟ ଶିବପୁରାଣ, ଏକାମ୍ରପୁରାଣ ଓ କପିଳସଂହିତା ଏହି ୩ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଅଛି ଯେ ତହିଁମଧ୍ୟରେ ଉକ୍ତ ବିଷୟର ଗନ୍ଧମାତ୍ର ଉଲ୍ଲେଖ କରାଯାଇ ନାହିଁ । ତେବେ ଏପରି କାହିଁରେ ଯେ ବର୍ଣ୍ଣନ କରାଯାଇ ଅଛି ଉକ୍ତମହାଶୟ ଅଥବା ଅନ୍ୟ କେହି ଅନୁଗ୍ରହପୂର୍ବକ କୌଣସି ଉତ୍କଳ ସମ୍ପାଦକଦ୍ୱାରା ପ୍ରକାଶ କରି ଅମ୍ଭମାନଙ୍କର ଭ୍ରମ ସଂଶୋଧନ କରିବେ । ଆଉ ବାବୁ ମହାଶୟ ଉକ୍ତ ବିଷୟ ପ୍ରକଟ କରିଲା ପରେ ଉପରଲିଖିତ ପୁରାଣମାନଙ୍କରେ କେଦାରଗୌରୀର ବର୍ଣ୍ଣନ ଯେପରି ହୋଇ ଅଛି ତାହା ପଶ୍ଚାତ୍ ପ୍ରକାଶ କରାଯିବ । ଇତି । ୮।୬।୮୬

। ତ । ଜ । ପାଠକ ।—

---

ମହାଶୟ ।

ଆପଣଙ୍କ ଜଗଦ୍ବିଖ୍ୟାତପତ୍ରିକାରେ ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନପ୍ରଦାନ କରି ବାଧିତ କରିବାହେବେ ।

ବର୍ତ୍ତମାନ ମହାମାନ୍ୟାସ୍ପଦ ସର୍ବଗୁଣସମ୍ପୂର୍ଣ୍ଣ ଦେଶହିତୈଷୀ ମହାରାଜ ଅଷ୍ଟମଲ୍ଲିକାଧିପ ନିଜ-ପ୍ରଜାବର୍ଗଙ୍କ ମଙ୍ଗଳାକାଂକ୍ଷୀ ହୋଇ କଥା ଅନ୍ତର୍ଗତ ସମସ୍ତ ଗ୍ରାମରେ ବିଦ୍ୟାଚର୍ଚ୍ଚା କରାଇବା-ନିମନ୍ତେ ତାଙ୍କ ନୟାଗଡ଼ ସ୍କୁଲ ହେଡ୍‌ପଣ୍ଡିତ ଲକ୍ଷ୍ମୀଧର ମହାନ୍ତିଙ୍କପ୍ରତି ଏହି ଆଦେଶ କରି ଅଛନ୍ତି କି ତୁମ୍ଭେ ଆମ୍ଭକଥାର ସମସ୍ତଗ୍ରାମ ଭ୍ରମଣ କରି ପ୍ରାଇମେରି ପାଠଶାଳା ଓ ଅପର ପ୍ରାଇମେରି ସ୍କୁଲ ଅର୍ଥାତ ଯେଉଁସ୍ଥାନରେ ଯେପରି ହେବାର ଉଚିତ ତାହା ବନୋବସ୍ତ କରି ତହିଁରେ ଜଣେ୨ ଶିକ୍ଷିତ ଶିକ୍ଷକ ନିଯୁକ୍ତକରି ହଜୁରରେ ଏତଲାଦ ଦେବା ଏ ମହାଶୟ କଥାର ⅓ ଅଂଶ ପର୍ଯ୍ୟଟନକରି ଗୋ୨ ଟି ଅପରପ୍ରାଇମେରି ବିଦ୍ୟାଳୟ ଓ ଦଶଗୋଟି ପ୍ରାଇମେରି ବିଦ୍ୟାଳୟ ବନୋବସ୍ତକରି ତହିଁରେ ଜଣେ୨ ଶିକ୍ଷକ ନିଯୁକ୍ତ କରିଅଛନ୍ତି । ବୋଧ ହୁଏ ମହାରାଜବାହାଦୁରଙ୍କ ଆଦେଶମତେ ଅଳ୍ପଦିନମଧ୍ୟରେ କଥାର ସମସ୍ତ ଅଂଶରେ ବିଦ୍ୟାଚର୍ଚ୍ଚା ହେବ ଅମ୍ଭେମାନେ ମୁକ୍ତକଣ୍ଠରେ ଜଗତ୍ପିତା ଜଗଦୀଶ୍ୱରଙ୍କଠାରେ ଏହି ଜଣାଣ କରୁଅଛୁଁ ଯେ ମହାରାଜ ବାହାଦୁରଙ୍କ ଏହି ନିଃସ୍ୱାର୍ଥ ପରୋପକାର କାର୍ଯ୍ୟଟିକୁ ସାର୍ଥକ କରି ପ୍ରଜାବର୍ଗଙ୍କୁ ଅଜ୍ଞାନାନ୍ଧକାରରୁ ମୁକ୍ତ କରନ୍ତୁ । ଇତି ।

୧।୬।୮୬ } ଆପଣଙ୍କର ଏକାନ୍ତ ବଶମ୍ବଦ
ଖଣ୍ଡ ଅଠମଲ୍ଲିକ } ମଦ ଚନ୍ଦ୍ରଶେଖର ମିଶ୍ରଙ୍କ-
ନୟାଗଡ଼ ସ୍କୁଲ } ଗେର ପ୍ରଥମଶ୍ରେଣୀ ଛାତ୍ର ।

---

ଗତ ମାଇନର ଓ ଭର୍ଣ୍ଣାକ୍ୟୁଲର ସ୍କଲରସିପ୍ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ।

୧ । ବଳଭଦ୍ର କର କଟକ ଟାଉନ ସ୍କୁଲ
୨ । ମହେନ୍ଦ୍ର ରାୟ " ସଙ୍ଗତ "
୩ । ବଂଶିଧର ପଟ୍ଟନାୟକ ଖୋର୍ଦ୍ଧା ମିଃ ଇଃ
୪ । ମଦନମୋହନ ପଟ୍ଟନାୟକ " "
୫ । ସୀରଦତ୍ତ ପତି ବାଲିବାଟ ମିଃ ଇଃ ସ୍କୁଲ
୬ । ଅନନ୍ତ ପଟ୍ଟନାୟକ " "

ଉପିଯ୍ୟାଲିଗର ସ୍କଲରସିପ ।

୧ । ବଳଭଦ୍ରକର କଟକ ଟାଉନସ୍କୁଲ

ଭର୍ଣ୍ଣାକ୍ୟୁଲର ସ୍କଲରସିପ ।

୧ । କୃଷ୍ଣଚନ୍ଦ୍ର ମିଶ୍ର ଟଙ୍କିଆ ମିଃ ଭଃ ସ୍କୁଲ
୨ କୃଷ୍ଣଚନ୍ଦ୍ର କର କଟକ ଟାଉନ "
୩ । ଯୋଗେଶ ବାରିକ ସୁବର୍ଣ୍ଣପୁର ମିଃ ଭଃ "
୪ । ବିନୋଦ ମିଶ୍ର ମହାଙ୍ଗ କପୁର ମିଃ ଭଃ "
୫ । ସୁଦର୍ଶନ ନନ୍ଦ " " "

Digitized by srujanika@gmail.com

୬ । ଗୋପାଳଚରଣ ପଟ୍ଟନାୟକ
ବେରବୋଇ ମିଃ ଭୃଃ ,,
୭ । ମଦନମୋହନ ମହାପାତ୍ର
ବେଗୁନିଆ ମିଃ ଭୃଃ ,,
୮ । ଶ୍ରୀଧର ପଟ୍ଟନାୟକ ବେରବୋଇ ,, ,,
୯ । ହରିପ୍ରସାଦ ଦେ ଅଲଲପୁର ,, ,,
୧୦ । କୁଞ୍ଜବିହାରୀ ସନ୍ଥ ବାଲେଶ୍ୱର ମିଃ ,,
୧୧ । ରାଧାଗୋବିନ୍ଦ ଦାସ କୋଲ ମିଃ ଭୃଃ ,,
୧୨ । ଚନ୍ଦ୍ରମଣି ତ୍ରିପାଠୀ ବାରପଦା ,,
୧୩ । ମାଗୁଣି ପଟ୍ଟନାୟକ ସୁରୁଣାଗଡ ,,
୧୪ । ନାରାୟଣ ମିଶ୍ର ଚାନ୍ଦବେର ,,
୧୫ । ଭାଗବତ ସଡଙ୍ଗି କଲିଗିର ,,

———

ନିମ୍ନଲିଖିତ ଗ୍ରହିମାନେ ଅପରପ୍ରାଇମେର- ବୃତ୍ତି ପାଇଅଛନ୍ତି ।

୧ । ବିଦ୍ୟାଧର ମହାରଣା ବଇମପୁର କଟକ
୨ । ରାମକୃଷ୍ଣ ପଣ୍ଡା ଯଶୋବନ୍ତପୁର ,,
୩ । ଲିଙ୍ଗରାଜ ପଟ୍ଟନାୟକ ଡୋମପଡା ,,
୪ । ସଦାନନ୍ଦ କର କେନ୍ଦୁପାଟଣା ,,
୫ । ଭଜନ ମହାକୁର ଇଛାପୁର ,,
୬ । ଲକ୍ଷ୍ମଣଦାସ ଚୋଟ୍ଟାପଡା ପୁରୀ
୭ । ନରେନ୍ଦ୍ର କୁଅଁରସିଂହ କପିଳପ୍ରସାଦ ,,
୮ । ବିଶ୍ୱମ୍ଭର ମହାପାତ୍ର ବାଲିଗୁଣ୍ଡି ,,
୯ । ନାରାୟଣ ପଟ୍ଟନାୟକ ପଧାନସାହି ,,
୧୦। କୃଷ୍ଣପ୍ରସାଦ ଦାସ ଚାନ୍ଦମଞ୍ଜିଳା ବାଲେଶ୍ୱର
୧୧। ସେଖସେର ଅଲ ସଡକମହଲ ,,
୧୨। ବ୍ରଜାନନ୍ଦ ମହାନ୍ତି ପାଣିଛତ୍ର ,,
୧୩। କୈଳାସଚନ୍ଦ୍ର ବେହେରା ନନ୍ଦାସାହି ,,
୧୪। ଭୋଳାନାଥ ପାଲ ଅନନ୍ତପୁର ,,

ଗଡଜାତ ।

୧ । ବଇକୁଣ୍ଠ ପଟ୍ଟନାୟକ ନୟାଗଡ ସ୍କୁଲ
୨ । ଦାଶରଥି ସାମଲ ସନ୍ଧି ,,
୩ । ଶଙ୍କର ଷଡଙ୍ଗି ଗୋପାଳପୁର ,,
୪ । ବୈକୁଣ୍ଠରଣ ପଟ୍ଟନାୟକ ବଧାନମା ,,
୫ । ଶ୍ରୀନିବାସ ମିଶ୍ର ଅମର୍ଦ୍ଦା ,,
୬ । ପାନବନ୍ଧୁ ମିଶ୍ର ଦଧପଥା ,,
୭ । ଗଦାଧର ଦାସ ନରସିଂହପୁର ,,
୮ । ଦାମୋଦର ମିଶ୍ର ଗୋପୀନାଥପୁର ,,

———

ମୂଲ୍ୟପ୍ରାପ୍ତି ।

| | | | | |
|---|---|---|---|---|
| ବାବୁ ସୀନବନ୍ଧୁପଟ୍ଟନାୟକ | ଦୁମୁରା | ଅଗ୍ରିମ | ଟ | ୪॥ |
| ଶ୍ରୀ ମାନେଜର ବହିଷ୍ଠ | ବଳାମ୍ବା | ବକେୟା | ଟ | ୬୲ |
| ବାବୁ ହରମୋହନ ଘୋଷ | କଟକ | ,, | ଟ | ୨୲ |
| ,, ବୈଦ୍ୟନାଥ ଦାସ ଉରଦୋଲ | ,, | | ଟ | ୬୲ |
| ,, ଜଗବନ୍ଧୁ ଘୋଷ | କଟକ | ,, | ଟ | ୬୲ |
| ,, ରାମପ୍ରସାଦ ସିଂହ | ,, | ,, | ଟ | ୩୲ |
| ,, କୃଷ୍ଣଚନ୍ଦ୍ର ଘୋଷ | ,, | ,, | ଟ | ୨୲ |
| ,, ହରେକୃଷ୍ଣ ଦାସ | ,, | ,, | ଟ | ୩୲ |
| ,, ଜଗନ୍ନାଥତ୍ରିପାଠୀ କେନ୍ଦ୍ରାପଡା | | ,, | ଟ | ୬୲ |
| ,, ଗୋପାଳପଣ୍ଡା | କଟକ | ଅଗ୍ରିମ | ଟ | ୪॥ |
| ଶ୍ରୀ ରାଜା ବହିଷ୍ଠ ଦଶପଲ୍ଲା | | ବକେୟା | ଟ | ୧୬॥୵ |
| ଶ୍ରୀ ରାଜା ବହିଷ୍ଠ ବୌଦ୍ଧ | | ଅଗ୍ରିମ | ଟ | ୪॥ |

# ବିଜ୍ଞାପନ ।


**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।


## NOTICE.

Wanted a Head Clerk and Accountant for the Cuttack Municipal office, salary Rs. 40. Applications will be received by the Vice-Chairman. Knowledge of account is a *sine qua non*. Applicants must state their age, qualifications and past services.

Cuttack municipality } N.K. Das
The 14th June } Cuttack

## NOTICE.

The Superintending Engineer Orissa Circle is prepared to receive tenders for establishing a steam Ferry on the Grand Trunk Road ghat, on the Mahanuddy at Cuttack to be submitted not later than the 1st. July next.

The tolls on this ghat are now sold at an average of Rs. 5775 per annum, and if working expenses are added the probable receipts are approximately estimated at Rs. 8775. The persons tendering must however satisfy themselves as to the correctness of this estimate. The persons whose tenders will be recommended for acceptance will be required to enter into an agreement.

1st. to run a specified number of trips a day.

2nd. to charge tolls on a fixed schedule of rates.

3rd. to maintain a fixed establishment of boats and steamers.

In return, the lease of the Ferry and the sole right of levying tolls for a fixed term of years, to be agreed upon, will be made over to them.

Plans of the Ferry and further information may be obtained on application to the

ଯେଉଁମାନେ ମହାନଦୀ ଗ୍ରାଣ୍ଟଘାଟରେ ଷ୍ଟୀମ- ବୋଟ ଦ୍ୱାରାଯୋଗେ ଘାଟ ପାରକରିବାପାଇଁ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନଙ୍କ ଆବେଦନ ପତ୍ର ଆସନ୍ତା ଜୁଲାଇମାସ ତା ୧ ରିଖ ପର୍ଯ୍ୟନ୍ତ ଓଡିଆ ବିଭାଗର ସୁପରେଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଗ୍ରହଣ କରିବେ ।

ଏ ଘାଟର ବାର୍ଷିକ ହାରାହାରି ଖଜଣା ଟ ୫୭୭୫ ଙ୍କା ଓ ଏଥିସହିତ କାର୍ଯ୍ୟ ଚଳାଇବାର ବ୍ୟୟଯୋଗ କଲେ ବାର୍ଷିକ ଆୟ ଟ ୮୭୭୫ ଙ୍କା ଅନୁମିତ ହୋଇପାରେ । ଇଜାରାପ୍ରାର୍ଥୀମାନେ ଅବଶ୍ୟ ଅନୁସନ୍ଧାନଦ୍ୱାରା ଏହି ଅନୁମାନ ଠିକ ଅଛି କି ନାହିଁ ବୁଝିନେବେ । ଯାହାଙ୍କ ଇଜାରା ପ୍ରାର୍ଥନା ଗ୍ରାହ୍ୟହେବ ତାହାଙ୍କୁ ନିମ୍ନଲିଖିତ ନିୟମମାନ ପାଳନକରିବାକୁ ହେବ । ଯଥା ।

୧ । ପ୍ରତିଦିନ ନିରୂପିତ ସଙ୍ଖ୍ୟାରେ ଖେପ କରିବାକୁ ହେବ ।

୨ । ନିର୍ଦ୍ଦିଷ୍ଟ ନିରଖଫର୍ଦ୍ଦ ଅନୁସାରେ ମାସୁଲ ଆଦାୟ କରିବ ।

୩ । ନିରୂପିତ ସଙ୍ଖ୍ୟାରେ ଷ୍ଟୀମବୋଟ ଏବଂ ନୌକା ପ୍ରସ୍ତୁତ ରଖିବ ।

ଉପରଲିଖିତ ନିୟମାନୁସାରେ କାର୍ଯ୍ୟ କରିବାକୁ ଯେଉଁମାନେ ସ୍ୱୀକୃତ ହେବେ ସେମାନଙ୍କ ସଙ୍ଗେ ଯେତେବର୍ଷ ନିମିତ୍ତ ଚୁକ୍ତି ହେବ ସେତେବର୍ଷ ଯାଏ ଘାଟରେ ଏକାକୀ ମାସୁଲ ଆଦାୟ କରିବାର ଅଧିକାର ଦିଆଯିବ ।

ଘାଟର ନକସା ଓ ଅନ୍ୟାନ୍ୟ ସମ୍ବାଦମାନ ଓଡିଶା ବିଭାଗର ସୁପରେଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ନିକଟକୁ ଦରଖାସ୍ତ କଲେ ପ୍ରାପ୍ତହେବ ।

Superintending Engineer
9—6—86 Orissa Circle
Cuttack.

ଏହି ଉତ୍କଳଦୀପିକା କଟକ କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରରେ ଶ୍ରୀ[illegible] ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳଦୀପିକା ତା ୧୯ ରଖ ଜୁନ ସନ ୧୮୮୬ ମସିହା ।

## ବାମଣ୍ଡା ବିଜ୍ଞାପନ ।

### ଅଲଙ୍କାର ବୋଧୋଦୟ ।

ସାହିତ୍ୟ ଶବ୍ଦର ଅର୍ଥ, ସମ୍ୟକ୍‌ହିତ; ହିତଶବ୍ଦର ଅର୍ଥ, ବୁଦ୍ଧି ବିଷଦ ହେବା ନିମିତ୍ତ ବାକ୍ୟାର୍ଥ ଜ୍ଞାନ; ବାକ୍ୟାର୍ଥ ଜ୍ଞାନ, କେବଳ ବାକ୍ୟର ଅର୍ଥ ଜାଣିବାରେ ନୁହେ, କିନ୍ତୁ ଯୋଗ୍ୟତା, ଆକାଂକ୍ଷା, ଆସତ୍ତି ଏମାନଙ୍କଦ୍ୱାରା ବାକ୍ୟ କିପରି ସ୍ୱଘଟିତ ହୋଇଛି ଓ ବାକ୍ୟଗତ ଶବ୍ଦମାନେ କିପରି ବାଚକ, ଲକ୍ଷ୍ୟକ, ଓ ବ୍ୟଞ୍ଜକ ହୁଅନ୍ତି; ଏବଂ ଅଭିଧା, ଲକ୍ଷଣା, ବ୍ୟଞ୍ଜନା କାହାକୁ ବୋଲି ଓ ବ୍ୟଞ୍ଜନା ଅଭିଧାମୂଳ ହେଲେ କିପରି ହୁଏ, ଲକ୍ଷଣାମୂଳ ହେଲେ କିପରି ହୁଏ ଏବଂ ଅର୍ଥରେ କେତେପ୍ରକାର ହୁଏ ଓ କେଉଁ ଶବ୍ଦ ଯୋଗରୁ ଶବ୍ଦମାନଙ୍କର ଅନ୍ୟ ଅର୍ଥ ହୁଏ ଓ ଶବ୍ଦମାନଙ୍କର ତାତ୍ପର୍ଯ୍ୟ କି ଅର୍ଥାତ୍ କେଉଁ ଶବ୍ଦର କେଉଁ ଅର୍ଥରେ ତାତ୍ପର୍ଯ୍ୟ ଏବଂ ବାକ୍ୟଜନ୍ୟ କେତେ ପ୍ରକାର ଦୋଷ, ଓ ଦୋଷମାନଙ୍କର କିପରି ନିରାଶ ହୁଏ ଓ କେଉଁ ଅଲଂକାରରେ ବାକ୍ୟ ମଣ୍ଡିତ ହୁଏ, ଓ କିପରି ଶବ୍ଦ ବିନ୍ୟସ୍ତ ହେବାରୁ ନାନାପ୍ରକାର ଅର୍ଥମାନେ ଧ୍ୱନିତ ହୁଅନ୍ତି ଓ କେଉଁ ରସରେ କିପରି ଅକ୍ଷର ବିନ୍ୟାସ ହୁଏ ଇତ୍ୟାଦି ନାନାପ୍ରକାର ଜାଣିବାକୁ ହେବ । ଏପରିସ୍ଥଳେ କେବଳ ସାଧୁଭାଷାଘଟିତ ଗଦ୍ୟ ପଦ୍ୟ ନିର୍ମିତ ଗ୍ରନ୍ଥକୁ ସାହିତ୍ୟ କହିଲେ ଏକଆଟି ବାସ୍ତବିକ ସ୍ୱଧାଗ୍ରାହିଣୀ ହେବ ବୋଲି ବୋଧ ହୁଏ ନାହିଁ ।

ବାକ୍ୟାର୍ଥଜ୍ଞାନ ଅଲଂକାରଶାସ୍ତ୍ରରେ ପ୍ରାପ୍ତ ହୁଏ; ଅତଏବ ଏହି ଅଲଂକାରବୋଧୋଦୟ ଅଲଂକାର ଶାସ୍ତ୍ରର ସାରାଂଶ ଉଦ୍ଧୃତ; ଏହା ଭାଷାଭିଳାଷୀ ... ମାନଙ୍କର ବାକ୍ୟାର୍ଥଜ୍ଞାନର ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ; ବିଶେଷତଃ ଏହି ପୁସ୍ତକ ହସ୍ତଗତ କଲେ ଉତ୍କଳୀୟ କବିମାନଙ୍କର ନିତାନ୍ତ ବାଞ୍ଛନୀୟ ହେବ ବୋଲି ଭରସା କରୁଁ ।

ଏହି ପୁସ୍ତକରେ କେତେକ ଅକ୍ଷର ଛାପାକାରଙ୍କଦ୍ୱାରା ବ୍ୟାପାଦିତ ହୋଇଅଛି ତାହା ପାଠକମାନେ ମାର୍ଜନା କରିବେ ।

ଏହି ଗ୍ରନ୍ଥର ଆଦର ଜାଣିବା ନିମିତ୍ତ ଟଂ୧୷ ମାତ୍ର ମୂଲ୍ୟ କରିଦିଆ ଯାଇଅଛି ଯଦ୍ୟପି ସ୍କୁଲରେ ବ୍ୟବହାର ହେବ ତେବେ ଅର୍ଦ୍ଧେକ ମୂଲ୍ୟରେ ଛାତ୍ରମାନଙ୍କୁ ଦିଆଯିବ ।

ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନି ଓ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ କଟକ ଓ ଶ୍ରୀଧରଣୀଧର ମିଶ୍ର ସମ୍ବଲପୁରଙ୍କ ଦୋକାନରେ ପ୍ରାପ୍ତବ୍ୟ।

ଶ୍ରୀଯୁତ ରଜା । ବ । ବାମଣ୍ଡା

କଟକ

ମଇ ତା ୩ ରଖ ସ୍ନ ୧୮୮୬ ମଶୀହ

### ପ୍ରଶଂସାପତ୍ର ।

ମାନ୍ୟବର ଶ୍ରୀଯୁତ ବାମଣ୍ଡାଧିପତି ଶ୍ରୀରାଜା ସୁଚଳଦେବ ବାହାଦୁର ମହାଶୟ

ସମୀପେଷୁ ।

ମହାଶୟ ।

ଆପଣଙ୍କ ପ୍ରେରିତ ଅଲଙ୍କାରବୋଧୋଦୟନାମକ ପୁସ୍ତକ ଖଣ୍ଡିଏ ପାଇ ବାଧିତ ହେଲି । ଏ ପୁସ୍ତକଖଣ୍ଡିକ ଉତ୍କଳଭାଷାରେ ରହିବଶେଷ ଉତ୍କଳଭାଷାରେ ଅନେକ ବିଷୟରୁ ପୁସ୍ତକର ଅଭାବ ଅଛି, କିନ୍ତୁ ଯେ ସ୍ଥଳେ ଆପଣଙ୍କ ତୁଲ୍ୟ ବ୍ୟକ୍ତି ତାହାର ଉନ୍ନତି କରିବାକୁ ଚେଷ୍ଟା କରୁଅଛନ୍ତି ସେ ସ୍ଥଳେ ସେ ଅଭାବମାନ ଯେ ଅଚିରେ ଦୂର ହେବ ଏଥିରେ କିଛି ସନ୍ଦେହ ନାହିଁ ।

ଅପଣଙ୍କର ଅନୁଗତ
ଶ୍ରୀନନ୍ଦକିଶୋର ଦାସ

---

Pooree
The 30th May 86.

My dear sir,

I have the pleasure to acknowledge receipt of your letter under date the 21st Instant together with your newly composed book called "*Alankar Bodhodaya*" and it is with fellings of infinite pleasure that I notice your kind recollection of myself.

I find your book will prove useful to good many persons.

You are certainly deserving of thanks for the ability with which you have written the book. I shall remit the price of the book as you let me know how the money is to be sent.

Yours well wisher
Sd. *Tarakanta Vidayasagur.*

ବାମଣ୍ଡା ଦେବଗଡ଼ ।
ତା ୬।୬।୧୮୮୬ ମସିହା

---

ଅଦ୍ୟ ଗୋଟିଏ ଗାଇ ପ୍ରସବ କରି ନ ପାରିବାରୁ ବାଛୁରଟୀ ମୃତ ହୋଇ ତାହାର ଗାତ୍ରଗୋଡ଼ ଓ ମୁଣ୍ଡର ଅର୍ଦ୍ଧେକ ବାହାରିଥାଏ ତାକୁ ଲକ୍ଷ୍ମୀନାରାୟଣନାୟକ ଓ ସୁବୋଧ ମୋହନ ଆଦିତ୍ୟ ନେଟିଭ ଡାକ୍ତର ହସ୍ପିଟାଲ ବାମଣ୍ଡା; ଦକ୍ଷତାର ସହିତ ଡାକ୍ତରୀୟ ଅସ୍ତ୍ରଦ୍ୱାରା କର୍ତ୍ତନ ଏବଂ ଆକର୍ଷଣ ଓ ହସ୍ତ କ୍ଷେପଣ କରି ବାହାର କରି ଆଣିବାରୁ ଗାଇଟି ପ୍ରାଣ ପାଇଲା । ଆମ୍ଭେ ଏହି କାର୍ଯ୍ୟଦ୍ୱାରା ଉକ୍ତ ଡାକ୍ତରଦ୍ୱୟଙ୍କର ସୁଶିକ୍ଷାର ପରିଚୟ ପାଇ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛୁଁ, ଇତି ।

ଶ୍ରୀଯୁତ ରଜା । ବାବାମଣ୍ଡା

---

## । କ୍ସ । କଟକ ମ୍ୟୁନିସି ପାଲଟୀ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ କଟକ ମ୍ୟୁନିସିପାଲଟୀ ଇଲାକାର ଲଛମନିଆଁ ଢୋଙ୍କା ଅର୍ଥାତ୍ ବୋଲମଣ୍ଡାଇ ନିକଟରେ ଏକଗୋଟା ନୂତନ କାଞ୍ଜିହାଉଦା ଚଳିତ ଜୁନମାସ ତାଂ ୫ରିଖ ରୋଜ ମଙ୍ଗଳବାର ଭୋର ସମୟଠାରୁ ଖୋଲାଯିବ ଯେ କେହି ପଶୁ କାଞ୍ଜିହାଉଦାରେ ଦେବାକୁ ଇଚ୍ଛା କରିବେ ସେମାନେ ଦସ୍ତୁର ମାଫିକେ ସେହିଠାରେ ଦେଇ ପାରିବେ ଓ ନିକଟବର୍ତ୍ତୀ ପଶୁସ୍ୱାମିମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ ସେମାନେ ଆପଣା ପଶୁମାନଙ୍କର ଏପରି ବନ୍ଦୋବସ୍ତ କରିବେ କି ଯେପରି କାହାର କ୍ଷତି ନ ହୁଏ ।

ତା ୫ ରିଖ ମାହେ ଜୁନ ସନ ୧୮୮୬ ମସିହା ।

N. K. Das
Chairman

---

## ମେହରୋଗ ।

ଏତେଦିନେ ମେହରୋଗର ଯଥାର୍ଥ ଔଷଧ ମାଉକନ ଦେଶରେ ଆବିଷ୍କାର ହୋଇ ପୃଥିବୀର ନାନାସ୍ଥାନରେ ପ୍ରଚାର ହୋଇଅଛି । ଏହାଦ୍ୱାରା ଉକ୍ତ ରୋଗ ଏବଂ ତହିଁର ଆନୁସଙ୍ଗିକ ଜ୍ୱର ଅଜୀର୍ଣ୍ଣ ଦୁର୍ବଳତା ଶରୀରବର୍ଣ ଇତ୍ୟାଦି ଏକ•

Digitized by srujanika@gmail.com

Split by PDF Splitter



ସମ୍ବାଦ ମଧ୍ୟରେ ଅଗ୍ରେଗଣ୍ୟ ହୁଅଇ । ଅତି ପୁରୁଣା ରୋଗସ୍ଥଳରେ ଦୁଇଭିନ ସମ୍ବାଦ ଔଷଧ ସେବା କରିବାକୁ ପଡ଼ଇ । ଔଷଧ ଯେମନ୍ତ ସୁଗନ୍ଧ ତେମନ୍ତ ସୁସ୍ୱାଦୁ ଅଟଇ । ଏହିଠାରେ ପରୀକ୍ଷାଦ୍ୱାରା ଏଥିର ଗୁଣ ବୁଝା ଯାଇଅଛି । କଟକପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତ୍ୟେକ ଶିଶି ଟ ୬୲ ଡାକରେ ପଠାଇବାକୁ ହେଲେ ପାର୍ସଲ ପ୍ରସ୍ତୁତ ଖର୍ଚ୍ଚ ଟ° ⁄ ଓ ଡାକମହାସୁଲ ଟ° ୳ ଅଧିକା ଲାଗିବ ।

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ପଣି | ବାଦାମି ଉମାଇ | ଦ ୧୬ | ଟ ୨୲⁄ |
| ୧୪ ପଣି | " | " | ଟ ୨ |
| ୧୨ ପଣି | " | " | ଟ ୧୲⁄ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକକାଳେ ଦ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ; ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚଉରକୋଣା ଓ ଲମ୍ବା ଓ ରେଶମୀ ଓ ଗେରୁ ଲୁଗା ଓ ସ୍କେଟସଜନୀ ଓ କଲିଂ କଟା ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଭିଦ୍ଭିନ ଅଲ୍ କେତେକ ଫେଲସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେର ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଜଲିସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ସନ୍ଧ୍ୟାକୁ ଫି ବଗା ଟ°⁄୭ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର କ୍ଷତି ଖରିଦ୍ଦାରଙ୍କ ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଖାଡ଼ିର ପୂରା ମଲ୍ୟ ତାଙ୍କୁ ଦେବାକୁ ହେବ ।

ଉପଫିଲ ।

| | |
|---|---|
| କଲର ଶେଷଣୀ ବ ତ ହୁଁରେ ଗୃହ ଦେଲେ ଗୃହେ । | ବାଡ ଭିତର ସାଜ ବ ବଲ୍ଲ ରଙ୍ଗିନ ଓ ସାଦା |
| ବଟଲେରିଷ୍ଟାଡ଼ | ବଗଗ ବେହେବ |
| କଲେଶୀନ୍ ତେଲ ଜରଲା ସେଜ ସାଦା ଓ ରୋମ ସହିତ । | ରଙ୍ଗ ବୁଲଫଗଛୁବ |
| ଦୁଇଂ ଅର୍ଥାତ ନକସ କରିବା କାଗଜ ପେନ୍‌ସିଲ ଓ କଲମ । | ,, ଏକଫଗ ଛୁବ |
| ପେନ୍‌ସିଲ କାଟିବା ଯନ୍ତ୍ର । | ନେଲସନ ଭଟୋର ମେ କେଷର ଅବଲ |
| ନାନା ପ୍ରକାରର ଚିଠି କାଗଜ ଓ ଲଫାପା | ମାର୍କୀଂ କାଳୀ ଲୁଗାରେ ଚିହ୍ନ ଦେଲେ ଧୋବ ଘରେ କଟଲ ହେବ ନାହିଁ । |
| ଷ୍ଟେମ୍ପିଂ ବ୍ରୁଷ । | ଏ, ଘୋଷଙ୍କ ସମ୍ମେଲିତ କାମିନ ଓ ବ୍ରୁଷ । |
| ପିତଳ ହଣ । | ଦଗଗ ଅପ୍ରେଷଟ । |
| ବଗଗ ସାବୁନ । | ଏନଜ ବାକସ । |
| ଦାବାଇ ସାବାନ ସହିତ ଲୁଗା ପରିଷ୍କାର ହୁଏ । | ସୁଧନ ପେନ । |
| ଅଟୋଗ ଗ୍ରେନ—ଅର୍ଥାତ ସୁଗନ୍ଧୀ ଦ୍ରବ୍ୟ । | ଅଟମେଟିକ ପେନ୍‌ସିଲ ଅର୍ଥାତ ଏ ପେନ୍‌ସିଲ୍‌ରେ ଲେଖି କପିଙ୍ଗ ପେପ ରରୁ ଶ୍ୱାସ ଦେଇ ପେନ୍‌ସିଲ୍ ଲେଖା ଉପରେ ଦେଇ ଚପାଇ ଦେଲେ ତହିଁର ନକଲ ଉଠେ । |
| ଅଏଲ କ୍ଲଥ । | କପିଙ୍ଗ ପେପର । |
| ଓଙ୍କାରର ସୃଙ୍ଗ ଛଡା । | କଷ୍ଟିକ ତେଲରେ ଲଡ କାଳ ଛାଡ଼ । |
| କର୍ପୁର ଅର୍କ । | ରବରର ଷ୍ଟୋପର ଅର୍ଥାତ ଠିପି ବଣ୍ଡଲ ବା ଛକାର ଉବତ । |
| କ୍ଲୋରେଡାଇନ୍ । | ମନିବ୍ୟାଗ । |
| ପୋରସ୍ପ୍ଲାଷ୍ଟର କେଷ୍ଟର ମେଲ ଓ ତଳିକ ଗୋଭରେ ଲଗେ | ରେଡ୍ ବ୍ଲୁ ପେନ୍‌ସିଲ୍ ! |
| ଟୁଥ୍‌ବ୍ରସ ଜାଡ ଅର୍ଥାତ ରେଷିଡାବେରେ ଘଳ ଓ ଶୁଷିଲେ କଲା ହେବ । | ଖମ ବୋତଲ |
| ଅଇନା ଚକ୍ରା ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ | ବନାରସୀ ଶାଢ଼ୀ ଓ ଯୋଡ଼ ଓ ଚଦର |
| ପକେଟବୁକ ଦଂଗଗ ପାଞ୍ଚ ସହିତ ଟ ° ।⁄୨ | ମରସୁଦାବାଦୀ ଓ ଖିର ପାଇ ପାଟଯୋଡ଼ ଓ ଶାଢ଼ୀ । |
| ମୋଜା ଓ ମୋଜାବନ ଉତ୍ତମ ଧୂଆ ନକଲଗଟ ଦଉଗ ସାଙ୍କିନ ଲଦା କଲି ଓ ଘାଇଟଲ ଟୋପ ଟିଠା | ଟ୍ରିଙ୍ଗି ବାଡ |

ଅଧରବନ୍ଧୁର କର କମ୍ପାନୀ

ଏକଜିବର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବାଥ ଟ°୵୧ ପ୍ୟାକିଂ ଖର୍ଚ୍ଚା ଟ ୵ । ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ

ସବୁ ଶୀଘ୍ର ଦୂର ହୋଇଯାଏ । ପାରର ଘା ଗରମୀ ଘା, କାଳୀ ଘା, ବେଙ୍ଗ ଓ ... ଇତରର ଘା, ଶୋଲ ଘା, ଖାଜ ଘା, କାଳର ଫୁଲ, କୋଷ୍ଠ କାଠିନ୍ୟ, ଅଗ୍ନିମାନ୍ଦ୍ୟ, ପେଟଫମ୍ପା ଶୁଚିବାୟୁ, କାଶ, ଶ୍ୱାସକାଶ, ପ୍ରସ୍ରାବପୀଡ଼ା ଭଗ୍ନିଅ, ଧାତୁଦୌର୍ବଲ୍ୟ ଏବଂ ଉତ୍କଟ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଗାମର ତେଲ

ଡାକ୍ତରୀ ଉପାୟରେ ଗାମରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ ଶବ୍ଦ ଔଷଧ ଥାଏ ତେବେ ତାହା ଗାମ । ଗାମର ତେଲ ଆମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । କାଛୁ, ଖାଦୁ, କୁଣ୍ଡିଆ, ଚୁଲ, ପଦ୍ମଖାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୲ କା ଓ ଛୋଟ ବୋତଲ ଟ ୬୲ କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରାଇ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୲ କା, ପ୍ୟାକିଂ ଟ °। ଅଣା । ଡାକଚ ଟ ୧୦୵ ଅଣା ।

## ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉଲ୍ଲିଖିତ ମୂଲ୍ୟ ... ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ °⁄ |
| ଅଧ ସ୍ତମ୍ଭକୁ | ଟ ୬୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ° |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଦର ଟ ° ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅଧା ଓ ଚତୁର୍ଥ ଥରଠାରୁ ସିକି ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

... ମୂଲ୍ୟରୁ ହେବ ।

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୧ ଭ } ସଂ ୨୬ ଖ୍ୟା

ତା ୨୬ ରଖ ମାହେ ଜୁନ ସନ ୧୮୮୬ ମସିହା । ମୁ । ଅଷାଢ ବ ୧୪ ହ ସନ ୧୨୯୩ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୬ ୯ | ଟ ୬୯ |
| ଡାକମାସୁଲ | ଟ ୦ ।୰ | ଟ ୧୯ |

ବାମଣ୍ଡା ବିଜ୍ଞାପନ ।

### ଅଲଙ୍କାର ବୋଧୋଦୟ ।

ସାହିତ୍ୟ ଶବ୍ଦର ଅର୍ଥ, ସମ୍ୟକ୍‌ହିତ; ହିତ-ଶବ୍ଦର ଅର୍ଥ, ବୁଦ୍ଧି ବିଶଦ ହେବା ନିମିତ୍ତ ବାକ୍ୟାର୍ଥ ଜ୍ଞାନ; ବାକ୍ୟାର୍ଥ ଜ୍ଞାନ, କେବଳ ବାକ୍ୟର ଅର୍ଥ ଜାଣିବାର ନୁହେ; କିନ୍ତୁ ଯୋଗ୍ୟତା, ଆକାଂକ୍ଷା, ଆସତ୍ତି ଏମାନଙ୍କଦ୍ୱାରା ବାକ୍ୟ କିପରି ସୁସଙ୍ଗତ ହୋଇଛି ଓ ବାକ୍ୟଗତ ଶବ୍ଦମାନେ କିପରି ବାଚକ, ଲକ୍ଷ୍ୟକ, ଓ ବ୍ୟଞ୍ଜକ ହୁଅନ୍ତି, ଏବଂ ଅଭିଧା, ଲକ୍ଷଣା, ବ୍ୟଞ୍ଜନା କାହାକୁ ବୋଲି ଓ ବ୍ୟଞ୍ଜନା ଅଭିଧାମୂଳ ହେଲେ କିପରି ହୁଏ, ଲକ୍ଷଣାମୂଳ ହେଲେ କିପରି ହୁଏ ଏବଂ ଅର୍ଥରେ କେତେ-ପ୍ରକାର ହୁଏ ଓ କେଉଁ ଶବ୍ଦ ଯୋଗରୁ ଶବ୍ଦ-ମାନଙ୍କର ଅନ୍ୟ ଅର୍ଥ ହୁଏ ଓ ଶବ୍ଦମାନଙ୍କର ତାତ୍ପର୍ଯ୍ୟ କ ଅର୍ଥାତ୍ କେଉଁ ଶବ୍ଦର କେଉଁ ଅର୍ଥରେ ତାତ୍ପର୍ଯ୍ୟ ଏବଂ ବାକ୍ୟଜନ୍ୟ କେତେ ପ୍ରକାର ଦୋଷ, ଓ ଦୋଷମାନଙ୍କର କିପରି ନାଶ ହୁଏ ଓ କେଉଁ ଅଲଂକାରରେ ବାକ୍ୟ ମଣ୍ଡିତ ହୁଏ, ଓ କିପରି ଶବ୍ଦ ବିନ୍ୟସ୍ତ ହେବାରୁ ନାନାପ୍ରକାର ଅର୍ଥମାନେ ଧ୍ୱନିତ ହୁଅନ୍ତି ଓ କେଉଁ ରସରେ କିପରି ଅକ୍ଷର ବିନ୍ୟାସ ହୁଏ ଇତ୍ୟାଦି ନାନାପ୍ରକାର ଜାଣିବାକୁ ହେବ । ଏପରିସ୍ଥଳେ କେବଳ ସାଧୁଭାଷାଘଟିତ ଗଦ୍ୟ ପଦ୍ୟ ନିର୍ମିତ ଗ୍ରନ୍ଥକୁ ସାହିତ୍ୟ ବୋଇଲେ ଏକଥାଟି ବାସ୍ତବିକ ସୁଧାଶ୍ରାବଣୀ ହେବ ବୋଲି ବୋଧ ହୁଏ ନାହିଁ ।

ବାକ୍ୟାର୍ଥଜ୍ଞାନ ଅଲଂକାରଶାସ୍ତ୍ରରେ ପ୍ରାୟ ଭଲ ହୁଏ; ଅତଏବ ଏହି ଅଲଂକାରବୋ-ଧୋଦୟ ଅଲଂକାର ଶାସ୍ତ୍ରର ସାରାଂଶ କହୁଛି; ଏହା ଭାଷାଭିଳାଷୀ ସୁଶିକ୍ଷିତମାନଙ୍କର ବାକ୍ୟାର୍ଥଜ୍ଞାନର ସୋପାନ ବୋଇଲେ ଅତ୍ୟୁକ୍ତି ହେବ ନାହିଁ; ବିଶେଷତଃ ଏହି ପୁସ୍ତକ ସଂସ୍କୃତା-ନଭିଜ୍ଞ ଉତ୍କଳୀୟ କବିମାନଙ୍କର ନିତାନ୍ତ ବାଞ୍ଛନୀୟ ହେବ ବୋଲି ଭରସା କରୁଁ ।

ଏହି ପୁସ୍ତକରେ କେତେକ ଅକ୍ଷର ଛପା-କାରଙ୍କଦ୍ୱାରା ବ୍ୟାପାଦିତ ହୋଇଅଛି ତାହା ପାଠକମାନେ ମାର୍ଜନା କରିବେ ।

ଏହି ଗ୍ରନ୍ଥର ଆଦର ଜାଣିବା ନିମିତ୍ତ ଟ ୦ ।୰ ମାତ୍ର ମୂଲ୍ୟ କରିଦିଆ ଯାଇଅଛି ଯଦ୍ୟପି ସ୍କୁଲରେ ବ୍ୟବହାର ହେବ ତେବେ ଅର୍ଦ୍ଧେକ ମୂଲ୍ୟରେ ଛାତ୍ରମାନଙ୍କୁ ଦିଆଯିବ ।

ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନି ଓ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ କଟକ ଓ ଶ୍ରୀଧରଣୀ-ଧର ମିଶ୍ର ସମ୍ବଲପୁରଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଶ୍ରୀଯୁକ୍ତ ରାଜା । କ । ବାମଣ୍ଡା

କଟକ

ମଇ ତା ୩ ରେଖ ସ୍ନ ୧୮୮୬ ମସୀହ

ପ୍ରଶଂସାପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ବାମଣ୍ଡାଧିପତି ଶ୍ରୀରାଜା ସୁତଲଦେବ ବାହାଦୁର ମହାଶୟ ସମୀପେଷୁ ।

ମହାଶୟ ।

ଆପଣଙ୍କ ପ୍ରେରିତ ଅଲଙ୍କାରବୋଧୋଦୟ-ନାମକ ପୁସ୍ତକ ଖଣ୍ଡିଏ ପାଇ ବାଧିତ ହେଲି । ଏ ପୁସ୍ତକଖଣ୍ଡିକ ଉତ୍କଳଭାଷାରେ ରଚିତବିଶେଷ ଉତ୍କଳଭାଷାରେ ଅନେକ ବିଷୟରୁ ପୁସ୍ତକର ଅଭାବ ଅଛି, କିନ୍ତୁ ଯେ ସ୍ଥଳେ ଆପଣଙ୍କ ତୁଲ୍ୟ ବ୍ୟକ୍ତି ତାହାର ଉନ୍ନତି କରିବାକୁ ଚେଷ୍ଟା କରୁଅଛନ୍ତି ସେ ସ୍ଥଳେ ସେ ଅଭାବମାନ ଯେ ଅଚିରେ ଦୂର ହେବ ଏଥିରେ କିଛି ସନ୍ଦେହ ନାହିଁ ।

ଆପଣଙ୍କର ଅନୁଗତ

ଶ୍ରୀନନ୍ଦକିଶୋର ଦାସ

---

Pooree

The 30th May 86.

My dear sir,

I have the pleasure to acknowledge receipt of your letter under date the 21st Instant together with your newly composed book called "*Alankar Bodhodaya*" and it is with fellings of infinite pleasure that I notice your kind recollection of myself.

I find your book will prove useful to good many persons.

You are certainly deserving of thanks for the ability with which you have written the book. I shall remit the price of the book as you

Digitized by srujanika@gmail.com

let me know how the money is to be sent.

Yours well wisher

Sd. *Tarakanta Vidayasagur.*

ବାମଣ୍ଡା ଦେବଗଡ଼ ।

ତା ୭।୬।୧୮୮୬ ମସୀହା

---

ବଳୀ ଭୁଜଙ୍ଗରେ ଅନେକଲୋକ ଲୁଟିତ ଘର ଓ ଦଙ୍ଗାହଙ୍ଗାମ କରିବା କାରଣ ଜମିସ୍ବଭବସ୍ତ ହୋଇଥିବାର ସମ୍ବାଦ ପାଇ ଏଠାର ପୁଲିସ ସାହେବ ଏବଂ ସଦର ଇନସ୍ପେକ୍ଟର ଗତ ସପ୍ତାହରେ ସେଠାକୁ ଯାଇଥିଲେ । ତଦାରଖରେ ତାହାଁର ବହୁ ମୂଳ ନ ପାଇ ଫେରି ଆସିଅଛନ୍ତି । କଥିତ ହୁଅଇ ଯେ ରାଜାମାନଙ୍କ ତରଫରୁ ଏପରି କୌଣସି ଉଦ୍ୟମ ହୋଇ ନ ଥିବା ବରଂ କୋର୍ଟଅଫ ୱାର୍ଡସଙ୍କ କର୍ମଚାରୀଙ୍କ ପକ୍ଷରୁ ଜୁଲମ ହେବାରୁ ତତ୍ସମ୍ପର୍କରେ କେନ୍ଦ୍ରାପଡ଼ା ଫଉଜଦାରୀ ଅଦାଲତରେ ମୋକଦ୍ଦମା ଚଳୁଥିବାର ପୁଲିସ ସାହେବ ରିପୋର୍ଟ କରିଅଛନ୍ତି । ଆମ୍ଭେମାନେ ଏ ସମ୍ପର୍କରେ ଖଣ୍ଡିଏ ଦୀର୍ଘପତ୍ର ପାଇଅଛୁଁ । ସ୍ଥାନାଭାବରୁ ଏଥର ପ୍ରକାଶ କରିପାରିଲୁଁ ନାହିଁ ।

---

ଗତ ସପ୍ତାହରେ ଏଠାରେ ଯେଉଁସମୟରେ ଝଡ଼ ବର୍ଷା ହୋଇଥିଲା ସେ ସମୟରେ ବଙ୍ଗଅଖାତରେ ଗୋଟିଏ ବାତ୍ୟା ଉଦୟ ହୋଇଥିଲା । ଏହି ବାତ୍ୟା ସମୁଦ୍ର ମଧ୍ୟରେ ଦକ୍ଷିଣରୁ ଉତ୍ତରକୁ ଅଗ୍ରସର ହୋଇ କେଦ୍ୱାର ପ୍ରଦେଶବାଟେ ମିରଜାପୁର ପର୍ଯ୍ୟନ୍ତ ଗମନ କରିଥିଲା । ଦାର୍ଜିଲିଂ ପାହାଡ଼ରେ ମଧ୍ୟ ଏହି ସମୟରେ ଘୋର ବତାସ ହୋଇ କେତେକ ବଡ଼ ବଡ଼ ଗଛ ଉପାଡ଼ ପକାଇଥିଲା । ଓଡ଼ିଶାଉପକୂଳ ବଣଘରଠାରୁ ସାଗର ପର୍ଯ୍ୟନ୍ତ ସମୁଦ୍ରରେ ଏହି ବାତ୍ୟା ପ୍ରବଳରୂପେ ଅନୁଭୂତ ହେବାରୁ ଜାହାଜ ଯିବା ଆସିବା ଦୁଇଦିନ ବନ୍ଦ ଥିଲା ଏବଂ ଉପକୂଳରୁ ସ୍ପର୍ଶ କରିବାରୁ ଏଠାରୁ ବାଲେଶ୍ୱର ଓ କଳିକତା ପର୍ଯ୍ୟନ୍ତ ଘୋର ବୃଷ୍ଟି ହୋଇଥିଲା । ଭୂମିଖଣ୍ଡ ଭିତରକୁ ଅଧିକ ଦୂର ଯାଇ ନ ଥିବାରୁ ଏହି ବୃଷ୍ଟି ହଠାତ୍ ଯେମନ୍ତ ନଷ୍ଟକରି ଅସିବାର ସମ୍ଭାବନା ଥିଲା ତାହା ଘଟି ନାହିଁ ।

---

ଶ୍ରୀ ବାବୁ ଫକୀରମୋହନ ସେନାପତିଙ୍କ ମହାଭାରତ ପ୍ରକାଶ କରିବା ବିଷୟରେ ବାବୁ ଭଗବାନଚନ୍ଦ୍ର ଦାସ ବାଲେଶ୍ୱର ସମ୍ବାଦବାହିକାରେ ବିଜ୍ଞାପନ ଦେଇଥିଲେ ତାହାଁର ପ୍ରଥମସଂଖ୍ୟା ଉପହାର ପ୍ରାପ୍ତ ହୋଇଥିବାର ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଫକୀରମୋହନ ବାବୁଙ୍କ ଯୋଗ୍ୟତା ବିଷୟ କହିବାର ଆବଶ୍ୟକ ନାହିଁ । ପୁଣି ଏଥିପୂର୍ବେ ଏହି ମହାଭାରତ ରାଜା ଶ୍ୟାମାନନ୍ଦ ଦେଙ୍କ ଆନୁକୂଲ୍ୟରେ ପ୍ରକାଶ କରିବାକୁ ପ୍ରବୃତ୍ତ ହୋଇ ନମୁନା ସ୍ୱରୂପ ଏକଫର୍ମା ଯେତେବେଳେ ପଠାଇ ଥିଲେ ସେତେବେଳେ ଅମ୍ଭେମାନେ ଆପଣା ମତ ବ୍ୟକ୍ତ କରିଥିଲୁଁ । ଆଉ ବହୁ କହିବାର ନାହିଁ । ମହାଭାରତ ପରି ଶ୍ରେଷ୍ଠ ବହୁମୂଲ୍ୟ ପୁସ୍ତକ ଯାହା ହିନ୍ଦୁମାନଙ୍କର ଗୌରବ ସ୍ଥଳ ଓ ନରନାରୀ ସମସ୍ତଙ୍କର ମନୋଯୋଗ ପୂର୍ବକ ପଢ଼ିବାର ଉଚିତ ଉତ୍କଳଭାଷାରେ ମୁଦ୍ରିତ ହେବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଭରସା କରୁଁ ଉତ୍କଳବାସୀମାନେ ଉପଯୁକ୍ତ ସାହାଯ୍ୟ ପ୍ରଦାନଦ୍ୱାରା ଗ୍ରନ୍ଥକାର ଓ ପ୍ରକାଶକଙ୍କୁ ଅଧ୍ୟାୟିତ କରିବେ ଏବଂ ଗୋଟିଏ ମହତ ଅଭାବ ଦୂରୀଭୂତ ହେବ ।

---

ଆମ୍ଭମାନଙ୍କର ଏକଟିଂ କଲେକ୍ଟର ଇଂଲିସସାହେବ ଜଗତସିଂହପୁର ଓ ସାଇବାର ଅଞ୍ଚଳରେ ଗସ୍ତ କରିବାକୁ ଗତ ମଙ୍ଗଳବାର ଦିନରେ ଯାଇଅଛନ୍ତି ଆଉକାଲି ଫେରି ଆସିବେ । ଏ ଭ୍ରମଣର ଉଦ୍ଦେଶ ଏହି ଯେ ଏ ବର୍ଷ ବାଇକମାସ୍ତର ସାହେବ ଅଲକା ନଦୀର ମୁହଁ ରୁନ୍ଧି କରି ଦେବନଦୀ ଓ ହଲୁଆଣୀ ନଦୀର କେତେକ ବନ୍ଧ ଉଠାଇ ଦେଇଅଛନ୍ତି । ଏଥିପକ୍ଷରେ ଜମିଦାର ଓ ପ୍ରଜାମାନେ ଅନେକ ଆପତ୍ତି କରିଥିଲେ ମାତ୍ର ତନ ଇତ୍ୟାଦ ବିଷୟରେ ବାଇକମାସ୍ତର ସାହେବଙ୍କ କଥା ବେଦବାକ୍ୟ ଅଟଇ ଲୋକଙ୍କ ଆପତ୍ତି ଠହରିବ କିପରି । ଆପତ୍ତିମାନ ଅଗ୍ରାହ୍ୟ ହେଲା ଓ ବାଇକମାସ୍ତରକର୍ମଚାରୀମାନେ ଅନେକ ବ୍ୟୟରେ ଅଲକାନଦୀ ମୁହଁରେ ବନ୍ଧଟିଏ ପ୍ରସ୍ତୁତ କରିଦେଲେ ସେ ନଦୀରେ ଆଉ ପାଣି ଯିବ ନାହିଁ ସେହି ପାଣି ଦେବନଦୀ ଓ ହଲୁଆଣୀ ନଦୀରେ ଯିବ ଓ ଉଭୟର ପାର୍ଶ୍ୱସ୍ଥିତ କେତେକ ବନ୍ଧ କଟା ହୋଇଥିଲେହେଁ ବନ୍ୟାସମୟରେ ପାଣି ଅତି ହଠାତ୍ ଉଠି ସେ ଦୂଇ ନଈ ମଧ୍ୟସ୍ଥିତ ଶଙ୍ଖାରୀପାଳ ପାଙ୍କଡାପୁର ଇତ୍ୟାଦ ସହର ଗୋଷ୍ଠ ବୃହତ ଗ୍ରାମର ଅନିଷ୍ଟ କରିବାର ଏହେତୁ ଗତ ମାର୍ଚ୍ଚ ଓ ଅପ୍ରେଲ ମାସରେ ସେହି ଗ୍ରାମବାସିମାନଙ୍କୁ ସେହି ସେହି ଗ୍ରାମମାନଙ୍କରୁ ଉଠିଯାଇ ଅନ୍ୟ ସ୍ଥାନରେ ଗୃହ ନିର୍ମାଣ କରି ରହିବା କିମ୍ବା ନିଜ ଗ୍ରାମରେ ରହିଲେ ଘରର ପୋସ୍ତା ବାନ୍ଧିବା ବିଷୟକ ନୋଟିସ ଦିଆଯାଇଥିଲା । ନିକଟରେ ବାବୁ ନିତ୍ୟାନନ୍ଦ ଘୋଷ ସବଡେପୋଟି ସେଠାକୁ ଯାଇ ଦେଖିଲେ ଲୋକେ ଘର ଛାଡ଼ି ଯିବାକୁ ଚାହାନ୍ତି ନାହିଁ କିମ୍ବା ପ୍ରଚଳିତ ପୋସ୍ତା ବାନ୍ଧି ନାହାନ୍ତି ବନ୍ୟା ସମୟରେ ତାଙ୍କର ଅପଦ ଘଟି ପାରେ ଗ୍ରାମସବୁ ଭାସିଯାଇ ପାରେ । ଇଂଲିସ ସାହେବ ଏହି କଥା ତାଙ୍କଠାରୁ ଶୁଣି ନିଜେ ସେ ସ୍ଥାନସବୁ ଦେଖିବା ନିମନ୍ତେ ଯାଇ ଅଛନ୍ତି ଓ ଗ୍ରାମବାସିଙ୍କ ରକ୍ଷା ନିମନ୍ତେ କେତେକ ଖଣ୍ଡ ନଉକା ଭାଡ଼ିକରିବାକୁ ଟ ୫୦୦ ଙ୍କା ବ୍ୟୟରେ ନିଯୁକ୍ତ କରି ପଠାଇ ଅଛନ୍ତି । ଏଟଙ୍କା ବାଇକମାସ୍ତର ଦେଇଅଛନ୍ତି ଓ ଯେଉଁମାନେ ଉଠିଯିବେ ସେମାନଙ୍କୁ କ୍ଷତିପୂରଣ ଦେବା କାରଣ ଦୁଇସହସ୍ର ଟଙ୍କା କଲେକ୍ଟରଙ୍କଠାରେ ଅମାନତ କରିଅଛନ୍ତି । ଇଂଲିସ ସାହେବ କଣ କରିବେ ଦେଖାଯିବ ।— କିନ୍ତୁ ସୁବିଧାର ହେବ କି ?

---

ଅଳ୍ପଦିନ ହେଲେ ଡାକ୍ତର ହଣ୍ଟର ସାହେବ ସିମଲା ସିଣ୍ଡିକେଟରେ ଅରଙ୍ଗଜେବ ପତ୍ତନ ନାମରେ ଏକ ବକ୍ତୃତା ପ୍ରଦାନ କରିଥିଲେ । ହଣ୍ଟର ସାହେବ ଆମ୍ଭମାନଙ୍କ ନିକଟରେ ନୂତନ ଓ ଅପରିଚିତ ନୁହନ୍ତି । ଏହାଙ୍କ କୃତ ଇଂରାଜୀଭାଷାରେ ଓଡ଼ିଶାର ଇତିହାସ ଏହାଙ୍କର ପରିଚୟ ଉତ୍ତମରୂପେ ପ୍ରଦାନ କରଇ । ଏହାଙ୍କ ରୁଚି ଓ ମତ ଅନ୍ୟାନ୍ୟ ସ୍ୱାର୍ଥପର ଇଂରାଜମାନଙ୍କ ପରି ନୁହେ । ଏହାଙ୍କ ବିଦ୍ୟା ଯେମନ୍ତ ଅଗାଧ ମନ ତେମନ୍ତ ଉଦାର ପ୍ରଶସ୍ତ ଅଟଇ । ବକ୍ତୃତା ଲେଖକଙ୍କ ଉପରେ ସ୍ନେହ ଥିବାର ଲକ୍ଷିତ ହୁଏ । ଏପ୍ରକାର ସଦ୍ଗୁଣ ଦେଖି କେହି କେହି ଈର୍ଷାଯୁକ୍ତ, ଲଘୁମନା, ଅହଙ୍କାରୀ ବ୍ୟକ୍ତିମାନେ ଆଶ୍ଚର୍ଯ୍ୟ ହେଉ ଥିବେ । ଇଂଲଣ୍ଡରେ ଆଇର୍ଲଣ୍ଡର ଛପ୍ସ ଘେନ ଘୋର ଗୋଲମାଳ, ଏଥିଭେ ବ୍ରହ୍ମଦେଶର ଶାନ୍ତି ଏପର୍ଯ୍ୟନ୍ତ ସ୍ଥାପନ

Split by PDF Splitter

Digitized by srujanika@gmail.com

ହେଲ ନ[…]ଦୂତଙ୍କୁ କେତେକ ଲୋକ ପ୍ରେରଣ କ[…]ଇ ଅଦେଶ ଦୂତଗଣମାନେ ଶୁଣି ସେମାନେ ବଡ ରୁଷ୍ଟ, ଓ ବଡଲାଟ ଓ ଅନ୍ୟାନ୍ୟଲାଟ ଉଚ୍ଚ ପଦମାନେ ଶୈଳ ଶିଖରରେ ଶୀତଳବାୟୁ ସେବନ କରୁଅଛନ୍ତି ଏ ପ୍ରକାର ସମୟରେ ହଣ୍ଟର ସାହେବ ଆରଙ୍ଗଜେବ ସମ୍ବନ୍ଧରେ କାହିଁକି କଲମଚାଳନା କଲେ ତାହା ଅଜକାଲି ସାଧାରଣଙ୍କ ସମାଲୋଚନାର ବିଷୟ ହୋଇଅଛି । ଦୁଃଖର ବିଷୟ ତାଙ୍କ କଲମର ସମୁଦାୟ ଅଂଶ କୌଣସି କାଗଜରେ ପ୍ରକାଶହୋଇ ନାହିଁ । କେବଳ ଯାହା କିଛି ପ୍ରକାଶିତ ହୋଇଅଛି ତହିଁର ସାରାଂଶ ନିମ୍ନେ ପ୍ରକାଶକଲୁଁ—ଆରଙ୍ଗଜେବଙ୍କୁ ମୋଗଲ ରାଜବଂଶର ଶେଷରାଜା ବୋଲି ନ କହିଲେ ସୁଦ୍ଧା ତାହାଙ୍କଠାରୁ ମୋଗଲସାମ୍ରାଜ୍ୟର ଅଧଃପତନର ଆରମ୍ଭ ହୋଇଅଛି ସନ୍ଦେହ ନାହିଁ । ଏହାଙ୍କ ଜୀବନୀ ଉଲ୍ଲେଖ କରୁଁ ଅନ୍ୟାନ୍ୟ ପୂର୍ବ ମୋଗଲ ରାଜାମାନଙ୍କ ଜୀବନବୃତ୍ତାନ୍ତ ସଂକ୍ଷିପ୍ତସମାଲୋଚନା କରି ଅଛନ୍ତି । ମୋଗଲରାଜା ଅକବର ସମୟରେ ରାଜ୍ୟରେ କିପରି ଶାନ୍ତି ବିରାଜିଥିଲା ଆଉ ଆରଙ୍ଗଜେବଙ୍କ ସମୟରେ କିପରି ଅଶାନ୍ତି ପ୍ରବେଶ କଲା ତାହା ବିଶଦରୂପେ ହଣ୍ଟର ସାହେବ ବର୍ଣ୍ଣନା କରିଅଛନ୍ତି । ସେ କହନ୍ତି ହିନ୍ଦୁଙ୍କଠାରେ ଅକବର ବାଦସାହାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା କେଣୁ ସେ ହିନ୍ଦୁଙ୍କଦ୍ୱାରା ମହତ୍କାର୍ଯ୍ୟମାନ ସାଧନ କରିଥିଲେ । ହିନ୍ଦୁସେନାପତିମାନେ ତାହାଙ୍କସକାଶେ ଅନେକ ଦେଶ ଜୟ କରିଥିଲେ ହିନ୍ଦୁ—ରାଜସ୍ୱସଚିବ ହୋଇ ରାଜ୍ୟର ଶୃଙ୍ଖଳା କରିଥିଲେ ହିନ୍ଦୁସାମନ୍ତ ଜାତିମାନେ ସେନା ଯୋଗାଉଥିଲେ ସୁତରାଂ ହିନ୍ଦୁ ଅକବର ସମ୍ରାଟଙ୍କ ଦକ୍ଷିଣହସ୍ତ ଥିଲେ କିନ୍ତୁ ଆରଙ୍ଗଜେବ ହିନ୍ଦୁଙ୍କୁ ଅପମାନ ଓ ଲାଞ୍ଛନା କଲେ, ହିନ୍ଦୁଙ୍କ ଉପରେ କର ଧାର୍ଯ୍ୟକଲେ, ହିନ୍ଦୁଙ୍କମନ୍ଦିର ନଷ୍ଟକଲେ ହିନ୍ଦୁଙ୍କୁ ଅବିଶ୍ୱାସ କଲେ ସୁତରାଂ ଫଳ ହେଲା ଅଧଃପତନ ଯଦ୍ୟପି ଆରଙ୍ଗଜେବ ନ୍ୟାୟବାନ୍ ତେଜସ୍ୱୀ, ନିର୍ଭୀକ, ବଳବାନ୍ ଓ ଦୃଢ ଥିଲେ ତଥାପି ହିନ୍ଦୁମାନଙ୍କୁ ଅବିଶ୍ୱାସ କରିବାରୁ ତାଙ୍କପାଖେ କେହି ପଶିଲେ ନାହିଁ । ହିନ୍ଦୁଙ୍କୁ ଅବିଶ୍ୱାସ କରିବାରେ କି ଫଳ ହୁଏ ସେହି ବିଷୟ ଇଙ୍ଗିତଦ୍ୱାରା ହଣ୍ଟରସାହେବ ଇଂରାଜଙ୍କୁ ଦେଖାଇଦେଇ ଅଛନ୍ତି । ଉପସଂହାରରେ ସେ ସ୍ପଷ୍ଟ କହିଅଛନ୍ତି ଯେ ଦେଶୀୟ ଲୋକଙ୍କପ୍ରତି ହତଶ୍ରଦ୍ଧା ହେତୁରୁ ମୋଗଲରାଜ୍ୟ ନଷ୍ଟହେଲା । ଇଂରେଜ ଏହି ଜାତିକି ଏକଭାବରେ ଆପଣାର ଭାବିଲେ ବ୍ରିଟିସ୍ ରାଜ୍ୟ ଈଶ୍ୱରଙ୍କ ଇଚ୍ଛାରେ ଦୀର୍ଘକାଳ ଅକ୍ଷୁନ୍ନ ରହିବ । ଏଥିଉତ୍ତାରୁ ହଣ୍ଟରସାହେବ ବିଶେଷ ସ୍ପଷ୍ଟକରି ଆଉ କଅଣ ବୁଝାଇବେ ? ଏହି ସଦୁପଦେଶ ନ୍ୟାୟବାକ୍ୟସବୁ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣକୁହରେ ପ୍ରବେଶ କରିବ ? ସତେକି ହିନ୍ଦୁ ଇଂରାଜଙ୍କ ବିଶ୍ୱାସୀ ହେବେ ?

---

## ପଶ୍ଚିମା ଡକାଏତ ।

ବଙ୍ଗଳାର ପୁଲିସ ଇନସ୍ପେକ୍ଟରଙ୍କ ରିପୋର୍ଟରୁ ଜଣାଗଲା ଯେ ଏକଦଳ ପଶ୍ଚିମା ପେସାଦାର ଡକାଏତ ଅନେକଦିନରୁ ଗଙ୍ଗାନଦୀରେ ନୌକାଯୋଗେ ଚୋରି ବ୍ୟବସାୟ ଚଳାଇ ଆସୁଥିଲେ । ସମ୍ପ୍ରତି ପୁଲିସ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଧରି ଦଣ୍ଡଦିଆଇ ଏମାନଙ୍କ ଦଳ ଭାଙ୍ଗି ଦେଇଅଛନ୍ତି ଏବଂ ଭରସା କରୁଅଛି ଭବିଷ୍ୟତରେ ସେମାନେ ଆଉ ଏପ୍ରକାର ବ୍ୟବସାୟ ଚଳାଇ ପାରିବେ ନାହିଁ । ପୁଲିସର ଏହି ଗୋଟିଏ ବାହାଦୁରୀ କଥା ଶୁଣି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ । ଗତ ବର୍ଷ ଫେବୃଆରି ମାସରେ କେତେକ ଖଣ୍ଡ ନୌକାରୁ ଅନେକ ଚାଉଳ ଏବଂ ନଗଦ ଟ ୫୬୦୦ଙ୍କା ରାମପୁରବୋୟାଲିୟାକୁ ସାତକୋଶ ଛଡା ଗଙ୍ଗାନଦୀତୀରସ୍ଥ ଚୋର କଚୋଲା ନାମକସ୍ଥଳରୁ ଚୋରିଯିବାର ଶୁଣାଯାଇ ହେବାରୁ ସେହିଠାରେ ଥିବା ଖଣ୍ଡେ ପଶ୍ଚିମାନୌକାର ତଲାସି ନିଆଗଲା ଏବଂ ତହିଁ ମଧ୍ୟରୁ କେତେକ ଅଳଙ୍କାରାଦି ସମ୍ପତ୍ତି ପାଆଗଲା ଏସମସ୍ତ ଅତି ଗୋପନଭାବରେ ନୌକାମଧ୍ୟରେ ଲୁଚାଇ ରଖାଯାଇଥିବାରୁ ବଡ ସନ୍ଦେହ ହେଲା ଏବଂ ନାଉରୀମାନଙ୍କଠାରୁ ସନ୍ଧାନ ନିଆଯାଇ ଉଜାଣି ଫେରି ଯାଉଥିବା ଆଉ କେତେକଖଣ୍ଡ ନୌକାରେ ଲୁଚାଇଥିବା ଆଉ କେତେକ ମାଲ ପାଆଗଲା । ଏହି ମୋକଦ୍ଦମାମାନ ଉପଯୁକ୍ତ ପୁଲିସ କର୍ମଚାରୀଙ୍କ ହାତ ତଦାରକ ହେବାରୁ ପ୍ରକାଶ ପାଇଲାଯେ ପଶ୍ଚିମ ପ୍ରଦେଶର କେତେକଲୋକ ଚୋର ଦଳବଦ୍ଧ ହୋଇ ଅନେକବର୍ଷରୁ ଜଳ ଓ ସ୍ଥଳରେ ଚୋରି କରୁଅଛନ୍ତି । ଏହି ଦଳଭୁକ୍ତ ଲୋକଙ୍କ ସଂଖ୍ୟା ନ ୬୦।୭୦ଜଣ ହେବ ଏବଂ ଏମାନଙ୍କ ଅଧୀନରେ ଅନ୍ୟୁନ ୧୦ ଖଣ୍ଡ ନାବ ଅଛି । ଏମାନଙ୍କ ସଦରମୁକାମ ମିରଜାପୁର । ସେଠାରୁ ପଥର ଇତ୍ୟାଦି ନାବରେ ବୋଝାଇ କରି ତାହା ବିକିବା ଛଳରେ ନାନାସ୍ଥଳରେ ଚୋରି କରି ବୁଲନ୍ତି । ମିରଜାପୁର ଢାକା ଏବଂ ସେରାଜଗଞ୍ଜରେ ଏମାନଙ୍କର ଆନଦାର ଅଛନ୍ତି ସେମାନେ ଚୋରିମାଲ ଗ୍ରହଣ ଓ ବିକ୍ରୟ କରନ୍ତି ଏବଂ ସେ ଟଙ୍କା ଚୋରମାନଙ୍କ ନାଇକଙ୍କୁ ପଠାଇ ଦିଅନ୍ତି ମଧ୍ୟ କେହି ଧରାପଡିଲେ ଗୁହା ଓ ଉକିଲ ଖର୍ଚ୍ଚ ଇତ୍ୟାଦି ଯୋଗାଇ ମୋକଦ୍ଦମାର ସାହାଯ୍ୟ କରନ୍ତି । ଆବଶ୍ୟକ ମତେ ଚୋରମାନେ ଏକ ନୌକାରୁ ଅନ୍ୟ ନୌକାକୁ ବଦଳୀ ହୁଅନ୍ତି ଏବଂ ନାମ ବଦଳାଇ ଦିଅନ୍ତି । ଏମାନଙ୍କ କାର୍ଯ୍ୟକ୍ଷେତ୍ର ଭାଗଲପୁରଠାରୁ ଢାକା ଏବଂ ଧୁବଡିଠାରୁ ସିରାଜଗଞ୍ଜ ପର୍ଯ୍ୟନ୍ତ ଅଟଇ । ଦୀର୍ଘକାଳ ତଦାରକ ଦ୍ୱାରା ୧୬ ମୋକଦ୍ଦମାରେ ନ ୩୮ ଜଣ ଆସାମି ଧରାପଡି ତହିଁମଧ୍ୟରୁ ନ ୩୧ ଜଣ ଦଣ୍ଡ ପାଇଲେ ଏବଂ ଚୋରି ଯାଇଥିବା ଟ ୬୦୦୦ଙ୍କା ମଧ୍ୟରୁ ପ୍ରାୟ ଅର୍ଦ୍ଧେ ପୁନଃପ୍ରାପ୍ତ ହେଲା । ଏମାନେ ଏତେ ସାହସ ପୂର୍ବକ କାର୍ଯ୍ୟ କରୁଥିଲେଯେ ମୋକଦ୍ଦମା ଚାଲୁଥିବା ସମୟରେ ସେମାନଙ୍କ ମଧ୍ୟରୁ ଏକବ୍ୟକ୍ତି କ ତାହା ନାମରେ ଅନେକ ପାର୍ସଲ ଓ ମନିଅର୍ଡର ପ୍ରେରିତ ହୋଇଥିଲା ମୋକଦ୍ଦମାର ତଦବିର କରିବା କାରଣ ରାଜସାହିକୁ ଆସିଥିଲା ଏବଂ ସେଠାରେ ଧରାପଡି ଦଣ୍ଡବିଧି ଆଇନର ଧା ୪୧୬ ରା ଅନୁସାରେ ଦୁଇବର୍ଷ କଠିନ ପରିଶ୍ରମ ସହିତ କଏଦ ରହିବାର ଦଣ୍ଡ ପାଇଲା । ଏହିପରି ବଦମାସମାନେ ଏଥର ଜବଦ ହୋଇ ଅଛନ୍ତି ।

---

## ପଶୁ-ଚିକିତ୍ସାଳୟ ।

ଭାରତବର୍ଷ କୃଷି ପ୍ରଧାନ ଦେଶ ଏବଂ କୃଷିର ପ୍ରଧାନ ବଳ ଗୋରୁ । ଗୋରୁବିନା କୃଷିକର୍ମ ହେବାର ନୁହଇ ମାତ୍ର ଏକ ପକ୍ଷରେ ପଶୁମଡକରେ ଅନେକ ଗୋରୁ ନାଶ ଏବଂ ଅପରପକ୍ଷରେ କୃଷିର ବିସ୍ତାର ହେତୁ ଦଣ୍ଡା ଗୋଚରା ପଡିଆ ଇତ୍ୟାଦି ଭଙ୍ଗା ହେବା ଦ୍ୱାରା ଘାସ ଓ ଚରାଇର ଅଭାବ ହେବାରୁ ଗୋକୁଳ କ୍ରମାଗତ ଦୁର୍ବଳ ଓ ହୀନଦଶାକୁ ଲଭୁଅଛନ୍ତି । ଏଥିରେ କୃଷକଙ୍କ ସାଧାରଣ ଅନିଷ୍ଟ ହେଉଅଛି ସନ୍ଦେହ

ନାହିଁ । ଅତଏବ ଗୋମେଷାଦି ପଶୁମାନଙ୍କ ଚିକିତ୍ସା ଏବଂ ସେମାନଙ୍କର ଉନ୍ନତିସାଧନ ଉଦ୍ଦେଶରେ ବହୁତ ବନ୍ଦୋବସ୍ତ କରିବା ଏ ଦେଶର ଶାସନକର୍ତ୍ତାମାନଙ୍କର ଅତ୍ୟନ୍ତ ଅବଶ୍ୟକୀୟ କର୍ତ୍ତବ୍ୟକର୍ମ ହୋଇଅଛି ଏଥିରେ ସନ୍ଦେହ ନାହିଁ । ସନ ୧୮୭୪ ସାଲରେ ଦୁର୍ଭିକ୍ଷ କମିଶନରମାନେ ଏହି ଆବଶ୍ୟକତା ବିଶେଷରୂପେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦେଇଥିଲେ ଏବଂ ତହିଁ ଉତ୍ତାରୁ ଉକ୍ତ ୨ ବଙ୍ଗୀୟ ଶାସନକର୍ତ୍ତାଙ୍କ [illegible] ଏଠାରେ ପଶୁଚିକିତ୍ସା ବିଦ୍ୟାଳୟ ସ୍ଥାପନ କରିବାର ପ୍ରସ୍ତାବ ହୋଇ ଥିଲେହେଁ ଗବର୍ଣ୍ଣମେଣ୍ଟ ତହିଁରେ ମନୋଯୋଗୀ ହୋଇ ନ ଥିଲେ । ପରଶେଷରେ ସନ ୧୮୮୨ ସାଲରେ ବଙ୍ଗଳାର ସେକ୍ରେଟାରୀ ପଶୁମଡ଼କ-ନିବାରଣ ପ୍ରତି ବହୁତ ଧ୍ୟାନ କରିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖିବାରୁ ଏ ବିଷୟପ୍ରତି ବିଶେଷ ମନୋଯୋଗ ଅର୍ପିତ ହେଲା ଏବଂ ଏହି ସମୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ କଲିକତା ନିକଟରେ ଗୋଟିଏ ପଶୁ-ଚିକିତ୍ସାବିଦ୍ୟାଳୟ ସ୍ଥାପନ କରିବାର ଇଚ୍ଛା କରି ତହିଁର ବନ୍ଦୋବସ୍ତ କରିବା କାରଣ ଗୋଟିଏ କମିଟୀ ବସାଇଲେ । କଲିକତା ମେଡିକଲ କଲେଜରେ ଏପରି ଶିକ୍ଷା ଦାନର ବନ୍ଦୋବସ୍ତ ହୋଇ ପାରେକି ? ଉକ୍ତ କଲେଜର ଅଧ୍ୟକ୍ଷଙ୍କୁ ଗବର୍ଣ୍ଣମେଣ୍ଟ ପଚାରିଥିଲେ ମାତ୍ର ସେ ନାସ୍ତି କଲେ ଏବଂ କମିଟୀ ଯେଉଁ ପ୍ରସ୍ତାବ କଲେ ତହିଁରେ ବାର୍ଷିକ ଟ ୨୫୦୦୦ ଙ୍କା ବ୍ୟୟ ପଡ଼ିବାର ଅନୁମାନ ହେବାରୁ ବଙ୍ଗଳାଗବର୍ଣ୍ଣମେଣ୍ଟ ନିରସ୍ତ ରହିଥିଲେ । ସମ୍ପ୍ରତି ମାନ୍ୟବର ବଙ୍ଗେଶ୍ୱର ଟାମସନ ସାହେବ ଗତବର୍ଷ ସବାଶେ ଟ ୨୫୦୦୦ ମଞ୍ଜୁରକର ଗୋଟିଏ ପଶୁଚିକିତ୍ସାବିଦ୍ୟାଳୟ ବସାଇବାର ସଙ୍କଳ୍ପ କରିଅଛନ୍ତି ଏବଂ କୃଷିବିଭାଗର ଡିରେକ୍ଟର ଫିଲ୍ଡେନ ସାହେବ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଆଦେଶକ୍ରମେ ଏହି ପରାମର୍ଶ ଦେଇଅଛନ୍ତି ଯେ ଆପାତତଃ ଉକ୍ତ ବିଦ୍ୟାଳୟ ଭାଗଲପୁରଠାରେ ସ୍ଥାପିତହେବ । ପଶୁଚିକିତ୍ସାରେ ବିଶେଷ ଯୋଗ୍ୟତାଲାଭ କରିଥିବା ଜଣେ ସୈନିକ ଡାକ୍ତର ମାସକୁ ଟ ୫୦୦ ଙ୍କା ବେତନରେ ତହିଁର ସୁପ୍ରିଣ୍ଟ ହେବେ ଯେ ସମସ୍ତ ଏ ଦେଶୀୟ ଲୋକ ବିଲାତରେ କୃଷିବିଦ୍ୟା ଶିକ୍ଷାକରି ଫେରି ଆସିଅଛନ୍ତି ସେମାନଙ୍କ ମଧ୍ୟରୁ ଏକଜଣ ସହକାରି ସୁପ୍ରିଣ୍ଟ ହେବେ ଓ ତାହାଙ୍କ ବେତନ ଟ ୨୫୦ ଙ୍କା ହେବ । ଏହି ବିଦ୍ୟାଳୟ ସମ୍ପର୍କରେ ଗୋଟିଏ ପଶୁ ଚିକିତ୍ସାଳୟ ରହିବ । ଏ ବିଦ୍ୟାଳୟର ୩୦ ଣ ଛାତ୍ରଙ୍କୁ ମାସକୁ ଟ ୫ ଙ୍କା ଲେଖାଏଁ ବୃତ୍ତି ଦିଆଯିବ ଏବଂ ସେମାନେ ଯୋଗ୍ୟତା ଲାଭକର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ଚାକିରି ଦେବାକୁ ବାଧ୍ୟ ହେବେ । ଏମାନଙ୍କ ଚାକିରିର ବେତନ ଟ ୧୫ ଙ୍କାଠାରୁ ଟ ୪୦ ପର୍ଯ୍ୟନ୍ତ ହେବ । ବିଦ୍ୟାଳୟର ବାର୍ଷିକମୋଟ ବ୍ୟୟ ଟ ୨୫୦୦୦ ଙ୍କା ମଧ୍ୟରେ ଖଞ୍ଜାଯାଇ ଅଛି । ଯେଉଁମାନେ ଲେଖିବା ପଢ଼ିବାକୁ ଶିଖିଥିବେ ସେମାନେ ଏ ବିଦ୍ୟାଳୟର ଛାତ୍ର ହେବେ । ହିନ୍ଦୀଭାଷାରେ ଶିକ୍ଷା ଦିଆଯିବ ଯେ ଛୋଟ ନାଗପୁର ଓ ବେହାରର ଲୋକମାନେ ବଙ୍ଗାଳୀଙ୍କ ସହିତ ଏଠାରେ ପଢ଼ିବାକୁ ସମର୍ଥ ହେବେ । ଗବର୍ଣ୍ଣମେଣ୍ଟ ଏ ସମସ୍ତ ପ୍ରସ୍ତାବ ସାଧାରଣ ଭାବରେ ମଞ୍ଜୁର କରିଅଛନ୍ତି । ଏହି ବର୍ଷାକାଳରେ ଭାଗଲପୁରକୁ ଯାଇ ମାନ୍ୟବର ବଙ୍ଗେଶ୍ୱର ବିଦ୍ୟାଳୟର ସ୍ଥାନ ଠିକ କରି ଆସିବେ ମାତ୍ର ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ଯେ ଯଦ୍ୟପି କଲିକତା ନିକଟରେ ବିଦ୍ୟାଳୟଟି ହୋଇପାରନ୍ତା ତେବେ ଭଲ ହୁଅନ୍ତା । ପଶୁଚିକିତ୍ସା ଶିକ୍ଷାଦେବା ସଙ୍ଗେ ୨ କୃଷି ଏବଂ ଜରିପ ଶିକ୍ଷାହେବାର ଡିରେକ୍ଟର ସାହେବ ପ୍ରସ୍ତାବ କରିଥିଲେ ମାତ୍ର ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତହେଲେ ନାହିଁ କାରଣ ବଙ୍ଗେଶ୍ୱରଙ୍କ ବିବେଚନାରେ ଏ ସବୁ ଶିକ୍ଷା ଦିଆଗଲେ ଚିକିତ୍ସା ଶିକ୍ଷା ଭଲ ହେବାର ଜଣାଯାଏ ନାହିଁ । ଯାହା ହେଉ ବଙ୍ଗେଶ୍ୱର ଟାମସନ ସାହେବ ଯେବେ ଏହି ବିଦ୍ୟାଳୟଟି ବସାଇ ତାହାକୁ ଚିରସ୍ଥାୟୀ କରିଦେଇଯିବେ ତେବେ ତାହାଙ୍କର ଗୋଟିଏ କୀର୍ତ୍ତି ରହିଯିବ ଏବଂ ତାହାଙ୍କ ଶାସନକାଳମଧ୍ୟରେ ଅନ୍ୟ କୌଣସି କାର୍ଯ୍ୟ ହୋଇ ନ ଥିଲେହେଁ କେବଳ ଏହି ଅବଶ୍ୟକୀୟ କାର୍ଯ୍ୟନିମିତ୍ତ ତାହାଙ୍କଠାରେ ଆମ୍ଭେମାନେ ଯଥୋଚିତ କୃତଜ୍ଞ ହେବୁଁ । ଡିରେକ୍ଟରଫିଲ୍ଡେନ ସାହେବ ଏହି ବିଦ୍ୟାଳୟଦ୍ୱାରା ଅମ୍ଭମାନଙ୍କର ଅନେକ ଉପକାର ହେବାର ଆଶା ଦେଖାଇଅଛନ୍ତି ଏବଂ ଯେ ସ୍ଥଳେ ସେ ସ୍ୱୟଂ ଏଥିର କର୍ତ୍ତା ହେବେ ସେ ସ୍ଥଳେ ଆଶା ପୂର୍ଣ୍ଣହେବାର ଅନେକ ସମ୍ଭାବନା ହେଉଅଛି । ସେ ଗବର୍ଣ୍ଣମେଣ୍ଟଙ୍କୁ ସ୍ପଷ୍ଟ ଜଣାଇଅଛନ୍ତି ଯେ ସାଧାରଣ ଉପକାରର କଥା ତେଣିକ ଥାଉ ଯେତେବେ[illegible]ବର୍ଣ୍ଣମେଣ୍ଟ ସ୍ୱୟଂ ବହୁତ ଜମିଦାରୀର ମା[illegible] ହେଉଅଛନ୍ତି ତେତେବେଳେ ଜମିଦା[illegible]ର ପ୍ରକୃତ ଉନ୍ନତିସାଧନ ଏବଂ ତଦ୍ୱାରା ଅପର ଜମିଦାରଙ୍କୁ ପଥ ଦେଖାଇବାକୁ ତାହାନ୍ତ ବାଧ୍ୟ ଅଟନ୍ତି ଏବଂ ଏଥିପାଇଁ ଯାହା ବ୍ୟୟ ହେବ ତାହାକୁ ଅତ୍ୟନ୍ତ ପ୍ରୟୋଜନୀୟ ଜ୍ଞାନ କରିବାକୁ ହେବ । ଗବର୍ଣ୍ଣମେଣ୍ଟ ପ୍ରଥମେ ବାଟ ଦେଖାଇଲେ ଜମିଦାରମାନେ ଅପଣା୨ ଉନ୍ନତି କରିବାକୁ ଅଗ୍ରସର ହେବେ । ଡିରେକ୍ଟର ସାହେବଙ୍କର ଏହି କଥାଟି ମୂଲ୍ୟବାନ୍ ଅଟଇ ଏବଂ ଆଶା କରୁଅଛୁ ଗବର୍ଣ୍ଣମେଣ୍ଟ ଏଥିର ସମୁଚିତ ବିଚାର କରିବେ ।

---

## ସାପ୍ତାହିକ ସଂବାଦ ।

ଗତ ଶନିବାର ଦିବସ ଦିବା ଦୁଇଟା ସମୟରେ ଅମ୍ଭମାନଙ୍କର କମିଶନର ସାହେବ ତାଙ୍କ ସ୍ତ୍ରୀ ସହିତ କଟକ-ମୁକାମରେ ପହୁଞ୍ଚିଲେ । ସମୁଦ୍ରରେ ତୋଫାନ ହେବାରୁ କଲିକତା ଜାହାଜ ବୁଧବାର ଦିବସ ବାହାରି ପାରି ନାହିଁ । ସୁତରାଂ ଶୁକ୍ରବାର ଷ୍ଟିମାର ଏକଦିନ ବିଳମ୍ବରେ କଟକରେ ପହୁଞ୍ଚିଲା ।

ଗତ ସୋମବାର ଦିନ ପ୍ରାତଃକାଳରେ ଗୋଟିଏ ଗଡ଼-ଜାତ ସ୍ଥୀର ଫାଶୀ ହେଲା । ଗଡଜାତ ହତ୍ୟାକାଣ୍ଡ ସକାଶ ଗଡଜାତରେ ଫାଶୀ ଦେଲେ ଦୁଷ୍କର୍ମର ଫଳ ଗଡଜାତମାନେ ହୃଦୟଙ୍ଗମ କରି ପାରନ୍ତେ ଏଣୁକରି ଅମ୍ଭେମାନେ ପ୍ରସ୍ତାବ କରୁଁ ଏହି ଅପର ଗଡଜାତର କୌଣସି ୨ ସ୍ଥାନରେ ଫାଶୀ ଦେବାର ସ୍ଥାନ ନିରୂପିତ ହେଲେ ଭଲ ହେବ ।

ଗତ ବୁଧବାର କାଠଯୋଡ଼ୀ ନଦୀ ପହଁରି ପାରିହେବାର ଚେଷ୍ଟା କରୁଁ ୨ ଦୁଇଜଣ ଦକ୍ଷିଣୀ ଯାତ୍ରୀ ମରିପଡ଼ିଲେ । ନଦୀରେ ଲୁଣାପାଣି ଥିବାରୁ ଏମାନେ ଇଚ୍ଛାପୂର୍ବକ ଦୁଃସାହସିକ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ।

ଯାଜପୁର ଥାନା ଇଲାକା କୁସୁମି ମୌଜାର ନାବହରଣ ମୋକଦ୍ଦମାର ବୃତ୍ତାନ୍ତ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ପୁଲିସ ଇନସ୍ପେକ୍ଟର ବାବୁ ରଘୁନାଥ ଘୋଷ ତଦନ୍ତ କରି ଦୁଇଜଣ ଆସାମୀଙ୍କି ଚଲାଣ କରିଥିଲେ ଜଣେ ପଠାଣ ଓ ଅନ୍ୟଜଣ ହିନ୍ଦୁ ଅଟନ୍ତି । ପିଟର ସାହେବ ଅସିଷ୍ଟାଣ୍ଟ ମାଜେଷ୍ଟର ଏମୋକଦ୍ଦମାର ବିଚାର କରି ଅପରାଧର ଗୁରୁତ୍ୱଅଂଶ ସ୍ୱୀକାର କରିବା ଜଣେ ହିନ୍ଦୁକୁ ସାକ୍ଷୀ କରି ପଠାଣ ଓ ଅନ୍ୟ ଦୁଇଜଣଙ୍କୁ ସେସନ ସୁପର୍ଦ୍ଦ କରିଅଛନ୍ତି ।

ପୁରୀର ନୂତନ କଲେକ୍ଟର ସାମେଲ ସାହେବ କମିଶନର ସାହେବଙ୍କ ସହିତ ଆସି ଏ ନଗରବାଟେ ପୁରୀକୁ ଗଲେ ।

ଏଥର ପୁରୀର ଯାତ୍ରୀ ପ୍ରାୟ ଏକଲକ୍ଷ ପର୍ଯ୍ୟନ୍ତ ହେବାର ଅନୁମାନ ହୁଅଇ । ସେଠା ମାଜେଷ୍ଟ୍ରେଟ ନୂତନ, ଏଥିକେ ତାଙ୍କର ଉଚିତ ଯେ ସେ ହୋଇଷ୍ଟ ସାହେବ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ନିକଟରୁ ପରାମର୍ଶ ଗ୍ରହଣ କରି ଶାନ୍ତିରକ୍ଷା-ପାଇଁ ପୂର୍ବରୁ ଯତ୍ନବାନ୍ ହୁଅନ୍ତୁ ନତୁବା ଜେଡ଼ା ସମୟରେ କାଳବଶ ଦୁଷ୍ଟ କଲେ କୌଣସି ଅଘଟ ହେବ ନାହିଁ କେବଳ ଯାତ୍ରୀମାନଙ୍କର କଷ୍ଟ ହେବ ।

Split by PDF Splitter

Digitized by srujanika@gmail.com

ପ୍ରାୟ ଏକମାସ ବା ଦେଢମାସ ହେଲା ଅସ୍ମମାନଙ୍କ ମୟୂରଭଞ୍ଜ ନାବାଳଗ ରାଜା ଓ ନୀଳଗିରି ରାଜାଙ୍କ କଥିତ ପୋଷ୍ୟପୁତ୍ର ଗୃହଶିକ୍ଷକ କନେଲ ସାହେବଙ୍କ ସହିତ ଦାର୍ଜିଲିଂର ଜଳବାୟୁ ସେବନ କରି ସେହି ଶନିବାର ଦିବସ ଏଠାରେ ପହୁଞ୍ଚିଲେ । ଅଧୁନାକ ସମୟରେ ଇଂରାଜଙ୍କ ରୀତି ନୀତି ଅନୁସରଣ ନ କରି ଚଳିଲେ ଆଉ ଗତି ନାହିଁ ।

## କଲିକତା ଗେଜେଟ ।

ବାଲେଶ୍ୱର ଜିଲାର ଡେପୁଟୀ ଇନ୍ ସ୍ପେକ୍ଟର ବାବୁ ପ୍ୟାରିମୋହନ ସେନ ଫିବୃଆରିମାସ ତା ୨୧ ରିଖଠାରୁ ଚତୁର୍ଥଶ୍ରେଣୀକ ଉନ୍ନତିଲାଭ କରିଛନ୍ତି ।

ଏଠାରେ ରେଭିନସା କଲେଜର ଭୂତପୂର୍ବ ଇଂରାଜୀ ସାହିତ୍ୟର ଲେକଚରର ବାବୁ ଦେବେନ୍ଦ୍ରନାଥ ବସୁ ଚତୁର୍ଥଶ୍ରେଣୀକ ଉନ୍ନତିଲାଭ କରିଛନ୍ତି ।

ଓଡିଶା ବିଭାଗର କମ୍ପ୍ୟେଣ୍ଟ ଇନ୍ ସ୍ପେକ୍ଟର ବାବୁ ରାଧାନାଥ ରାୟ ଏସ ଏକର ସାହେବଙ୍କ ସ୍ଥାନରେ ପ୍ରଥମଶ୍ରେଣୀକ ମାର୍ଚ୍ଚମାସ ତା ୨୨ ରିଖରୁ ଉନ୍ନତି ପ୍ରାପ୍ତ ହୋଇଛନ୍ତି ।

ବାବୁ ମହାନନ୍ଦଗୁପ୍ତ ଓ ଡାକ୍ତର ଟି, ଇସ୍ମନ୍ ସାହେବ ଓଝାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ବାଲେଶ୍ୱର କୋମ୍ପେନୀର ରକ୍ଷଣକାରୀନ ହାସ୍ପିଟାଲ ଅସିଷ୍ଟାଣ୍ଟ ବାବୁ ରମେନ୍ଦ୍ରବାନର୍ଜୀ ଇଂରାଜୀ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

---

କଲିକତା ଶୋଭାବଜାର ରାଜବାଟୀର ନାଟ ମନ୍ଦିରରେ ମୃତ ଅକ୍ଷୟକୁମାର ଦତ୍ତଙ୍କ କୀର୍ତ୍ତି ସ୍ମରଣାର୍ଥ ଯେଉଁ ସଭା ବସିବାର ପାଠକମାନଙ୍କୁ ଜଣାଇଥିଲୁଁ ଉକ୍ତ ସଭା ଯଥାସମୟରେ ଅଧିବେଶିତ ହୋଇଥିବାର ସମ୍ବାଦ ଆସିଅଛି । ଅନେକ ଲୋକ ସଭାସ୍ଥଳରେ ଉପସ୍ଥିତ ଥିଲେ ଏବଂ କୀର୍ତ୍ତି ସ୍ମରଣାର୍ଥ ଉତ୍ତମ ଉପାୟ ଅବଲମ୍ବନ କରିବାକାରଣ ଗୋଟିଏ କମିଟୀ ଗଠିତ ହେଲା—ମୃତ ବାବୁ ଅକ୍ଷୟକୁମାର ଦତ୍ତଙ୍କ ତନ୍ତ୍ରୀର ପଦ ଓଡିଶା ମଧ୍ୟ ପ୍ରାପ୍ତ ହୋଇଅଛି । ଅସ୍ମମାନଙ୍କର ମଧ୍ୟ ଏ କାର୍ଯ୍ୟରେ ଉପଯୁକ୍ତ ସହାନୁଭୂତି ପ୍ରକାଶ କରି ଯୋଗ ଦେବାର କର୍ତ୍ତବ୍ୟ ଅଟଇ ।

ବଙ୍ଗଳାର ଅନ୍ୟାନ୍ୟ ସ୍ଥାନ ପ୍ରାୟ ଇତ୍ରେଶ୍ୱରଠାରେ ମଧ୍ୟ ପ୍ରଜାମାନଙ୍କର ଗୋଟିଏ ବୃହତ୍ ସଭା ହୋଇଯାଇ ଥିବାର ସମ୍ବାଦ ଆସିଅଛି । ଏ ସଭାରେ ୨୦୦୦ ରୁ ଅଧିକ ଲୋକ ଉପସ୍ଥିତ ଥିଲେ । ବ୍ୟବସ୍ଥାପକ ସଭାର ପୁନର୍ଗଠନ ଇତ୍ୟାଦି ବିଷୟରେ ଅନ୍ୟସ୍ଥାନ ପ୍ରାୟ ପ୍ରସ୍ତାବମାନ ଧାର୍ଯ୍ୟ ହୋଇ ସଭା ଭଙ୍ଗ ହେଲା ।— ଏ ଅନ୍ଦୋଳନମାନ ସମୟୋଚିତ ଏବଂ ସୁମାଜ ପ୍ରଶଂସିତ ହେଲେହେଁ ଅତି କାଳର ସ୍ରୋତ ଦେଖି ଅରଣ୍ୟରୋଦନରେ ପରିଣତ ହେବ ବୋଲି ଅସ୍ମମାନଙ୍କର ଅନୁକ୍ଷଣ ଭୟ ରହୁଅଛି ।

ଷ୍ଟେଟସମ୍ୟାନ ଲେଖିଅଛନ୍ତି ଯେ ବନାରସର ଗୋଟିଏ ହିନ୍ଦୁସ୍ଥାନୀ ବାଳକ ସଂସ୍କୃତ ଶ୍ଳୋକ ଉତ୍ତମରୂପେ ଉଚ୍ଚାରଣ କରି ନ ପାରିବାରୁ ବିରକ୍ତ ହୋଇ ଅପଣାର ଜିହ୍ୱା ଅପଣାହାତରେ କାଟି ଦୁର୍ଗା ଶ୍ରୀ ଦେବୀଙ୍କଠାରେ ପୂଜା ଲଗାଇଲା । ଏ ଘଟଣା ଗତମାସ ତା ୧୦ ରିଖରେ ଘଟିଅଛି ଏବଂ ବାଳକଟି ଧରାହୋଇ ବିଚାରାଧୀନରେ ଅଛି ।

ମହାରାଜା ହୁଲକାର ଇହଲୀଳାସମ୍ବରଣ କରିଥିବା ବିଷୟର ସମ୍ବାଦ ଗତମାସ ତା ୧୭ ରିଖରେ କଲିକତା-ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି । ଭାରତବର୍ଷର ଦୁର୍ଭାଗ୍ୟରୁ ଅନେକ ବଡ଼ ଲୋକେ ଗତ ଦୁଇବର୍ଷ ମଧ୍ୟରେ କାଳଗ୍ରାସରେ ପତିତ ହେଲେ । ଏମହାରାଜା ଗତ ବିଦ୍ରୋହସମୟରେ ଅନେକ ଇଂରାଜ ନର ନାରୀ ଓ ଶିଶୁଙ୍କୁ ମୃତ୍ୟୁମୁଖରୁ ରକ୍ଷା କରି ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରେ ବିଶେଷ ରାଜଭକ୍ତି ଏବଂ ବନ୍ଧୁତାର ପରିଚୟ ଦେଇଥିଲେ ।

---

## ପତ୍ରପ୍ରେରକଙ୍କ ପତ୍ର ।

ସଦ୍ଦେବ ଦାସ କେନ୍ଦ୍ରାପଡାରୁ ଲେଖିଅଛନ୍ତି ଯେ ତାହାଙ୍କ ସ୍ତ୍ରୀ ଓଲାଉଠା ରୋଗରେ ପୀଡିତ ଥିଲେ କବିରାଜ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ଆରୋଗ୍ୟଲାଭ କରିଅଛନ୍ତି ।

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ସମ୍ପାଦକ ମହାଶୟ !

ଗତ ଶୀତଳଷଷ୍ଠୀ ଯାତ୍ରା ଏହି ଗ୍ରାମରେ ଅତୀବ ଆଡମ୍ବର ସହିତ ଅତୀତ ହୋଇ ଯାଇଅଛି । ଏ ବର୍ଷ ଗତ ବର୍ଷମାନଙ୍କପରି ନାନାପ୍ରକାର ବାଣ ମଧ୍ୟ ଲାଗିଥିଲା ଆନନ୍ଦର ବିଷୟ କୌଣସି ଅନିଷ୍ଟ ଘଟି ନାହିଁ ପରେ ଏହି ବାଣ ଯାତ୍ରାଉପଲକ୍ଷ୍ୟରେ କେତେକ ପଦ୍ୟ ଅର୍ଥାତ୍ ( କ ଠାରୁ କ୍ଷ ପର୍ଯ୍ୟନ୍ତ ) ପୁରୁଷୋତ୍ତମପତ୍ରିକାରେ ପ୍ରକାଶ କରିଥିଲୁଁ ସମ୍ପ୍ରତି ପାଠକମାନଙ୍କ ଅନୁମୋଦନ ନିମନ୍ତେ ଅବଶିଷ୍ଟ ପଦ୍ୟ ପ୍ରକାଶ କରିବାରେ ବ୍ରତୀ ହୋଇ ନିମ୍ନରେ ଲେଖିଲୁଁ ଅପଣ ନିଜପତ୍ରିକାର ଏକଦେଶରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

### ପୂର୍ବ ପ୍ରକାଶିତ ଉତ୍ତାରୁ ।

ପଦ୍ମତନ୍ତ୍ର ଯେମନ୍ତ କେ ଡେଇଁ ଆସେ । ପଙ୍କଜ ପରି ତା ମୁଖ ବିକାଶେ । ପୁରନ୍ଦରପଦ ପଙ୍କ୍ତିକୁ ଦେଇ । ଯନ୍ତ୍ରଭୂଷଣ ଚନ୍ଦ୍ର ନାଚଇ । ସୁନ୍ଦର । ପଦ୍ମପ୍ରକାଶ ହୋଇ । ପୃଥିବୀରେ ଚମତ୍କାର ଦିଶଇ । ୨୧ । ଫୁଲର ଗୀତ "କେ" ଏମନ୍ତ କହି । ଫୁଲ ଚମତ୍କାର ଦେଖିଲୁ କେହି ଫୁଟିଛି ରଜନୀକାଳେ ନୀରଜ । ଫେର ଗୃହକୁ ମୁଖେ ନାହିଁ ଲାଜ । ସୁନ୍ଦର । ଫୁଲପଣ କରନ୍ତୁ । ଫେର ନ ଯାଇ ଏଥି କମ୍ପା ଅଛୁ । ୨୨ । ବେଗେ ବାଣମାନ ଆଣନ୍ତି ବହି । ବଡ଼ ଉତ୍ସାହରେ ଲଗନ୍ତି କେହି । ବଡ଼ଶଙ୍କା ଏହା ମନେ କରୁଛ । ବୃଥା ହେବ ପାହିଗଲେ ଶର୍ବରୀ । ସୁନ୍ଦର । ବାଣ ଗଗନେ ଦିଶି । ବ୍ରହ୍ମଲୋକକୁ କ ଯାଉଛ ପଶି । ୨୩ । ଭଲ୍ଲ ଲୋକେ କହନ୍ତି ତହିଁ । ଭଲ ବାଣ କରିଥିଲ ଘଟାଇ । ଭେରୁକାଠ ଭୁଦ୍ଧ ହାବିଲୀ କଲ । ଭଲ ଗଗନେ ନେଇ ମିଶାଇଲ । ସୁନ୍ଦର । ଭଙ୍ଗୀ କରଣ ଯାଇ । ଭୂମଣ୍ଡଳେ କଲ ତାକ ଫୁଟଇ । ୨୪ । ମାରନ୍ତି ମତ୍ତରେ ଚମ୍ପା ହାବଲୀ । ମେଘଗର୍ଜନକୁ ଶବଦ ବଳ । ମହୀମଣ୍ଡଳେ ଫୁଲ ବିଞ୍ଚିଦେଲା । ମୁହୂର୍ତ୍ତକେ ସ୍ୱର ମାର୍ଗ ଚଳଇ । ସୁନ୍ଦର । ମନେ କରୁଛ ତାହି । ମୁହିଁ କରିବ ବ୍ରହ୍ମଲୋକେ ଘର । ୨୫ । ଯତନେ ତହୁଁ ନାଗରୁ ଛଡ଼ିଲା । ଯାକୁଳ୍ୟଭେଦ ତହିଁ ପ୍ରକାଶିଲା । ଯହିଁ ଖଞ୍ଜିଥିଲା ଶୂନ୍ୟ ଚକ୍ରକୁ । ଯାଉଛି ପଶି କି ବ୍ରହ୍ମଲୋକକୁ । ସୁନ୍ଦର । ଯାହା ଜନେ ଦେଖନ୍ତି । ଯା ତ ହେଲା ଏ ଅଦ୍ଭୁତ ବୋଲନ୍ତି । ୨୬ । ରାତ୍ରି ପାଇବାରୁ କହି ସକଳେ । ରଞ୍ଜବାଣ ଥିଲେ ମାରି ଛଡ଼ାଇଲେ । ରଖି ଚମ୍ପା ତଳ ଭୂମିକୁ ଆଣି । ରତ ହୋଇ ଦନ୍ତେ ଲାଗନ୍ତି ପୁଣି । ସୁନ୍ଦର । ରଜ୍ଜି ନର୍ଘାତ ପରି । ରବରେ କମ୍ପିଗଲା ଉଦପୁର । ୨୭ । ଲଗାଇ ତନ୍ତୁଦ୍ୱାଅ କେ ଧରି । ଲପନ ହଲାଇ ଇଙ୍ଗିତ କରି । ଲାଜ ନାହିଁ ତୁମ୍ଭ ମୁଖେ ବୋଲଇ । ଲୁଚିଲ କ ବୋଲି ଲୁଗା ଉଡ଼ାଇ । ସୁନ୍ଦର । ଲୋକେ ହସନ୍ତି ରହି । ଲାଜେ ଅଭକୁଳ ବ୍ୟାକୁଳ ହୋଇ । ୨୮ । ବନେ ରହିଁ କେହି ଏ ବାଣୀ ଭାଷି । ବନ ହେଲା ବଧି ତୁମ୍ଭଙ୍କୁ ଆସି । ବୃଥା କଥାରେ ମାତ କାହିଁ ପାଇଁ ବେଗେ ମନ୍ଦିରକୁ ଯାଅ ପଳାଇଁ । ସୁନ୍ଦର । ବଜ୍ରପଡିଲା ପରି । ବାକ୍ୟ ନ ଫୁଟିଲା ମୁଁ କାହାର ୨୯ । ସଭାଜନେ ବସି ବିଚାର କଲେ । ଶିବଙ୍କୁ ବନେ କରାଇବା ଉଚିତ । ସର୍ବ ବାଣୁଆଙ୍କୁ ଡାକ କହିଲେ । ସଭାରେ ପର୍ବତା ନାଅ ଭାଷିଲେ । ସୁନ୍ଦର । ସର୍ବେ ସନ୍ତୁଷ୍ଟ ହେଲେ । ସବୁଶ୍ରମ ତୁମ୍ଭ ସାର୍ଥ ବୋଲଇଲେ । ୩୦ । ସର୍ବ ଦ୍ୱିଜେ ମିଳି ଦର୍ଶନାଠରେ । ଶିବଙ୍କୁ ମେଲାଣି ମାଗି ସତ୍ୱରେ । ସର୍ବପର୍ବତା ମାଳ ଓପାଡିଲେ । ଶୀଘ୍ର ନିଜପୁରେ ଗମନ କଲେ । ସୁଜନେ । ସର୍ବେ ଶୋଭା ଦିଶିଲେ । ସହଜେ ଜୟ କରି ବାହୁଡିଲେ । ୩୧ । ଶଙ୍ଖ ଘଣ୍ଟ ବାଦ୍ୟ କାହାଳ ବାଜେ । ଶିବ ଶିବା ବେଗେ ଦେଉଳେ ବିଜେ । ସେବକମାନେ ବେଗେ ନୀତି ସାରି । ସତ୍ୱରେ ଶଙ୍କର ପହୁଡ଼ କରି । ସୁଜନେ । ସର୍ବ ବାଣୁଆ ଆସି । ସାର ବାଣ କଥା କହନ୍ତି ବସି । ୩୨ । ହରଷିତ ସର୍ବଜନ ହୋଇଲେ । ହରି ଚଳନ୍ତି ନିଜ ଗ୍ରାମକୁ ଗଲେ । ହାରିବା ଜିଣିବା ପ୍ରସଙ୍ଗ କହି । ହରଷିଆନ ଜନଙ୍କୁ କରାଇ । ସନ୍ତୁଷ୍ଟ । ହେଲେ ଶୁଣିମା ଜନ । ହେଲା ଏ ଯାତ୍ରା ଏଥି ସମାପନ । ୩୩ । କ୍ଷିତିଦେବକୁଳର ଏ ରସ କ୍ଷିତି "ସୁଭ" ନାମରେ ସରସ । କ୍ଷମା କର ।

Split by PDF Splitter



ଦୋଷ ହେ ଲୁମ୍ପସାଇଁ । କ୍ଷେମେ ଏହି ଯାହା ଥାଅ ଲଗାଇଁ । ଶଙ୍କର । ଷିପ୍ରେ ହୋଇ ସନ୍ତୋଷ । ଷିଦ୍ଧସ୍ୱର-ଦୋଷ ଥିଲେ ବିନାଶ । ୫୪ । ଇତି ।

ଆଗାମିକ ସଂସ୍କୃତ ପଦ୍ୟ ପାଠକମାନଙ୍କୁ ଉପହାର ଦେବାର ମାନସ ରହିଲା ।

୧୫-୬-୮୬ } ବଶମ୍ୱଦ
ସାଉ ତରଙ୍ଗିଦ ପୁର } ଶ୍ରୀ ଯୋଗୀନ୍ଦ୍ରମିଶ୍ର ଶର୍ମା

---

ମହାଶୟ !

ରଜସଂକ୍ରାନ୍ତି ଉପଲକ୍ଷରେ ୧ମ ରଜଠାରୁ ଭୂମିଦାହନ ପର୍ଯ୍ୟନ୍ତ ଦ * ନ କଟକ ଜିଲ୍ଲାର ଲୋକେ କଉଳ ଆମୋଦଜନକ କ୍ରୀଡ଼ା କରି ସମୟ ଯାପନ କରନ୍ତି, ତାହା ଆମ୍ଭମାନଙ୍କୁ ଜଣା ନାହିଁ । ଆମ୍ଭମାନଙ୍କର ଏହି ବାଲେଶ୍ୱର ଜିଲାର ଅନ୍ତର୍ଗତ ସୋରୋ ଥାନାର ପ୍ରତ୍ୟେକ ଗ୍ରାମର ସ୍ଥାନେ୨ କେତେକ ଲୋକ ସମବେତ ହୋଇ, ନିମ୍ନଲିଖିତ କ୍ରୀଡ଼ାରେ ସମୟାତିପାତ କରି ଥାଆନ୍ତି । ବାଳକ ସଙ୍ଗରେ ବାଳକର ଓ ଯୁବକ ସଙ୍ଗରେ ଯୁବକର କ୍ରୀଡ଼ା ହୋଇଥାଏ । ସେହି କ୍ରୀଡ଼ାର ନାମ "ବାଘୁଡ଼ି" । ଉକ୍ତ ଖେଳରେ ଏହି ଜନପଦର ଲୋକେ ଯଥୃ-ଶ୍ରେନାସ୍ତି ଉନ୍ମତ୍ତ ହୁଅନ୍ତି ।

କ୍ଷେତ୍ରଅନ୍ତର ନେ ସମାନ ବଳବିଶିଷ୍ଟ ଓ ସମାନ ସଂଖ୍ୟକ ଦୁଇ ଦଳରେ ବିଭକ୍ତ ହୋଇ ମଧ୍ୟରେ ଏକ କାଳ୍ପନିକ ନଦୀ ( ପାହୁ ଅର୍ଥାତ୍ କୌଣସି ଚିହ୍ନରେ ଉଭୟ ପକ୍ଷର ସୀମା ଚିହ୍ନିତ) ବ୍ୟବଧାନ ରଖି ପରସ୍ପର ସମ୍ମୁଖା ସମ୍ମୁଖୀ ହୋଇ ଯୁଦ୍ଧ ସଜ୍ଜା କଲା ପ୍ରାୟ ଛିଡ଼ା ହୁଅନ୍ତି । ଏକ ପକ୍ଷର ଜଣେ କ୍ଷେତ୍ରଅନ୍ତ ବିପକ୍ଷ ସୀମାରେ ଯାଇ କୌଣସି ବ୍ୟକ୍ତିକୁ ଛୁଇଁ ପଳାଇ ଆସିବାର ଚେଷ୍ଟା କରେ ଓ ବିପକ୍ଷମାନେ ତାହାକୁ ଧରି ରଖିବାରେ ଯତ୍ନଶୀଳ ହୁଅନ୍ତି । ସେମାନେ ଉକ୍ତ ବ୍ୟକ୍ତିକୁ ଧରି ରଖି ପାରିଲେ, ତାହାର ମୃତ୍ୟୁ ହୁଏ । ନଚେତ୍ ସେ ତାହାକୁ ପ୍ରଥମେ ଆକ୍ରମଣ କରିବା ନିମନ୍ତେ ଚେଷ୍ଟା କରିଥିଲା, ଅଥବା ସେହି କ୍ଷେତ୍ରଅନ୍ତ ବିପକ୍ଷସୀମାରେ ଯାହାକୁ ସ୍ପର୍ଶ କରି ଆସିଲା ତାହାର ମୃତ୍ୟୁ ଲିଖିତ ହୁଏ । ଏଣେ ପୁଣି ଜୟବାଦ୍ୟ ବଜାଇବା-ନିମନ୍ତେ ବାଦ୍ୟକାରଗଣ ଢୋଲ ଘେନି ବସିଥାନ୍ତି । ଏକ ପକ୍ଷରୁ ଗୋଟିଏ ଜିତଲ ହେଲା-କ୍ଷଣି ଅନ୍ୟପକ୍ଷ ଆନନ୍ଦ ଧ୍ୱନି କରେ ଓ ଜୟ-ବାଦ୍ୟ ବାଜେ । ସେହିରୂପ ଅନ୍ୟ ପକ୍ଷର ଗୋଟିଏ ଯଦି ମୃତ ହେଲା, ତେବେ ଦୁଇ ପକ୍ଷ-ଜିତ ପକ୍ଷର ଆନନ୍ଦର ସୀମା ଥାଏ ନାହିଁ; ମୃତ ବ୍ୟକ୍ତି ପୁନର୍ବାର ଜୀବିତ ହୁଏ । ଏହିରୂପ କ୍ରୀଡ଼ା ହେଉଁ୨ ଯେତେବେଳ ପର୍ଯ୍ୟନ୍ତ କୌଣସି ଏକପକ୍ଷର ସମସ୍ତ ବ୍ୟକ୍ତି ମୃତ ନ ହୁଅନ୍ତି, ସେତେବେଳ ପର୍ଯ୍ୟନ୍ତ ଖେଳର ବିଶ୍ରାମ ହୁଏ ନାହିଁ । ଏକପକ୍ଷର ଗୋଟିଏ ଗୋଟିଏ କ୍ରମଶଃ ଜିତଲ ହେଲା କ୍ଷଣି ଖେଳ ବନ୍ଦ ହୁଏ, ଜୟ-ଶବ୍ଦ ଓ ଜୟ ବାଦ୍ୟରେ କ୍ରୀଡ଼ାଭୂମି ଏକାବେଳକେ ପରିପୂର୍ଣ୍ଣ ହୁଏ । ତହିଁ ଉତ୍ତାରୁ ପୁଣି ନୂତନ ଖେଳର ସୂତ୍ରପାତ ହୁଅଇ ।

ସାମ୍ପାଦକ ମହାଶୟ, ଆପଣଙ୍କର କୌଣସି ପାଠକ, ଯଦି ଅନୁଗ୍ରହ ପୂର୍ବକ କଟକ ଜିଲ୍ଲାର ରଜ * ଦିନରେ ଶ୍ରମଜୀବୀ ଲୋକଙ୍କର ଆମୋଦର ବିବରଣ ଆପଣଙ୍କ ପତ୍ରିକାରେ ଉଲ୍ଲେଖ କରିବେ ଆମ୍ଭେମାନେ ତାହା ପାଠ କରି ଅତ୍ୟନ୍ତ ଆନନ୍ଦିତ ହେବୁଁ । ନିବେଦନ ମିତି ।

ସନ ୧୮୮୬ ସାଲ } ବଶମ୍ୱଦ
ତା ୧୬ ରିଖ ଜୁନ } ଶ୍ରୀ କାଶୀନାଥ
ସୋରୋ-କେଦାରପୁର } ଅଗ୍ୟର୍ଯ୍ୟ

---

ମହାଶୟ !

ଆପଣଙ୍କର ମଇମାସ ତା ୨୯ ରିଖର ଦୀପି-କାରେ "କତିପୟ ଉତ୍କଳବାସୀ ଯୁବକ" ସ୍ୱାକ୍ଷରିତ ପ୍ରେରିତପତ୍ର ପାଠକରି—ଆନନ୍ଦିତ ଓ ବିସ୍ମିତ ହେଲି । ଏ ଉନବିଂଶ ଶତାବ୍ଦିର ଶେଷଭାଗରେ ଲୋକେ ହିନ୍ଦୁଧର୍ମକୁ ଯେପରି ଘୃଣାର ଚକ୍ଷୁରେ ଦେଖନ୍ତି-ଏବଂ ହିନ୍ଦୁଧର୍ମ ଯେପରି ନାଉଁଆରସି ସମ୍ପତ୍ତି ହୋଇଅଛି ଅର୍ଥାତ୍ ଯାହାମନଙ୍କୁ ଯାହା ଆସିଲା ସେ ତାହା ଆଚରଣକରି ସ୍ୱୟଂ ଆପଣାକୁ ହିନ୍ଦୁବୋଲି ପରିଚୟ ଦେଉଅଛି—ସେଥିରେ ଯେ କେତେକଜଣ-ହିନ୍ଦୁଶାସ୍ତ୍ରାନୁସାରେ ଚଳିବାକୁ-ବ୍ୟବସ୍ଥା ମାଗିଛନ୍ତି ଏହାହିଁ ଆନନ୍ଦିତହେବାର କାରଣ । ଅଉ "ଯଦି ସମସ୍ତ ଭାରତବାସୀ ହିନ୍ଦୁ ସପରିବାରରେ ବିଦେଶ ବାସକରି ସମାଜର କଠୋର ଶାସନରେ ଶାସିତ ନ ହୋଇ ବରଂ ସ୍ନେହାସ୍ପଦ ହୁଅନ୍ତି ତେବେ ଉତ୍କଳବା-ସିମାନେ କାହିଁକି ତହିଁରୁ ବଞ୍ଚିତ ହେବେ" ଇତ୍ୟାଦି ପାଠକରି ବିସ୍ମିତ ହେଲି । କାରଣ ଭାରତର ସମସ୍ତହିନ୍ଦୁ ଯେ ସପରିବାରରେ ବିଦେଶବାସୀ ଅଥବା ଉତ୍କଳରେ କୌଣସି ସମ୍ଭ୍ରାନ୍ତବ୍ୟକ୍ତି ଯେ ପରିବାର ବିଦେଶକୁ ନେଇ ଯାଆନ୍ତି ଏହା କିପରି କହିବା ! ଅନୁସନ୍ଧାନ-କଲେ ଏହା ବିପକ୍ଷରେ ଅନେକ ଉଦାହରଣ ମିଳିବ । ସ୍ତ୍ରୀତତ୍ତ୍ୱ ନଷ୍ଟକସୂତ୍ରରେ ଶାସ୍ତ୍ରକାରଙ୍କ କଥା ଶୁଣାଯାଉ ।

ସ୍ୱାତନ୍ତ୍ର୍ୟଂ ପିତୃମନ୍ଦିରେ ନିବସତି ର୍ଯାତ୍ରୋତ୍ସବେ ସଙ୍ଗତି ର୍ଗୋଷ୍ଠୀ ପୁରୁଷ ସନ୍ନିଧୌ ବିନିୟମୋ ବାସୋ ବିଦେଶେ ତଥା । ସଂସର୍ଗଃ ସହପୁଂଶ୍ଚଳୀଭିରସକୃତ୍ ବୃତ୍ତେ ର୍ନିଜାୟାଃ କ୍ଷତିଃ ପତ୍ୟୁ ର୍ବାର୍ଦ୍ଧକ ମୀର୍ଷିତଂ ପ୍ରବସନଂ ନାଶସ୍ୟ ହେତୁଃ ସ୍ତ୍ରିୟାଃ । ସ୍ତ୍ରୀର ଉକ୍ତ ନଷ୍ଟ ବିଷୟରେ ଏହି କେତୋଟି କାରଣ ଯଥା—୧ ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା । ୨ୟ ପିତୃଗୃହରେ ଅଧିକ ଦିନ ନିବାସ । ୩ ଯାତ୍ରା-ପର୍ବ ଦେଖିବାକୁ ଗମନ । ୪ର୍ଥ ଅନେକ ପୁରୁଷମଧ୍ୟରେ ନିୟମହୀନ ଅବସ୍ଥାରେ ଅବସ୍ଥିତ । ୫ ବିଦେଶରେ ଏକାକୀ ଅବସ୍ଥିତ । ୬ ଅସଚ୍ଚରିତ୍ର ସ୍ତ୍ରୀମାନଙ୍କ ସହିତ-ବାର ବାର ସଂସର୍ଗ । ୭ ଦଠାରୁ ନିଜର ବୃତ୍ତିହୀନ ହେଲେ ଅର୍ଥାତ୍ ଗରିବ ହେଲେ । ୮ ପତି ବୃଦ୍ଧ ହେଲେ ଅର୍ଥାତ୍ ତରୁଣୀ ସ୍ତ୍ରୀର ବୃଦ୍ଧ-ପତି ହେଲେ । ୯ ପତି ପତ୍ନୀଙ୍କର ପରସ୍ପର ଈର୍ଷା ବା ମନୋମାଳିନ୍ୟ ହେଲେ । ୧୦ ପତି ପ୍ରବାସୀ ହେଲେ । ଇତ୍ୟାଦି ।

ଉପରୋକ୍ତ ଶ୍ଳୋକର ଅର୍ଥ ନିୟମାନୁସାରେ ଅନେକ ପୁରୁଷ ମଧ୍ୟରେ ଜଣେ ସ୍ତ୍ରୀର ଶୃଙ୍ଖଳାହୀନ ଅବସ୍ଥାରେ ବାସ କରି ଦୂଷଣୀୟ ବୋଲି ଲେଖା ଅଛି—ଫଳତଃ ଲୋକେ ସେହି ଅସୁବିଧା ଭୟରେ ସ୍ତ୍ରୀକି ବିଦେଶକୁ ନେବାକୁ ବା ପଠାଇବାକୁ ଡାକତି । ଯେଉଁମାନେ ଯଥା ନିୟମରେ ଅର୍ଥାତ୍ ଉପଯୁକ୍ତ ଦାସୀ ଓ ଦୁଇଏକଜଣ ଅନାତ୍ମୀୟ ସ୍ତ୍ରୀଲୋକ ( ଆପଣାର ମାତା ପିତୃଷ୍ୱସୀ ବା ଭଗିନୀ ଇତ୍ୟାଦି ) ସହିତ ନିଜସ୍ତ୍ରୀକ ପ୍ରବାସରେ ରଖିପାରିବାର କ୍ଷମତା ରଖନ୍ତି ସେମାନେ ସହଜରେ ତାହା କରିପାରନ୍ତି ଓ କରୁଅଛନ୍ତି—ଆଉ ଯେମାନଙ୍କର ସେପରି କ୍ଷମତା ନାହିଁ-୨୦।୩୦ ଟଙ୍କାରେ ଗୁଜରାଣ କରନ୍ତି ସେମାନେ ଆପଣା ସ୍ତ୍ରୀକି କିପରି ବିଦେଶକୁ ନେଇପାରିବେ ? ଉତ୍କଳରେ ସେପରି ବଡ଼ ଗୃହସ୍ଥଙ୍କର ସଂଖ୍ୟା ଅଳ୍ପ ସୁତରାଂ ସ୍ତ୍ରୀ-ପ୍ରବାସିଙ୍କର ସଂଖ୍ୟା ମଧ୍ୟ ଅଳ୍ପ । ଅନ୍ୟଦେଶରେ ବିଶେଷତଃ ବଙ୍ଗଦେଶରେ ବଡ଼୨ ଗୃହସ୍ଥ ଅଧିକ ଥିବାରୁ ସେମାନଙ୍କର ସ୍ତ୍ରୀମାନେ ମଧ୍ୟ ସେମାନଙ୍କ ସହିତ ବିଦେଶରେ ଅଛନ୍ତି । ଏଥିରେ ସମାଜର କିଛି ହାତ

Digitized by srujanika@gmail.com

ହି—ଅସଲକଥା-ଟଙ୍କା— "ଅଲୋମଚ୍ଛିଷା
-ଢଢ ପଇସା" !!!
ଅତ୍ର ଯେଉଁମାନେ ଅଧାସାହେବ—ସ୍ତ୍ରୀ
ଧୀନଢା ଯେଉଁମାନଙ୍କର ବୃଦ୍ଧ ଲୋମାନେଢ
ଛାଢର ଆପଣାସ୍ତ୍ରୀଙ୍କ ଗାତ୍ତରେ ବସାଇ ପର-
ଭଠାକୁ କ୍ରସ୍ଥାର ଦୂରକ୍ଷଭବାକୁ ପଠାଇ
ଅନ୍ଯ-ଡାଙ୍କଥାଉଡ଼ା ହୃଦୁଶାସ୍ତ୍ରାନୁଯାୟୀ
ଇବା ଲୋକଙ୍କୁ ଏଭଳ ବହୁଲେ ଯଂଥେଷ୍ଟ
ହବ ଯେ ସୁବିଧା ଦେଲେ ସପରିବାରରେ
ଟଦଶରେ ରହିବାର କୌଣସି ଯୁକ୍ତିଯୁକ୍ତ
ତାଷ ନାହି—ଭେଟେ-କ୍ୟାସୁବାଗୀଶ ବା
ର୍କବାଚସ୍ପତିଙ୍କ—ମୀମାଂସା କଟକଟରେ
ଧ୍ୱାର ଅଲ୍ପଅ ଓ ଅଲ୍ପଅ ଅଦ୍ଧାର ହୋଇ-
ାରେ ସେ ସ୍ବଚ୍ଛନ୍ଦକଥା !!!

ଆପଣଙ୍କ ବଶମ୍ବଦ
ଶ୍ରୀ ଡ଼ଃ———

---

To THE EDITOR, UTKAL DIPIKA,

Sir,

A very lengthy and interesting case of dacoity was lately decided by the Sessions Judge here. The complainant charged a brother of his, with others, having entered his house in March last in respect of some money in cash and a signet ring. It seems strange that such a serious occurrence was not reported at once to the nearest Outpost instead of which, after a lapse of time, the matter was put before the Sub-Inspetor of the Sudder Thannah who is said to have found the signet ring under the most suspicious circumstances, in as much as the search witnesses told the Magistrate who had inquired into the case that the ring was found on a table *under a cap*—a statement which is simply incredible: for no thief would so carelessly keep the stolen thing in a place where it was sure to be found. The Sub-Inspector who was examined by the Magistrate *after* some days, perhaps considered about this, and therefore said that the ring was found *under a table-cloth above which was the cap*. It is noteworthy that the Sub-Inspector did not record in his proceedings any thing whatever in relation to the table-cloth which would have been, in that case, a valuable bit of evidence against the accused.

The Judge thought that in this case it was impossible to suppose that the search could have been conducted in any but a most perfunctory and disorderly manner: for, according to him, had it been otherwise, it was beyond understanding that the evidence of the search witnesses and of the Sub-Inspector should present serious contradictions. As regards, however, the fact of its being found under the table cloth at all, the same authority observed, that ground for the gravest doubt existed when it was seen that the Sub-Inspector in his own diary made no mention of any table-cloth whatever.

In the same premises the Sub-Inspector found some money with one of the lodgers who made over at the same time some papers to him purporting to be an account of the money in question; yet it is strange to say that without examining these papers the Sub-Inspector sent up this innocent man also for trial. Of course the man was discharged by the Magistrate. But in connection with this singular conduct of the Sub-Inspector, it is to be observed that, although, at best, it may have been a negligent act on his part (for which he certainly cannot be excused), yet he was the sole instrument of putting an innocent man into unnecessary troubles and expenses in defending himself in a prolonged inquiry before the Magistrate. The papers were handed over to the Sub-Inspector by the man to shew that the money was collection-money of his employer of which he had an account. These papers, it is said, the Sub-Inspector did not send up, and for sometime they could not be found, although he was eventually forced to find and submit them; and they it appeared, did support what the man said. The Judge observed that though the Sub-Inspector alleged that the papers did not support the man's statement, yet the matter was one in which it was not for him to judge, and he therefore thought that the Sub-Inspector had laid himself here open to much suspicion of double-dealing, and that his conduct in the matter was not fair. The Judge also re[...]ed that the Sub-Inspector was op[en] to blame, for making his inquiry in so exparte a spirit as he appeared to have done, and he regretted that a case so peculiar should not have been handled by some one more competent to manage it in a trustworthy and intelligent manner.

A Joint Magistrate of Cuttack (MR. MANISTY, if we mistake not) not long ago, had remarked that the same Sub-Inspector had evidently got up an entire case to get an innocent man punished, and that in another case he had changed his tactics and attempted to prevent guilty men from receiving their proper punishment, adding, that while here he was likely to be any time called as a witness in his Court, and he should never again be able to believe him in Court, or to trust him out of it.

Now, Mr. Editor, the above are plain facts, not our own opinion, and we leave it to you, your readers, and the authorities to judge, considering the above facts, whether the lives and liberties of the people in general are safe when the Sudder-Police Station is in charge of a Sub-Inspector of the type described above.

June 22nd. 1886. *Alpha.*

---

ଅନ୍ନଦାନ ଦେଶ ଇଂରାଜୀରେ "Old man's hope" ( ବୃଦ୍ଧ ଲୋକର ଅଶା ) ନାମକ ଖଣ୍ଡିଏ କ୍ଷୁଦ୍ରପୁସ୍ତକ ବାହାରିଅଛି । ପୁସ୍ତକଟି ପଢ଼ିଲେ ଲେଖକ ଯେ ତାହା ଭାରତବାସିଙ୍କ ଏକାନ୍ତ ମଙ୍ଗଳକାମନାରେ ଲେଖିଅଛନ୍ତି ଏହା ସ୍ପଷ୍ଟ ପ୍ରତୀୟମାନ ହୁଅଇ । ତହିଁର ପ୍ରାରମ୍ଭରେ ଗୋଟିଏ କ୍ଷୁଦ୍ର ଉପାଖ୍ୟାନ ସଂଶ୍ଳି

Digitized by srujanika@gmail.com

ନକଡା ଅଛି । ଅସ୍ମେମାନେ ତହିଁର ଅନୁବାଦ କମ୍ପେ ପାଠକମାନଙ୍କୁ ଉପହାର ଦେଉଅଛୁଁ ଏବଂ ଭରସା କରୁଁ ପାଠକମାନେ ଲେଖକର ଗମ୍ଭୀରଗର୍ଭ ହୃଦୟଙ୍ଗମ କରି କାର୍ଯ୍ୟକ୍ଷେତ୍ରରେ ଦଣ୍ଡାୟମାନ ହେବେ ।

" ଜାଗ ।

ଅଳସ୍ୟରେ ବସି କେତେ ଭାରତ ସନ୍ତାନ—
ସାହାଯ୍ୟଲୁ ଚାହିଁ ବସିଲୁ କି ଘରେ ?
ଅଣ୍ଟା; ଉଠ, ହୁଅ କାର୍ଯ୍ୟରେ ତତ୍ପର !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ଦାସ ଜାତି ଅଛ ଅବା ସ୍ୱାଧୀନ ମାନବ,
ଫେଡ କର ଲୋଟୁଛ ଯେ ଘୋର ତମସରେ ?
ତୁମ୍ଭର ହାତରେ ଅଛି ତୁମ୍ଭ ଭାଗ୍ୟଫଳ !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ତୁମ୍ଭେ କଥ କର କବ ପାଛିବ ଫିଙ୍କାଇ
ନର-ଲକ୍ଷ ଧନ ବ୍ୟୟ ହେବା ସମୟରେ ?
ଉଠ ! କର ପ୍ରତିବାଦ ! ଧର୍ମ ଚୀର ଜୟ !!
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ବାଳଅଛ ସବୁ ଛଳ ସ୍ୱଦେଶ ଜୀବନ,
ନ ଖେଳ ଖେଳ ଯେ ତୁମ୍ଭେ ଖେଳନ୍ତି ଅପରେ !
ଘୁଞ୍ଚା ନୁହ, ପାଞ୍ଚ ଖୋଲ ମାଗ ଅଧିକାର !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ବିଫଳ ବୀର୍ଯ୍ୟ-ଧନ, ବିଦ୍ୟା-ଅଭିମାନ,
କିଣିବା ପଦବୀ ଯୋଗ୍ୟ ମାନବ ଦଳରେ !
କଣ୍ଠି ଜଏ ସବୁ ଆତ୍ମା ଶ ସନ ପ୍ରକୃତ !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ବାପ୍ପୁ କ ସକଳେ ଅବା ହୋଇଗଲ ଶିଶୁ—
ଲୋଟି ତୁମେ ତଳ ହୋଇ ସବପ୍ପ ଅନ୍ତରେ ?
ଶୈଶବଦଶା କ ଛଳ ଥିବ ଚିରକାଳ ?
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ଗଡ଼ା ଗଡି ଅନ୍ଧକାରେ । ଭୂନ ଭୂନ ଭଷା,
ପଲ ପଲ ଯୋକ ଲୁଚ ରହିଛ ଧୂଳିରେ—
ଏଭୂଯାପେ ଅଭ୍ୟାସର ନୁହେ ପ୍ରତିକାର
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ପାଉଛକ ପୀଡ଼ା ତୁମ୍ଭେ ମରମେ ମରମେ ?
ଅନୁଭବ ଅପମାନ ହୁଏ କି ହୃଦରେ ?
ନିର୍ଭୟେ ଅନ୍ୟାୟସଙ୍ଗେ ଯୁଝ ସମ୍ମୁଖରେ !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ଦେବ ଅବା ଦାନବର ନ ରଖ ଭରସା—
କର୍ଯ୍ୟ ସିଦ୍ଧ ହେବ ଏକା ନିଜ ବାହୁବଳେ !
ଦୁର୍ଗତି ଅଛି ଯାର ଅଛି ତାର ସବୁ !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !
ଭାରତ ସନ୍ତାନେ, ଉଠ କାର୍ଯ୍ୟବ୍ରତୀ ହୁଅ,
ବାଧା ବିଘ୍ନ ତୁଚ୍ଛକରି ଲାଗ ହେ କାର୍ଯ୍ୟରେ !
ଦେଖ ଦୂରବର୍ତ୍ତୀ କଶେ ଜ୍ଞାନର ଉଦୟ !
ସ୍ୱଜାତି ଗଠିତ ହୁଏ ସ୍ୱଜାତି-ବଳରେ !

ଏକତା । "

---

ସନ ୧୮୮୬ ମସିହା କଟକ ନର୍ମାଲସ୍କୁଲ-ପଣ୍ଡିତ ବର୍ଗର ବାର୍ଷିକ ପରୀକ୍ଷାରେ ଲିଖିତ ଛାତ୍ରମାନେ ପାସପଦ ଲାଭ କରିଅଛନ୍ତି ।

| | | |
|---|---|---|
| ୧ | ଶ୍ରୀ ନୀଳକଣ୍ଠ ମିଶ୍ର | ଉଚ୍ଚ ୧ମ ଶ୍ରେଣୀ |
| ୨ | " ବାଳକୃଷ୍ଣ ପାଢ଼ୀ | " |
| ୩ | " ରାମଚନ୍ଦ୍ର ଦାସ | ମଧ୍ୟମ ୧ମଶ୍ରେଣୀ |
| ୪ | " ଗୋପୀନାଥ ରଥ | " |
| ୫ | " ଜୟକୃଷ୍ଣ ମିଶ୍ର | " |
| ୬ | " ପଦ୍ମନାଭ ତ୍ରିପାଠୀ | " |
| ୭ | " ଗଦାଧର ଶତପଥୀ | " |
| ୮ | " ଚକ୍ରଧର ପଣ୍ଡା | ନିମ୍ନ ୧ମ ଶ୍ରେଣୀ |
| ୯ | " ହଳଧର ପଣ୍ଡା | " |
| ୧୦ | " ମାଧବ ମହାପାତ୍ର | ମଧ୍ୟମ ୨ୟ ଶ୍ରେଣୀ |
| ୧୧ | " ହରବନ୍ଧୁ ତ୍ରିପାଠୀ | " |
| ୧୨ | " ରାଧାକୃଷ୍ଣ ଅଗ୍ରୟର୍ଯ୍ୟ | " |
| ୧୩ | " ଦୁର୍ଗାଚରଣ ସାମନ୍ତ | ନିମ୍ନ ୨ୟ ଶ୍ରେଣୀ |
| ୧୪ | " ଚିନ୍ତାମଣି ନାୟକ | " |
| ୧୫ | " ଶଚୀନ୍ଦ୍ର ମାଝୀ | " |
| ୧୬ | " କମଳଲୋଚନ ସାହୁ | " |
| ୧୭ | " ଭଗବତଚରଣ ଦାସ ମଧ୍ୟମ | ୩ୟ ଶ୍ରେଣୀ |
| ୧୮ | " ମଧୁସୂଦନ ମିଶ୍ର (ଖ) | " |
| ୧୯ | " ମଧୁସୂଦନ ମିଶ୍ର (କ) | " |
| ୨୦ | " ଅର୍ତ୍ତତ୍ରାଣ ଶତପଥୀ | " |
| ୨୧ | " ଚିନ୍ତାମଣି ନନ୍ଦ | " |
| ୨୨ | " ସନାତନ ପଟ୍ଟନାୟକ | " |
| ୨୩ | " ମିତ୍ର ନନ୍ଦ | " |
| ୨୪ | " ବୃନ୍ଦାବନ ମିଶ୍ର | " |
| ୨୫ | " ଜଗନ୍ନାଥ ଦାସ | " |
| ୨୬ | " ଅନିରୁଦ୍ଧ ଦାସ | " |
| ୨୭ | " ଧନେଶ୍ୱର ନାୟକ | " |
| ୨୮ | " କୃଷ୍ଣମୋହନ ପଣ୍ଡା | " |
| ୨୯ | " ଶ୍ରୀନବାସପଟ୍ଟନାୟକ ନିମ୍ନ | ୩ୟ ଶ୍ରେଣୀ |
| ୩୦ | " ଗଙ୍ଗାଧର ମହାପାତ୍ର | " |
| ୩୧ | " ଚିନ୍ତାମଣି ଧଳ | " |
| ୩୨ | " ଗୋବିନ୍ଦ ମିଶ୍ର | " |
| ୩୩ | " ନାରାୟଣ ପ୍ରହରାଜ | " |
| ୩୪ | " ଦ୍ୱାରିକାନାଥ ସିଂହ | " |

---


# ବିଜ୍ଞାପନ ।

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନିର ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

**NOTICE.**

Wanted a Head Clerk and Accountant for the Cuttack Municipal office, salary Rs. 40. Applications will be received by the Vice-Chairman. Knowledge of account is a *sine qua non*. Applicants must state their age, qualifications and past services.

Cuttack municipality } The 14th June }   N.K. Das Cuttack

---

# ମେହରୋଗ ।

ଏତେଦିନେ ମେହରୋଗର ଯଥାର୍ଥ ଔଷଧ ମାରକନ ଦେଶରେ ଆବିସ୍କାର ହୋଇ ପୃଥିବୀର ନାନାସ୍ଥାନରେ ପ୍ରଚାର ହୋଇଅଛି । ଏହାଦ୍ୱାରା ଉକ୍ତ ରୋଗ ଏବଂ ତହିଁର ଅନୁସଙ୍ଗୀକ ଜ୍ୱର ଅଜୀର୍ଣ୍ଣ ଦୁର୍ବଳତା ଗଣ୍ଠିଫୁଲା ଇତ୍ୟାଦ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଅଇ । ଅତି ପୁରୁଣା ରୋଗୀମାନଙ୍କୁ ଦୁଇତିନି ସପ୍ତାହ ଔଷଧ ସେବା କରିବାକୁ ପଡ଼ଇ । ଔଷଧ ଯେମନ୍ତ ସୁଗନ୍ଧ ତେମନ୍ତ ସ୍ୱାଦୁ ଅଟଇ । ଏହିଠାରେ ପରୀକ୍ଷାଦ୍ୱାରା ଏଥିର ଗୁଣ ବୁଝା ଯାଇଅଛି । କଟକପ୍ରିଣ୍ଟିଂକମ୍ପାନିର ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତ୍ୟେକ ଶିଶି ଟ ୨୷ ଡାକରେ ପଠାଇବାକୁ ହେଲେ ପାର୍ସଲ ପ୍ରସ୍ତୁତ ଖର୍ଚ୍ଚା ଟ୦ ୵ ଓ ଡାକମହାସୁଲ ଟ୦ ୷ ଅଧିକା ଲାଗିବ ।


---

ଏହି ଉତ୍କଳଦୀପିକା ପତ୍ର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକଟିତ ହେଲା

Split by PDF Splitter
Digitized by srujanika@gmail.com

# ଅତିରିକ୍ତ ।

ଉତ୍କଳଦୀପିକା ତା ୨୬ ରିଖ ଜୁନ ସନ ୧୮୮୬ ମସିହା ।

ବିଜ୍ଞାପନ ।

## ପ୍ରଜାବନ୍ଧୁର ଉପହାର ।

ପ୍ରଜାବନ୍ଧୁର ଗ୍ରାହକମାନଙ୍କ ମଧ୍ୟରେ ବହୁ-ମୂଲ୍ୟ ଉପହାର ବିତରଣ

୧୦୦୦୦ ଗ୍ରାହକ । ୧୦୦୦୦ ଉପହାର

କେହି ନିରାଶ ହେବେ ନାହିଁ

ଅଗ୍ରିମ ବାର୍ଷିକ, ଡା, ମା, ସମେତ ଟ ୧୷ ଙ୍କା

୧ମ ଉପହାର ଟ ୨୫୦୦୲ ନଗଦ ଟଙ୍କା

୨ୟ „ ଟ ୫୦୦୲ ଙ୍କା „ „

ଏବଂ ୩ୟ ଓ ୪ର୍ଥ ଟ ୨୫୦୲ ଙ୍କା ହିସାବରେ

ଅନ୍ୟମାନଙ୍କ ମୂଲ୍ୟ

୧ ଯୋଡା ଉତ୍କୃଷ୍ଟ କାଶ୍ମୀର ଶାଲ ଟ ୧୨୦୲ ଙ୍କା

୧ ଗୋଟା ସୁନାର ଘଡି ଟ ୧୦୦୲ ଙ୍କା

୫ „ ଉତ୍କୃଷ୍ଟ ରୂପାର ଘଡି ଟ ୨୦୦୲ ଙ୍କା

୫ „ ସୁନାର ଅଙ୍ଗୁରୀୟ ଟ ୧୦୦୲ ଙ୍କା

୧ ସେଟ୍ ଷ୍ଟିଲ୍ ଡ୍ରମ ଟ ୭୫୲ ଙ୍କା

୧ ସେଟ୍ ଢାଲି ଚିତ୍ରର ମହାଭାରତ ୨୫୲ ଙ୍କା

୫୦ ଯୋଡା ଫରାସଡଙ୍ଗାର ଲୁଗା ଓ ଧୋତି-ବାର ଯୋଡ ୫ ଟି ଏବଂ ଅବଶିଷ୍ଟ ୯୯୩୨ ଗୋଟି ଉପହାର ବହୁମୂଲ୍ୟ ଦ୍ରବ୍ୟାଦି ଯଥା ସୁନା ଓ ରୂପାର ଗହଣା, ଆବଶ୍ୟକୀୟ ପୁସ୍ତକ ଯୋଡା, ଛୁରୀ, ଚଳଚିତ୍ର, କମ୍ବଳ ଇତ୍ୟାଦି ଟ ୩୩୮୦ ଙ୍କା ।

ଆଗାମୀ ଶ୍ରାବଣର ୨ ୩୧ ନ ମଧ୍ୟରେ ଅର୍ଥାତ୍ ଅଗଷ୍ଟମାସର ତା ୧୫ ରିଖ ରବିବାର ପର୍ଯ୍ୟନ୍ତ ଯେଉଁମାନେ ୬ ୧୲ ଙ୍କା ମୂଲ୍ୟ ଦେବେ ସେ-ମାନଙ୍କୁ ଗ୍ରାହକଶ୍ରେଣୀ ଭୁକ୍ତ କରି ଛମାସପର୍ଯ୍ୟନ୍ତ ଖଣ୍ଡେ୨ ପ୍ରଜାବନ୍ଧୁ ଓ ଗୋଟିଏ ଉପହାରକୁ ଉପ-ହାର ଦିଆଯିବ । ଶ୍ରାବଣର ୨ ୩୧ ନ ଉତ୍ତ-ରେ ମୂଲ୍ୟ ଯାଏ ମୂଲ୍ୟ ଗ୍ରହଣ କରାଯିବ ସେହି ମୂଲ୍ୟ ଦାତାମାନେ ଗ୍ରାହକ ହୋଇପା-ରିବେ କିନ୍ତୁ ଉପହାରକୁ ବଞ୍ଚିତ ହେବେ । ବର୍ତ୍ତମାନ ଯେଉଁମାନେ ପ୍ରଜାବନ୍ଧୁର ଗ୍ରାହକ ଅଛନ୍ତି ସେମାନେ ସମସ୍ତେ ଉପହାର ପାଇବେ କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଯେଉଁମାନଙ୍କର ମୂଲ୍ୟ ଶେଷ ହେବ ସେମାନେ ଅଗ୍ରିମ ମୂଲ୍ୟ ନ ପଠାଇଲେ "ପ୍ରଜାବନ୍ଧୁ"ର ଉପହାର ପାଇ-ବାର ଆଶା ରଖିବେ ନାହିଁ ଆଗାମୀ ଭାଦ୍ରମାସ ୨ ୭ ଦିନରେ ଅର୍ଥାତ୍ ଅଗଷ୍ଟମାସ ତା ୨୨ ରିଖ ରବିବାର ଦିନ ଶ୍ରୀ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ପୁ-ଣ୍ୟଦିନ ପ୍ରଜାବନ୍ଧୁର କାର୍ଯ୍ୟାଳୟରେ ପାରିତୋ-ଷିକ ବିତରଣ ହେବ ।

ଭାଦ୍ରମାସ ଶେଷ ହେଲେ ପ୍ରଜାବନ୍ଧୁ ୪ର୍ଥ-ବର୍ଷ ଅତିକ୍ରମ କରି ୫ମ ବର୍ଷରେ ପଦାର୍ପଣ କରିବ ଆମ୍ଭେମାନେ ସେହି ଶୁଭ ଦିବସରେ ଭରସା କରୁଁ ଗ୍ରାହକବୃନ୍ଦଙ୍କ ହସ୍ତରେ ନାନା-ବିଧ ଉପହାର ଓ ଆମ୍ଭମାନଙ୍କ ବହୁମୂଲ୍ୟ ଓ ପରି ବର୍ଦ୍ଧିତ ପ୍ରଜାବନ୍ଧୁ ଅର୍ପଣକରି ସୁଖୀ ହୋଇ ପାରିବୁଁ

ପ୍ରଜାବନ୍ଧୁ ସାପ୍ତାହିକ ସମ୍ବାଦପତ୍ର । ଏହା ଫରାସିଅଧିକାରରେ ଜନ୍ମିତ ପାଳିତ ଫରାସି ସାଧାରଣ ତନ୍ତ୍ର ଶିକ୍ଷାପ୍ରଣାଳୀରେ ଅଣିତ ସୁତରାଂ ଏହା ସାମ୍ୟ ସ୍ୱାଧୀନତା ଓ ମୈତ୍ରୀର ବନ୍ଧୁ ସେଥି-ପାଇଁ ଏହା ସମସ୍ତଙ୍କ ନିକଟରେ ଶ୍ରଦ୍ଧାର ପାତ୍ର । ସେଥିପାଇଁ ଆମ୍ଭେମାନେ କୃତଜ୍ଞତା ପ୍ରଦର୍ଶନାର୍ଥ ଅଦ୍ୟ ଆମ୍ଭମାନଙ୍କ ଗ୍ରାହକବୃନ୍ଦଙ୍କୁ ଉପହାର ଦେବାପାଇଁ କୃତସଂକଳ୍ପ ହୋଇଅଛୁଁ । ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଯେଉଁ ପରିମାଣରେ ମୂଲ୍ୟ ସଂଗୃହୀତ ହେବ ସେହି ପରିମାଣରେ ଉପହାର ପ୍ରଦାନ କରାଯିବ । ପୁରସ୍କାର ଅନୁପାତ ଗ୍ରାହକ-ସଂଖ୍ୟା ଉପରେ ନିର୍ଭର କରିବ ।

ଯେ ଏହି ବିଜ୍ଞାପନକୁ ଦେଖାଇ ଦଶଜଣ ଗ୍ରାହକ-ଙ୍କର ମୂଲ୍ୟ ପଠାଇଦେବେ ସେ ବିନାବ୍ୟୟରେ ଛମାସ ଯାଏ ଏକ୨ଖଣ୍ଡ ପ୍ରଜାବନ୍ଧୁ ପାଇବେ ଓ ଯେ ଜଣ ୧୦ ଜଣଙ୍କର ଦେବେ ସେ ଛମାସ ଯାଏ ଏକଖଣ୍ଡ ହିସାବରେ ପ୍ରଜାବନ୍ଧୁ ଓ ଗୋଟିଏ ଉପହାର ପାଇବେ ।

ପ୍ରଜାବନ୍ଧୁର ମୂଲ୍ୟ ଫରାସି ଚନ୍ଦନନଗରରେ ପ୍ରଜାବନ୍ଧୁର କାର୍ଯ୍ୟାଧ୍ୟକ୍ଷ ଶ୍ରୀ ତିନକଡ଼ି ବନ୍ଦ୍ୟୋପାଧ୍ୟାୟଙ୍କ ନିକଟକୁ ପଠାଇବାକୁ ହେବ ମୂଲ୍ୟ ପ୍ରାପ୍ତ ହେଲେ ନମ୍ବର ଲିଖିତ ରସିଦ ପ୍ରେରିତ ହେବ ଯେଉଁମାନେ ମୂଲ୍ୟ ଡାକଦ୍ୱାରା ପଠାଇବେ ସେମାନେ ଚନ୍ଦନନଗର ପୋଷ୍ଟ-ଅଫିସର ଠିକଣାକୁ ମନିଅର୍ଡର କରି ପଠା-ଇବେ । କାରଣ ପୋଷ୍ଟେଲନୋଟ ଓ ଡାକ-ଷ୍ଟାମ୍ପ ପ୍ରଭୃତି ଦ୍ରବ୍ୟ ହଜିଯାଇ ପାରେ ।

---

**NOTICE.**

The Superintending Engineer Orissa Circle is prepared to receive tenders for establishing a steam Ferry on the Grand Trunk Road ghat, on the Mahanuddy at Cuttack to be submitted not later than the 1st. July next.

The tolls on this ghat are now sold at an average of Rs. 5775 per annum, and if working expenses are added the probable receipts are approximately estimated at Rs. 8775. The persons tendering must however satisfy themselves as to the correctness of this estimate. The persons whose tenders will be recommended for acceptance will be required to enter into an agreement.

1st. to run a specified number of trips a day.

2nd. to charge tolls on a fixed schedule of rates.

3rd. to maintain a fixed establishment of boats and steamers.

In return, the lease of the Ferry and the sole right of levying tolls for a fixed term of years, to be agreed upon, will be made over to them.

Plans of the Ferry and further information may be obtained on application to the

ଯେଉଁମାନେ ମହାନଦୀ ଗଡଘାଟରେ ଧୂଆଁ-କଳ ଜାହାଜଯୋଗେ ଯାବି ପାରକରିବାପାଇଁ ଇଜରା ନେବାକୁ ଇଚ୍ଛା କରିବେ ସେମାନଙ୍କ ଆବେଦନ ପତ୍ର ଆସନ୍ତା ଜୁଲାଇମାସ ତା ୧ ରିଖ ପର୍ଯ୍ୟନ୍ତ ଓଡ଼ିଶା ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଗ୍ରହଣ କରିବେ ।

ଏ ଘାଟର ବାର୍ଷିକ ହାରାହାରି ଆୟ ଟ ୫୭୭୫୲ ଙ୍କା ଓ ଏଥିସହିତ କାର୍ଯ୍ୟ ନିର୍ବାହର ବ୍ୟୟଯୋଗ କଲେ ବାର୍ଷିକ ଆୟ ଟ ୮୭୭୫୲ ଙ୍କା ଅନୁମିତ ହୋଇପାରେ । ଇଜ-ରାପ୍ରାର୍ଥୀମାନେ ଅବଶ୍ୟ ଅନୁସନ୍ଧାନଦ୍ୱାରା ଏହି ଅନୁ-ମାନ ଠିକ ଅଛି କି ନାହିଁ ବୁଝିନେବେ । ଯାହାଙ୍କ ଇଜରା ପ୍ରାର୍ଥନା ଗ୍ରାହ୍ୟ ହେବ ତାହାଙ୍କୁ ନିମ୍ନଲିଖିତ ନିୟମମାନ ପାଳନ କରିବାକୁ ହେବ । ଯଥା ।

୧ । ପ୍ରତିଦିନ ନିରୂପିତ ସଂଖ୍ୟାରେ ଖେପ ବହିବାକୁ ହେବ ।

୨ । ନିର୍ଦ୍ଦିଷ୍ଟ ନିରଖପର୍ଦ୍ଦ ଅନୁସାରେ ମାସୁଲ ଆଦାୟ କରିବ ।

୩ । ନିରୂପିତ ସଂଖ୍ୟାରେ ଧୂଆଁକଳବୋଟ ଏବଂ ନୌକା ପ୍ରସ୍ତୁତ ରଖିବ ।

Split by PDF Splitter



୍ୱ ଉପରଲିଖିତ ନୟମାନୁସାରେ କାର୍ଯ୍ୟ କରିବାକୁ ଯେଉଁମାନେ ସ୍ୱୀକୃତ ହେବେ ସେମାନଙ୍କସଙ୍ଗେ ଯେତେବର୍ଷ ନିମିତ୍ତ ଚୁକ୍ତି ହେବ ସେତେବର୍ଷ ଉକ୍ତ ଘାଟରେ ଏକାକୀ ମାସୁଲ ଆଦାୟ କରିବାର ଅଧିକାର ଦିଆଯିବ ।

ଘାଟର ନକସା ଓ ଅନ୍ୟାନ୍ୟ ସମ୍ବାଦମାନ ଓଡ଼ିଶା ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନୀୟରଙ୍କ ନିକଟକୁ ଦରଖାସ୍ତ କଲେ ପ୍ରାପ୍ତହେବ ।

SUPERINTENDING ENGINEER
Orissa Circle
Cuttack.

9—6—86

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ପଣି | ବାଲାମି ଇମାଲ | ଦ ୧୬ ଟ ୨।୵ |
| ୧୫ ପଣି | „ | „ ଟ ୨। |
| ୧୨ ପଣି | „ | „ ଟ ୧୷୵ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକାଥରେ ୧ ୫ ମ ବା ଅଧିକ କ୍ରୟ କରିବେ ଅଧିକ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲିଙ୍ଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲିଙ୍ଗା ଇମାଖ ସତ୍ସତର ବିକ୍ରୟ ହେଉଅଛି ଯାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏହାଛଡ଼ା ଆମ୍ଭେମାନେ କଲୋଡ ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପୂର୍ବ ଆପଣା ମଜଲିସ ସକାଶେ ଭଡ଼ା ଲୋଡ଼ନ୍ତି ତେବେ ଏକ ରାତିକୁ ଫି ବତି ଟଂ୦୬ ହିସାବରେ ଭଡା ଦେଲେ ପାଇ ପାରିବେ ! ମାତ୍ର ତାହାର କ୍ଷତି ଖଣ୍ଡନର ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଝାଡ଼ର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତଫସିଲ ।

କଲମ ଖୋଷଣା ଓ ଚାଁ ହିଁରେ ଗୁଡ ଦେଲେ ଗଲେ ।
କଲେକ୍ଟିଙ୍ଗ
କସ୍ମେଟିକ୍ ତେଲ ନଡ଼ିକା ଶେଜ ସାଦା ଓ ଲୋମ ସହିତ ।
କୁଇଂ ଅର୍ଥାତ ନକସ କରିବା କାଗଜ ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଚିଠି କାଗଜ ଓ ଲଫାପା
ହେୟାର ବ୍ରସ ।
ଚିଠିର ଛଡ ।
କଲମ ସାହନ ।
ଗାଡାଇ ସାବାନ ଯହିଁରେ ଲୁଗା ପରିଷ୍କାର ହୁଏ ।
ଅଟୋଭ ଗ୍ରେଜ—ଅର୍ଥାତ ସୁଗନ୍ଧୀ ଦ୍ରବ୍ୟ ।
ଅଏଲ କ୍ଲଥ ।
ଓନାଟର ସ୍ପଞ୍ଜ ଛତା ।
କର୍ପୂର ଅର୍କ ।
କ୍ଲୋରୋଡାଇନ ।
ପୋଷ୍ଟକାର୍ଡର କେସ୍ ମେଜ ଓ ଚଉକି ଲୋଭରେ ଲାଗେ
ଟ୍ରାକ୍ ଭାଇ ଅର୍ଥାତ ଲେଖିବାବେଳେ ଖାଲ ଓ ଶୁଖିଲେ କଳା ହେବ ।
ଅଲକା ଚଳା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ପଂଚଙ୍ଗ ପାଞ୍ଜି ସହିତ ଟ ୦ ।୵୭
ମୋଜା ଓ ମୋଜାବନ୍ଧ
ଇଞ୍ଚମ ଟେପ ଜଳଙ୍ଗଲଟ
କଲମ ସାଫ କଲା
କଳି ଓ ପାଇକର ଚୌକି ଫିତା

କାଚ ଭିତର ସାଜ ଚ ବଡ଼ ରଙ୍ଗିନ ଓ ସାଦା
କାଗଜ ବେହେଲ
ରଙ୍ଗର୍ଷ ପ୍ଲଫ ପେନ୍ସିଲ
„ ଏକଫଲ ଛୁରୀ
ଜେଲସନ ଉପୋର ମେ କେସର ଅଏଲ
ମାର୍କିଂ କାଳୀ ଲୁଗାରେ ଦାଗ ଦେଲେ ଧୋଇ ପରେ କଟଣ ହେବ ନାହିଁ ।
ଏ, ଘୋଷଙ୍କ ଗାମ୍ବର ତୈଳ କାମିଳ ଓ ବୃଦ୍ଧତା ।
କଲମ ଅଗ୍ରଭୋଟ ।
ଏକନ ଚାଉଳ ।
ସ୍ୱଥନ ପେନ ।
ଅଟମେଟିକ ପେନ୍ସିଲ ଅର୍ଥାତ ଏ ପେନ୍ସିଲରେ ଲେଡ୍ କଟିଙ୍ଗ ପେପ ଦରକାର ନାହିଁ ପେନ୍ସିଲ୍ ଲେଖା ସରିଲେ ତିନିଗୋଟା ଦେଲେ ତହିଁର ନିକଳି ପଡ଼େ ।
କଟିଙ୍ଗ ପେପର ।
କସ୍ମିଜ ତେଲରେ ଜଡ଼ ବାଳ ଥାଏ ।
ରବରର ଷ୍ଟାମ୍ପ ଅର୍ଥାତ ଚିଠିର କଣ୍ଡଲ ବା ଲଗାଇବାର ଉପାୟ ।
ମମଯାମା ।
ରେଡ୍ ବ୍ଲୁ ପେନ୍ସିଲ୍ ।
ଇମ ବୋତଲ
ବନାରସୀ ଗାମ୍ଚା ଓ ଯୋଡ ଓ ଜରି
ମରସୁଦାବାଦ ଓ ଶିରପାଇ ପାଟଯୋଡ ଓ ଶାଢ଼ୀ ।
ପ୍ରିଣ୍ଟିଂ କାଠ

ଅର୍ତ୍ତବଲ୍ଲଭ କର କମ୍ପାନୀ

### ଏକ୍ସିଗର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବା ଟ୦/୧ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ମୂଳ ହୋଇଯାଏ । ପାଚିଲା ଘା, ଗରମୀ ଘା, ନାଲି ଘା, ବେକ ଓ କାନ ଭିତରର ଘା, ଶୋଳ ଘା, କାନ ଘା, କାନର ପୂଜ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପା ଶିରବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା କ୍ରିମି, ଧାତୁଦୌର୍ବଲ୍ୟ ଏବଂ ଉତ୍କଟ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

### ଗାମ୍ବର ତୈଳ ।

ଡାକ୍ତରୀ ଉପାୟରେ ଗାମ୍ବରୁ ପ୍ରସ୍ତୁତ ତୈଳ । ଧବଳ ଓ କୁଷ୍ଠ ରୋଗର ଯେତେ ବହୁ ଔଷଧ ଥାଏ ତେବେ ତାହା ଗାମ୍ବ । ଗାମ୍ବର ତୈଳ ଆମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଖାଜୁ, ଯାଦୁ, କୁଣ୍ଡିଆ, ଛୁଲି, ପଦ୍ମଯାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧି । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୫୧ ଙ୍କା ଓ ଛୋଟ ବୋତଲ ଟ ୨୧ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରତ ଦିଆଯିବ । କଲିକତା ବେନ୍ତୁ ଇଷ୍ଟ୍ରିଟ [illegible] ୪୬ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକଙ୍କ ଟ ୧୦ ଅଣା ।

## ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶି ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଏଥିପାଇଁ ନିମ୍ନ ଲିଖିତ ହାରରେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦୵ |
| ଅଧ ସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେହେଁ ତହିଁର ଦର ଟ ୦୵ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରୁ ଚଉଥାଇ ହେବ ।

ଅଧିକ କାଳର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

[illegible] ଦେଖ ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୧ ଶ
ସଂ ୨୭ ସଂଖ୍ୟା

ତା ୩ ରଦ ମାହେ ଜୁଲାଇ ସନ ୧୮୮୬ ମସିହା । ମୁ । ଆଷାଢ଼ ଦି ୨୧ ଚ ସନ ୧୨୯୩ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
|---|---|---|
| ବାର୍ଷିକ | ଟ ୨ ୧ | ଟ ୨୧ |
| ଡାକମାସୁଲ | ଟ ୦ ୫ | ଟ ୧୧ |


ବାମଣ୍ଡା ପତ୍ରାବଳ ।

## ଅଲଙ୍କାର ବୋଧୋଦୟ ।

ସାହିତ୍ୟ ଶବ୍ଦର ଅର୍ଥ, ସମ୍ୟକ୍ ହିତ; ହିତ ଶବ୍ଦର ଅର୍ଥ, ବୁଦ୍ଧି ବିଷୟ ହେବା ନିମିତ୍ତ ବାକ୍ୟାର୍ଥ ଜ୍ଞାନ; ବାକ୍ୟାର୍ଥ ଜ୍ଞାନ, କେବଳ ବାକ୍ୟର ଅର୍ଥ ଜାଣିବାର ନୁହେ; ବରଂ ଯୋଗ୍ୟତା, ଆକାଂକ୍ଷା, ଆସତ୍ତି ଏମାନଙ୍କଦ୍ୱାରା ବାକ୍ୟ କିପରି ପ୍ରସ୍ତୁତ ହୋଇଛି ଓ ବାକ୍ୟଗତ ଶବ୍ଦମାନେ କିପରି ବାଚକ, ଲକ୍ଷ୍ୟକ, ଓ ବ୍ୟଞ୍ଜକ ହୁଅନ୍ତି, ଏବଂ ଅଭିଧା, ଲକ୍ଷଣା, ବ୍ୟଞ୍ଜନା କାହାକୁ ବୋଲି ଓ ବ୍ୟଞ୍ଜନା ଅଭିଧାମୂଳ ହେଲେ କିପରି ହୁଏ, ଲକ୍ଷଣାମୂଳ ହେଲେ କିପରି ହୁଏ ଏବଂ ଅର୍ଥରେ କେତେ ପ୍ରକାର ହୁଏ ଓ କେଉଁ ଶବ୍ଦ ଯୋଗରୁ ଶବ୍ଦମାନଙ୍କର ଅନ୍ୟ ଅର୍ଥ ହୁଏ ଓ ଶବ୍ଦମାନଙ୍କର ତାତ୍ପର୍ଯ୍ୟ କ ଅର୍ଥାତ୍ କେଉଁ ଶବ୍ଦର କେଉଁ ଅର୍ଥରେ ତାତ୍ପର୍ଯ୍ୟ ଏବଂ ବାକ୍ୟଜନ୍ୟ କେତେ ପ୍ରକାର ଦୋଷ, ଓ ଦୋଷମାନଙ୍କର କିପରି ନିରାଶ ହୁଏ ଓ କେଉଁ୨ ଅଲଂକାରରେ ବାକ୍ୟ ମଣ୍ଡିତ ହୁଏ, ଓ କିପରି ଶବ୍ଦ ବିନ୍ୟସ୍ତ ହେବାରୁ ନାନାପ୍ରକାର ଅର୍ଥମାନେ ଧ୍ୱନିତ ହୁଅନ୍ତି ଓ କେଉଁ ରସରେ କିପରି ଅକ୍ଷର ବିନ୍ୟାସ ହୁଏ ଇତ୍ୟାଦି ନାନାପ୍ରକାର ଜାଣିବାକୁ ହେବ, ଏପରିସ୍ଥଳେ କେବଳ ସାଧୁଭାଷାଘଟିତ ଗଦ୍ୟ ପଦ୍ୟ ନିର୍ମିତ ଗ୍ରନ୍ଥକୁ ସାହିତ୍ୟ ବୋଇଲେ ଏକଥାଟି ବାସ୍ତବିକ ପ୍ରଧାଣାବଣୀ ହେବ ବୋଲି ବୋଧ ହୁଏ ନାହିଁ ।

ବାକ୍ୟାର୍ଥଜ୍ଞାନ ଅଲଂକାରଶାସ୍ତ୍ରରେ ପ୍ରାୟ ଭଲ ହୁଏ; ଅତଏବ ଏହି ଅଲଂକାରବୋଧୋଦୟ ଅଲଂକାର ଶାସ୍ତ୍ରର ସାରାଂଶ ଉଦ୍ଧୃତ; ଏହା ଶିକ୍ଷାଭିଳାଷୀ ସ୍କୁଲୀୟଛାତ୍ରମାନଙ୍କର ବାକ୍ୟାର୍ଥଜ୍ଞାନର ସୋପାନ ହୋଇଲେ ଅତ୍ୟୁକ୍ତି ହେବ ନାହିଁ; ବିଶେଷତଃ ଏହି ପୁସ୍ତକ ସଂସ୍କୃତାନଭିଜ୍ଞ ଉତ୍କଳୀୟ କବିମାନଙ୍କର ନିତାନ୍ତ ସାହାଯ୍ୟ ହେବ ବୋଲି ଭରସା କରୁଁ ।

ଏହି ପୁସ୍ତକରେ କେତେକ ଅଙ୍କର ଗ୍ରନ୍ଥକାରଙ୍କଦ୍ୱାରା ବ୍ୟାଘାତ ହୋଇଅଛି ତାହା ପାଠକମାନେ ମାର୍ଜନା କରିବେ ।

ଏହି ଗ୍ରନ୍ଥର ଆଦର ଜାଣିବା ନିମିତ୍ତ ଟ°୫ ମାତ୍ର ମୂଲ୍ୟ କରିଦିଆ ଯାଇଅଛି ଯଦ୍ୟପି ସ୍କୁଲରେ ବ୍ୟବହାର ହେବ ତେବେ ଅର୍ଦ୍ଧେକ ମୂଲ୍ୟରେ ଛାତ୍ରମାନଙ୍କୁ ଦିଆଯିବ ।

ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନି ଓ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ କଟକ ଓ ଶ୍ରୀଧରଣୀଧର ମିଶ୍ରମଲ ପୁରିଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଶ୍ରୀଯୁତ ରାଜା । କ । ବାମଣ୍ଡା
କଟକ
ମଇ ତା ୩ ରଖ ସୁ ୧୮୮୬ ମସୀହ

### ପ୍ରଶଂସାପତ୍ର ।

ମାନ୍ୟବର ଶ୍ରୀଯୁତ ବାମଣ୍ଡାଧିପତି ଶ୍ରୀରାଜା ସୁଚଳଦେବ ବାହାଦୂର ମହାଶୟ
ସମୀପେଷୁ ।

ମହାଶୟ ।

ଆପଣଙ୍କ ପ୍ରେରିତ ଅଲଙ୍କାରବୋଧୋଦୟନାମକ ପୁସ୍ତକ ଖଣ୍ଡିଏ ପାଇ ବାଧିତ ହେଲି । ଏ ପୁସ୍ତକଖଣ୍ଡିକ ଉତ୍କଳଭାଷାରେ ରହିବଶେଷ ଉତ୍କଳଭାଷାରେ ଅନେକ ବିଷୟରୁ ପୁସ୍ତକର ଅଭାବ ଅଛି, କିନ୍ତୁ ଯେ ସ୍ଥଳେ ଆପଣଙ୍କ ତୁଲ୍ୟ ବ୍ୟକ୍ତି ତାହାର ଜନ୍ମତ କରିବାକୁ ଚେଷ୍ଟା କରୁଅଛନ୍ତି ସେ ସ୍ଥଳେ ସେ ଅଭାବମାନ ଯେ ଅଚିରେ ଦୂର ହେବ ଏଥିରେ କିଛି ସନ୍ଦେହ ନାହିଁ ।

ଆପଣଙ୍କର ଅନୁଗତ
ଶ୍ରୀନନ୍ଦକିଶୋର ଦାସ

---

Pooree
The 30th May 86.

My dear sir,

I have the pleasure to acknowledge receipt of your letter under date the 21st Instant together with your newly composed book called "*Alankar Bodhodaya*" and it is with fellings of infinite pleasure that I notice your kind recollection of myself.

I find your book will prove useful to good many persons.

You are certainly deserving of thanks for the ability with which you have written the book. I shall remit the price of the book as you

Digitized by srujanika@gmail.com

Split by PDF Splitter



let me know how the money is to be sent.

Yours well wisher
Sd. *Tarakanta Vidayasagur.*

ବାମଣ୍ଡା ଦେବଗଡ଼ ।
ତା ୭।୭।୧୮୮୬ ମସୀହା

---

ବ୍ରହ୍ମରାଜ୍ୟରେ ଶାନ୍ତି ସ୍ଥାପିତ ହେବାର କଥା ଲେଖିବାଠାରୁ ଯୁଦ୍ଧ ବିଗ୍ରହ ର ଯାହାର- ନାମ ଉଡାଇଲା ହୋଇଅଛି ବରଂ ଅଧିକ ପ୍ରବଳ ହେବାର ଜଣା ଯାଉଅଛି । ସେଠା- ଲୋକମାନେ ଆପଣା ସ୍ୱାଧୀନତା ପାଇ ସମଧିକ ବଳରେ ପ୍ରାଣପଣେ ଯୁଝୁଅଛନ୍ତି । ଗତ ସପ୍ତା- ହରେ ଯେ ସମସ୍ତ ତାରସମ୍ବାଦ ଆସିଅଛି ତହିଁରୁ ପ୍ରକାଶ ଯେ ନାନାସ୍ଥାନରେ ସାମାନ୍ୟ ଯୁଦ୍ଧ ଲାଗିଅଛି ଏବଂ ଦୁଇତିନଜଣ ଇଂରାଜ- କର୍ମଚାରୀ ଓ କେତେଜଣ ଦେଶୀୟ ସିପାହି ହତ ଓ ଆହତ ହୋଇଅଛନ୍ତି । ତଥାପି ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ ଯେ ବ୍ରହ୍ମରାଜ୍ୟ ଶୀଘ୍ର ଅଧିକୃତ ହେବ ଏବଂ ସେଥିପାଇଁ ସରକାରୀ ଖର୍ଚ୍ଚ ବୃଦ୍ଧି ହେବ ନାହିଁ ।

---

ଗତମାସ ତା ୨୯ ରିଖରେ ବିଲାତରୁ ଆସିଥିବା ତାରସମ୍ବାଦରୁ ଜଣାଗଲା ଯେ ଭାରତଶାସନ ବିଷୟକ ଅନୁସନ୍ଧାନ ନିମିତ୍ତ ଯେଉଁ କମିଟୀ ବସିବାର କଥା ଥିଲା ତାହା ଲର୍ଡ ଚର୍ଚ୍ଚିଲଙ୍କ ଆପତ୍ତି ହେତୁ ଭାଙ୍ଗିଗଲା । କେବଳ ଦେଶୀୟଲୋକଙ୍କ ସିଭିଲସର୍ଭିସରେ ଭରତିହେବା ପ୍ରସଙ୍ଗ ବିଚାର କରିବା ସକାଶେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଗୋଟିଏ କମିଟୀ ବସିବାର କଳ୍ପନା ହୋଇଅଛି । ଯେବେ ପାର୍ଲିମେଣ୍ଟ ସଭାରେ ବିଚାର ନ ହେଲା ତେବେ ଭାରତବର୍ଷରେ ବିଶେଷ ବର୍ତ୍ତମାନ ସମୟରେ ଭଲ ହେବ ଏମନ୍ତ ଆଶା କରିବାର ବୃଥା । ଭାରତୀୟ ଗବର୍ଣ୍ଣମେଣ୍ଟ ଏବଂ ବିଲାତର ସେକ୍ରେ- ଟେରିଙ୍କ କଥା ପୂର୍ବରୁ ଜଣା ଯାଇଅଛି ଏବଂ ବର୍ତ୍ତମାନପରି ତେତେବେଳେ ସ୍ୱୟଂ ଲର୍ଡ କିମ୍ବର୍ଲି ଲଣ୍ଡନରେ ଭାରତୀୟ ସେକ୍ରେଟରୀ ଥିଲେ ।

---

ଗତସପ୍ତାହର କଲିକତା ଗେଜେଟରେ ଦେଣଦାରଙ୍କ ସମ୍ପର୍କରେ ଏକ ପାଣ୍ଡୁଲିପି ପ୍ରକାଶିତ ହୋଇଅଛି । ଏଥିର ସାରାଂଶ ଏହି କି କୌଣସିବ୍ୟକ୍ତି ଶତ ଉପରମାନ ଟଙ୍କା ଏବଂ ମାରଫତଦାର ସ୍ୱରୂପ ଅନ୍ୟର ଟଙ୍କା ଜମା ରଖିଥିଲେ ସେ ଟଙ୍କା ଦାଖଲ କରିବାର ହୁକୁମ ହୋଇଥିଲେ ଯେବେ ସେ ହୁକୁମ ଅନୁସାରେ ଟଙ୍କା ଦାଖଲ ନ କରନ୍ତି ଅଥବା ଯେବେ କୌଣସି ଦେଣଦାର ଋଣ ପରିଶୋଧ ସମୟରେ ଆପଣା ସମ୍ପତ୍ତି ସ୍ଥାନାନ୍ତରିତ ଅବା ଗୋପନ କରନ୍ତି ଅବା ପରିଶୋଧ କରିବାର ଶକ୍ତି ଥାଇଁ ବଳାତ୍କାରଣରେ ଅଥବା ଛଳରୂପେ ପରିଶୋଧ ନ କରନ୍ତି ତେବେ ଏହିପରି ଲୋକ ଡିକ୍ରିଜାରୀଦ୍ୱାରା ଗିରଫଦାର ଅବା ଦେବାଳୀଫାଟକରେ କଏଦ ହୋଇପାରିବ । ଏତଦ୍ଭିନ୍ନ ଅନ୍ୟ କେହି ଦେଣଦାର ଗିରଫଦାର ବା ଦେବାଳୀଫାଟକରେ କଏଦ ହେବେ ନାହିଁ । ବର୍ତ୍ତମାନ ଏହି ଆଇନ ପରୀକ୍ଷାସ୍ୱରୂପ କେବଳ ଉତ୍ତରପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟାରେ ପ୍ରଚଳିତ ହେବାର ପ୍ରସ୍ତାବ ହୋଇଅଛି ସେଠାରେ ଫଳ ଦେଖାଗଲେ ଭାରତଗବର୍ଣ୍ଣମେଣ୍ଟର ଅନ୍ୟାନ୍ୟ ସ୍ଥାନରେ ବିସ୍ତାରିତ ହୋଇପାରିବ ।

---

ଆମ୍ଭମାନଙ୍କ ବଡ଼ଲାଟ ଡଫରିନ ସାହେବ ପ୍ରଜାସଭା ଓ ଦେଶୀୟ ସମ୍ବାଦପତ୍ର ବନ୍ଦକରି ଦେବାପାଇଁ ଭାରତ ସଚିବଙ୍କ ନିକଟକୁ ପତ୍ର ଲେଖିବା କଥା ଇଣ୍ଡିଆନ ଏକୋ ସମ୍ବାଦପତ୍ର ପ୍ରଥମେ ପ୍ରକାଶ କଲେ । ଏ ଗୋପନୀୟ କଥା ପ୍ରକାଶ ପାଇବାରୁ ବଡ଼ଲାଟ ସାହେବ ବଡ଼ ସଶଙ୍କିତ ହୋଇ କଲିକତା ପୋଲିସ୍‌ର ଡେପୁଟୀ କମିଶନର ଶ୍ରୀଯୁକ୍ତ ଲେମାର୍ଟ ସାହେବଙ୍କୁ ହୁକୁମ ଦେଲେ ଏ ଗୋପନୀୟ କଥା ଯେ ଉକ୍ତ ପତ୍ରକୁ ଜଣାଇଅଛି ତାହାର ନାମ ଜଣାଇବେ । କିନ୍ତୁ ଲେମାର୍ଟ ସାହେବଙ୍କ ଅନୁସନ୍ଧାନ ବ୍ୟର୍ଥ ହେଲା । ଅବଶେଷରେ ଲାଟସାହେବ ତାଙ୍କ ପ୍ରାଇଭେଟ ସେକ୍ରେଟରୀ ଅଫିସର ଜଣେ ବଙ୍ଗାଳୀ କର୍ମଚାରୀଙ୍କୁ ସନ୍ଦେହ କରି ବରଖାସ୍ତ କଲେ । କାରଣ ବଙ୍ଗାଳୀ ଅବିଶ୍ୱାସୀ ଅତଏବ କାର୍ଯ୍ୟରୁ ଅପସୃତ ହେବାର ଯୋଗ୍ୟ । ଏହିସବୁ କାର୍ଯ୍ୟରୁ ସ୍ପଷ୍ଟ ଜଣାଯାଏ ଯେ ଲାଟ ସାହେବ ବାସ୍ତବିକ ପ୍ରଜାସଭା ଓ ଦେଶୀୟ ସମ୍ବାଦପତ୍ର ବନ୍ଦ କରିବାର ଉଦ୍ୟୋଗ କରୁଅଛନ୍ତି । ଏହି ଅଳ୍ପକାଳ ମଧ୍ୟରେ ଡଫରିନ ସାହେବ ଆମ୍ଭମାନଙ୍କ ଇଚ୍ଛା ବିରୁଦ୍ଧ ଅନେକ କାର୍ଯ୍ୟ କରିଥିବାରୁ ଅପ୍ରିୟପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ ।

---

ବର୍ତ୍ତମାନ କଟକ ଚୌଧୁରୀବଜାର ନିବାସୀ ବାବୁ ଗୌରଚନ୍ଦ୍ର ଦତ୍ତ ବଲଗ ଗ୍ଲୁପର ଏକପଇସିଆ ଓ ଦୁଇପଇସିଆ ଗ୍ଲୁ ପ୍ରସ୍ତୁତ କରି ସୁଲଭ ମୂଲ୍ୟରେ ବିକ୍ରୟ କରୁଅଛନ୍ତି । ଏକପଇସିଆ ଗ୍ଲୁର ଦାମ ଖୁଚୁରା ବିକ୍ରୟ ନିୟମରେ ଟ ୦।୵ ଲେଖାଏ ଧାର୍ଯ୍ୟ ହୋଇଅଛି । କଲିକତାର ଅମୃତବଜାରପତ୍ରିକା ସମ୍ବାଦପତ୍ରର ସମ୍ପାଦକମାନେ ଏ ଗ୍ଲୁର ବଡ ପ୍ରଶଂସା କରିଅଛନ୍ତି ଏବଂ ଗୌରବାବୁ ଫରମାସ ପାଇଲେ କ୍ରୁସ କରୁସ ଡାକ୍ତରୀ ଓ ପ୍ରଭୃତି ଭିନ୍ନ ଭିନ୍ନ ପ୍ରକାରେ ଏବଂ ବଲଗ ଭିନ୍ନ ଗଢି ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହୁଅଛନ୍ତି । ଆମ୍ଭେମାନେ ଏ ସମ୍ବାଦ ଶୁଣି ବଡ ଆନନ୍ଦିତ ହୋଇଅଛୁଁ ଏବଂ ଏକାନ୍ତ ଭରସା କରୁଁ ଯେ ଗବର୍ଣ୍ଣମେଣ୍ଟ ଏବଂ ଦେଶୀୟ ଲୋକମାନେ ଏହାଙ୍କୁ ଯଥୋଚିତ ଉତ୍ସାହ ପ୍ରଦାନପୂର୍ବକ ଏ ଦେଶରେ ଗୋଟିଏ କାରଖାନା ପ୍ରତିଷ୍ଠା କରିବାରେ ଯତ୍ନବାନ୍ ହେବେ । ବିଦେଶୀୟ କାରିଗରଙ୍କୁ ପୋଷି ଆମ୍ଭେମାନେ କ୍ରମାଗତ ଦରିଦ୍ରତାକୁ ଆପଣା ଘରକୁ ଆମନ୍ତ୍ରଣ କରି ଆଣିଅଛୁଁ ସର୍ବସ୍ୱାନ୍ତ ହୋଇ ବସିଅଛୁଁ । ଏତେବେଳେ ଯେବେ ଆମ୍ଭମାନଙ୍କର ସୁବୁଦ୍ଧି ହେବ ଦେଶୀୟ କାରିଗରଙ୍କଠାରୁଁ ଓ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟସକାଶେ ବିଦେଶକୁ ଗୁହାଁ ନ ବସିବୁଁ ତେବେ ରକ୍ଷା ନୋହିଲେ ଆଉ ଗତି ନାହିଁ ।

---

ଇନ୍ଦୋରର ମହାରାଜା ହୋଲକାର ମାନବ- ଲୀଳା ସମ୍ବରଣ କରିଥିବାର ଶୋଚନୀୟ ସମ୍ବାଦ ଗତସପ୍ତାହରେ ପାଠକମାନଙ୍କୁ ଦେଇଥିଲୁଁ । ଏ ସପ୍ତାହରେ ଗ୍ୱାଲିଅର ମହାରାଜା ସିନ୍ଧିଆଙ୍କର ମୃତ୍ୟୁ ବିଷୟକ ଶୋକାବହ ସମ୍ବାଦ ପାଠକମାନ- ଙ୍କୁ ଦେବାକୁ ପଡିଲା । ପ୍ରାୟ ଏକସମୟରେ ଦୁଇଗୋଟି ପ୍ରଧାନ ମହାରାଜା ହରାଇବା ସାମାନ୍ୟ ପରିତାପର ବିଷୟ ନୁହଇ । ମହାରାଜା ସିନ୍ଧିଆ ହୋଲକାର ମହାରାଜାଙ୍କଠାରୁ ବ ୪୬ ବର୍ଷ ସଜ୍ଜନ କରିଥିଲେ । ଅନେକଦିନରୁ ପୀଡ଼ିତ ହୋଇଥିଲେ । ଗତମାସ ତା ୨୦ ଘଣ୍ଟା ସନ୍ଧ୍ୟା ସ ୭।୪୫ ମିନିଟଠାରେ ପଞ୍ଚତ୍ୱ ପ୍ରାପ୍ତ ହେଲେ । ଭାରତ ସାମ୍ରାଜ୍ୟରେ ଯେତେ ମିତ୍ର ରାଜା ଅଛନ୍ତି ସମସ୍ତଙ୍କ ମଧ୍ୟରେ ସିନ୍ଧିଆ ପ୍ରଥମସ୍ଥାନ ଅଧିକାର କରିଥିଲେ ଏବଂ ଏ ବିଷୟ ଷ୍ଟାଣ୍ଡାରଡରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶିତ କରିଅଛନ୍ତି । ଏ ମହୋଦୟ ମଧ

Digitized by srujanika@gmail.com

Split by PDF Splitter



୧୮୫୭ ମସିହାର ବିଦ୍ରୋହରେ ଇଂରାଜମାନଙ୍କୁ ଯଥୋଚିତ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ଏହାଙ୍କର ଅଶେଷ ସଦ୍‌ଗୁଣରେ ବଶୀଭୂତ ଇଂରାଜ ଗବର୍ଣ୍ଣମେଣ୍ଟ ଅଳ୍ପଦିନହେଲେ ଗୁଆଲିୟର ଦୁର୍ଗ ମହାରାଜାଙ୍କୁ ଫେରଦେଇ ଯେଉଁ ମହତ୍ତ୍ୱର ପରିଚୟ ଦେଇଥିଲେ ତହିଁର ଫଳ ମହାରାଜା ଅଧିକଦିନ ଭୋଗ କରିପାରିଲେ ନାହିଁ ଏଥିପାଇଁ ଗବର୍ଣ୍ଣମେଣ୍ଟ ଅଧିକ ଦୁଃଖିତ ହୋଇଅଛନ୍ତି।

ସ୍ଥାନାନ୍ତରେ ପ୍ରକାଶିତ ଖଣ୍ଡିଏ ଇଂରାଜୀ ପତ୍ରରେ ପାଠକମାନେ ଦେଖିବେ ଓଡ଼ିଶା ବିଦ୍ୟାଳୟମାନଙ୍କରେ ଓଡ଼ିଆଭାଷା ସଙ୍ଗେ ୨ ତେଲଙ୍ଗୀ ଓ ବଙ୍ଗଳାଭାଷାର ଶିକ୍ଷା ଦେବା କାରଣ ଲେଖକ ପ୍ରସ୍ତାବ କରିଅଛନ୍ତି। ସେ କହୁଅଛନ୍ତି କି ଓଡ଼ିଶାରେ ଯେତେ ବଙ୍ଗାଳି ଓ ତେଲଙ୍ଗୀ ମହାଜନ ଓ ବେପାରି କାର୍ଯ୍ୟ କରୁଅଛନ୍ତି ମାନ୍ଦ୍ରାଜ ଓ ବଙ୍ଗଳା ଦେଶରେ ତେତେ ଓଡ଼ିଆ ମହାଜନ ଓ ବେପାରି ନାହାନ୍ତି। ବଙ୍ଗଳା ଓ ତେଲଙ୍ଗୀ ଶିଖିଲେ ଏମାନେ ଆପଣା ସ୍ୱଦେଶମତେ ଉକ୍ତ ଦୁଇ ଦେଶରେ ବେପାର ବାଣିଜ୍ୟ ଏବଂ ସରକାରୀ ଚାକିରୀ କରିପାରିବେ ସୁତରାଂ ଓଡ଼ିଆଙ୍କର କାର୍ଯ୍ୟକ୍ଷେତ୍ର ବିସ୍ତାର ହେବ। ଏହି ପତ୍ରପ୍ରେରକ ପୂର୍ବେ ଓଡ଼ିଆଭାଷା ଉଠାଇ ଦେବାର ଏକ ପ୍ରକାର ପ୍ରସ୍ତାବ କରିଥିଲେ ଏତେବେଳେ ସେ ମତ ପରିବର୍ତ୍ତନ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ। ସେ ଆଉ ଟିକିଏ ଚିନ୍ତାକଲେ ବୁଝିପାରିବେ ଯେ ଦୁଇ ଭିନ୍ନଭାଷାରେ ଶିକ୍ଷା ଦେବା ଅପେକ୍ଷା ଏକଭାଷା ପ୍ରଚଳିତ ଥିବା ରାଜ୍ୟଖଣ୍ଡକୁ ଅନ୍ତତଃ ସାଧାରଣ ଶିକ୍ଷାଦାନ ସମ୍ବନ୍ଧରେ ଏକ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ରଖିବା ଅଧିକ ସୁବିଧାଜନକ ଏବଂ ଯୁକ୍ତିସଙ୍ଗତ ଅଟଇ। ଯେତେ ଭିନ୍ନ ୨ ଭାଷା ଶିଖିବା ସେତେ ବିଦେଶୀୟଙ୍କ ସଙ୍ଗେ କାରବାର କରିବାର ସୁବିଧା ହେବ ସନ୍ଦେହ ନାହିଁ ଏବଂ ଆବଶ୍ୟକ ମତେ ଓଡ଼ିଆମାନେ ବଙ୍ଗଳା ବା ତେଲଙ୍ଗୀ ଶିଖିବାକୁ ତ୍ରୁଟି କରୁ ନାହାନ୍ତି ତେବେ ଓଡ଼ିଆମାନେ ଅନ୍ୟତ୍ରରେ ବାଣିଜ୍ୟ ବ୍ୟାପାର ନ କରିବାର କାରଣ ସ୍ୱତନ୍ତ୍ର ଏବଂ ସମୟାନ୍ତରେ ତହିଁର ଆଲୋଚନା କରିବାର ଇଚ୍ଛା ରହିଲା।

ବାଲେଶ୍ୱରର କଲେକ୍ଟର ଗ୍ରାଣ୍ଟସାହେବ କାର୍ଯ୍ୟରେ ତତ୍ପର ନ ହେବାରୁ ପଛକେ ନିଶ୍ଚିନ୍ତ ରହିବାର ଲୋକ ନୁହନ୍ତି। ଆପଣା ଜିଲ୍ଲାର ପ୍ରକୃତ ଅବସ୍ଥା ବୁଝିବାକୁ ଅବସର ବା ଆସ୍ଥା ନ ଥିଲେହେଁ ଘରେ ବସି ଭଲ ମନ୍ଦ ଚିନ୍ତା କରିବାରେ ତ୍ରୁଟି ନାହିଁ। ଏଥିମଧ୍ୟରେ ସେ ଏକଦିନ ଦିବ୍ୟଚକ୍ଷୁରେ ଦେଖିଲେ ଯେ ପ୍ରଜାସତ୍ତ୍ୱ ବିଷୟକ ନୂତନ ଆଇନ ବଙ୍ଗଳାରେ ଜାରି ହୋଇଗଲା ଓଡ଼ିଶାରେ ଜାରି ହେଲା ନାହିଁ ଏଥିରେ ଭାରି ଅନର୍ଥ ଜାତ ହେବ। ତତ୍‌କ୍ଷଣାତ୍ ସେ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ପଠାଇଲେ ଯେ ନୂତନ ଆଇନ ଓଡ଼ିଶାରେ ଅଚିରେ ଜାରି ନ କଲେ ଜମିଦାରମାନେ ମନଇଚ୍ଛା ଖଜଣା ବୃଦ୍ଧି କରି ନେବେ ଅତିରିକ୍ତ ଖଜଣା ବୃଦ୍ଧି ବିଷୟରେ ନୂତନ ଆଇନରେ ଯେଉଁ ଅଟକ ଅଛି ପଛକୁ ତଦ୍ୱାରା କିଛି ଫଳ ହେବ ନାହିଁ। ବର୍ତ୍ତମାନ ନୂତନ ଆଇନ ହେତୁ ଜମିଦାରଙ୍କ ମଧ୍ୟରେ ଭାରି ଚହଳ ପଡ଼ିଅଛି ମାତ୍ର ପ୍ରଜାମାନେ ନିଶ୍ଚିନ୍ତ ଅଛନ୍ତି। କିନ୍ତୁ ଏ ଅବସ୍ଥା ଅଧିକ ଦିନ ରହିବ ନାହିଁ। ପଛକୁ ସେମାନେ ଆଇନ ଜାରି ସବାଶେଷ ଗଣ୍ଡଗୋଳ ଲଗାଇବେ। ଅତଏବ ସେକାଳପର୍ଯ୍ୟନ୍ତ ଅପେକ୍ଷା ନ କରି ବର୍ତ୍ତମାନ ସମୟରୁ ଆଇନ ଜାରି କରିଦେଲେ ଭଲ ହେବ। ଗବର୍ଣ୍ଣମେଣ୍ଟ ଏହି ମନ୍ତବ୍ୟ ପାଠ କରି ସ୍ଥାନୀୟ ହାକିମ ଏବଂ ସଭାସମିତିଙ୍କ ମତ ପ୍ରାର୍ଥନା କରିଅଛନ୍ତି। ତଦନୁସାରେ ଉତ୍କଳ ସଭାର କାର୍ଯ୍ୟ ନିର୍ବାହକ କମିଟିଙ୍କର ଗତ ମଙ୍ଗଳବାର ଗୋଟିଏ ଅଧିବେଶନ ହୋଇଥିଲା। ଉପସ୍ଥିତ ସଭ୍ୟମାନେ ଏକମତ ହୋଇ ସ୍ଥିର କଲେ କି ଗ୍ରାଣ୍ଟସାହେବ ଯେଉଁ ଅବସ୍ଥା ବର୍ଣ୍ଣନା କରିଅଛନ୍ତି ତାହା କେବଳ ତାହାଙ୍କ ମସ୍ତିଷ୍କରେ ଖେଳୁଅଛି ଓଡ଼ିଶାର କୌଣସି ଜିଲ୍ଲାରେ ଦେଖା ନାହିଁ। ଅତଏବ ଯେଉଁ କାରଣରେ ସେ ନୂତନ ଆଇନକୁ ଓଡ଼ିଶାରେ ପ୍ରଚଳନ କରିବାକୁ ଏତେ ଉତ୍ସୁକ ଅଟେ ତହିଁର ଅସ୍ତିତ୍ୱ ନାହିଁ ସୁତରାଂ ବର୍ତ୍ତମାନ ଆଇନ ଜାରି କରିବାର ପ୍ରବଳ ହେତୁ ହେଉ ନାହିଁ। ଓଡ଼ିଶାରେ ବର୍ତ୍ତମାନ ଦଶ ଆଇନ ପ୍ରଚଳିତ ଅଛି। ଏହି ଆଇନାନୁସାରେ ଜମିଦାରମାନେ ଅନେକ ଖଜଣା ବୃଦ୍ଧି କରିପାରନ୍ତି ଏତେ କ୍ଷମତା ଥିବା ପ୍ରତ୍ୟକ୍ଷେ ଯେବେ ଖଜଣା ବୃଦ୍ଧି ମୋକଦ୍ଦମା ବର୍ଷରେ ସମସ୍ତ ପ୍ରଦେଶରେ ନ ୨୦।୩୦ ମରୁ ଅଧିକ ନ ହେଲା ତେବେ ଜମିଦାରମାନେ ଖଜଣା ବୃଦ୍ଧି କରିବାକୁ ଭାରି ବ୍ୟସ୍ତ ବୋଲି କିପରି ଜଣାଯିବ। ବିଶେଷତଃ ଓଡ଼ିଆ ଜମିଦାରମାନେ ଜାଣନ୍ତି ଯେ ଆଉ ଦଶବର୍ଷ ପରାରୁ ନୂତନ ବନ୍ଦୋବସ୍ତ ହେବ ଏବଂ ସେମାନେ ଯେପରିମାଣରେ ଖଜଣା ବୃଦ୍ଧି କରିବେ ସେହିପରିମାଣରେ ସେମାନଙ୍କ ଉପରେ ରାଜସ୍ୱ ଉଠାଯିବ। ଏପରି ଅବସ୍ଥାରେ ଖଜଣା ବୃଦ୍ଧି କରିବାକୁ କାହାର ସାହସ ହେବ? ଅବଶ୍ୟ ଏ କଥା ସତ୍ୟ ଯେ ଆଜି କାଲି ମୋଫସଲରେ ଜମିଲାଗି ବସ୍ତର ଧରାଧରି ଏଥିରେ ଯେବେ ଲୋକେ ଇଚ୍ଛାପୂର୍ବକ ଖଜଣା ଉପରେ ସଲାମିସ୍ୱରୂପ କିଛି ଦେବାରୁ ଜମିଦାରର ଯେବେ ଅଧିକା ଲାଭ ହେଉଥିବ ତେବେ ଆଇନଦ୍ୱାରା ତହିଁର ପ୍ରତୀକାର ହେବା ଦୁଃସାଧ୍ୟ। ନୂତନ ଆଇନ ଜାରି ହେଲେ ଓଡ଼ିଶାବାସୀଙ୍କର ବିଶେଷ ଲାଭ ନାହିଁ କିନ୍ତୁ ଖଜଣା ସମ୍ପର୍କୀୟ ମୋକଦ୍ଦମା ସବୁ ଦେବାନୀ ଅଦାଲତରେ କରିବା ହେବାରୁ ଜମିଦାର ଓ ପ୍ରଜାଙ୍କର କଷ୍ଟ ଓ ଖର୍ଚ୍ଚ ବିଶେଷ ବୃଦ୍ଧି ହେବ ସୁତରାଂ ସର୍ବପ୍ରକାରେ କ୍ଷତି ଗ୍ରସ୍ତ ହେବେ।

### କିଲ୍ଲା କୁଜଙ୍ଗର ବର୍ତ୍ତମାନ ଘଟଣା।

ଏ ସମ୍ପର୍କରେ ଯେଉଁ ପ୍ରେରିତପତ୍ର ଆମ୍ଭେମାନେ ପାଇଥିବାର ଗତସପ୍ତାହରେ ଲେଖିଥିଲୁଁ ତହିଁରେ ଲେଖାଅଛି କି ବର୍ତ୍ତମାନର ମୃତ ମହାରାଜାଙ୍କ ନାବାଳଗୀ ସମୟରେ ଯେଉଁ ବଡାମ ସାହେବ ମହାରାଣୀ ରାଜମାତା ଠାକୁରାଣୀଙ୍କ ପକ୍ଷରୁ କୁଜଙ୍ଗର ମାନେଜର ହୋଇ ଆସିଥିଲେ ଓ ଜମାନେମ୍ବର ବାବୁ ମଦନମୋହନ ସେନ ଯାହାଙ୍କୁ ବରଖାସ୍ତ କରିଥିଲେ ସେହି ବଡାମ ସାହେବ କିଛିଦିନ ହେଲା କୋର୍ଟ ଅବ ୱାର୍ଡସ ପକ୍ଷରୁ ନିଯୁକ୍ତ ହୋଇ ଆସିଅଛନ୍ତି। ବାବୁ ହରିଶ୍ଚନ୍ଦ୍ର ସରକାର ଉକ୍ତ କୋର୍ଟ ପକ୍ଷରୁ କିଲ୍ଲାର ମାନେଜର ଥିବାପ୍ରତ୍ୟକ୍ଷେ ଏହାଙ୍କୁ ଅଣାଇବାର ପ୍ରୟୋଜନ ଏହିପରି ଲୋକେ ଅନୁମାନ କରୁଅଛନ୍ତି କି ସାହେବଙ୍କ ମୂର୍ତ୍ତି ଦେଖିଲେ ପ୍ରଜାମାନେ ଭୟରେ ଖଜଣା ଦେଇପକାଇବେ ଏବଂ ସାହେବ ପୂର୍ବରୁ କିଲ୍ଲାର ପରିଚିତ ବୋଲି ପ୍ରଜାଙ୍କୁ ବଶ କରିପାରିବେ। ଯାହାହେଉ ବଡାମ ସାହେବ ଆସି ଖଜଣା ଉସୁଲ ବିଷୟରେ ଅନେକପ୍ରକାର ଯତ୍ନକଲେ ମାତ୍ର ତହିଁରେ ସଫଳକାମ ନ ହେବାରୁ ବଳ ପ୍ରୟୋଗରେ ପ୍ରବୃତ୍ତ ହେଲେ।

Digitized by srujanika@gmail.com

Split by PDF Splitter



ରାଜମାତାଙ୍କ ପକ୍ଷରୁ ମଣ୍ଡାକଣି ଗ୍ରାମରେ ଖଜଣା ଉସୁଲ ହେଉଥିବା ସମୟରେ ଗତମାସ ତା ୭ ଦିଖରେ ସାହେବ ଅଶ୍ୱାରୋହଣରେ ପ୍ରବେଶ ହୋଇ ରାଜମାତାଙ୍କ ମୋହରର ଜନାର୍ଦ୍ଦନ ମଲ ଏବଂ ତପସ୍ୱିସି କେନୁ ସିଂହ ଓ ବାହାଦୁର ପାଣ୍ଡେ ଏପରି ତିନିଜଣଙ୍କୁ ଗୁରୁତରରୂପେ ପ୍ରହାର କଲେ । ମୋହରର ପ୍ରଭୃତି କୁହାପଡ଼ା ଫାଣ୍ଡିରେ ଇଜହାର ଦେଲେ ଓ ସେଠା ହେଡ଼କନଷ୍ଟେବଲ ସେମାନେ ଗୁରୁତର ଅଘାତ ପାଇଥିବାର ଦେଖି କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ପଠାଇ ଦେଲେ । ଡାକ୍ତର ତଦନ୍ତଦ୍ୱାରା ସେମାନଙ୍କୁ ଅରୋଗ୍ୟ କଲେ ଓ ପୀଡ଼ା ଗୁରୁତର ଥିବାର ସାର୍ଟିଫିକଟ ଦେଲେ । ପୁଲିସଇନସ୍ପେକ୍ଟର ବାବୁ ଗଣେଶପ୍ରସାଦ ମହାପାତ୍ର ସରଜମିନ ତଦାରଖରେ ମୋକଦ୍ଦମାର ପ୍ରମାଣ ପାଇ କଟାମ ସାହେବ ଏବଂ ତାହାଙ୍କ ସଙ୍ଗୀ ଜ ୭ ଣ ଦେଶୀୟ ଲୋକଙ୍କୁ ଦଣ୍ଡବିଧି ଆଇନର ଧା ୧୪୭ ଓ ୩୪୭ ସ ଅନୁସାରେ ଚାଲାନ ଦେଲେ ଏ ମୋକଦ୍ଦମା କେନ୍ଦ୍ରାପଡ଼ା ସବ୍‌ଡିଭିଜନର ହାକିମ ଶ୍ରୀଯୁକ୍ତ ଫ୍ରେଜର ସାହେବଙ୍କ ବିଚାରାଧୀନରେ ଅଛି । ଏହି ମୋକଦ୍ଦମା ପରେ କଟାମ ସାହେବ କାଲିୟାପାଟ ମୌଜାରେ ପୁଣି ରାଜମାତାଙ୍କ ମୋହରର ଏବଂ ତପସ୍ୱିଙ୍କୁ ପ୍ରହାର କଲେ । ମାତ୍ର ସେମାନେ ତାହାର ନାଲିଶ କରି ନାହାନ୍ତି । ଏହି ଦୁଇ ଉଦାହରଣ ଦେଖାଇ ପତ୍ରପ୍ରେରକ ଲେଖିଅଛନ୍ତି କୋର୍ଟ ଅବ ୱାର୍ଡସ ପକ୍ଷରୁ ଯେରୂପ ଅତ୍ୟାଚାର ହେଉଅଛି ତହିଁର ଶତାଂଶରୁ ଏକ ଅଂଶ ଯେବେ ରାଜମାତାଙ୍କ କର୍ମଚାରୀମାନେ କରନ୍ତେ ତେବେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଭାବ ଗତି ଦୃଷ୍ଟିରେ ଜଣାଯାଏ ଯେ ବନା ବିଚାରରେ ସେମାନଙ୍କର ମସ୍ତକ ଛେଦନ ହୁଅନ୍ତା । ସମ୍ପ୍ରତି ହାଇକୋର୍ଟ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଯେପରି ଶିକ୍ଷା ଦେଇଅଛନ୍ତି ତହିଁରୁ ଆଶା ହେଉଅଛି ଯେ ଏଣିକି ସୁବିଚାର ହେବ । କେବଳ ଉପସ୍ଥିତ ମୋକଦ୍ଦମାରେ ଜଣେ ଶ୍ୱେତାଙ୍ଗ ପୁରୁଷ ଲିପ୍ତ ଥିବା କଥାହି ଅଡୁଆକଥା ହେଲେହେଁ ଆମ୍ଭେମାନେ ମଧ୍ୟ ଆଶାକରୁଁ ବ ଇଂଲିସ ସାହେବ ଏକଟିଂ ମାଜିଷ୍ଟ୍ରେଟଙ୍କ ଅମଳରେ ସୁବିଚାରର ବ୍ୟତିକ୍ରମ ହେବ ନାହିଁ ।

---

ରାଜସ୍ୱକମିଟୀ ।

ଭାରତବର୍ଷର ରାଜକୀୟ ବ୍ୟୟ କେଉଁଠାରେ କମିଯାଇଅଛି ଏବଂ କିରୂପେ ଊଣା ହୋଇ ପାରେ ଏଥିର ଅନୁସନ୍ଧାନ କରି ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେବା ଉଦ୍ଦେଶରେ ରାଜସ୍ୱକମିଟୀ ନାମରେ ଗୋଟିଏ ସମିତି କେତେକ ମାସ ହେବ ଗଠିତ ହୋଇଅଛି । କମିଟୀ ଏଥିମଧ୍ୟରେ ଯେ କାର୍ଯ୍ୟ କରିଅଛନ୍ତି ତାହା ଜଣା ଯାଇ ନାହିଁ ଏବଂ ଜଣା ଯିବାର ସମୟ ହୋଇ ନାହିଁ ବୋଲି ଯାଇପାରେ କିନ୍ତୁ ଯାହା ଶୁଣା ଯାଉଅଛି ତହିଁରୁ ବୁଝା ଯାଉଅଛି ଯେ କମିଟୀ ବସିବାବେଳେ ଲୋକେ ଯାହା ଆଶଙ୍କା କରୁଥିଲେ ଯେ ଏ କମିଟୀଦ୍ୱାରା ବିଶେଷ କିଛି ଫଳ ହେବ ନାହିଁ କେବଳ କେତେଗୁଡ଼ିଏ ଦେଶୀୟ କର୍ମଚାରୀ ମରାପଡ଼ିବେ ଫଳେ ତାହାର ଘଟିବାର ଲକ୍ଷଣ ଦେଖା ଯାଉଅଛି । ଉଚ୍ଚ କର୍ମଚାରୀଙ୍କ ପେନସନରେ ବାର୍ଷିକ ଯେତେ ଟଙ୍କା ଅନର୍ଥକ ବ୍ୟୟ ହେଉଅଛି ତାହା କାହାରିକି ଅବଗତ ନାହିଁ । ଏହି ଅନର୍ଥକ ବ୍ୟୟ ଊଣା କରିବା ନିତାନ୍ତ ଆବଶ୍ୟକ କିନ୍ତୁ ଶୁଣାଯାଉଅଛି କମିଟୀ ଏଥିର ପ୍ରକୃତ ଉପାୟ ନ ଖୋଜି ଯେଉଁ କର୍ମଚାରୀମାନେ ପେନସନହାର କମିବାର ଅଧିକାର ପାଇଅଛନ୍ତି ସେମାନଙ୍କ ମହକୁମା ତରକାନ ସେଠାରେ ରଖିବାର ବନ୍ଦୋବସ୍ତ କରୁଅଛନ୍ତି । ଏଥିରେ ଗରିବ କେରାଣୀ ଓ ଅମଲାମାନେ ମରାପଡ଼ିବେ ସୁତରାଂ ଦେଶୀୟ କର୍ମଚାରୀଙ୍କର କଷ୍ଟ ହେବ । ଦେଶୀୟ କର୍ମଚାରୀଙ୍କ ବେତନ ଊଣା କରିବାର ଆଉ ଗୋଟିଏ ଉପାୟ କମିଟୀର ବିଚାରାଧୀନରେ ଅଛିଅଛି । ଗବର୍ଣ୍ଣମେଣ୍ଟ ଗୋଟିଏ ନିୟମ କରିଅଛନ୍ତି ଯେ ଯେଉଁ କର୍ମରେ କେବଳ ଇଂରାଜ କର୍ମଚାରୀ ରହିବାର ନିୟମ ଅଛି ସେଥିରେ କେହି ଦେଶୀୟଲୋକ ରହିଲେ ଉକ୍ତ କର୍ମଚାରୀ ନିରୂପିତ ବେତନର ତିନିଭାଗରୁ ଦୁଇଭାଗ ପାଇବ । କମିଟୀ ଏହି ନିୟମକୁ ସର୍ବତ୍ରରେ ଚଳାଇବାର ଚେଷ୍ଟା କରି ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ପରାମର୍ଶ ନେଉଅଛନ୍ତି । ଏଥିରେ ଏହି ଫଳ ହେବ ଯେ ଯେଉଁ କର୍ମରେ ଜଣେ ଇଂରାଜ ଯେତେ ବେତନ ପାଉଥିବ କେହି ଦେଶୀୟ ଲୋକ ସେ କର୍ମରେ ନିଯୁକ୍ତ ହେଲେ ତହିଁର ତିନିଭାଗରୁ ଦୁଇଭାଗ ପାଇବ ସୁତରାଂ ଦେଶୀୟ କର୍ମଚାରୀମାନେ ମରାପଡ଼ିବେ । ବାସ୍ତବରେ ଗବର୍ଣ୍ଣମେଣ୍ଟଙ୍କର ଉକ୍ତ ନିୟମର ଉଦ୍ଦେଶ୍ୟ ସେପରି ନୁହଇ । ଗବର୍ଣ୍ଣମେଣ୍ଟଙ୍କର କେତେଗୁଡ଼ିଏ ଚାକରୀ ପ୍ରଥମେ କେବଳ ଇଂରାଜଙ୍କ ସକାଶେ ସୃଷ୍ଟି ହୋଇଥିଲା । ଇଂରାଜମାନେ ବିଲାତରୁ ଭାରତବର୍ଷକୁ ଆସିଲେ ତାହାଙ୍କର ଅଧିକ ବ୍ୟୟ ପଡ଼ିବା ଓ ସ୍ୱାସ୍ଥ୍ୟ ଭଙ୍ଗ ହେବା ଉଦ୍ଦେଶରେ ସେ ସବୁ ଚାକରୀର ବେତନ ଉଚ୍ଚ ହୋଇଥିଲା । ଦେଶୀୟ ଲୋକମାନେ ଏଣିକି ସେ ସବୁ କର୍ମ ସକାଶେ ଯୋଗ୍ୟ ହୋଇଅଛନ୍ତି ଏବଂ ଏମାନେ ସ୍ୱଦେଶରେ ଚାକରୀ କରିବାରୁ ଅଧିକା ବ୍ୟୟ କିମ୍ବା ସ୍ୱାସ୍ଥ୍ୟ ଭଙ୍ଗର ଆଶଙ୍କା ନାହିଁ । ଅତଏବ ଦେଶୀୟ ଲୋକଙ୍କୁ ତୃତୀୟାଂଶ ଊଣା ବେତନ ଦେବା ଅନ୍ୟାୟ ନୁହଇ । ମାତ୍ର ଯେଉଁ ଚାକରୀମାନ କେବଳ ଦେଶୀୟ ଲୋକଙ୍କ ସକାଶେ ସୃଷ୍ଟି ହୋଇଅଛି ତହିଁ ପ୍ରତି ଉକ୍ତ ନିୟମ ଖଟିବାର କୌଣସି କାରଣ ନାହିଁ । ଏପ୍ରକାର କର୍ମରେ ଗବର୍ଣ୍ଣମେଣ୍ଟ ଇଚ୍ଛାପୂର୍ବକ କୌଣସି ଇଂରାଜଙ୍କୁ ନିଯୁକ୍ତ କରିଥିଲେ ଯାଇ କେହି ଦେଶୀୟ ଲୋକ ତହିଁରେ ନିଯୁକ୍ତ ହେଲେ ଏକ ତୃତୀୟାଂଶ ବେତନ ଊଣା ପାଇବ ଏପରି ବିଚାର ନ୍ୟାୟସଙ୍ଗତ ହୋଇ ନ ପାରେ । ଏହାକୁ ଦେଶୀୟ କର୍ମଚାରୀଙ୍କର ବେତନ କାଟିବାର ଗୋଟିଏ ପନ୍ଥାଭିନ୍ନ ଆଉ କିଛି ବୋଲାଯାଇ ନ ପାରେ । ରାଜସ୍ୱ କମିଟୀ ଯେବେ ନ୍ୟାୟମାର୍ଗକୁ ଅନୁସରଣ କରିବେ ତେବେ ସେମାନେ ଅବଶ୍ୟ ଏପରି ନିୟମ କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେବେ ଯେ ଯେଉଁ କର୍ମମାନ ପ୍ରଥମେ ଇଂରାଜଙ୍କ ସକାଶେ ସୃଷ୍ଟି ହୋଇଥିଲା କିନ୍ତୁ ବର୍ତ୍ତମାନ ଦେଶୀୟଲୋକ ସେଥିପାଇଁ ଯୋଗ୍ୟ ହୋଇଅଛନ୍ତି ସେହି କର୍ମମାନଙ୍କର ନିର୍ଦ୍ଦିଷ୍ଟ ବେତନରୁ ଏକାବେଳକେ ଏକତୃତୀୟାଂଶ କାଟି ଦିଆଯିବ ଇଂରାଜମାନେ ଇଚ୍ଛାପୂର୍ବକ ସେ କର୍ମ ନେଉଥିଲେ ଊଣା ବେତନରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ହେବେ । ଏପରି ଯେଉଁମାନେ ଗ୍ରୀଷ୍ମକାଳରେ ଶୈଳବାସ କରନ୍ତି ସେମାନଙ୍କ ବେତନରୁ ମଧ୍ୟ ଏକତୃତୀୟାଂଶ କାଟିଦେବାର ଉଚିତ । ଗ୍ରୀଷ୍ମକାଳରେ ଭାରତବର୍ଷରେ ରହି କର୍ମ କରିବା କଷ୍ଟକର ବୋଲି ସେମାନଙ୍କୁ ଉଚ୍ଚ ବେତନ ଦିଆ ଯାଉଅଛି । ଯେବେ ସେ କଷ୍ଟରୁ ସରକାରୀ ବ୍ୟୟରେ ଉଦ୍ଧାର ପାଇଲେ ଏବଂ ଏଠାରେ ବସି ସ୍ୱଦେଶର ଶୀତଳବାୟୁ ସେବା କଲେ ତେବେ ଉଚ୍ଚବେତନ ପ୍ରତି ତାହାଙ୍କର ଦାବି କପରି ହେବ ? ଏହିପ୍ରକାରେ ଯେବେ କମିଟୀ ବେତନ ଊଣା କରିବାର ନିୟମ କରନ୍ତି ତେବେ ନ୍ୟାୟ ବିଚାର ସହିତ ସରକାରୀ ବ୍ୟୟ

Digitized by srujanika@gmail.com

ଅନେକ ଉଣା ପଡିବ । ମାତ୍ର ତାହା କଲେ କେବଳ ଦେଶୀୟ କର୍ମଗ୍ରହଙ୍କ ଦାନା କାଟିଲେ ତାଦୃଶ ଲୋଭ ହେବ ନାହିଁ ଏବଂ ତାହା ଅନ୍ୟାୟ ହେବ ।

---

ଅମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଶ୍ରୀଯୁକ୍ତ ବାବୁ ଲଳିତମୋହନ-ଚକ୍ରବର୍ତ୍ତୀ ତାଙ୍କର ଦୁଇଖଣ୍ଡ ପୁସ୍ତିକା ଯଥା "ସୁଖ କସେ" ଓ ଜାନ୍ତ୍ରନୀବନ ସମାଲୋଚନ ଆମନ୍ତେ ଉପହାର ଦେଇଛନ୍ତି । ଅମ୍ଭେମାନେ ଅଦ୍ୟ ତାଙ୍କର "ସୁଖ କସେ" ଏହି ପୁସ୍ତିକାର ସମାଲୋଚନା କରିବୁ ପୁସ୍ତିକାର ଭାଷା ବଙ୍ଗଳା । ଲଳିତବାବୁଙ୍କ ଜନ୍ମ ଓ ଶିକ୍ଷା ଏଠାରେ ହେଲେହେଁ ତାଙ୍କର ବଙ୍ଗଭାଷାରେ ଉତ୍ତମ ଅଧିକାର ଥିବାର ପରିଚୟ ପାଇ ଅମ୍ଭେମାନେ ସୁଖୀ ହୋଇଅଛୁଁ । ଭାଷାର ଚିକ୍କଣତା ଓ ବାକ୍ୟର ଛଟାରେ ପୁସ୍ତକଖଣ୍ଡିକ ରଞ୍ଜିତ ହୋଇଅଛି । ଗ୍ରନ୍ଥକାର କହିଅଛନ୍ତି ଯଥାର୍ଥ ସୁଖ କେବଳ ମନର ସୁଖ, ଅର୍ଥାତ୍ ଅନ୍ତଃକରଣର ସମ୍ପୂର୍ଣ୍ଣତା ଓ ସୌନ୍ଦର୍ଯ୍ୟତା ଓ ସେହି କମଳ ସ୍ୱର୍ଗୀୟ ପବିତ୍ର ସୁଖ ସତ୍ପରିବାର-ମଧ୍ୟରେ ପ୍ରଚୁର ପରିମାଣରେ ଅବସ୍ଥିତ ଓ ବିଚରଣ କରଇ । ଅତଏବ ଯେଉଁ ପରିବାରର ପ୍ରତ୍ୟେକ ଜନଙ୍କ ହୃଦୟ ବିଦ୍ୟାର କମଳପ୍ରଭାରେ ପ୍ରଭାନ୍ୱିତ ଜ୍ଞାନାଲୋକରେ ସମୁଜ୍ଜ୍ୱଳିତ ଓ ଧର୍ମାଲୋକରେ ପରିମାର୍ଜ୍ଜିତ ଅର୍ଥାତ୍ ସମସ୍ତେ ନ୍ୟୂନାଧିକ ପରିମାଣରେ ଶିକ୍ଷିତ ଓ ଶିକ୍ଷିତା ସେହି ପରିବାରର ପ୍ରତ୍ୟେକ ପ୍ରାଣୀ ଗୋଟି ଗୋଟିଏ ଆନନ୍ଦମୟ ଜୀବ ଓ ସୁଖୀ ଆଉ ଧନଦ୍ୱାରା କେବେଁ ସୁଖଲାଭ ହୁଏ ନାହିଁ । ଅତଏବ ସ୍ତ୍ରୀମାନଙ୍କୁ ଶିକ୍ଷାପ୍ରଦାନ କର ପୁସ୍ତକର ଏହିତା ସାରାଂଶ । ପ୍ରଥମେ ଗ୍ରନ୍ଥକାର ସୁଖ କଣ ବୁଝାଇ ନାହାନ୍ତି । ଦ୍ୱିତୀୟତଃ ସୁଖ ଧନଦ୍ୱାରା ଲଭ ହୁଏ ନାହିଁ ସତ୍ପରିବାର ସୁଖ ପ୍ରଦାନ କରେ ଏହା କେତେଦୂର ସଙ୍ଗତ ଦେଖା ଯାଉ । ଗ୍ରନ୍ଥକାରଙ୍କ ଲେଖାରୁ ଜଣାଯାଏ ଯେ ସୁଖର ଅର୍ଥ ସମାଜର ଉନ୍ନତି କରିବା ଓ ମନରେ ଆହ୍ଲାଦ ରଖିବା—ଏପରି ଅର୍ଥ ହେଲେ ଧନ ନ ଥିଲେ ସୁଖ କାହିଁ ହେବ ବୋଧଗମ୍ୟ ହେଉ ନାହିଁ । ଅବଶ୍ୟ ଧନ ଏକମାତ୍ର ସୁଖର କାରଣ ହୋଇ ନ ପାରେ କିନ୍ତୁ ଧନ ନ ଥିଲେ ପରିବାର ପ୍ରତିପାଳନ କିପରି ହେବ ନଗ୍ନ କ୍ଷୁଧା ତୃଷା କିପରି ତୃପ୍ତ କରାଯିବ ? ଯଦ୍ୟପି ବା ସୁଖ ପରିବାରଙ୍କ ଶିକ୍ଷା ଉପରେ ନିର୍ଭର କରେ ତେବେ ଦୃଷ୍ଟାନ୍ତ-ସ୍ୱରୂପ ଇଂରାଜମହିଳାଙ୍କୁ ନେଇ ପାରୁଁ । ଏମାନଙ୍କ ପରିବାରରେ ଅଧିକ ପରିମାଣରେ ସ୍ତ୍ରୀଶିକ୍ଷା ଦେଖାଯାଏ ଅଥଚ ସ୍ତ୍ରୀପୁରୁଷଙ୍କର ଛାଡ଼ପତ୍ର ଭୂରି ( Divorce ) ବିଦ୍ୟମାନ ରହିଅଛି ଏହା ବୋଲି ସ୍ତ୍ରୀଶିକ୍ଷା ଆବଶ୍ୟକ ନୁହେ ଏହା କହୁ ନାହୁଁ । ଅବଶ୍ୟ ଇଂରାଜମାନଙ୍କ ରୀତିନୀତି ଆମ୍ଭମାନଙ୍କ ରୀତି ନୀତିରୁ ଭିନ୍ନ, ସୁତରାଂ ଆମ୍ଭମାନଙ୍କ ଦେଶୀୟ ଅନ୍ତଃପୁରରେ ଥାଇ ସେମାନେ ଯଦ୍ୟପି ଶିକ୍ଷାଲାଭ କରନ୍ତି ତେବେ ଅତି ଉତ୍ତମ କେବଳ ସ୍ତ୍ରୀମାନଙ୍କର ଶିକ୍ଷା ହେଲେ ଯେ ଅମ୍ଭେମାନେ ସୁଖୀ ହେବୁଁ ଏକଥା କୁହାଯାଇ ନ ପାରେ ସୁଖ କାହିଁରେ ଏ ବିଷୟର ପ୍ରବନ୍ଧ ଲେଖିବାକୁ ଯାଇ କେବଳ ସ୍ତ୍ରୀଶିକ୍ଷାର ଆବଶ୍ୟକତା ବୁଝାଇବାକୁ ପ୍ରୟାସ ପାଇଛନ୍ତି ।

---

# ସାପ୍ତାହିକ ସଂବାଦ ।

ଅମ୍ଭମାନଙ୍କ ଜଜ ସାହେବ ବାଲେଶ୍ୱର ଦୌରା କାର୍ଯ୍ୟ ଶେଷ କରି ଗତ ବୁଧବାର ଏ ନଗରକୁ ପ୍ରତ୍ୟାଗମନ କଲେ ।

ଯୋବରା ପଥରବନ୍ଧ ଉତ୍ତର ପାଖରୁ ଖଣ୍ଡେ ଦୂର ଭଙ୍ଗି ପଡିଅଛି ଏବଂ ସେହିବାଟେ ଜଳ କାହାଡି ଯାଉଥିବାରୁ ମହାନଦୀରେ ଯଥେଷ୍ଟ ଜଳ ଯାତାୟାତ କରିପାରୁ ନାହିଁ । ନଈ ଯେପରି ଶୁଖିଯାଉ ଅଛି ସେପରି କେନାଲମାନ ଶୁଖିଯାଇ ଯଥେଷ୍ଟ ଜଳ ମିଳିବା ବନ୍ଦ ହେବାର ଆଶଙ୍କା ହେଉଅଛି ।

ଏଠା ଉତ୍କଳ ବ୍ରାହ୍ମସମାଜର ବାର୍ଷିକ ଉତ୍ସବ ଗତ ରବିବାରଠାରୁ ଆରମ୍ଭ ହୋଇ ଆଗତ କାଲି ସ ୫ ଘ ସମରେ ଏହି ଛପାଖାନା ଗୃହରେ ବକ୍ତୃତା ଏବଂ ସାୟଂକାଳରେ ଉପାସନାଳୟରେ ଉପାସନା ହୋଇ ଶେଷ ହେବ ।

ଏହି ମାସର ପ୍ରଥମରୁ ଏ ଜିଲ୍ଲାର ଅଲଗ ଗଡ଼ା ଏବଂ ସେନାପୁର ଗ୍ରାମମାନଙ୍କରେ ଗ୍ରାମ୍ୟ ଡାକଘରମାନ ଫିଟି ଅଛି ।

## କଲିକତା ଗେଜେଟ ।

ଦ୍ୱିତୀୟଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ କେ ଜି ଗୁପ୍ତ ସାହେବ ପ୍ରଥମଶ୍ରେଣୀକୁ ଉନ୍ନତ ପାଇଲେ ମାତ୍ର ଅନ୍ୟ ଆଜ୍ଞା ହେବା ପର୍ଯ୍ୟନ୍ତ ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଏକଟିଂ ସ୍ୱରୂପ ରହିବେ ।

ଛୁଟୀ ପ୍ରାପ୍ତ ଡେପୁଟି କଲେକ୍ଟର ବାବୁ କାଳୀପଦ ମୁଖର୍ଜ୍ଜୀ ବାଲେଶ୍ୱର ଜିଲ୍ଲାର ସଦର ମହକୁମାକୁ ପ୍ରେରିତ ହେଲେ ।

କଟକ କଲେଜସ୍ଥ ସ୍କୁଲର ଦ୍ୱିତୀୟ ଶିକ୍ଷକ ବାବୁ ସତେନ୍ଦ୍ରନାଥ ବାନର୍ଜ୍ଜୀ ସନ ୧୮୮୬ ମସିହା ମାର୍ଚ୍ଚମାସ ତା ୨୨ ରୁ ଖଣ୍ଡ ପଞ୍ଚମଶ୍ରେଣୀରେ ନିଯୁକ୍ତ ହେଲେ ।

---

ପୁରୀ ଜିଲ୍ଲା ସ୍କୁଲରେ ଜଣେ ବ୍ୟାୟାମ ଶିକ୍ଷକ ଟ ୨୫୯ ଙ୍କା ବେତନରେ ଶୀଘ୍ର ନିଯୁକ୍ତ ହେବ ବୋଲି ଜଏଣ୍ଟ ଇନସ୍ପେକ୍ଟର ଘୋଷଣା ଦେଇଅଛନ୍ତି । କର୍ମପ୍ରାର୍ଥିମାନେ ଏହିମାସ ତା ୭ ରିଖ ମଧ୍ୟରେ ତାହାଙ୍କ ନିକଟକୁ ଆବେଦନ ପଠାଇବେ ।

ମୟୂରଭଞ୍ଜର ବାରିପଦାରେ ଯେଉଁ ନୂତନ କଚେରି ଘର ନିର୍ମାଣ ହେଉଅଛି ତହିଁର ସମ୍ମୁଖ ବାରଣ୍ଡା ଛାତସହିତ ପଡି ଯାଇଅଛି ଏବଂ ଇଞ୍ଜିନିୟରଙ୍କ ଅପଟୁତା ଏହାରକାରଣ ବୋଲି ଜଣେ ଲେଖିପଠାଇ ଅଛନ୍ତି ।

କାଶ୍ମୀର ରାଜ୍ୟସମ୍ବନ୍ଧରେ ଭ୍ରାତୃ ବିବାଦ ହୋଇଥିବାର ପାଇଓନିୟର ଲେଖିଥିବାରୁ ତାହା ଅମ୍ଭେମାନେ ପୂର୍ବପତ୍ରିକାରେ ପ୍ରକାଶ କରିଥିଲୁଁ । କିନ୍ତୁ ବର୍ତ୍ତମାନ ଜଣାଗଲା ସେ ପାଇଓନିୟରଙ୍କ ଉକ୍ତି ଅମୂଳକ । ଏକଥା ଶୁଣି ଅମ୍ଭେମାନେ ଆହ୍ଲାଦିତ ହୋଇଅଛୁଁ କିନ୍ତୁ ଇଂରାଜଙ୍କ ମୁଖପତ୍ର ହୋଇ ଏପରି ଅନର୍ଥକର ଜନରବ ଉତ୍ଥାପନ କରିବା ଉଚିତ କି ?

ଏଥର ଏଣ୍ଟ୍ରେନ୍ସ ପରୀକ୍ଷା ଯେନ ଅନେକ ଗୋଳମାଳ ହେବାରୁ ପୁନରାୟ ପରୀକ୍ଷା ହେବାର କଥା ଶୁଣାଯାଉ ଅଛି । ପରୀକ୍ଷକମାନଙ୍କ ବା ଅନ୍ୟାନ୍ୟ କାର୍ଯ୍ୟ ଦୋଷରୁ ବାଳକମାନଙ୍କ ଏକବର୍ଷ ବୃଥାରେ କ୍ଷେପଣ ହେବ ଓ ଏକବର୍ଷ ଦରମା ଦଣ୍ଡ ଦେଇପଡ଼ିବ ଏହା ସାମାନ୍ୟ ଦୁଃଖର କଥା ନୁହଇ ପରୀକ୍ଷା ଆଉଥରେ ଗୃହୀତ ହେବା କଥା ଯଦି ସତ୍ୟ ହେବ ତେବେ ଅନେକ ଗରିବ ବାଳକ ରକ୍ଷା ପାଇଯିବେ ।

ପ୍ରେମରସର ଏକ କୌତୁକଜନକ ବ୍ୟାପାର ଜଣେ ସମ୍ବାଦଦାତା ଷ୍ଟେଟସମାନ ପତ୍ରକୁ ଲେଖିଅଛି । ଶ୍ରୀରାମପୁରର ବେଣୀମାଧବ ସ୍ୱର୍ଣ୍ଣକାରର ସ୍ତ୍ରୀ ସୌଦାମିନୀ ଦାସୀର ବୟସ ପ୍ରାୟ ତ୍ରିଂଶତ୍ବର୍ଷ ହେବ । ସେ ଆପଣାର ସ୍ୱାମୀ ଓ ଗୋ ୨ ଟି ଶିଶୁସନ୍ତାନ ଏବଂ ଗୋଟିଏ ପ୍ରାପ୍ତବୟସ୍କା ବାଳକାର ମାୟା ତ୍ୟାଗ କରି ଆପଣା ଯୁଆଁଇ ଅନ୍ନଦା ପ୍ରସାଦ ସ୍ୱର୍ଣ୍ଣକାର ସଙ୍ଗରେ ବାହାରିଯାଇଅଛି । ବେଣୀ ଜାତରେ ବଣିଆ ଅଟେ ଏବଂ ତାହାର ଜୁଆଁଇ ଅନ୍ନଦା ଶ୍ୱଶୁରଦୋକାନରେ ଗତ ଦୁଇବର୍ଷରୁ କର୍ମ ଶିକ୍ଷା କରୁ୨ ଶାଶୁସଙ୍ଗେ ପାପ ପ୍ରଣୟରେ ଧରା ପଡିବାରୁ ବେଣୀ ଆପଣା ଯୁଆଁଇକ ସଙ୍ଗ ଛାଡ଼ିଦେଲା ଏବଂ ଯୁଆଁଇ ଟ ୫୫୦୯ ଙ୍କାର ମାଲ ସହିତ ଶାଶୁକୁ ନେଇ ପ୍ରସ୍ଥାନ କଲା । ଏକମାସପରେ ଅନୁସନ୍ଧାନରେ ସେମାନେ ଏକ ବେଶ୍ୟାଘରେ ରହିଥିବାର ପ୍ରକାଶ ପାଇବାରୁ ବେଣୀ ଯୁଆଁଇ ନାମରେ ଶ୍ରୀରାମପୁରର ମେଜିଷ୍ଟରଙ୍କ ଅଦାଲତରେ ଦଣ୍ଡବିଧି ଆଇନର ଦ ୪୯୭,୪୯୮ ଏବଂ ଦ ୩୭୯ ଧା ମତେ ନାଲିସକଲ ହୋଇଅଛି ।

ଏଟନା ଅଗ୍ନେୟ ଗିରିର ଅଗ୍ନ୍ୟୁତ୍ପାତ ଆରମ୍ଭ ହୋଇ ତହିଁରୁ ଅଧିକପରିମାଣରେ ଦ୍ରବିତଦ୍ରବ୍ୟ ନିର୍ଗତ ହେଉଥିବାର ସମ୍ବାଦ ମିଳଇ ଏବଂ କଥିତ ହୁଏ ଯେ ତଦ୍ଯୋଗେ ନିକଟବର୍ତ୍ତୀ କେତେଖଣ୍ଡ ଗ୍ରାମ ଧ୍ୱଂସ ହୋଇଯିବାର ଆଶଙ୍କା ଜାତହୋଇ ଅଛି ।

ଷ୍ଟେଟସମାନସମ୍ବାଦପତ୍ର ଅପବାଦ ଜନିତ ମୋକଦ୍ଦମାଦାୟରୁ ମୁଦ୍ରାୟକଙ୍କ କର୍ତ୍ତୃକ ମୁକ୍ତି ପାଇଥିବାର ଜଣାଯାଏ । ତାଙ୍କର ମୁଦେଇ ବର୍ତ୍ତମାନର ମେନେଜର ମିଲରସାହେବ ଉହିଲା ସମ୍ବରଣ କରିଅଛନ୍ତି । ଏହି ଶୋକାବହ ଘଟନା ହେତୁ ତାହାଙ୍କ ଦାଏର ଷ୍ଟେଟସମାନ ସମ୍ବାଦପତ୍ର ନାମର ଅପବାଦ ମୋକଦ୍ଦମା ଆଉ ଚଳିବ ନାହିଁ ବୋଲି କଥିତ ହେଉଥିଲା ମାତ୍ର ଶୁଣାଯାଏ ସରକାରଙ୍କ ପକ୍ଷରୁ ମୋକଦ୍ଦମା ଚଳାଇବାର ବସ୍ତୁର ଲାଗିଅଛି ।

ବୋମ୍ବାଇ ବ୍ୟବସ୍ଥାପକ ସଭାର ସଭ୍ୟ ମାନ୍ୟବର ଦାଦାଭାଇନାଉରୋଜୀ ବିଲାତ ପାର୍ଲିମେଣ୍ଟର ମେମ୍ବର ହେବାର ଚେଷ୍ଟା କରୁଅଛନ୍ତି ଏବଂ ହଲବର୍ଣ୍ଣ ନିମିତ୍ତ ଚେଷ୍ଟା କରିବା କାରଣ ସେଠାଲୋକଙ୍କଠାରୁ ଆମନ୍ତ୍ରଣପତ୍ର ପାଇଥିଲେ । ବାବୁ ଲାଲବିହାରି ଘୋଷ ମଧ୍ୟ ଆଗାମୀ ସଭ୍ୟ ନିର୍ବାଚନରେ ପାର୍ଲିଅମେଣ୍ଟର ସଭ୍ୟ ହେବାକୁ ଚେଷ୍ଟା କରୁଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter



ବ୍ରହ୍ମଦେଶର ଶାନ୍ତ ଅବଧି ଶେଷପାଇ ନାହିଁ । ଅବଧି ବର୍ତ୍ତେ୍ରାହୀମାନଙ୍କ ସଙ୍ଗେ ଇଂରାଜଙ୍କର ଯୁଦ୍ଧ ଓ ତହିଁରେ ଇଂରାଜଙ୍କପକ୍ଷରୁ ବଡ଼ ସୈନ୍ୟାପତି ହତ ଏବଂ ଆହତ ଓ ବିଦ୍ରୋହୀମାନଙ୍କମଧ୍ୟରୁ ଅନେକ ହତାହତ ଅଥବା ଧୃତ ହେବାର ସମ୍ବାଦ ଆସୁଅଛି ଏବଂ ସ୍ଥଳାଂଶରେ ପୂର୍ବଠାରୁ ଅଶାନ୍ତି ଅଧିକ ପରିମାଣରେ ନଗତ ଥିବାର ଜଣା ଯାଉଅଛି ।

ଜାପାନଦେଶରେ ପକ୍ଷି ଲୋମରେ ସାଲ୍‌ଭ୍ ନିର୍ମାଣ କରିବାର ଏକ କୌଶଳ ଉଦ୍ଭାବିତ ହୋଇଅଛି । ଉଦ୍ଭାବନଯୋଗରେ ପକ୍ଷୀରୁ ରେଶମପ୍ରାୟ କରିଦେଇ ତହିଁରେ ସାଧାରଣ ସୂତାପରି ତାହାକୁ ବୁଣି ସାଲ୍‌ଭ୍ ପ୍ରସ୍ତୁତ ହୁଅଇ ।

## କଟକାର ସମ୍ବାଦ ।

ଗଞ୍ଜାମାଇନର ସ୍କୁଲର କେତେକ ଛାତ୍ର ସ୍କୁଲବାର ସ୍କୁଲକୁ ଯାଇଁ ପଢ଼ିବାକୁ ଗଞ୍ଜାସ୍କୁଲର ଅବହେଳ ସହିତ ବଡ଼ ହେଡ଼ମାଷ୍ଟର ମେନେଜରବାବୁ ରିପୋର୍ଟ କରିଥିବାରୁ ସ୍କୁଲ ଉଠନ୍ତା କରିବା* କାରଣ କଣ୍ଡେଲଟେଷ୍ଟର ବାବୁ ସୁଧାନାଥ ରାୟ ମହାଶୟ ଶୁଭାଗମନ କରିଥିଲେ, କିନ୍ତୁ ବାବୁମହାଶୟ ତଦନ୍ତ କରି କ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ଜଣାଯାଇ ନାହିଁ, ବାସ୍ତବରେ ଉତ୍କୋଶିତ ଗଞ୍ଜା ସ୍କୁଲ ପରିତ୍ୟାଗ କରିଅଛନ୍ତି । କିନ୍ତୁ ଉତ୍କୋଶୀ ଛାତ୍ର ହେତୁରୁ ଗଞ୍ଜା ସ୍କୁଲର ଏତେ ଦୂର ଅବନତି ସହିବ କିପରି?

କେଉଁଠା ଇଲାକାର ସାଇକ୍ଲୋନ ପୀଡ଼ିତ ପ୍ରଜାମାନେ ଧାନ କିଣିବାକୁ ନ ପାଇବାରୁ ଉତ୍କଳମହାରଥୀ ନାମକ ମୁସ୍ତାଜର ନିକଟରେ ଗୁହାରି କରିବାରୁ ମୁସ୍ତାଜର କଟକ ସେ ୩୨ର ହିସାବରେ ୫ ୩୦୦୦୯ ଲାଭ ଧାନ ବିକ୍ରୟ କରିଦେଇ ଅଛନ୍ତି କିନ୍ତୁ ମୁସ୍ତାଜରଙ୍କର ସୌଜନ୍ୟତାରେ ପ୍ରଜାମାନେ ଅତିଶୟ ସନ୍ତୋଷ ଥିବାର ଶୁଣାଯାଏ, କାରଣ ମୁସ୍ତାଜର ନଜ ହାତରେ ସରବ ଉପ୍ତମାନଙ୍କୁ ଉତ୍ତମ ଧାନ ଉଚିତମତେ ମାପ କରି ଦେଉଛନ୍ତି । ଉତ୍କଳମହାରଥୀଙ୍କର ଧାନ ବିକ୍ରୀକରିବା ବନ୍ଦ ହେଲେ ପ୍ରଜାମାନଙ୍କର ଅତ୍ୟନ୍ତ କଷ୍ଟ ହେବ, ମହାରଥୀ କେବଳ ଅପଣା ଘରର ଧାନର ୧/୪ ଅଂଶମାନ ବିକ୍ରୟ କରିଅଛନ୍ତି; କୃତ୍ରିକାର୍ଯ୍ୟର ଘର ଓ ଉପକାରିତା ପାଠକେ ଅବଶ୍ୟ ବଢ଼ ବୁଝିପାରିବେ ।

ଗତ ସପ୍ତାହରେ ଚନ୍ଦନ ପର୍ଯ୍ୟନ୍ତ କ୍ରମାନ୍ୱୟ ଅବଶ୍ରାନ୍ତ ବୃଷ୍ଟି ହେବାରୁ ଅନେକଙ୍କର ଏକାଦଶୀ ଉପବାସ ହୋଇଯିବ କାରଣ ରାତ୍ର ଘନବନ ପର୍ଯ୍ୟନ୍ତେ ଧାନ କୁଟିବା ହିନ୍ଦୁଧର୍ମରେ ନିଷେଧ, ପୁଣି ରାତ୍ର ଜଗରୁ ବସୁମାତା ରନ୍ଧନ ପର୍ଯ୍ୟନ୍ତେ ମନବୋଧ କରି ଖାଇଥାଇଲେ ।

ଗଞ୍ଜାସ୍କୁଲର ପ୍ରଥମ ଓ ଦ୍ୱିତୀୟ ଶିକ୍ଷକ କର୍ମରେ ଏପର୍ଯ୍ୟନ୍ତେ କେହି ନିଯୁକ୍ତ ହୋଇ ନ ଥିବାରୁ ସ୍କୁଲର କାର୍ଯ୍ୟ ସୁଚାରୁରୂପେ ଚଳୁ ନ ଥିବାର ଅନୁମାନ ହୁଅଇ । ଶିକ୍ଷକମାନଙ୍କର ନିଯୁକ୍ତ ହେବା ପର୍ଯ୍ୟନ୍ତ ଇଂରାଜୀଜାଣିଥିବା କୌଣସି ରାଜକର୍ମଚାରୀଙ୍କୁ ସ୍କୁଲ ବସିବାରୁ ଉଠିବାର ଅତିରିକ୍ତ ପରିଶ୍ରମ ସକାଶ କିଛି ଅତିରିକ୍ତ ବେତନ ଦେଇ କାର୍ଯ୍ୟ ନିର୍ବାହ କରୁଥିଲେ ଉତ୍ତମ ହୋଇଥାନ୍ତା । ଶିକ୍ଷାକର୍ମରେ ଏତେ ଶିଥିଳତା ହେଲେ ଛାତ୍ରମାନଙ୍କର ଉନ୍ନତି ହେବ କିପରି?

---

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ—ବାଲବା ବିଦ୍ୟାଳୟ ନିମିତ୍ତ ସ୍ତ୍ରୀଶିକ୍ଷକର ନିତାନ୍ତ ଅଭାବ ରହିଅଛି ସୁତରାଂ ଆପଣଙ୍କ ପ୍ରସ୍ତାବିତ ବିଷୟ ଆଲୋଚନା କରିବାର ସମୟ ଉପସ୍ଥିତ ହୋଇ ନାହିଁ ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମାନନୀୟ ସମ୍ପାଦକ ମହାଶୟ !

କୀଚକଦଣ୍ଡ ପ୍ରଥା ଗଡ଼ଜାତ ଅଧୀନର ଗଡ଼ଜାତ ମଧ୍ୟରେ ଫାଶୀ ହେବାର ଯାହା ଆପଣ ଗତସପ୍ତାହର ଦୀପିକାରେ ପ୍ରସ୍ତାବ କରି ଅଛନ୍ତି ତାହା ଉତ୍ତମ ଅଟେ । ଯେଉଁ ସ୍ଥାନରେ ଉପଦ୍ରବ ସେହି ସ୍ଥାନର ପ୍ରକାଶ୍ୟ ସ୍ଥାନରେ ଫାଶୀ ହେଲେ ଭଲ ହୁଅନ୍ତା । ଗଡ଼ଜାତମାନଙ୍କର ନୃଶଂସତା ଓ ଦୁଷ୍ଟ ଅଭ୍ୟାସ ସମ୍ପୂର୍ଣ୍ଣ-ବଦ୍ଧମୂଳ ହୋଇ ନାହିଁ । ମଧ୍ୟ କୀଚକଦଣ୍ଡର କ୍ଷମତାରହୁ ସେମାନେ ଅନୁଭବ ସୁଦ୍ଧା କରି ନାହାନ୍ତି । ପର୍ଯ୍ୟବେକ୍ଷିତ ନ ହେଲେ ଅନେକ ଘଟଣାର ବା କାର୍ଯ୍ୟର ଭାବ ସମ୍ୟକ୍ ହୃଦୟଙ୍ଗମ ହୁଏ ନାହିଁ । ମହାମାନ୍ୟର ଗଡ଼ଜାତର ସୁଃ ସାହେବ ବାହାଦୁରଙ୍କର ଏବିଷୟରେ କୌଣସି ଉଚିତ ବନ୍ଦୋବସ୍ତ କରିବାର ବିହିତ ଅଟେ । ଇତି ।

କଶ୍ୟପ
ଢେଙ୍କାନାଳଗଡ଼ଜାତ ପ୍ରବାସୀ

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଉତ୍କଳଦୀପିକାରେ ସ୍ଥାନଦାନ କରି ବାଧିତ କରିବାହେବେ ।

କଟକ ଜିଲ୍ଲା ଅନ୍ତର୍ଗତ ଦେଉଳି ଗ୍ରାମରେ ଗୋଟିଏ ପ୍ରସୂତି ପ୍ରସବ କରିବା ସମୟରେ ପ୍ରଥମରେ ଶିଶୁର ଗୋଟିଏ ହାତ ବହିର୍ଗତ (ହାତର ଅଙ୍ଗୁଳି ଅଗ୍ରଭାଗ) ହୋଇଥିଲା ଏପରି ସମୟରେ ଦେଶୀୟ ଧାତ୍ରୀମାନେ ହଠାତ୍ ଭିତରୁ ହସ୍ତକୁ ଧରି ବଳପୂର୍ବକ ଆକର୍ଷଣ କରିବାରୁ ଅସହ୍ୟ ଯନ୍ତ୍ରଣା ଅସ୍ୱାଭାବିକ ଅବସ୍ଥାରେ ଅତି କଠିନଭାବରେ ସ୍ଥାପିତ ହୋଇ ପ୍ରସୂତିର ଉଦର ମଧ୍ୟରେ ପ୍ରାଣତ୍ୟାଗ କରିବାରୁ ଧାତ୍ରୀମାନେ ପ୍ରସୂତିକୁ ପରିତ୍ୟାଗ ପୂର୍ବକ ପଳାଇଲେ, ଏଥିରେ କଟକର ଡାକ୍ତର ବାବୁ ଜଗମୋହନ ଘୋଷ ଡିସପେନସାରୀରେ ପ୍ରସୂତିର ଘରଠାରେ ଉପସ୍ଥିତ ହୋଇ ସାମାନ୍ୟ ଅସ୍ତ୍ରାଦି ଦ୍ୱାରା ମୃତ ଭ୍ରୂଣକୁ ଅକ୍ଲେଶରେ ଅଳ୍ପସମୟ ମଧ୍ୟରେ ଖଣ୍ଡ ଖଣ୍ଡ କାଟି ବାହାର କରିଆଣି ପ୍ରସୂତିକୁ ଉଦ୍ଧାର କଲେ, ପୁଣି ଏଥିପୂର୍ବେ ଆଉ ଗୋଟିଏ ରୋଗୀର ଗୋଡ଼ରେ ଜାଳି ପଡ଼ିଥିବାରୁ ତାହାର ଭଗ୍ନଅଙ୍ଗ ଓ ଜୀବନ ରକ୍ଷାର କୌଣସି ଉପାୟ ନ ଦେଖି ଉପଯୁକ୍ତ ଅସ୍ତ୍ର ଅଭାବରେ ସାମାନ୍ୟ କଟାରି କରତଦ୍ୱାରା ଅଣ୍ଟର ନିମ୍ନରୁ ଅବଶିଷ୍ଟ ଅଙ୍ଗକୁ ଛେଦନ କରି କବ୍ଜାରୁ ଓ ଯତ୍ନଶୀଳତାରେ ରୋଗୀକୁ ଆପଣା ଘରଠାରେ ରଖି ସମ୍ପୂର୍ଣ୍ଣ ଆରୋଗ୍ୟ କରିଥିଲେ, ଡାକ୍ତରମହାଶୟଙ୍କର ଉକ୍ତ ଦୁଇଗୋଟି ଗୁରୁତର ଅସ୍ତ୍ର ଚିକିତ୍ସା କାର୍ଯ୍ୟରେ ସେ ଆପଣାର ନିପୁଣତା ଓ ବହୁଦର୍ଶିତାର ଉତ୍ତମ ପରିଚୟ ଦେଇଅଛନ୍ତି, କାରଣ ଏକାକୀ ଏପରି ଗୁରୁତର କାର୍ଯ୍ୟରେ ହସ୍ତ ଦେବା ବଡ଼ ସହଜ ବିଷୟ ନୁହଇ । ଅସ୍ମାନଙ୍କ ଦେଶୀୟ ନେଟିଭ ଡାକ୍ତରମାନେ ଏପରି ମହତ୍ କାର୍ଯ୍ୟମାନ କରିବାକୁ ସାହସୀ ହୋଇ କୃତକାର୍ଯ୍ୟ ହେଲେ ଅବଶ୍ୟ ଦେଶର ଗୋଟିଏ ବିଶେଷ ଅଭାବ ମୋଚନ ହେବ, ପୁଣି ଏପରି ସ୍ଥଳରେ ଡାକ୍ତରମାନଙ୍କ ଉତ୍ସାହ ବର୍ଦ୍ଧନାର୍ଥ ସ୍ଥାନୀୟ ପ୍ରଧାନ କର୍ମଚାରୀ ଓ ସାଧାରଣମାନଙ୍କ ଦୃଷ୍ଟି ପଡ଼ିବା ନିତାନ୍ତ ଆବଶ୍ୟକ ।

ଶ୍ରୀ ଗୋଲକନାଥ ମିଶ୍ର । ସା । ଗଞ୍ଜା । କ । କଟକ ।

---

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକି ଆପଣଙ୍କ ଦୀପିକାରେ ସ୍ଥାନପ୍ରଦାନ କରି ବାଧିତ କରିବା ହେବେ ।

ପୁରୀ ନିକଟବର୍ତ୍ତୀ ପ୍ରତ୍ୟେକ ବ୍ରହ୍ମଣଶାସନରେ ଚନ୍ଦନଯାତ୍ରା ଉତ୍ସବ ବହୁକାଳରୁ ହୋଇ ଆସୁଅଛି । କିନ୍ତୁ ଉକ୍ତ ଯାତ୍ରା ଗ୍ରାମବିଶେଷରେ ଭିନ୍ନ ଭିନ୍ନ ସମୟରେ ସମ୍ପନ୍ନ ହେବାର ବିଧି ଚିରପ୍ରଚଳିତ ଅଛି । ସେଥିମଧ୍ୟରେ ବୀରପ୍ରତାପପୁରର ଚନ୍ଦନ ଅତିକ ସମାରୋହରେ ଅନୁଷ୍ଠିତ ହେଉଥିବାର ଅନେକେ କହନ୍ତି । ସେଥିର କ୍ରମ ପାଠକମାନଙ୍କୁ ଉପହାର ଦେବାକୁ ଆଜି ଉପସ୍ଥିତ ହେଲୁଁ । ପ୍ରଥମତଃ ରୂପଦେବଙ୍କ ଶାସନରେ ପ୍ରତିଷ୍ଠିତ ଶ୍ରୀଗୋପୀନାଥ ଦେବଙ୍କର ଐତିହାସିକ ବୃତ୍ତାନ୍ତ ଲେଖିବୁଁ । ଯହିଁପରେ ଯାତ୍ରାବିଧି ପ୍ରକଟିତ ହେବ ପାଠକେ ସ୍ମରଣ କରିବେ ମହାବୀର ରାଜା ଶ୍ରୀପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟ କାଞ୍ଚିନଗରରେ ସନ୍ଧ୍ୟା-

Digitized by srujanika@gmail.com

ମାପିଙ୍କସହ ଏହିପ୍ରତିମା ( ବିଶ୍ୱନାଥ ପ୍ରତି-
ଷ୍ଠିତ ଗୋପୀନାଥ ମୂର୍ତ୍ତି ) ପ୍ରାପ୍ତ ହୋଇ
ତାହାଙ୍କୁ ପୁରୀ ଶ୍ରୀମନ୍ଦିରରେ ଚଳନ୍ତି ପ୍ରତିମା
ମଦନମୋହନରୂପେ ପ୍ରତିଷ୍ଠିତ କରାଇବା
ଅଭିପ୍ରାୟରେ ଆଣି ବହୁକାଳ ଗୃହଭାଣ୍ଡାରରେ
ରଖାଇଲେ·ଏହି ସମୟମଧ୍ୟରେ ଉକ୍ତ ରାଜାଙ୍କୁ
ଉକ୍ତ ଦେବଙ୍କର ସ୍ୱପ୍ନାଦେଶ ହେଲା ଯେ ବିଶ୍ୱ-
ନାଥପୁର ଚନ୍ଦନଯାତ୍ରାରେ ମୋହର ସନ୍ତୋଷ-
ଜନ୍ମିଅଛି ସେ ଗ୍ରାମ ଭିନ୍ନ ଅନ୍ୟସ୍ଥାନରେ
ରହିବାର ମୋହର ଇଚ୍ଛା ନାହିଁ ଅତଏବ ଇଚ୍ଛା
ପୂରଣ କଲେ ତୁମ୍ଭର ମଙ୍ଗଳ ହେବ, ରାଜା
ମହୋଦୟ ଏହି ଆଦେଶ ପାଇ ସେହି ଗ୍ରାମ-
ବାସୀ ବାଜପେୟୀ ସୋମନାଥ ରାଜଗୁରୁଙ୍କୁ
ଡକାଇ ଉକ୍ତ ପ୍ରତିମା ସମର୍ପଣ କଲେ ଏହିକ୍ର-
ମେ ଏହିଗ୍ରାମରେ ଉକ୍ତ ଦେବଙ୍କର ଅବସ୍ଥାନ
ହେଲା ଏହି ଧାତୁବିଗ୍ରହ ପ୍ରତିମାଙ୍କର ଗଠଣ
ଅତି ଚମତ୍କାର ଓ ସୁନ୍ଦର ଅଟେ ।

ଚନ୍ଦନଯାତ୍ରା ବର୍ଷ ।

ଅକ୍ଷୟତୃତୀୟାଠାରୁ ପ୍ରତିଦିନ ଗ୍ରାମର ପଶ୍ଚିମରୁ
ପୂର୍ବ ପ୍ରାନ୍ତ ପର୍ଯ୍ୟନ୍ତ ମଣ୍ଡପମାନରେ ଦେବଙ୍କର
ଯାତ୍ରା ହୁଅଇ ସେଠାରେ ଗୀତବାଦ୍ୟ ହୋଇ
କୁଅନ୍ତେ ସ୍ତ୍ରୀ ବାସ୍ତବ ଭଜନ୍ତି ସମୟରେ
ଅକ୍ଷତା ଉତ୍ସବର ନୃତ୍ୟ ଗୀତାଦି ଅଭିନୀତ
ହେ [illegible] ଏର କ୍ରମେ ମନୋହରେ ବନ୍ଦେବନ୍ତ
ଏଣ ଉତ୍ସବ ପ୍ରତିଦିନ ହୋଇଥାଏ
ବିଶେଷରେ ଉତ୍ସବ ମାନ ପରିପୁଷ୍ଟି
କଲେବର ହୋଇ ଦଶ ବର୍ଷିତ ହୁଅଇ
ସେଥିମଧ୍ୟରୁ ଦ ୧୮ ନ ପାଳରେ ବଡ ଉତ୍ସବ
ହୁଅଇ ଏବର୍ଷ ଏଉତ୍ସବ ସୁମଧୁର ହୋଇ-
ଥିଲା ଯାତ୍ରା ମେଳମାନ ସ୍ଥାନେ ସ୍ଥାନେ
ନୃତ୍ୟରତ ହୋଇଥିଲା ଏବଂ ବୁଢ଼ାବୁଢ଼ି ଓଗେର
କଳମାନ ୧୦ । ୧୨ ପର୍ଯ୍ୟନ୍ତ ଦେଖାଯାଇଥିଲା
ଶେଷନାଇଁ ଓ ଫୁଲ ଝାଡ଼ର ଅଭାବ ନ ଥିଲା
କଖାରୁଆ ( ଅଭିମନ୍ୟୁ ) ମାନଙ୍କରେ ବଡ ବସି
ଅଲେଖମୟ ହୋଇଥିଲା ପଟୁଆର କାଣମଧ
ଅଦୃଶ୍ୟ ହୋଇ ନ ଥିଲା ଏହି ଯାତ୍ରାର କର୍ତ୍ତା
ଗ୍ରାମବାସୀ ଶ୍ରୀପିଣ୍ଡିକ ପାଣ୍ଡିତ ମହାଶୟ ଅତୀବ
ସତର୍କତା ସହିତ ଏହି ଉତ୍ସବ ଚଳାଇଥିବାରୁ
ଉକ୍ତାଙ୍କୁ ଧନ୍ୟବାଦ ଦେଉଅଛୁଁ ଏହି ଯାତ୍ରାରେ
ପ୍ରାୟ ଟ୫୦୦ ଗ୍ରହଣତଙ୍କା ବ୍ୟୟିତ ହୋଇ
ଥିବାର ଶୁଣିଲୁଁ ଦର୍ଶକଙ୍କ ସଂଖ୍ୟା
ସହସ୍ରାଧିକ ହୋଇଥିବାର ଅନୁମାନ ହୋଇଅଛି ।
କନ୍ଦନାଇଁ — ଦୁଃଖର ବିଷୟ ଏହିଗ୍ରାମ

ଚନ୍ଦନ ଯେପରି ବହୁକାଳୀନ ହେଉ ଯୋଗ-
ହୋଇ ଜାଇଥିବାରୁ ପାଣି ଜମିଥିବା ପ୍ରତ୍ୟେକ
ଗୃହ ସୁଗନ୍ଧରୂପେ ହୋଇପାରୁ ନାହିଁ କେହି
ଧାର୍ମିକ ଏହିକାର୍ଯ୍ୟରେ ଦୃଷ୍ଟିପାତ କଲେ ବହୁ
ଧନ୍ୟବାଦର ପାତ୍ର ହେବେ ଇତି ।

ବୀରନରସିଂହପୁର } ବଶମ୍ବଦ
୧।୬।୮୬ } ଶ୍ରୀ ଯୋଗୀନ୍ଦ୍ର ମିଶ୍ର ଶର୍ମା

---

To THE EDIOOR, UTKAL DIPIKA,

Sir,

I thank you for the honour you have done me by publishing my letter on the cultivation of Bengali language by the people of Orissa. Should the Uriahs have a good knowledge of Bengali, they will have less difficulty in a opening commercial relations with Bengal. Just now there are more Telugu and Bengali merchants and tradesmen in Orissa, than there are Uriah merchants and tradesmen in Madras and Bengal. A knowledge of Bengali will better enable the Uriah youths to compete with the Bengalees who are considered by them to be their most formidable rivals. With a better knowledge of Bengali the chances of Government employment of Uriahs will increase in Midnapore and Balasore Districts. On these very grounds, a knowledge of Telugu language is necessary for that section of the people of Orissa who have large dealings with Ganjam, Vizagapatam, and other Districts of the Madras Presidency, where Telugu is spoken and understood.

If a knowledge of Bengali or Telugu be so necessary on the part of youths of Orissa, the practical question is how can they acquire it without at the same time neglecting the study of Uriah language. My proposal is to reform the Middle Class examination to a small extent. In the Entrance Examination, English is a subject of examination, and is the medium of answering questions in the subjects. So in the Middle Class examination, a certain vernacular is the subject of examination, and is the medium of answering other questions. This vernacular and medium of expression must be Uriah for Orissa, Bengali for Bengal, and Hindi for Behar. But there must be a second language to be selected (in Orissa) from English, Bengali and Telugu. The distinction of Minor and Vernacular Middle Class examinations may be maintained as hitherto, that is to say, the former requiring the candidates to take up English, and the latter Bengali or Telugu.

I think there is nothing which breeds narrowness of mind in a larger degree than the exclusive cultivation of one's mother tongue. There is no English *gentleman*, who does not know French or German; and there are very many of them who know both. In fact the London University axacts a knowledge of English and Latin, and of two languages out of French, German and Greek. Every circle of Middle Class examination is a local University; its curriculum of study should seek the special welfare of the people under its charge. The consideration of this welfare requires in Orissa that we should have in addition to the Uriah language a second language to be selected by the students from English, Bengali and Telugu.

I sincerely trust that in considering this subject you will not be carried by passions and prejudices which men with little education confound with patriotism.

You will note that the hard competition of life whether in Government service or commercial enterprise requires some change in our educational system which will enable the Uriahs to compete with the Bengalis on more advantageous terms.

S. D.

---

ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ଶ୍ରୀ ରାଜା ବାହାଦୁର ଅଠଗଡ଼ | ବାକିଆ | ଟ ୨ |
| ,, ବୈଷ୍ଣବଚରଣ ଜାନୁଗୋ | ଅଗ୍ରିମ | ଟ ୧ |
| ,, ବଳଭଦ୍ର ଦାସ | ବାକିଆ | ଟ ୨ |
| ଶ୍ରୀ ରାଜା ବାହାଦୁର ଢେଙ୍କାନାଳ | ,, | ଟ ୧୦୫ |

„ ରାଧାଶ୍ୟାମ ଦାସ ନାଟକ . ଟ ୭
„ କୃଷ୍ଣଚନ୍ଦ୍ର ମହାନ୍ତି . . ଟ ୭
„ ସୁଦୋଲକ୍ଷିଘୋଷଙ୍କ ଚୌଧୁରୀ ଅଗ୍ରିମ ଟ ୪୩
ଶ୍ରୀ ରଜା ଜଟେ ବରଜା . ଟ ୪

## ବିଜ୍ଞାପନ ।

ଶ୍ରୀମଦ୍ଭଗବଦ୍ଗୀତା ।

ଉତ୍କଳଭାଷାନୁବାଦ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଆଠଅଣା ଟ ୦ ୷ ମାତ୍ର ।

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଆସନ୍ତା ରବିବାର ଅପରାହ୍ନ ୪½ ଘଣ୍ଟା ସମୟରେ ବାବୁ ନନ୍ଦମୋହନ ଚକ୍ରବର୍ତ୍ତୀ 'ଧର୍ମ ସମନ୍ୱୟ' ଏହି ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିବେ ।

କଟକ } ଶ୍ରୀ ମଧୁସୂଦନ ରାଓ
୧।୭।୮୬ } ଉତ୍କଳ ବ୍ରାହ୍ମସମାଜର ସମ୍ପାଦକ

NOTICE.

Wanted wholesale contractors for Earthwork of the Taldandah Canal, none need apply who cannot undertake to execute work of one mile about 62 lacks c. ft. or more, for particulars apply to,

Gobind Chandra Das,
Sub-Engineer
Tirtole P. O.

ପ୍ରଜାବନ୍ଧୁର ଉପହାର ।

ପ୍ରଜାବନ୍ଧୁର ଗ୍ରାହକମାନଙ୍କ ମଧ୍ୟରେ ବହୁମୂଲ୍ୟ ଉପହାର ବିତରଣ

୧୦୦୦୦ ଗ୍ରାହକ । ୧୦୦୦୦ ଉପହାର

କେହି ନିରାଶ ହେବେ ନାହିଁ

ଅଗ୍ରିମ ବାର୍ଷିକ, ଡା, ମା, ସମେତ ଟ ୧୷ ଙ୍କା

୧ମ ଉପହାର ଟ ୨୫୦୦୲ ନଗଦ ଟଙ୍କା

୨ „ୟ ଟ ୫୦୦୲ ଙ୍କା „ „

ଏବଂ ୩ୟ ଓ ୪ର୍ଥ ଟ ୨୫୦୲ ଙ୍କା ହିସାବରେ ଅଳଙ୍କାରର ମୂଲ୍ୟ

୧ ଯୋଡ଼ା ହସ୍ତିଦନ୍ତ ଜାପ୍ଟୀର ସାଲ ଟ ୨୨୫୲ ଙ୍କା

୧ ଗୋଟା ସୁନାର ଘଡ଼ି ଟ ୧୦୦୲ ଙ୍କା

* „ ହସ୍ତିଦନ୍ତ ରୂପାର ଘଡ଼ି ଟ ୨୦୦୲ ଙ୍କା

* „ ସୁନାର ଅଙ୍ଗୁରୀୟ ଟ ୧୦୦୲ ଙ୍କା

୧ ସେଟ ଶବ୍ଦକଳ୍ପଦ୍ରୁମ ଟ ୭୫୲ ଙ୍କା

୧ ସେଟ କାଳୀ ସିଂହର ମହାଭାରତ ୨୫୲ ଙ୍କା

୫୦ ଯୋଡ଼ା ଫରାସଡଙ୍ଗାର ଜରିଦ୍ୱାର ଓ ଧଡ଼ିଦାର ଧୋତି ଶାଢ଼ୀ ଏବଂ ଅବଶିଷ୍ଟ ୯୯୩୨ ଗୋଟି ଉପହାର ବହୁମୂଲ୍ୟ ଦ୍ରବ୍ୟାଦି ଯଥା ସୁନା ଓ ରୂପାର ଗହଣା, ଆବଶ୍ୟକୀୟ ପୁସ୍ତକ ଯୋଡ଼ା, କୁରୁତା, ବଲବଲ ଛବି, ଲଣ୍ଠନ ଇତ୍ୟାଦି ଟ ୩୩୮୦ ଙ୍କା ।

ଆଗାମୀ ଶ୍ରାବଣର ୨ ୨୧ ଜ ମଧ୍ୟରେ ଅର୍ଥାତ୍ ଜନ୍ମାଷ୍ଟମୀର ତା ୧୫ ରଖ ରବିବାର ପର୍ଯ୍ୟନ୍ତ ଯେଉଁମାନେ ୫ ୧୷ ଙ୍କା ମୂଲ୍ୟ ଦେବେ ସେମାନଙ୍କୁ ଗ୍ରାହକଶ୍ରେଣୀ ଭୁକ୍ତ କରି ଛମାସପର୍ଯ୍ୟନ୍ତ ଖଣ୍ଡେ ପ୍ରଜାବନ୍ଧୁ ଓ ଗୋଟିଏ ଉପହାର ଉପହାର ଦିଆଯିବ । ଶ୍ରାବଣର ୨ ୩୧ ଜ ପରେ ଗ୍ରାହକ ଯାଏ ମୂଲ୍ୟ ଗ୍ରହଣ କରାଯିବ ସେହି ମୂଲ୍ୟ ଦାତାମାନେ ଗ୍ରାହକ ହୋଇପାରିବେ କିନ୍ତୁ ଉପହାରରୁ ବଞ୍ଚିତ ହେବେ । ବର୍ତ୍ତମାନ ଯେଉଁମାନେ ପ୍ରଜାବନ୍ଧୁର ଗ୍ରାହକ ଅଛନ୍ତି ସେମାନେ ସମସ୍ତେ ଉପହାର ପାଇବେ କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଯେଉଁମାନଙ୍କର ମୂଲ୍ୟ ଶେଷ ହେବ ସେମାନେ ଅଗ୍ରିମ ମୂଲ୍ୟ ନ ପଠାଇଲେ ପ୍ରଜାବନ୍ଧୁ ବା ଉପହାର ପାଇବାର ଆଶା କରିବେ ନାହିଁ ଆଗାମୀ ଭାଦ୍ରମାସ ୨ ୭ଜରେ ଅର୍ଥାତ୍ ଅଗଷ୍ଟମାସ ତା ୨୨ ରଖ ରବିବାର ଦିନ ଶ୍ରୀ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ପୂର୍ବଦିନ ପ୍ରଜାବନ୍ଧୁର କାର୍ଯ୍ୟାଳୟରେ ସାଧାରଣ ଉପହାର ବିତରଣ ହେବ ।

ଭାଦ୍ରମାସ ଶେଷ ହେଲେ ପ୍ରଜାବନ୍ଧୁ ୪ର୍ଥ ବର୍ଷ ଅତିକ୍ରମ କରି ୫ମ ବର୍ଷରେ ପଦାର୍ପଣ କରିବ ଆମ୍ଭେମାନେ [illegible] ଶୁଭ ଅବସରରେ ଭରଷା କରୁଁ ଗ୍ରାହକବୃନ୍ଦଙ୍କ ବସ୍ତ୍ରରେ ନାନାବିଧ ଉପହାର ଓ ଆମ୍ଭମାନଙ୍କ ବହୁମୂଲ୍ୟ ଓ ପରିବର୍ଦ୍ଧିତ ପ୍ରଜାବନ୍ଧୁ ଅର୍ପଣ କରି ସୁଖୀ ହୋଇ ପାରିବୁଁ

ପ୍ରଜାବନ୍ଧୁ ସାପ୍ତାହିକ ସମ୍ବାଦପତ୍ର । ଏହା ଫରସିଥିବାଦିରେ ଲେଖା ଯାଉଅଛି ଫରସି ସାଧାରଣ ଭାଷା ସ୍ୱଳ୍ପମୂଲ୍ୟରେ ଅତିବ ସୁଲଭ

ଏହା ସାମ୍ୟ ସ୍ୱାଧୀନତା ଓ ମୈତ୍ରୀର ବନ୍ଧୁ ସେଥିପାଇଁ ଏହା ସମସ୍ତଙ୍କ ନିକଟରେ ଶ୍ରଦ୍ଧାର ପାତ୍ର । ସେଥିପାଇଁ ଅମ୍ଭେମାନେ କୃତଜ୍ଞତା ପ୍ରଦର୍ଶନାର୍ଥେ ଅଦ୍ୟ ଅମ୍ଭମାନଙ୍କ ଗ୍ରାହକବୃନ୍ଦଙ୍କୁ ଉପହାର ଦେବାପାଇଁ କୃତସଙ୍କଳ୍ପ ହୋଇଅଛୁଁ । ଭବିଷ୍ୟ ସମୟ ପର୍ଯ୍ୟନ୍ତ ଯେଉଁ ପରିମାଣରେ ମୂଲ୍ୟ ସଂଗୃହୀତ ହେବ ସେହି ପରିମାଣରେ ଉପହାର ପ୍ରଦାନ କରାଯିବ । ପୁରସ୍କାର ଅନୁଯାୟୀ ଗ୍ରାହକସଂଖ୍ୟା ଉପରେ ନିର୍ଭର କରିବ ।

ଯେ ଏହି ବିଜ୍ଞାପନକୁ ଦେଖାଇ ତିନିଶ ଗ୍ରାହକଙ୍କର ମୂଲ୍ୟ ପଠାଇଦେବେ ସେ ବିନାବ୍ୟୟରେ ଛମାସ ପାଇଁ ଏକ ୨ ଖଣ୍ଡ ପ୍ରଜାବନ୍ଧୁ ପାଇବେ ଓ ଯେ ଜ ୧୦ ଗ୍ରାହକ ଦେବେ ସେ ଛମାସ ପାଇଁ ଏକଖଣ୍ଡ ହିସାବରେ ପ୍ରଜାବନ୍ଧୁ ଓ ଗୋଟିଏ ଉପହାର ପାଇବେ ।

ପ୍ରଜାବନ୍ଧୁର ମୂଲ୍ୟ ଫରସି ଚନ୍ଦନନଗରରେ ପ୍ରଜାବନ୍ଧୁର କାର୍ଯ୍ୟାଧ୍ୟକ୍ଷ ଶ୍ରୀ ଭବନାଥ ଭଟ୍ଟ ବନ୍ଦ୍ୟୋପାଧ୍ୟାୟଙ୍କ ନିକଟକୁ ପଠାଇବାକୁ ହେବ ମୂଲ୍ୟ ପ୍ରାପ୍ତ ହେଲେ ନମ୍ବର ଲିଖିତ ରସିଦ ପ୍ରେରିତ ହେବ ଯେଉଁମାନେ ମୂଲ୍ୟ ଡାକଯୋଗରେ ପଠାଇବେ ସେମାନେ ଚନ୍ଦନନଗର ପୋଷ୍ଟ ଅଫିସର ଠିକଣାକୁ ମନିଅର୍ଡର କରି ପଠାଇବେ । କାରଣ ପୋଷ୍ଟ ଷ୍ଟାମ୍ପ ଓ ଡାକଟିକଟ ପ୍ରଭୃତି ଦ୍ରବ୍ୟ ଦିଆଯାଇ ପାରେ

## ମେହରୋଗ ।

ଏତେ ଦିନେ ମେହରୋଗର ଯଥାର୍ଥ ଔଷଧ ମାରତନ ଦେଶରେ ଆବିଷ୍କାର ହୋଇ ପୃଥିବୀର ନାନାସ୍ଥାନରେ ପ୍ରଚାର ହୋଇଅଛି । ଏହାଦ୍ୱାରା ଉକ୍ତ ରୋଗ ଏବଂ ତହିଁର ଆନୁଷଙ୍ଗିକ ଜ୍ୱର ଅଜୀର୍ଣ୍ଣ ଦୁର୍ବଳତା ଗର୍ଭପାତ ଇତ୍ୟାଦି ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୁଅଇ । ଅତି ପୁରୁଣା ରୋଗମାନଙ୍କରେ ତିନି ସପ୍ତାହ ଔଷଧ ସେବା କରିବାକୁ ପଡ଼ଇ । ଔଷଧ ଯେମନ୍ତ ସୁଗନ୍ଧ ତେମନ୍ତ ସ୍ୱାଦୁ ଅଟଇ । ଏହିଠାରେ ପରୀକ୍ଷାଦ୍ୱାରା ଏଥିର ଗୁଣ ବୁଝା ଯାଇଅଛି । କଟକପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତ୍ୟେକ ଶିଶି ଟ ୨୷ ଡାକରେ ପଠାଇବାକୁ ହେଲେ ପାର୍ଶଲ ପ୍ରସ୍ତୁତ ଖର୍ଚ୍ଚ ଟ ୦ ୵ ଓ ଡାକମାଶୁଲ ଟ ୦ ୷ ଅଧିକା ଲାଗିବ ।

ଏହି ଉତ୍କଳଦୀପିକା କଟକ ବାଲୁବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


ଭାଗ ୨୧ ଶ | ସଂଖ୍ୟା ୨୮ ଶ

ତା ୧୦ ଇଙ୍ଗ ମାହେ ଜୁଲାଇ ସନ ୧୮୮୬ ମସିହା । ମୁ । ଆଷାଢ଼ ୬ ୨୮ ତ ସନ ୧୨୯୩ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୨ ୧ | ଟ ୨॥ |
| ଡାକମାସୁଲ | ଟ ୦ ।୰ | ଟ ୧ |


ବାମଣ୍ଡା ଚିଠିପତ୍ର ।

ଅଲଙ୍କାର ବୋଧୋଦୟ ।

ସାହିତ୍ୟ ଶବ୍ଦର ଅର୍ଥ, ସମ୍ମିଳନ; ଯୁକ୍ତଶବ୍ଦର ଅର୍ଥ, ବୁଦ୍ଧି ବିଷୟ ହେବା ନିମିତ୍ତ ବାକ୍ୟାର୍ଥ ଜ୍ଞାନ; ବାକ୍ୟାର୍ଥ ଜ୍ଞାନ, କେବଳ ବାକ୍ୟର ଅର୍ଥ ଜାଣିବାର ନୁହେ; କିନ୍ତୁ ଯୋଗ୍ୟତା, ଆକାଂକ୍ଷା, ଆସତ୍ତି ଏମାନଙ୍କଦ୍ୱାରା ବାକ୍ୟ କିପରି ସ୍ତବକ ହୋଇଛି ଓ ବାକ୍ୟଗତ ଶବ୍ଦମାନେ କିପରି ବାଚକ, ଲକ୍ଷ୍ୟକ, ଓ ବ୍ୟଞ୍ଜକ ହୁଅନ୍ତି ଏବଂ ଅଭିଧା, ଲକ୍ଷଣା, ବ୍ୟଞ୍ଜନା କାହାକୁ ବୋଲି ଓ ବ୍ୟଞ୍ଜନା ଅଭିଧାମୂଳ ହେଲେ କିପରି ହୁଏ, ଲକ୍ଷଣାମୂଳ ହେଲେ କିପରି ହୁଏ ଏବଂ ଅର୍ଥରେ କେତେ ପ୍ରକାର ହୁଏ ଓ କେଉଁ ଶବ୍ଦ ଯୋଗରୁ ଶବ୍ଦମାନଙ୍କର ଅନ୍ୟ ଅର୍ଥ ହୁଏ ଓ ଶବ୍ଦମାନଙ୍କର ତାତ୍ପର୍ଯ୍ୟ କ ଅର୍ଥାତ କେଉଁ ଶବ୍ଦର କେଉଁ ଅର୍ଥରେ ତାତ୍ପର୍ଯ୍ୟ ଏବଂ ବାକ୍ୟଜନ୍ୟ କେତେ ପ୍ରକାର ଦୋଷ, ଓ ଦୋଷମାନଙ୍କର କିପରି ନାଶ ହୁଏ ଓ କେଉଁ ଅଲଂକାରରେ ବାକ୍ୟ ମଣ୍ଡିତ ହୁଏ, ଓ କିପରି ଶବ୍ଦ ବିନ୍ୟସ୍ତ ହେବାରୁ ନାନାପ୍ରକାର ଅର୍ଥମାନେ ଧ୍ୱନିତ ହୁଅନ୍ତି ଓ କେଉଁ ରସରେ କିପରି ଅକ୍ଷର ବିନ୍ୟାସ ହୁଏ ଇତ୍ୟାଦି ନାନାପ୍ରକାର ଜାଣିବାକୁ ହେବ । ଏସବୁସ୍ଥଳେ କେବଳ ସାଧୁଭାଷାଘଟିତ ଗଦ୍ୟ ପଦ୍ୟ ନିର୍ମିତ ଗ୍ରନ୍ଥକୁ ସାହିତ୍ୟ ବୋଇଲେ ଏକଥାଟି ବାସ୍ତବିକ ପ୍ରଧାନାବଳୀ ହେବ ବୋଲି ବୋଧ ହୁଏ ନାହିଁ ।

ବାକ୍ୟାର୍ଥଜ୍ଞାନ ଅଲଂକାରଶାସ୍ତ୍ରରେ ପ୍ରାପ୍ତ ହୁଏ; ଅତଏବ ଏହି ଅଲଂକାରବୋଧୋଦୟ ଅଲଂକାର ଶାସ୍ତ୍ରର ସାରାଂଶ ଅଟଇ; ଏହା ଅଭ୍ୟାସକାରୀ ମୂଲ୍ୟପୃଷ୍ଠମାନଙ୍କର ବାକ୍ୟାର୍ଥଜ୍ଞାନର ସୋପାନ ହୋଇଲେ ଅତ୍ୟୁକ୍ତି ହେବ ନାହିଁ; ବିଶେଷତଃ ଏହି ପୁସ୍ତକ ସମସ୍ତ ନବୀନ ଉତ୍କଳୀୟ କବିମାନଙ୍କର ନିତାନ୍ତ ଆଦରଣୀୟ ହେବ ବୋଲି ଭରସା କରୁ ।

ଏହି ପୁସ୍ତକରେ କେତେକ ଅକ୍ଷର ଛାପାକାରମାନଙ୍କଦ୍ୱାରା ବ୍ୟାପାଦିତ ହୋଇଅଛି ତାହା ପାଠକମାନେ ମାର୍ଜନା କରିବେ ।

ଏହି ଗ୍ରନ୍ଥର ଆଦର ଜାଣିବା ନିମିତ୍ତ ଟ ୵୰ ମାତ୍ର ମୂଲ୍ୟ ଧରିଦିଆ ଯାଇଅଛି ଯଦ୍ୟପି ସ୍କୁଲରେ ବ୍ୟବହାର ହେବ ତେବେ ଅର୍ଦ୍ଧେକ ମୂଲ୍ୟରେ ଛାତ୍ରମାନଙ୍କୁ ଦିଆଯିବ ।

ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନି ଓ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ କଟକ ଓ ଶ୍ରୀଧର ଶ୍ରୀଧର ମିଶ୍ରମଲ୍ଲ ସୁରଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଶ୍ରୀଯୁତ ରାଜା । ତ । ବାମଣ୍ଡା

କଟକ

ମଇ ତା ୩°ରିଖ ସନ ୧୮୮୬ ମସିହା

ପ୍ରଶଂସାପତ୍ର ।

ମାନ୍ୟବର ଶ୍ରୀଯୁତ ବାମଣ୍ଡାଧିପତି ଶ୍ରୀରାଜା ସୁଚଳଦେବ ବାହାଦୁର ମହାଶୟ

ସମୀପେଷୁ ।

ମହାଶୟ ।

ଆପଣଙ୍କ ପ୍ରେରିତ ଅଲଙ୍କାରବୋଧୋଦୟ ନାମକ ପୁସ୍ତକ ଖଣ୍ଡିଏ ପାଇ ବାଧିତ ହେଲି । ଏ ପୁସ୍ତକଖଣ୍ଡିକ ଉତ୍କଳଭାଷାରେ ରଚିତ ବିଶେଷ ଉତ୍କଳଭାଷାରେ ଅନେକ ବିଷୟରୁ ପୁସ୍ତକର ଅଭାବ ଅଛି, କିନ୍ତୁ ଯେ ସ୍ଥଳେ ଆପଣଙ୍କ ଭୂଲ୍ୟ ବ୍ୟକ୍ତି ତାହାର ଉନ୍ନତି କରିବାକୁ ଚେଷ୍ଟା କରୁଅଛନ୍ତି ସେ ସ୍ଥଳେ ସେ ଅଭାବମାନ ଯେ ଅଚିରେ ଦୂର ହେବ ଏଥିରେ କଛି ସନ୍ଦେହ ନାହିଁ ।

ଆପଣଙ୍କର ଅନୁଗତ

ଶ୍ରୀନନ୍ଦକିଶୋର ଦାସ

---

Pooree

The 30th May 86.

My dear sir,

I have the pleasure to acknowledge receipt of your letter under date the 21st Instant together with your newly composed book called " *Alankar Bodhodaya*" and it is with fellings of infinite pleasure that I notice your kind recollection of myself.

I find your book will prove useful to good many persons.

You are certainly deserving of thanks for the ability with which you have written the book. I shall remit the price of the book as you

Digitized by srujanika@gmail.com

let me know how the money is to be sent.

Yours well wisher
Sd. *Tarakanta Vidayasagur.*
କାଂଣ୍ଡୀ ଦେବଗଡ଼ ।
ତା ୨।୬।୮୮୬ ମସିହା

---

ଜଲ ସାରଣ । ମୌ । ମାଷ୍ଟର ନବାସି ବାବୁ ହରହରଭକ୍ତସାହାଇ ରେଭେନଗଞ୍ଜ ମିଉନିସିପାଲଟୀ ସ୍ଥିତ ଶ୍ରୀମସ୍ତନ ଗୌରମ ପାଠଶାଳାଗୃହ ନିମିତ୍ତ ନଗଦ ଟ ୫୦୦୦୧ ଙ୍କା ଏବଂ ଉକ୍ତଭଲଭୂମିରେ ଥିବା ଆପଣା ଅଂଶ ବିନା ମୂଲ୍ୟରେ ଦାନ କରି ଥିବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ ପ୍ରଶଂସା ସହିତ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

---

ଇଂଲଣ୍ଡ ପାର୍ଲିମେଣ୍ଟ ସଭା ଗତ ମାସ ତା ୨୫ ରଖରେ ଭାଙ୍ଗିଯାଇ ଅଛି ଏବଂ ନୂତନ ସଭା ଆଗାମୀ ଅଗଷ୍ଟ ମାସ ତା ୫ ରଖରେ ବସିବାର ଦିନ ସ୍ଥିର ହୋଇଅଛି । ବର୍ତ୍ତମାନ ସଭ୍ୟ ନିର୍ବାଚନ କାର୍ଯ୍ୟ ଉକ୍ତ ଦେଶର ସର୍ବଥାଡେ ଲାଗି ଅଛି ଏବଂ ତହିଁ ନିମିତ୍ତ ଭାରି ଚହଳ ପଡ଼ି ଅଛି । କେଉଁ ପକ୍ଷ ଜୟୀ ହେବେ କିଛି ଜଣା ପଡ଼ୁ ନାହିଁ । ଏପର୍ଯ୍ୟନ୍ତ ଯେତେ ସଭ୍ୟ ନିର୍ବାଚିତ ହୋଇଅଛନ୍ତି ତହିଁରୁ ଅନୁମାନ ହେଉଅଛି ଯେମନ୍ତ ନୂତନ ସଭାଟି ପୁରୁଣା ସଭାପରି ହେବ ଏବଂ ତାହା ହେଲେ କାର୍ଯ୍ୟ ଚଳିବା କଠିନ ହେବ । ଯାହା ହେଉ ଭାରତବର୍ଷରୁ ବାବୁ ଲାଲମୋହନ ଘୋଷ ଓ ଦାଦାଭାଇ ନୌରୋଜୀ ନିମିତ୍ତ ଉପସ୍ଥିତ ହୋଇ ଅଛନ୍ତି ଯେବେ ଏମାନେ ସଫଳକାମ ହେବେ ତେବେ ଆମ୍ଭମାନଙ୍କର ବହୁତ ଉପକାର ହେବ । ଏଥିଉତ୍ତାରୁ ଶୁଣାଗଲା ମେ ଶ୍ରୀ ଲାଲମୋହନ ବାବୁ ମନୋନୀତ ହୋଇ ପାରିବେ ନାହିଁ ।

---

ନାନାକାରଣରୁ ପୁରୀରଥଯାତ୍ରାର ବିସ୍ତାରିତ ବିବରଣ ଏ ସପ୍ତାହରେ ପ୍ରକାଶ କରି ପାରିଲୁଁ ନାହିଁ ଯାତ୍ରାର ସଂକ୍ଷେପ ବିବରଣ ଏହି କି ଯଥାବିଧିରେ ଗୁଣ୍ଡିଚ୍ଚାକୁ ଠାକୁରମାନେ ରଥକୁ ବିଜେ କଲେ ଏବଂ ତହିଁ ଅରବନଠାରୁ ରଥ ଟଣା ଆରମ୍ଭ ହୋଇ ଗତ ବୁଧବାରପର୍ଯ୍ୟନ୍ତ ବଡଠାକୁର ଏବଂ ସୁଭଦ୍ରାଙ୍କ ରଥ ଗୁଣ୍ଡିଚ୍ଚାମନ୍ଦିରରେ ପହୁଞ୍ଚିଥିଲା । ଜଗନ୍ନାଥଙ୍କ ରଥ ମଧ୍ୟ ବଲଗଣ୍ଡି ପାର ହୋଇ ଯାଇଥିଲା । ଗୁରୁବାର ଗୁଣ୍ଡିଚ୍ଚାମନ୍ଦିରେ ପହୁଞ୍ଚି ଠାକୁରମାନେ ମନ୍ଦିରକୁ ବିଜେ କରିଥିବେ । ଏପର୍ଯ୍ୟନ୍ତ ଯାତ୍ରାରେ କୌଣସି ଦୁର୍ଘଟଣା ଘଟି ନାହିଁ । ମାଜିଷ୍ଟ୍ରେଟ ଓ ପୁଲିସ ସାହେବ ସତର୍କ ଓ ତତ୍ପରତା ସହିତ କାର୍ଯ୍ୟ କରୁଅଛନ୍ତି । ବର୍ଷା ଓ ଜଳବାୟୁ ଭଲ ଥିବାରୁ ଯାତ୍ରିମାନଙ୍କର କ୍ଲେଶ ଅଧିକ ହୋଇ ନାହିଁ ।

---

ପୁରୀର ବସାଘର କମିଟୀ ଏ ବର୍ଷ ରଥଯାତ୍ରାଯାତ୍ରିଙ୍କ ଅବସ୍ଥା ନିମିତ୍ତ ପୂର୍ବରୁ ସମଧିକ ଭାବରେ ପ୍ରସ୍ତୁତ ହେବାର ଦେଖି ଆମ୍ଭେମାନେ ବଡ଼ ଆନନ୍ଦିତ ଅଟୁଁ । ଗତମାସ ତା ୨୨ ରଖର କାର୍ଯ୍ୟାବଳୀରୁ ଜଣାଗଲା ଯେ ଉକ୍ତ ମାସ ତା ୯ ରଖରେ ପୁରୀ ମିଉନିସିପାଲ କମିସନରମାନେ ଏ ବିଷୟରେ ବସାଘର କମିଟୀଙ୍କ ସାଙ୍ଗରେ ଏକ ରଥଯାତ୍ରା ସମୟରେ ଓଲାଉଠା ଅବସ୍ଥା ନିମିତ୍ତ ଜଣେ ଅତିରିକ୍ତ ନେଟିଭ ଡାକ୍ତର ନିଯୁକ୍ତ କରିବା ଆବଶ୍ୟକ ବୋଲି ଲେଖିପଠାଇଥିଲେ ତଦନୁସାରେ ବସାଘରକମିଟି ଡାକ୍ତର ସାହେବଙ୍କ ପରାମର୍ଶମତେ ଦୁଇ ଜଣ ନେଟିଭ ଡାକ୍ତର ରଖିଲେ ଯଥେଷ୍ଟ ହେବ ଏହି ବିବେଚନାରେ ଦୁଇଜଣ ଉକ୍ତ ଶ୍ରେଣୀର ଚିକିତ୍ସକ ଏବଂ ସତ୍ୟବାଦୀ ଓ ସରଦେଇପୁରରେ ଜଣେ ଜଣେ ଏ କମ୍ପାଉଣ୍ଡର ନିଯୁକ୍ତ କରିବାକୁ ଅନୁମତି ଦେଇଅଛନ୍ତି । ଏପରି ଯେଉଁ ଛଅଜଣ ସଭ୍ୟଙ୍କ ପ୍ରତି ଏହି ସମୟରେ ତଦାରକ କରିବାର ଭାର ଅର୍ପିତ ହୋଇଅଛି ସେମାନଙ୍କୁ ଜଣେ ଜଣେ ଉପସ୍ଥିତି ଦିଆ ଯାଇଅଛି । ଏ ବର୍ଷ ରଥଯାତ୍ରାରେ ଯେପରି ଭିଡ଼ ହୋଇଅଛି ତଦୃଷ୍ଟିରେ ଏ ବନ୍ଦୋବସ୍ତ ମାତ୍ର ଉତ୍ତମ ହୋଇଅଛି । ଏବଂ ଏଥିର ଫଳ ସ୍ୱରୂପ ବୋଲିବାକୁ ହେବ ଯେ ଗୁଣ୍ଡିଚ୍ଚା ପର୍ଯ୍ୟନ୍ତ ଓଲାଉଠା ଦେଖା ନ ଥିଲା ଭିଡ଼ ହେବାରୁ ସାମାନ୍ୟରୂପେ ଆରମ୍ଭ ହୁଅନ୍ତେ ଯାତ୍ରିମାନେ ବାହାରି ଆସିଲେ ବର୍ତ୍ତମାନ ବାଟଘାଟରେ ଲାଗିଅଛି ମାତ୍ର ସହରରେ ବିଶେଷ ନାହିଁ ।

---

ଏ ବର୍ଷ ବ୍ରାହ୍ମସମାଜର ବାର୍ଷିକ ଉତ୍ସବକ୍ରିୟା ଅତି ସମାରୋହ ସହିତ ସମ୍ପନ୍ନ ହୋଇଅଛି । ଜଗତସଂସାରିକ ପ୍ରତି ଉନ୍ନତିକର ଅନୁକୂଳ ହୋଇଥିଲେ ବ୍ରାହ୍ମମାନଙ୍କର ସଂଖ୍ୟା ବୃଦ୍ଧି ଓ ଧର୍ମ ପ୍ରତି ଆସ୍ଥା ସଙ୍କୀର୍ତ୍ତନଗୁଡ଼ିକ ଯଥେଷ୍ଟ ପ୍ରକାଶ କରିଥିଲେ । ବକ୍ତାମାନଙ୍କ ମଧ୍ୟରେ ଅଧିକାଂଶ ଦ୍ୱାଦଶବର୍ଷ ଅବା ନ୍ୟୂନ ବୟସର ସ୍କୁଲବାଳକ ଦେଖି ବହୁତ ଅଦ୍ଭୁତ ବୋଧ ହେଲା । ଏହି ଉତ୍ସବ ଉପଲକ୍ଷରେ ଗତ ରବିବାର ବାବୁ ଲକ୍ଷ୍ମୀନାରାୟଣ ଚକ୍ରବର୍ତ୍ତୀ ଏଠା ଟାଉନହଲରେ ଧର୍ମସମନ୍ୱୟ ବିଷୟରେ ସୁନ୍ଦର ବକ୍ତୃତା ପ୍ରଦାନ କରିଥିଲେ । ଲକ୍ଷ୍ମୀବାବୁ ଅତି ସୁନ୍ଦର ଅଲଙ୍କୃତଭାଷାରେ ନିଜ ବକ୍ତୃତାକୁ ହୃଦୟଗ୍ରାହୀ କରିବାକୁ ପ୍ରୟାସ ପାଇଥିଲେ । ବକ୍ତୃତାର ସାର ମର୍ମ ଏହି ଯେ ଧର୍ମ ଏକ ଅର୍ଥାତ ହିନ୍ଦୁ ମୁସଲମାନ ବୌଦ୍ଧ ଖ୍ରୀଷ୍ଟିୟାନ ସମସ୍ତେ ଏକେଶ୍ୱରବାଦୀ । ଏ ବିଷୟକୁ ବାବୁ ମହୋଦୟ ଶାସ୍ତ୍ରୋକ୍ତି ଦ୍ୱାରା ଶ୍ରୋତାମାନଙ୍କୁ ବୁଝାଇ ଦେଲେ । ଏଣୁ କରି ସବୁ ଧର୍ମ ଏକ ଅର୍ଥାତ ଧର୍ମର ମୂଳପତ୍ତନ ଏକ । ଯଦି ମୂଳପତ୍ତନ ଏକ ହେଲା ତେବେ ଏତେ ଭିନ୍ନ ଧର୍ମ କାହିଁକି ? ଏହି ଭିନ୍ନ ଧର୍ମଦ୍ୱାରା ସେ ବହୁ ଅନର୍ଥ ହୁଏ ତାହା ଦୂର କରି ଶିକ୍ଷା ଲାଭ ହୁଏ—ହିନ୍ଦୁଧର୍ମରୁ ଯୋଗ ଓ ଜ୍ଞାନ, ଓ ବୈଷ୍ଣବ ଧର୍ମରୁ ଭକ୍ତି, ବୌଦ୍ଧଧର୍ମରୁ ବୈରାଗ୍ୟ ମୁସଲମାନଧର୍ମରୁ ବିଶ୍ୱାସ ଓ ଖ୍ରୀଷ୍ଟିୟାନଧର୍ମରୁ କାର୍ଯ୍ୟ ଆମ୍ଭେମାନେ ଶିକ୍ଷା କରୁଁ । ଏହି ଧର୍ମଚତୁଷ୍ଟୟ ଅର୍ଥାତ ଯୋଗ ଓ ଜ୍ଞାନରୂପ ଚକ୍ଷୁ ଭକ୍ତିରୂପ ହୃଦୟ ଭଲି, ବୈରାଗ୍ୟରୂପ ବସନ ବିଶ୍ୱାସରୂପ ପଦଦ୍ୱୟ ଓ କାର୍ଯ୍ୟରୂପ ହସ୍ତଦ୍ୱୟ ବ୍ରାହ୍ମଧର୍ମରେ ସନ୍ନିବେଶିତ ହୋଇଅଛି ତେଣୁ ଏହି ଧର୍ମକୁ ସାର୍ବଭୌମିକ ସର୍ବଜନୀନ ଓ ଅସାମ୍ପ୍ରଦାୟିକ କୁହାଯାଏ ।

---

ମେଦିନୀପୁର ପ୍ରଭୃତି କେତେଗୁଡ଼ିଏ କଲେଜ ଉଠି ଯିବାର ଜନରବ କେତେଦିନ ହେଲା ଶୁଣା ଯାଉଥିଲା । ସମ୍ପ୍ରତି ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଏ ସମ୍ବନ୍ଧରେ ଗୋଟିଏ ନିର୍ଦ୍ଧାରଣ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ତହିଁରୁ ଜଣା ଯାଏ ଯେ ବଙ୍ଗଦେଶରେ ଯେ ସମସ୍ତ ସରକାରୀ କଲେଜ ଅଛି ତହିଁ ମଧ୍ୟରୁ କେତେଗୁଡ଼ିଏ ଉଠାଇ ଦେବା ଅଥବା ସେ ସମସ୍ତର କାର୍ଯ୍ୟଭାର ବଦଳାଇ ଦେବାର ପ୍ରସ୍ତାବ ସନ ୧୮୮୨ ସାଲରେ ବସିଥିବା ଶିକ୍ଷାକମିଶନଠାରୁ ଉଦୟ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଅଦେଶ ମତେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଉକ୍ତ ପ୍ରସ୍ତାବମାନଙ୍କୁ କାର୍ଯ୍ୟରେ ପରିଣତ କରୁ-

Digitized by srujanika@gmail.com

Split by PDF Splitter



ଅଛନ୍ତି । ସରକାରୀ କଲେଜର ସାକ୍ଷାତ କାର୍ଯ୍ୟ-ଭାରରୁ ସରକାରଙ୍କୁ କ୍ରମଶ ନିଷ୍କୃତ ହେବାର କଥା ଶିକ୍ଷାସମିତି ବିବେଚନା କରି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଏହି କାର୍ଯ୍ୟ ସକାଶେ ସରକାରୀ କଲେଜମାନ ତିନିଶ୍ରେଣୀରେ ବିଭକ୍ତ ହେବାର ଯୋଗ୍ୟ, ଯଥା—୧ମ ଯେ ସମସ୍ତ କଲେଜ ଉପରେ ଉଚ୍ଚ ଶିକ୍ଷା ପ୍ରଧାନରୂପେ ନିର୍ଭର କରୁଥିବାରୁ ସରକାରଙ୍କୁ ଆପଣା ହାତରେ ରଖିବାକୁ ହେବ । ୨ୟ ଯେ ସମସ୍ତ କଲେଜର ଭାର କେତେକଜଣ ଦେଶୀୟ ଲୋକଙ୍କଠାରେ ଏହି ନିୟମରେ ଅର୍ପିତ ହୋଇ ପାରିବ ଯେ ସେମାନେ ଉକ୍ତ କଲେଜସବୁକୁ ଚିରକାଳ ନିମିତ୍ତ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବାକୁ ସମର୍ଥ ଥିବାର ଉପଯୁକ୍ତ ମାତବର ଦେବେ । ୩ୟ ଯେ ସମସ୍ତ କଲେଜରେ ବ୍ୟୟ ଅଧିକ ଅଥଚ ତାଦୃଶ ଉପକାର ନାହିଁ । ଶିକ୍ଷାସମିତି ରାଜସାହି ଓ କୃଷ୍ଣନଗର କଲେଜକୁ ୨ୟ ଶ୍ରେଣୀର ଏବଂ ବହରମପୁର, ମେଦନୀପୁର ଓ ଚଟ୍ଟଗ୍ରାମ କଲେଜକୁ ତୃତୀୟ ଶ୍ରେଣୀର ଅନ୍ତର୍ଗତ ବୋଲି ନିର୍ଦ୍ଦେଶ କରି ଦେଇଥିଲେ । ଏହି କେତୋଟି କଲେଜ ମଧ୍ୟରୁ ଚଟ୍ଟଗ୍ରାମ କଲେଜ ଦେଶର ଏକ ପ୍ରାନ୍ତ ଏବଂ ଶିକ୍ଷାର କେନ୍ଦ୍ରଠାରୁ ବହୁଦୂରରେ ଅବସ୍ଥିତ କରୁଥିବାରୁ ଏହାକୁ ଶୀଘ୍ର ଉଠାଇ ଦେବା ଉଚିତ ନୁହଇ ବୋଲି ସ୍ଥିର ହୋଇଅଛି । ରାଜସାହି ଓ କୃଷ୍ଣନଗର କଲେଜମାନ ଦେଶୀୟ ଲୋକଙ୍କ ହାତରେ ଅର୍ପଣ କରିବାକୁ ଗବର୍ଣ୍ଣମେଣ୍ଟ ଚେଷ୍ଟା କରୁ ଅଛନ୍ତି ମାତ୍ର ଅଦ୍ୟାବଧି କୃତକାର୍ଯ୍ୟ ହୋଇ ନାହାନ୍ତି । ଏଥି ମଧ୍ୟରେ ଯଶୋର ଜିଲ୍ଲା ଅନ୍ତର୍ଗତ ନଡ଼ାଲଠାରେ ସ୍ୱାଧୀନଭାବରେ ଗୋଟିଏ କଲେଜ ବସାଇବା ପାଇଁ ସେଠା ଲୋକେ ଆବେଦନ କରିବାରୁ ଗବର୍ଣ୍ଣମେଣ୍ଟ ସମ୍ମତି ପ୍ରଦାନ କରି ଅଛନ୍ତି ଏବଂ ଏହିବର୍ଷ ଏ କଲେଜ ଫିଟିବାର ସମ୍ପୂର୍ଣ୍ଣ ଆଶା ଅଛି । ଗବର୍ଣ୍ଣମେଣ୍ଟ ଭରସା କରୁ ଅଛନ୍ତି ଯେ ରାଜସାହି ଏବଂ କୃଷ୍ଣନଗର କଲେଜର ଭାର ନେବାପାଇଁ ସ୍ଥାନୀୟ ବିଦ୍ୱାନ୍ ଏବଂ ସାଧାରଣହିତାକାଂକ୍ଷୀମାନେ ଏହିପରି ଅଗ୍ରସର ହେବାକୁ ବିଳମ୍ବ କରିବେ ନାହିଁ । ମେଦନୀପୁର କଲେଜର ଭାର ସେଠା ମିଉନିସିପଲ କମିଶନରମାନେ ନେବାକୁ ଇଚ୍ଛା ପ୍ରକାଶ କରି ଅଛନ୍ତି ମାତ୍ର ଏ କଲେଜ ସଙ୍ଗେ ଲାଗିଥିବା ସ୍କୁଲର ଭାର ନେବାକୁ ସ୍ୱୀକୃତ ହୋଇ ନାହାନ୍ତି । ଗବର୍ଣ୍ଣମେଣ୍ଟ ଯଥାର୍ଥ କହି ଅଛନ୍ତି ଯେ କଲେଜ ଏବଂ ତହିଁରେ ସଂଲଗ୍ନ ଥିବା ସ୍କୁଲକୁ ଗୋଟିଏ ଶିକ୍ଷାଳୟ ବୁଝିବାକୁ ହେବ ଏବଂ ଏମାନଙ୍କୁ ପୃଥକ୍ କରିବା ଯୁକ୍ତିସଙ୍ଗତ ବା ବାଞ୍ଛନୀୟ ନୁହଇ । କଲେଜର ବ୍ୟୟ ପୂର୍ବେ ଅଧିକ ଥିଲା ଏଣିକି ଊଣା ପଡୁଅଛି ; ଗବର୍ଣ୍ଣମେଣ୍ଟଙ୍କୁ ବର୍ତ୍ତମାନ ଏହି କଲେଜ ଓ ସ୍କୁଲ ନିମିତ୍ତ ଟ ୧୫୧୪୯ ଙ୍କା ଦେଣ ପଡୁଅଛି । ସମ୍ପ୍ରତି ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏହି ଇଚ୍ଛା ପ୍ରକାଶ କରି ଅଛନ୍ତି ଦେଶୀୟ ଲୋକମାନେ ଏହି କଲେଜର ଭାର ଗ୍ରହଣ କଲେ ଆପାତତ ବର୍ଷ ସରକାରରୁ ଟ ୬୭୦୦୯ ଙ୍କା ଲେଖାଏ, ସାହାଯ୍ୟ ଦିଆ ଯିବ । ବହରମପୁର କଲେଜ ସନ ୧୮୫୩ ସାଲରେ ସ୍ଥାପିତ ହୋଇଥିଲା କିନ୍ତୁ ଅଦ୍ୟାବଧି ଏଥିର ଅବସ୍ଥା ଭଲ ହୋଇ ନାହିଁ । ବର୍ତ୍ତମାନ ଏ କଲେଜର ମାସିକ ବ୍ୟୟ ଟ ୧୧୮୫୯ ଙ୍କା ଏବଂ ଏଥି ମଧ୍ୟରୁ କେବଳ ଟ ୧୬୭୯ ଙ୍କା ଛାତ୍ରମାନଙ୍କଠାରୁ ଆଦାୟ ହୁଅଇ । ଏହି କଲେଜର ଭାର ନେବା କାରଣ ଅଦ୍ୟାବଧି କେହି ଦେଶୀୟଲୋକ ଅଗ୍ରସର ହୋଇ ନାହାନ୍ତି ମାତ୍ର ବୁଝା ଯାଉଅଛି ଯେ ଶୀଘ୍ର ଏଥିର ପ୍ରସ୍ତାବ ଉପସ୍ଥିତ ହେବ । କେହି ଏ କଲେଜର ଭାର ନେବାକୁ ଇଚ୍ଛା କଲେ ସାହାଯ୍ୟ ଦାନର ନିୟମାନୁସାରେ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ସମୁଚିତ ସାହାଯ୍ୟ ଏବଂ ଛାତ୍ରାବାସ କଲେଜ ଗୃହ ନିର୍ମାଣ ଏବଂ ଛାତ୍ରବୃତ୍ତି ବାବଦରେ ଯେତେ ଦାନ ଖଞ୍ଜା ହୋଇଅଛି ସେ ସମସ୍ତ ଦେବାକୁ ପ୍ରସ୍ତୁତ ହେବେ । ଯଦ୍ୟପି ସନ ୧୮୮୭ ସାଲ ମଇମାସ ତା ୧ ରିଖ-ପୂର୍ବେ ମେଦନୀପୁର ଓ ବହରମପୁର କଲେଜର ଭାର କୌଣସି ସ୍ଥାନୀୟ ସମିତିକି ଅର୍ପଣ କରିବାର ବନ୍ଦୋବସ୍ତ ହୋଇ ନ ପାରିବ ତେବେ ଉକ୍ତ ତାରିଖରେ ଏହି ଦୁଇ କଲେଜ ଉଠି ଯିବ ।

ବଙ୍ଗେଶ୍ୱରଙ୍କ ଉପରଲିଖିତ ନିଷ୍ପତ୍ତି ଉପଯୁକ୍ତ ହେତୁ ସହିତ ହୋଇଥିବାରୁ ତାହାଙ୍କୁ ଉଚ୍ଚ ଶିକ୍ଷାର ବିରୋଧୀ ବୋଲି କହି ନ ପାରୁଁ ଏବଂ ଆମ୍ଭେମାନେ ମଧ୍ୟ ତାହାଙ୍କ ସହିତ ଭରସା କରୁଅଛୁଁ ଯେ ମେଦନୀପୁର ଏବଂ ବହରମପୁର ଏ ଦୁଇସ୍ଥାନ ଯେମନ୍ତ ପ୍ରଧାନ ଏବଂ ଏଠାଲୋକଙ୍କର ଉଚ୍ଚ ଶିକ୍ଷାପ୍ରତି ଯେମନ୍ତ ଆସ୍ଥା ସେମାନେ ଉପସ୍ଥିତ କାର୍ଯ୍ୟଭାର ଗ୍ରହଣ କରିବାକୁ ତେମନ୍ତ ପ୍ରସ୍ତୁତ ହେବେ ଏବଂ ବର୍ତ୍ତମାନ ସମୟରେ ବଙ୍ଗଦେଶରେ ସ୍ୱାଧୀନ କଲେଜମାନ ଯେପରି ଯୋଗ୍ୟତା ସହିତ ଚଳୁଅଛି ଓ ତହିଁର ଭାର ନେବାଭଳି ଉପଯୁକ୍ତ ଲୋକଙ୍କର ସଂଖ୍ୟା ଯେପରି ବୃଦ୍ଧି ହୋଇଅଛି ତହିଁରେ ନିଃସନ୍ଦେହରୂପେ ବୋଲା ଯାଇ ପାରେ ଯେ ଦେଶୀୟଲୋକଙ୍କଦ୍ୱାରା ଅଳ୍ପ ବ୍ୟୟରେ ସୁଯୋଗ୍ୟରୂପେ କଲେଜର କାର୍ଯ୍ୟ ନିର୍ବାହ ହୋଇ ପାରିବ ।

---

## ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ଜଗତସିଂହପୁର ଭ୍ରମଣ ବୃତ୍ତାନ୍ତ ।

ଗତମାସ ତା ୨୪ ରିଖ ମଙ୍ଗଳବାର ପୂର୍ବାହ୍ଣ ଘ ୭୳ ଘଣ୍ଟା ସମୟରେ ସାହେବ ମହୋଦୟ ଏଠାରେ ଉପସ୍ଥିତ ହେଲେ । ଅପରାହ୍ଣ ଘ ୨-ଘଣ୍ଟାଠାରୁ ଘ ୪୳ ଘଣ୍ଟା ପର୍ଯ୍ୟନ୍ତ ଅଶ୍ୱସ୍ଥ ପୋଲିସ-ଷ୍ଟେସନ ପରିଦର୍ଶନ କଲେ । ଏଠାରେ ସାହେବ ମହୋଦୟଙ୍କର ଗୋଟିଏ ବିଚକ୍ଷଣତାର ପରିଚୟ ମିଳିଅଛି : ପରିଦର୍ଶନ କାର୍ଯ୍ୟ ଶେଷ ହେଲା ଉତ୍ତାରେ ସାହେବ ମହୋଦୟ କାଞ୍ଜିହାଉଦା ଘରର ଭଗ୍ନାବସ୍ଥା ଦେଖି, ସଇ-ଷ୍ଟର-କନେଷ୍ଟବଲକୁ ଏଥିର କାରଣ ପଚାରିବାରୁ ସେ ଉତ୍ତର ଦେଲା "ମରାମତି ନିମିତ୍ତ ଏଷ୍ଟିମେଟ ପଠାଯାଇଅଛି । ଏଥିରେ ପ୍ରାୟ ଟ ୩୦ ଙ୍କା ଖରଚ ହେବ" । ଏହି ବଚନ ଉତ୍ତର ଶୁଣି ସାହେବ ମହୋଦୟ ଜଣେ ଚପାକୁ ପଚାରିବାରେ ସେ କହିଲା "ଯେବେ ଟ ୧୦ ଙ୍କା ଖରଚ ହେବ, ତାହା ହେଲେ ଏଥିର ମରାମତି କାର୍ଯ୍ୟ ସୁଚାରୁରୂପେ ହୋଇ ପାରିବ" । ସାହେବ ମହୋଦୟ, ଜଣେ ପୋଲିସକର୍ମଚାରୀର ଏହି "କୁଅଗ୍ରେରପଣିଆ" ବା ଅଭୂତ-ପସନ୍ଦ ଦେଖି ଆଶ୍ଚର୍ଯ୍ୟ ହେଲେ; ଏବଂ ଟ ୧୦ ଙ୍କାରେ ମରାମତି କରିବା ନିମିତ୍ତ ସେହି କର୍ମଚାରୀକୁ ତାକିଦ କରିଦେଲେ ।

ଏଥିଉତ୍ତାରେ, କେତେକ ପ୍ରଜା ଜଳକର-ବିଷୟରେ ଆପତ୍ତି କରିବାରୁ, ସାହେବ ମହୋଦୟ, କେଉଁ ଉପାୟ ଅବଲମ୍ବନ କରି ଆପତ୍ତି କରିବାକୁ ହେବ ଏବଂ କିରୂପେ ସେମାନଙ୍କ ଆପତ୍ତି ଶୁଣାଯିବ, ଏହି ବିଷୟ ସବୁ ସେମାନଙ୍କୁ ବୁଝାଇ ଦେଲେ ।—କେତେଜଣ ପୁରୁଷମାନଙ୍କ ନିକଟରେ ଆପତ୍ତି କଲେ "ସାଲ ଲେକକୁ ନିକାଲ ଦେଉଁ" ପ୍ରଭୃତି ସ୍ନେହସୂଚକ ବାକ୍ୟ ପ୍ରାପ୍ତ ହୋଇ କାନମୁଣ୍ଡା ଆଉଁସି ଘରକୁ ଯାଆନ୍ତି—ଏହା ପ୍ରାୟ ସର୍ବଦା ଘଟୁଥାଏ । କିନ୍ତୁ, ଆଜି ଜଣେ ଗୋରା ସିଭିଲିୟାନ ପ୍ରଜାମାନଙ୍କ ଆପତ୍ତିରେ ବିରକ୍ତ ନ ହୋଇ,

Digitized by srujanika@gmail.com

Split by PDF Splitter



ବରଂ ସହୃଦୟତାର ପରିଚୟ ଦେଇ ସର୍ବସାଧାରଣର ସନ୍ତୋଷଭାଜନ ହୋଇଅଛନ୍ତି—ଏହା ଅତୀବ ଆହ୍ଲାଦର ବିଷୟ ।

ତା ୨୫ ରଖ ପ୍ରାତଃ ଘ ୭ ଘଂଟାରୁ ପ୍ରାୟ ଘ ୧୨ ଘା ପର୍ଯ୍ୟନ୍ତ ସବ୍‌ରେଜିଷ୍ଟ୍ରୀ ଅଫିସ ପରିଦର୍ଶନ କଲେ । ଅନେକ ଗ୍ରାମ୍ୟ ସବ୍‌ରେଜିଷ୍ଟ୍ରର, ଲୋକମାନଙ୍କ ଉତ୍ତରରେ ପଡି ମାରିଯାଇଅଛନ୍ତି, ଏହି ନିମିତ୍ତ, ମୋଫସଲରେ ତାହାଙ୍କୁ କୌଣସି ବିଷୟରେ ପ୍ରଶ୍ରୟ ନ ଦେବା ବା ତାହାର ସହିତ ଘନିଷ୍ଠ ସମ୍ପର୍କ ନ ରଖିବା ପ୍ରଭୃତି ଅନେକ ବିଷୟରେ ସବ୍‌ରେଜିଷ୍ଟ୍ରର ମହାଶୟଙ୍କୁ ଉପଦେଶ ଦେଲେ ।

ଅପରାହ୍ଣ ଘ ୧ ଘଂଟାରୁ ପ୍ରାୟ ଘ ୪ ଘଂଟା ପର୍ଯ୍ୟନ୍ତ ଚକଲର କାନୁନଗୋ ହେରସ୍ତା ତଦାରଖ କଲେ । ଅପରାହ୍ଣରେ କେତେକ ଆବେଦନ ପତ୍ର ଗ୍ରହଣ କରି ବାଲିଆ ଅଭିମୁଖେ ଯାତ୍ରା କଲେ ।

ଏ ଅଞ୍ଚଳରେ କେବଳ ଯୁଲାଙ୍ଗରେ ଗୋଟିଏ ଇଂରାଜୀ ବିଦ୍ୟାଳୟ ଥିବା, ଏବଂ ତାହା ମଧ୍ୟ ଗ୍ରୀଷ୍ମାବକାଶ (ଏତେ ଗ୍ରୀଷ୍ମ ?) ହେତୁ ବନ୍ଦ ଥିବାରୁ ପରିଦର୍ଶନ କରିପାରିଲେ ନାହିଁ । ଜଗତସିଂହପୁର ସ୍କୁଲର ଯେରୂପ ଦୁରବସ୍ଥା ଘଟିଅଛି, ସାହେବ ମହୋଦୟ ସେ ସ୍ଥଳ ନ ଦେଖିବା, ସ୍କୁଲର ପ୍ରଧାନ କର୍ମଚାରୀଙ୍କ ପକ୍ଷରେ ଭଲ !

ଅଧସ୍ତ କାଞ୍ଜିହାଉସ ମେଦରର ଅନ୍ୟସ୍ୱ-ଚ୍ଛନ୍ଦ ପଶୁ—ଗୋରୁଙ୍କ ଅଦାୟ କରୁଥିବା ଓ ଷ୍ଟାମ୍ପ ବିକ୍ରେତାମାନେ ଇଚ୍ଛାନୁସାରେ ଅଧିକ ମୂଲ୍ୟ ନେବା ବିରୁଦ୍ଧରେ କେତେକ ଲୋକ ଆବେଦନ କରିବା ନିମିତ୍ତ ଚେଷ୍ଟିତ ଥିଲେ ।—ଯେବେ ଦିଆ ଯାଇଥିବ, ତାହା ହେଲେ ଫଳରେ ସାହା ହେବ—ଦେଖାଯିବ ।

ଯେଉଁ କାର୍ଯ୍ୟ ନିମିତ୍ତ ସାହେବ ମହୋଦୟ ଏ ଅଞ୍ଚଳକୁ ଆସିଥିଲେ ଏବଂ ଯେଉଁ ନିମିତ୍ତ ଶତ ଶତ ଲୋକ ଅନିମିଷ ଲୋଚନରେ ତାଙ୍କର ଶୁଭାଗମନକୁ ପ୍ରତୀକ୍ଷା କରିଥିଲେ, ତହିଁର ଫଳ କିଛି ଜଣାଗଲା ନାହିଁ । ବିଶ୍ୱାସ ସୂତ୍ରେ ଅବଗତ ହେଲୁଁ ଯେ ପଥର ଅସ୍ୱଚ୍ଛତା ହେତୁ ସାହେବ ମହୋଦୟ ବନ୍ଧ ତଦାରଖ କରିବାକୁ ଯାଇ ପାରିଲେ ନାହିଁ ।—ବାରିକମେହ୍ଲି ସାହେବଙ୍କ କଥା ଅଟଳ ବେଦବାକ୍ୟ—"ବୃଷ୍ଟି ଭଲ ହେଲେ ହେବ" । ଅଛ ବାଲିକମିଶି ଉକ୍ତ-ଲାଭ ଅନୁଗ୍ରହ—ଶତ ଶତ ଲୋକଙ୍କର ପ୍ରାଣ-ବାୟୁ—ଅବରୋଧକ । ସାମାନ୍ୟ କେତେକ-ଖଣ୍ଡ ନୌକା ଦ୍ୱାରା ସହସ୍ର ସହସ୍ର ମନୁଷ୍ୟ, ପଶୁ ଦ୍ୱାର ଓ ଗାଈଙ୍କୁ ରକ୍ଷିତ ହୋଇପାରିବେ କି ? ଏଣିକି ଲୋକମାନେ ଛଳ୍ୟ କପାଳକୁ ଅନୁସରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ନ୍ୟାୟପର ଇଂରାଜ—ପ୍ରଭୁ ଆପଣାର ପ୍ରଜା-ଭକ୍ଷକ ଏହି କଠୋର ଶାସନ ଅଡ଼କୁ ଦୃଷ୍ଟିପାତ କରିବେ କି ?

—୦※୦—

## ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚନ-କମିଟୀ ।

ଏ କମିଟୀର କାର୍ଯ୍ୟ ଏତେଦିନ ଅପ୍ରକାଶ୍ୟ ରହି ଥିଲା । ଏଣିକି କମିଟୀ ଆପଣାର କାର୍ଯ୍ୟାବଳୀ ଓଡ଼ିଆ ଗେଜେଟରେ ଛାପା କରିବାର ନିୟମ କରି ବଡ଼ ଭଲ କରି ଅଛନ୍ତି । ଅନ୍ତତଃ ଗତମାସ ତା ୨୨ ରଖରେ ଏହି କମିଟୀର ଯେଉଁ ଅଧିବେଶନ ହୋଇଥିଲା ତହିଁର ବିବରଣ ପ୍ରକାଶିତ ହୋଇଅଛି ଏବଂ ତହିଁରେ ନିମ୍ନଲିଖିତ କଥାମାନ ସ୍ଥିର ହୋଇଅଛି ଯଥା—

୧ । ଅନ୍ତତଃ ଚାରିଜଣ ସଭ୍ୟ କୌଣସି ଅଧିବେଶନରେ ଉପସ୍ଥିତ ହେଲେ ସଭାର କାର୍ଯ୍ୟ ହେବ ।

୨ । ସ୍ୱାସ୍ଥ୍ୟରକ୍ଷା ବିଷୟରେ ଯେ ସବୁ ହସ୍ତଲିପି କମିଟୀଙ୍କ ବିଜ୍ଞାପନାନୁସାରେ ପ୍ରାପ୍ତ ହୋଇଅଛି ତହିଁର ବିଚାର ନିମିତ୍ତ ଗୋଟିଏ ସବ୍ କମିଟୀ ବସିବ । ଏଥିର ସଭ୍ୟପଦରେ ବାବୁ ମଧୁସୂଦନ ରାଓ, ବାବୁ ହାଶିକାନାଥ ଚକ୍ରବର୍ତ୍ତୀ, ବାବୁ ନନ୍ଦକିଶୋର ଦାସ ଓ ବାବୁ ଅକ୍ଷୟଚନ୍ଦ୍ର ଗୃହୀତ ହେଲେ । ଏମାନେ ତିନମାସ ମଧ୍ୟରେ ଆପଣା ମନ୍ତବ୍ୟ ଜଣାଇବେ ।

୩ । କେବଳ ପାଠଶାଳା ଶ୍ରେଣୀର ପ୍ରାଇମେରୀ ବିଦ୍ୟାଳୟର ପାଠ୍ୟପୁସ୍ତକ ହେବ ଅଧିକାଂଶ ସଭ୍ୟଙ୍କ ମତରେ ଧାର୍ଯ୍ୟ ହେଲା ।

୪ । ଶ୍ରିନମାଳା ଶ୍ରେଣୀର ପ୍ରାଇମେରୀ ବିଦ୍ୟାଳୟର ଅଯୋଗ୍ୟ ବୋଲି ଶ୍ରୀଯୁକ୍ତ ସ୍ମିଥ ସାହେବ ଯେଉଁ ଆପତ୍ତି କରିଥିଲେ ତାହା ଏକବାକ୍ୟରେ ଅଗ୍ରାହ୍ୟ ହେଲା ।

୫ । ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ପୁସ୍ତକ ମିଯାଦ ଗତେ ପ୍ରାପ୍ତ ହୋଇଥିବାର ସେକ୍ରେଟେରୀ ଜଣାଇବାରୁ ତାହା ଅଗ୍ରାହ୍ୟ ହେଲା ।

୬ । ଲକଂପ୍ଟନ ସାହେବଙ୍କ ସ୍ୱାସ୍ଥ୍ୟରକ୍ଷା ସର ଯାଇଥିବାର ଜଏଣ୍ଟ ଇନ୍‌ସ୍ପେକ୍ଟର ଜଣାଇବାରୁ ତଦନନ୍ତର ନିମିତ୍ତ ଚତୁର୍ଭୁଜବାବୁ ସ୍ୱାସ୍ଥ୍ୟସାଧନା କିଛି ପ୍ରାଇମେରୀ ଶିକ୍ଷାର ପାଠ୍ୟପୁସ୍ତକ ଧାର୍ଯ୍ୟ ହେଲା ।

ଉପରଲିଖିତ କାର୍ଯ୍ୟାବଳୀ ପାଠ କରି ଆମ୍ଭେମାନେ କମିଟୀଙ୍କି ମଙ୍ଗଳବାଦ ପ୍ରଦାନ କରି ପାରିଲୁଁ ନାହିଁ ମାତ୍ର ଜଏଣ୍ଟ ଇନ୍‌ସ୍ପେକ୍ଟର ବାବୁ ରାଧାନାଥ ରାୟ ଏବଂ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିବା ଉଚିତ ବିବେଚନା କରୁଅଛୁଁ । ପାଠଶାଳାର ଉନ୍ନତି ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ଭଳି ବାବୁ ରାଧାନାଥ ରାୟ ଅତ୍ୟନ୍ତ ବର୍ତ୍ତମାନ ଏକଥା ସମସ୍ତେ ଜାଣନ୍ତି କିନ୍ତୁ ଏ ପୁସ୍ତକ ନୂଆ ବାହାରିବା ସମୟରେ ଏହାକୁ ପାଠ୍ୟପୁସ୍ତକ ମଧ୍ୟରେ ସ୍ଥାନଦାନ ହେବା କାରଣ ଜଏଣ୍ଟ ଇନ୍‌ସ୍ପେକ୍ଟର ଯେମନ୍ତ ବ୍ୟଗ୍ରତା ଦେଖାଇ ଥିଲେ ଏବଂ ଗ୍ରନ୍ଥକାରଙ୍କ ନାମ ଗୋପନ ରଖିବା କାରଣ ଯେତେ ଚେଷ୍ଟା ହୋଇଥିଲା ଓ ଗ୍ରନ୍ଥକାରଙ୍କର ଏଥିରେ କୌଣସି ସମ୍ପର୍କ ନ ଥିବାର ସର୍ବସାଧାରଣଙ୍କୁ ଜଣାଇବା ନିମିତ୍ତ ଉତ୍କଳଦର୍ପଣ ଯେତେ ଲଢ଼ିଥିଲେ ସେ ସମସ୍ତ ପୁନଃ ଏ ପତ୍ରିକାରେ ପ୍ରକାଶ ହୋଇଅଛି ପୁନରୁକ୍ତିର ଆବଶ୍ୟକ ନାହିଁ । ସେହି ସବୁ ବିଷୟ ଏବଂ ପାଠ୍ୟପୁସ୍ତକର ଅନ୍ୟାନ୍ୟ ଆନ୍ଦୋଳନ ହେତୁ ପାଠ୍ୟପୁସ୍ତକ-ନିର୍ବାଚନ କମିଟୀ ସଂଗଠିତ ବା ବର୍ଦ୍ଧିତ ହେଲା । ଜଏଣ୍ଟ ଇନ୍‌ସ୍ପେକ୍ଟର ଏହି କମିଟୀର ସଭ୍ୟ ମନୋନୀତ କରି ଅଛନ୍ତି ଏବଂ ଯେମନ୍ତ କୌଶଳରେ ସଭ୍ୟ ବଛା ଯାଇଅଛି ତାହା ଦେଖି ଆମ୍ଭେମାନେ ପ୍ରଥମରୁ କହି ଆସୁଅଛୁଁ ଯେ ଏପରି କମିଟୀଦ୍ୱାରା ସର୍ବସାଧାରଣଙ୍କର ସନ୍ତୋଷଜନକରୂପେ କାର୍ଯ୍ୟ ନିର୍ବାହ ହେବ ନାହିଁ । ଏତେବେଳେ ଏହି କମିଟୀ ପାଠଶାଳାରୁ ଅପ୍ପ୍ରାଇମେରୀ ଶିକ୍ଷାର ଏକମାତ୍ର ପାଠ୍ୟପୁସ୍ତକ ଧାର୍ଯ୍ୟ କରିବାରୁ ପ୍ରତ୍ୟକ୍ଷ ଦେଖିଲୁଁ ଯେ ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ପୂର୍ବକାର୍ଯ୍ୟ ସମର୍ଥିତ ହେଲା ତାହାଙ୍କ ଉଦ୍ଦେଶ୍ୟ ସଫଳ ହେଲା ଅଥଚ କମିଟୀର ସ୍କନ୍ଧରେ ତାହା ହେବାରୁ ତାହାଙ୍କର ଦାୟିତ୍ୱ କିଛି ରହିଲା ନାହିଁ । କାର୍ଯ୍ୟାବଳୀରୁ ଜଣା ଯାଉଅଛି ଯେ ଅଧିକାଂଶ ସଭ୍ୟଙ୍କ ମତରେ ପାଠଶାଳା ନିର୍ବାଚନ ହୋଇଅଛି । କିନ୍ତୁ କେଉଁ କେଉଁ ସଭ୍ୟ ସପକ୍ଷ ଓ କେଉଁମାନେ ବିପକ୍ଷରେ ମତ ଦେଇଥିଲେ ତାହାଙ୍କ ନାମ ପ୍ରକାଶ ହୋଇଥିଲେ କେତେ ଦୂର ସ୍ୱାଧୀନ-ଭାବରେ ଏ କଥାର ବିଚାର ହୋଇଅଛି

Digitized by srujanika@gmail.com